ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୧/୨୦୨୫ (୧୮ ପୃଷ୍ଠା+ଛୁଟିଦିନ) Bhubaneswar, Sunday, September 21/2025 Page 18 ₹ 7.00 | BALASORE
୫୧ଶ ଭାଗ ୨୯୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 297 ମୂଲ୍ୟ₹୭/-




Celebrating
60
Years of
Anokha Swad
KP GROUP
DIAMOND JUBILEE
KAMLA PASAND®
Celebrating
60
YEARS
अनोखा स्वाद
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୧/୨୦୨୫ | Bhubaneswar, Sunday, September 21/2025 | ପୃଷ୍ଠା-୧





## ନିର୍ମାଣହେବ ନୂତନ ଲୋକସେବା ଭବନ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ନିର୍ମାଣ ହେବ ନୂତନ ଲୋକସେବା ଭବନ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ଲୋକସେବା ଭବନ କିପରି ହେବ ତା'ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବାର ଦାୟିତ୍ୱ ଓଡ଼ିଶା ସେତୁ ଓ ନିର୍ମାଣ ନିଗମକୁ ଦିଆଯାଇଛି। ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପକ୍ଷରୁ ଏହାର ପରିବର୍ଦ୍ଧିତ ଯୋଜନାର ପୃଷ୍ଠା-୨

### ମୋହନଲାଲ୍‌ଙ୍କୁ ଦାଦାସାହେବ ଫାଲ୍‌କେ



ପୃଷ୍ଠା-୧୦

### ଆଜିର ସମ୍ପାଦକୀୟ

ଜ୍ଞାନ ଓ ଆତ୍ମବିଜ୍ଞାନ

# ଏଚ୍-୧ବି ଭିଜା ଫି' ୮୮ ଲକ୍ଷ ଟଙ୍କା

- ବୃଦ୍ଧି ଘୋଷଣା କଲେ ରାଷ୍ଟ୍ରପତି ଟ୍ରମ୍ପ୍
- ୭୦% ଭାରତୀୟ ହିତାଧିକାରୀ ହେବେ ପ୍ରଭାବିତ

**ଆମେରିକାରେ ଏଚ୍-୧ ଭିଜା ଫି' ବହୁ ପରିମାଣରେ ବୃଦ୍ଧି କରାଯାଇଥିବାରୁ ସେଠାକୁ ଯାଇ ବସବାସ କରିବାକୁ ଚାହୁଁଥିବା ଭାରତୀୟମାନେ ଅଧିକ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶୁକ୍ରବାର ଏଚ୍-୧ବି ଭିଜା ଫି'କୁ ବାର୍ଷିକ ୧ ଲକ୍ଷ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି, ଯାହାକି ପୂର୍ବରୁ ୨,୦୦୦-୫,୦୦୦ ଡଲାର ପଡୁଥିଲା। ଏହି ଭିଜା ବଳରେ ଆମେରିକାରେ ଜଣେ ଭାରତୀୟ ପ୍ରଫେସନାଲ ରହିବାକୁ ଚାହୁଁଥିଲେ ସେପ୍ଟେମ୍ବର ୨୧ ମଧ୍ୟରାତ୍ରିରୁ ତାଙ୍କୁ ପ୍ରାୟ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଆମେରିକା ଲଟେରି ଜରିଆରେ ବର୍ଷକୁ ୮୫,୦୦୦ ଏଚ୍-୧ବି ଭିଜା ଜାରି କରିଥାଏ। ସେଥିରୁ ୭୦%ରୁ ଅଧିକ ଭିଜାଧାରୀ ହେଉଛନ୍ତି ଭାରତୀୟ। ଚାଇନା ଏହି କ୍ଷେତ୍ରରେ ୧୧.୭% ଭିଜାଧାରୀଙ୍କୁ ନେଇ ଦ୍ୱିତୀୟରେ ରହିଛି। ତେଣୁ ଟ୍ରମ୍ପଙ୍କ ନିଷ୍ପତ୍ତି ଫଳରେ ଆଗକୁ ଭାରତୀୟ ପ୍ରଯୁକ୍ତି ପ୍ରଫେସନାଲ ଓ ଅନ୍ୟ ପେସାଦାରମାନେ ଏବଂ ଭାରତର ଟେକ୍ କମ୍ପାନୀଗୁଡ଼ିକ ବହୁଳ ପ୍ରଭାବିତ ହେବେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।**

ୱାଶିଂଟନ୍/ ନୂଆଦିଲ୍ଲୀ, ୨୦।୯(ପି.ଟି./ ରଏଟର୍ସ)

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଚ୍-୧ବି ଭିଜା ଫି' ୧୦୦,୦୦୦ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) ପର୍ଯ୍ୟନ୍ତ ବୃଦ୍ଧି ନେଇ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଛନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଆମେରିକାରେ ବସବାସ କରୁଥିବା ଭାରତୀୟ ପ୍ରଫେସନାଲମାନଙ୍କୁ ନକାରାତ୍ମକ ଭାବେ ପ୍ରଭାବିତ କରିବ ବୋଲି କୁହାଯାଉଛି।




ରାଷ୍ଟ୍ରପତି ଟ୍ରମ୍ପ୍ ଶୁକ୍ରବାର 'ରେଷ୍ଟ୍ରିକ୍ସନ ଅନ୍ ଏଣ୍ଟ୍ରି ଅଫ୍ ସାର୍ଟେନ୍ ନନ୍‌ଇମିଗ୍ରାଣ୍ଟ ୱାର୍କର୍ସ' ପ୍ରୋକ୍ଲାମେଶନ୍‌ରେ ସ୍ୱାକ୍ଷର କରିଛନ୍ତି। ଏଚ୍-୧ବି ଭିଜା କାର୍ଯ୍ୟକ୍ରମ 'ଜାତୀୟ ସୁରକ୍ଷା ପ୍ରତି ଏକ ବିପଦ' ବୋଲି ସେ କହିଛନ୍ତି। ଆପ୍ରବାସନ ଆଇନଜୀବୀ ଓ କମ୍ପାନୀଗୁଡ଼ିକ ବର୍ତ୍ତମାନ ଆମେରିକା ବାହାରେ କୌଣସି କାର୍ଯ୍ୟ କିମ୍ବା ଛୁଟି ପାଇଁ ଥିବା ଏଚ୍-୧ବି ଭିଜାଧାରୀ କିମ୍ବା ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ୨୪ ଘଣ୍ଟା ଭିତରେ ଫେରିଆସିବାକୁ ପରାମର୍ଶ ଦେଇଛନ୍ତି। ସେପ୍ଟେମ୍ବର ୨୧ ରାତି ୧୨ଟା ୦୧ ମିନିଟ୍‌ରେ ଏହି ପ୍ରୋକ୍ଲାମେଶନ୍ କାର୍ଯ୍ୟକାରୀ ହେଉଥିବାରୁ ଉକ୍ତ ଅବଧି ମଧ୍ୟରେ ସେମାନେ ଆମେରିକା ନ ଫେରିଲେ ପରବର୍ତ୍ତୀ ସମୟରେ ସେମାନଙ୍କୁ ପ୍ରବେଶ ଅନୁମତି ମିଳିବ ନାହିଁ।

କଂଗ୍ରେସମ୍ୟାନ୍ ରାଜା କ୍ରିଷ୍ଣା ଏଚ୍-୧ବି ଭିଜା ଫି' ବୃଦ୍ଧି ନିଷ୍ପତ୍ତିକୁ 'ଉଚ୍ଚ ଦକ୍ଷତାସମ୍ପନ୍ନ ଶ୍ରମିକଙ୍କଠାରୁ ଆମେରିକାକୁ ବିଚ୍ଛିନ୍ନ କରିବା ପାଇଁ ଉଦ୍ଦିଷ୍ଟ ଏକ ଉଦ୍ୟମ' ରୂପେ ଅଭିହିତ କରିଛନ୍ତି। ଏହି ବର୍ଗର ହାଇସ୍କିଲ୍ଡ ୱାର୍କରମାନେ ଆମେରିକାର ପୃଷ୍ଠା-୨

### ଏଚ୍-୧ବି ଉପରେ ସର୍ବାଧିକ ନିର୍ଭରଶୀଳ

| ଟେକ୍ କମ୍ପାନୀ | ମଞ୍ଜୁରୀପ୍ରାପ୍ତ ଭିଜା ସଂଖ୍ୟା |
|---|---|
| ଆମାଜନ୍ | ୧୦,୦୪୪ |
| ଟିସିଏସ୍ | ୫,୫୦୫ |
| ମାଇକ୍ରୋସଫ୍ଟ | ୫,୧୮୯ |
| ମେଟା | ୫,୧୨୩ |
| ଆପଲ | ୪,୨୦୨ |
| ଗୁଗଲ | ୪,୧୮୧ |
| ଡେଲୋଇଟ | ୨,୩୫୩ |
| ଇନ୍‌ଫୋସିସ | ୨,୦୦୪ |
| ୱିପ୍ରୋ | ୧,୫୨୩ |
| ଟେକ୍ ମହିନ୍ଦ୍ରା ଆମେରିକାସ୍ | ୯୫୧ |

* ୟୁଏସ୍‌ସିଆଇଏସ୍ ପକ୍ଷରୁ ଜାରି ୨୦୨୫ର ତଥ୍ୟ







No.T-85

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା 22/09/2025 ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0193/2526





# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନବମାତୃକା ପୂଜା ଅଭ୍ୟର୍ଥନା କମିଟି ପକ୍ଷରୁ ୧୩ତମ ନବମାତୃକା ପୂଜା ୨୦୨୫, ସ୍ଥାନ: ସହିଦ ନଗର ସ୍ଥିତ ଆର୍ଯ୍ୟ ସମାଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତକ ଫାଉଣ୍ଡେଶନ୍ ପକ୍ଷରୁ ଦେବରାଜ ସାମନ୍ତରାୟଙ୍କ ୮୭ତମ ଜନ୍ମ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ସର ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଏମ୍ସ ଅଡ଼ିଟୋରିୟମ୍, ସମୟ: ଅପରାହ୍ନ ୩ଟା ୪୫।
- ବନ୍ଧୁଘର ସାହିତ୍ୟ ପିଣ୍ଡା ପକ୍ଷରୁ ମାସିକ ସାହିତ୍ୟ ଆସର,ସ୍ଥାନ: ସମ୍‌ହସ୍ପିଟାଲ ଗୋଲେଇ ଛକ ନିକଟସ୍ଥ ବନ୍ଧୁ ଘର, ସମୟ: ଅପରାହ୍ନ ୪ଟା ୩୦।
- ଗାଜା ଷ୍ଟ୍ରିପ ପାଲେଷ୍ଟାଇନ୍ ସଲିଡ଼ରିଟି ମିଟିଂ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ଅପରାହ୍ନ ୫ଟା ୩୦।

## କଟକ

- ବସନ୍ତ ନାୟକ ଫାଉଣ୍ଡେଶନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଓ ଚଷମା ବିତରଣ, ସ୍ଥାନ: ବାରବାଟୀ ପ୍ୟାଲେସ୍, ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଅହମଦୀୟା ମୁସଲିମ ଜମାତ କଟକ ପକ୍ଷରୁ ତୃତୀୟ ବିଶ୍ୱଯୁଦ୍ଧ ବନ୍ଦ ହେଉ ଶୀର୍ଷକରେ ବ୍ୟାନର ପ୍ରଦର୍ଶନୀ, ସ୍ଥାନ: ବାଦାମବାଡ଼ି ଟ୍ରାଫିକ ଛକ, ସମୟ: ସକାଳ ୯ଟା।
- ମହାଳୟା ଅବସରରେ ସାମୂହିକ ତିଳତର୍ପଣ, ସ୍ଥାନ: ଶ୍ରୀଶ୍ରୀ ଗୋପିନାଥ ଜିଉ ମନ୍ଦିର ପ୍ରାଙ୍ଗଣ, ରାଉସା ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଦେ ଉତ୍କଳ ପକ୍ଷରୁ ଡକ୍ଟର ବ୍ରଜ ମୋହନ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ମା' ଶାରଳା ସଦନ, ବଙ୍ଗାଳିସାହି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଓଡ଼ିଶା ପ୍ରୋ ଟି୨୦ ଲିଗ୍‌ର ପଞ୍ଚମ ଦିବସ, ସ୍ଥାନ: ବାରବାଟୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ବନ୍ଦେ ଉତ୍କଳ ପକ୍ଷରୁ ଡକ୍ଟର ବ୍ରଜ ମୋହନ ମହାନ୍ତିଙ୍କ ସ୍ମୃତିସଭା, ସ୍ଥାନ: ମା' ଶାରଳା ସଦନ, ବଙ୍ଗାଳିସାହି, ସମୟ: ସନ୍ଧ୍ୟା ୬ଟା।
- ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ଉତ୍ସବ, ସ୍ଥାନ: କଟକ କ୍ଲବ ଆନେକ୍ସ-୧, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର

- ଜିଲାସ୍ତରୀୟ ମୋଦି ବିକାଶ ମାରାଥନ୍, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ନୀଳଗିରି, ସମୟ: ସକାଳ ୮ଟା।
- ପ୍ରଧାନମନ୍ତ୍ରୀ ଜନ୍ମ ଦିବସ ଓ ସେବା ପକ୍ଷରେ ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଚନ୍ଦନେଶ୍ୱର ନୂତନ ଯାତ୍ରୀନିବାସ, ଚନ୍ଦନେଶ୍ୱର, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ସେବା ପକ୍ଷ ଅବସରରେ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଡାହାଣୀଗଡିଆ ଛକ, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ସମ୍ପର୍କ ପତ୍ରିକା ଉନ୍ମୋଚନ, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆତ୍ମନିର୍ଭରଶୀଳ ଭାରତ ଓ ନୂତନ ଜିଏସ୍‌ଟି ବିଷୟରେ ଜିଲାସ୍ତରୀୟ ଆଲୋଚନା, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ବାବା ଗଜାନନଙ୍କ ଭସାଣି ଉତ୍ସବ, ସ୍ଥାନ: କଦମବେଡା, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସେବା ପଖୱାର୍ଡ ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ସକାଳ ୬ ଟା ୧୫।
- ଚତୁର୍ଥ ନକ୍‌ଆଉଟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଟୁଙ୍ଗୁଲେଇସାହି ଖେଳପଡ଼ିଆ, ବସାସାହି, ଚମ୍ପୁଆ, ସମୟ: ପୂର୍ବାହ୍ନ ୧୦ ଟା।
- ସଂସଦ ଖେଳ ମହୋତ୍ସବ, ସ୍ଥାନ – କେନ୍ଦୁଝର ଷ୍ଟାଡିୟମ, ସମୟ – ପୂର୍ବାହ୍ନ ୧୦ ଟା
- ଗୋଣ୍ଡ ସାଂସ୍କୃତିକ ସମାଜ ଓଡିଶା ଶାଖା ର ପ୍ରସ୍ତୁତି ବୈଠକ, ସ୍ଥାନ: ଲଙ୍ଗଳକଣ୍ଟି, ଢେଙ୍କିକୋଟ୍, ସ୍ଥାନ: ପୂର୍ବାହ୍ନ ୧୦ ଟା।
- ଲକ୍ଷ୍ମୀନାରାୟଣ ମନ୍ଦିରରେ ପୂଜାର୍ଚ୍ଚନା, ଭଜନ କୀର୍ତ୍ତନ, ସ୍ଥାନ: ଓରାଲୀ, ଛେନାପଦି, ସମୟ: ସକାଳ ୬ ଟା ଓ ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ହସ୍ତତନ୍ତ ଓ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବିଦ୍ୟାଳୟର ପ୍ଲାଟିନମ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ମୋରଡା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଓଏସ୍‌ଇବି ବୈଷୟିକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ, ସ୍ଥାନ: ଶହୀଦ ଲକ୍ଷ୍ମଣ ନାୟକ କମୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ଆରଏସ୍‌ଏସ୍‌ର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ନେଇ ସାମ୍ବାଦିକ ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଭାଜପା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବୁଗୁଡ଼ା କଳିଙ୍ଗ ବ୍ଲେଜ ସଂଘ ବଡଦାଣ୍ଡ, ସମୟ: ସକାଳ: ୯ ଟା।

## କନ୍ଧମାଳ

- ମିନି ମାରାଥନ, ସ୍ଥାନ: ଫୁଲବାଣୀ କରୋନେଶନ ପଡ଼ିଆ, ସମୟ: ସକାଳ ୭ ଟା।
- ସାଂଜାସରୁ ଉନ୍ନୟନ ଟ୍ରଷ୍ଟର ବୈଠକ, ସ୍ଥାନ: ଦାରିଙ୍ଗବାଡି ବ୍ଲକ୍ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଜପତି

- ସେବା ପଖୱାଡା ମାରାଥନ କାର୍ଯ୍ୟକ୍ରମ, ସ୍ଥାନ: ଗଜପତି ଷ୍ଟାଡିୟମ, ସମୟ: ସକାଳ ୬ ଟା ୧୫।
- ବିଦେଶରେ ପୁରସ୍କୃତ ନୃତ୍ୟ ଶିଳ୍ପୀଙ୍କୁ ଅଭିନନ୍ଦନ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାରଳାଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା ୩୦।

## ଢେଙ୍କାନାଳ

- ସେବା ପକ୍ଷ ପାଇଁ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଆଞ୍ଚଳିକ ପରିବହନ ଟେଷ୍ଟିଂ କେନ୍ଦ୍ର, ମହିଷାପାଟ, ସମୟ–ସକାଳ ୬ଟା
- ପୂର୍ବତନ ସୈନିକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: ବଜରଙ୍ଗ କ୍ଲବ ପରିସର, ସମୟ: ସକାଳ ସାଢେ ୮ଟା।
- ଆରଯ୍ଯୁ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ସୂର୍ଯ୍ୟ ହୋଟେଲ, ଢେଙ୍କାନାଳ, ସମୟ: ସନ୍ଧ୍ୟା ସାଢେ ୬ଟା।

## ଅନୁଗୋଳ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କୃଷି ମହୋତ୍ସବ, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ସେବା ପକ୍ଷ ଉତ୍ସବରେ ମିନି ମାରାଥନ, ସ୍ଥାନ: ଯୋଗଧାରୀ (ନୂଆବସ୍ ଷ୍ଟାଣ୍ଡ ନିକଟ)ରୁ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପର୍ଯ୍ୟନ୍ତ ମିନିମାରାଥନ, ଜଗତ୍‌ସିଂହପୁର,ସମୟ: ସକାଳ ୭ଟା।
- ରୋଟାରି କ୍ଲବ ପକ୍ଷରୁ ବୈଠକ, ସ୍ଥାନ: ପାରାଦୀପ କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱକର୍ମା ପୂଜା ମଣ୍ଡପ ଅଞ୍ଚଳରେ ଟ୍ରେଲର ଆସୋସିଏଶନ ପକ୍ଷରୁ ଶୁଦ୍ଧ ପାନୀୟଜଳ ସେବା, ସ୍ଥାନ ପୂଜା ମଣ୍ଡପ ଅଞ୍ଚଳ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।
- ବାଲିଘର ମାସିକ ସାହିତ୍ୟ ପତ୍ରିକାର ପୂଜା ସଂଖ୍ୟା ଉନ୍ମୋଚନ, ସ୍ଥାନ: ମା' ଉତ୍ତରେଶ୍ୱରୀ ମନ୍ଦିର ପରିସର, ଇଦ୍ରିସିଂ, ତିର୍ତ୍ତୋଲ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ଟ୍ରକ୍ ମାଲିକସଂଘ ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- ଜିଲା ଭାଜପା ପକ୍ଷରୁ ଜିଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଇନ୍‌ଡୋର ଷ୍ଟାଡ଼ିୟମ୍, ଇଛାପୁର, କେନ୍ଦ୍ରାପଡା ସହର, ସମୟ:ସକାଳ ୯ଟା ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପକ୍ଷରେ ଗଣଦୌଡ, ସ୍ଥାନ:ତିନିମୁହାଣୀ ଛକ, କେନ୍ଦ୍ରାପଡା ସହର, ସମୟ:ସକାଳ ୭ଟା ।

## ଯାଜପୁର

- ଜିଲାସ୍ତରୀୟ ମାରାଥନ, ସ୍ଥାନ: ଯାଜପୁର ଏନ୍‌ସି କଲେଜଠାରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: କୃପାସିନ୍ଧୁ ବିଦ୍ୟା ଭବନ, ବରୀ, ସମୟ: ଅପରାହ୍ନ ୫ ଟା।

## ନୟାଗଡ଼

- ବିମଳାଙ୍କ ଷୋଡଶ ପୂଜାର ଅଷ୍ଟମ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା।
- ସତ୍ୟସାଇ ବାବାଙ୍କର ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଗଣିଆ ବ୍ଲକ କାଳିକାପ୍ରସାଦ ସହ ଆଖପାଖ ଗାଁ, ସମୟ: ସକାଳ ୮ଟାରୁ ରାତି ସାଢ଼େ ୯ଟା।
- ନାରାୟଣୀଙ୍କ ଷୋଡଶ ପୂଜାର ଅଷ୍ଟମ ଦିବସ, ସ୍ଥାନ:ଭାପୁର ବ୍ଲକର ପଥରଚକଡା ପୀଠ, ସମୟ: ସକାଳ ୮ଟା।
- ସେବା ପକ୍ଷର ମାରାଥନ ରାଲି, ସ୍ଥାନ:ନୟାଗଡ ଜଗନ୍ନାଥ ମନ୍ଦିରଠାରୁ ନୟାଗଡ ଷ୍ଟାଡିୟମ, ସମୟ: ସକାଳ ସାଢ଼େ ୬ଟା।
- ମହାଳୟା ଶ୍ରାଦ୍ଧ, ସ୍ଥାନ:ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ସାଢ଼େ ୬ଟା ରୁ ଆରମ୍ଭ ।

## ରାୟଗଡ଼ା

- ସେବା ପଖୱାଡ଼ା ପାଳନ ଅବସରରେ ଜିଲାସ୍ତରୀୟ ମାରାଥନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ, ରାୟଗଡ଼ା, ସମୟ: ସକାଳ ୬ଟା।

## ନବରଙ୍ଗପୁର

- ଦୁର୍ଗାପୂଜା ଉପଲକ୍ଷେ ପୋଲିସ ପକ୍ଷରୁ ଶାନ୍ତି କମିଟି ବୈଠକ, ସ୍ଥାନ: ଉମରକୋଟ ଥାନା, ସମୟ ପୂର୍ବାହ୍ନ: ୧୧ଟା।

## କୋରାପୁଟ

- ଜିଲାସ୍ତରୀୟ ମାରାଥନ କାର୍ଯ୍ୟକ୍ରମ, ସ୍ଥାନ : ସ୍ପୋର୍ଟସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ହିନ୍ଦୀ ଦିବସ ସମାରୋହ, ସ୍ଥାନ: ଅଲିଶାନ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ଜିପିଏଲଏଫ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ବିଡିଓଙ୍କ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୦ଟା।
- ସେମିଳିଗୁଡ଼ା ଉପଖଣ୍ଡ ମାନ୍ୟତା ଦାବି ନେଇ ସମାବେଶ, ସ୍ଥାନ: ବସ୍‌ଷ୍ଟାଣ୍ଡ, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ମା' ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ ନୀତି, ସ୍ଥାନ : ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୪ଟା ୩୦ ।
- ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳ ତର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ମହାନଦୀ ଆୟୋଦ୍ଧା ସରୋବର ଘାଟ, ସମୟ: ସକାଳ ୭ଟା ୪୫ ।
- ସାମୂହିକ ତିଳତର୍ପଣ ନୀତି, ସ୍ଥାନ : କୁଲଥକାନୀ ହରଡଜୋର, ସମୟ : ସକାଳ ୮ଟା
- ଜିଲାସ୍ତରୀୟ ବ୍ୟାଟମିଣ୍ଟନ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ହଲ , ସମୟ : ସକାଳ ୮ଟା ।
- ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ, ସ୍ଥାନ: ଆଇଆଇଏମ୍ ସ୍ଥିତ କୋଣାର୍କ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା ।
- କଳାକାର ମହାସଂଘର ବୈଠକ, ସ୍ଥାନ ଜିଲା ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।

## ବଲାଙ୍ଗୀର

- ସେବା ସପ୍ତାହ ଉପଲକ୍ଷେ ଲୋଇସିଂହାରେ ଗଣଦୌଡ଼, ସ୍ଥାନ: ରାମମନ୍ଦିରରୁ ଅଗ୍ରସେନ ଭବନ, ଲୋଇସିଂହା, ସମୟ: ସକାଳ ୯ ଟା
- ଜିଏସଟି ୨.୦କୁ ନେଇ ଲୋଇସିଂହା ବ୍ୟବସାୟୀଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା,ସ୍ଥାନ: କଲ୍ୟାଣମଣ୍ଡପ, ଲୋଇସିଂହା, ସମୟ : ସନ୍ଧ୍ୟା ୫ଟା

## ରାଉରକେଲା

- ଭାଜପା ପକ୍ଷରୁ ଜିଏସ୍‌ଟି ସମ୍ପର୍କିତ କର୍ମଶାଳା, ସ୍ଥାନ: ସେକ୍ଟର-୩ (ବି-୩୩), ସମୟ: ପୂର୍ବାହ୍ନ ୧୧ଟା।
- ରୋଟାରୀ କ୍ଲବ ଅଫ୍ ଅର୍ବାନ ପକ୍ଷରୁ ଗୋ ସେବା ଅଭିଯାନ, ସ୍ଥାନ: ସେକ୍ଟର-୧୪, ନନ୍ଦଗାଁ, ସମୟ: ପୂର୍ବାହ୍ନ ୧୧ଟା।
- ନବରାତ୍ର ପୂଜା ଆରମ୍ଭ, ସ୍ଥାନ:ସେକ୍ଟର-୨, ଗାୟତ୍ରୀ ପୀଠ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଜିଏସ୍‌ଟି ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୪ ବି/୩୩, ସମୟ: ପୂର୍ବାହ୍ନ ୧୧ଟା।
- ଚଲୋ ଜିତେ ହେଁ ଚଳଚ୍ଚିତ୍ର ପ୍ରଦର୍ଶନ, ସ୍ଥାନ: ପ୍ଲୁଟୋନ ମଲ୍, ସମୟ: ଅପରାହ୍ନ ୩ଟା।
- ଶାରଦୀୟ କବିତା ଆସର, ସ୍ଥାନ: ମଧୁସୂଦନ ପାଠାଗାର, ଛେଣ୍ଡ, ସମୟ: ଅପରାହ୍ନ ୫ଟା।
- ନବରାତ୍ରି ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସିପିସି ନାଇଟ୍, ସ୍ଥାନ: ସେକ୍ଟର-–୧୭ ପେଟ୍ରୋଲ ପମ୍ପ ପଛପଟ, ସମୟ: ସନ୍ଧ୍ୟା ୬ଟା।
- ବାସନ୍ତୀ ପାଠାଗାରରେ ମାସିକ ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ବାସନ୍ତୀ କଲୋନି, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ସୁପ୍ରିୟା ସ୍ମାରକୀ ଫୁଟବଲ, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼, ସମୟ: ଅପରାହ୍ନ ୨ଟା।

## କଳାହାଣ୍ଡି

- କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳତର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜଳେଶ୍ୱର ମନ୍ଦିର, ସମୟ: ପୂର୍ବାହ୍ନ ୯ଟା ୩୦।
- ଅଗ୍ରସେନ ଜୟନ୍ତୀ ଉପଲକ୍ଷେ କ୍ରିକେଟ ମ୍ୟାଚ୍, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ସକାଳ ୯ଟା।

## ବୌଦ୍ଧ

- ଜିଲାସ୍ତରୀୟ ମାରାଥନ ଉତ୍ସବ, ସ୍ଥାନ: ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ସକାଳ ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ଜିଲାସ୍ତରୀୟ ମାରାଥନ, ସ୍ଥାନ: ଦେବଗଡ଼ ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରୁ ଇଣ୍ଡୋର ଷ୍ଟାଡିୟମ, ସମୟ: ସକାଳ ୬ଟା ୩୦।
- ବିକାଶିତ ଭାରତ -୨୦୪୭- ସେବା ପର୍ବ ବିଷୟ ବସ୍ତୁ ଉପରେ ଏକ ଦିବସୀୟ କର୍ମଶାଳା ସହ ଚିତ୍ରକଳା ପ୍ରତିଯୋଗିତା, ସ୍ଥାନ: ସେଣ୍ଟର୍ ଫର୍ କଲଚର,ଦେବଗଡ଼, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ, କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ନାଗରିକ କମିଟିର ଜରୁରୀକାଳୀନ ବୈଠକ, ସ୍ଥାନ: ସେଣ୍ଟର୍ ଫର୍ କଲଚର୍, ଦେବଗଡ଼, ସମୟ: ଅପରାହ୍ନ ୪ଟା ୩୦।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା ମନ ଯେଡ଼େ**
**ତାହା ପ୍ରଭୁ ତେଡ଼େ।**

ଯାଦୃଶୀ ଭାବନା ଯସ୍ୟ, ସଦ୍ଧି ର୍ଭବତିତାଦୃଶୀ। ମନ ଘେନି ଫଳ। ମନ ଉଚ୍ଚ ହେଲେ ଭଲ ଫଳ ମିଳିଥାଏ। ନିଷ୍ଠା, ଆନ୍ତରିକତା ତଥା ମନୋଭାବ ଅନୁସାରେ ମଣିଷ ଫଳ ପାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାହାଙ୍କର ବାପ ମୂଳ ଲାଗୁଥିଲା**
**ଗାଁ ଗୋଠିଆଙ୍କ ମେଳରେ**
**ତାହାଘର ପୁଅ ସୁଆରି ଚିଲା**
**ପାଦ ଲାଗୁନାହିଁ ତଳରେ।**

ସମୟକ୍ରମେ ଛୋଟରୁ ବଡ଼ ହୋଇଥିବା ଲୋକଟିର ମନରେ ଦର୍ପ ବା ଗର୍ବ ଜାତ ହୋଇଥାଏ। ଧରାକୁ ସରା ମନେକରିବା ସହ ତା'ର ପାଦ ତଳେ ଲାଗି ନ ଥାଏ। ଏପରିସ୍ଥଳେ ତା'ର ପରିବର୍ତ୍ତିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଏଚ୍-୧ବି ଭିଜା..

ଶ୍ରମଶକ୍ତିକୁ ଦୀର୍ଘ ସମୟ ଧରି ସୁଦୃଢ଼ କରିବା ସହ ନବଉନ୍ମେଷ ଦିଗରେ ଟାଣିନେଇ ଶିଳ୍ପ ପ୍ରତିଷ୍ଠାରେ ସହାୟକ ହୋଇଛନ୍ତି, ଯାହାକି ଅନେକ ନିଯୁତ ଆମେରିକୀୟଙ୍କୁ ନିଯୁକ୍ତି ପ୍ରଦାନ କରିଥାଏ ବୋଲି କହି ସେ ଟ୍ରମ୍ପଙ୍କ ପଦକ୍ଷେପକୁ ସମାଲୋଚନା କରିଛନ୍ତି। ସେହିପରି ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ପ୍ରାକ୍ତନ ପରାମର୍ଶଦାତା ତଥା ଆପ୍ରବାସନ ନୀତି ସମ୍ପର୍କିତ ଏସୀୟ ଆମେରିକୀୟ ସମୁଦାୟର ନେତା ଅଜୟ ଭୁଟୋରିଆ ଟ୍ରମ୍ପଙ୍କ ନିଷ୍ପତ୍ତି ଆମେରିକୀୟ ପ୍ରଯୁକ୍ତି କ୍ଷେତ୍ର ପାଇଁ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ସତର୍କ କରାଇଛନ୍ତି। ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଇନୋଭେଶନ୍ ପାଇଁ ଏକ ଲାଇଫ୍‌ଲାଇନ୍, ଯାହାକି ସାରା ବିଶ୍ୱରୁ ଶୀର୍ଷ ମେଧାସମ୍ପନ୍ନ ବ୍ୟକ୍ତିମାନଙ୍କୁ ଆକର୍ଷିତ କରିଥାଏ। ଏହି ଭିଜା ପାଇଁ ବର୍ତ୍ତମାନ ମୋଟ ୨,୦୦୦ରୁ ୫,୦୦୦ ଡଲାର ଆବଶ୍ୟକ ହେଉଥିବାବେଳେ ଏଥିରେ ଏତେ ବଡ଼ ବୃଦ୍ଧି ଘଟାଇବା ଯୋଗୁ ଦେଶର କ୍ଷୁଦ୍ର ବ୍ୟବସାୟ ଓ ବିବିଧ କ୍ଷେତ୍ରର ଷ୍ଟାର୍ଟଅପମାନେ ବହୁଳ ପ୍ରଭାବିତ ହେବେ ବୋଲି ଅଜୟ କହିଛନ୍ତି। ସମ୍ପ୍ରତି ଏଚ୍-୧ବି ଭିଜା ଫି ୨,୦୦୦ରୁ ୫,୦୦୦ ଡଲାର ପର୍ଯ୍ୟନ୍ତ ରହିଛି। ନିଯୁକ୍ତିଦାତାଙ୍କ ବ୍ୟବସାୟର ଆକାର ଓ ଅନ୍ୟ ଖର୍ଚ୍ଚ ଉପରେ ଫି' ଦେୟ ନିର୍ଭର କରିଥାଏ। ଭାରତୀୟ ଟେକ୍ ପ୍ରଫେଶନାଲଙ୍କ ମହଲରେ ସବୁଠୁ ଲୋକପ୍ରିୟ ଏଚ୍-୧ବି ଭିଜା ୩ ବର୍ଷ ପାଇଁ ବୈଧ ରହିଥାଏ, ଯାହାକୁ ଅବଧି ଶେଷ ହେବା ପୂର୍ବରୁ ପରବର୍ତ୍ତୀ ୩ ବର୍ଷ ପାଇଁ ନବୀକରଣ କରାଯାଇଥାଏ।

ଟ୍ରମ୍ପଙ୍କ ନିଷ୍ପତ୍ତି ଟେକ୍ କମ୍ପାନୀଗୁଡ଼ିକ ଦ୍ୱାରା ନିଯୁକ୍ତି ପାଉଥିବା ଭାରତୀୟ ଟେକ୍ନୋଲୋଜି ପ୍ରଫେଶନାଲ ଓ ଅନ୍ୟ ପେସାଦାରଙ୍କୁ ସର୍ବାଧିକ ପ୍ରଭାବିତ କରିବ। ୨୦୨୫ରେ ୫,୫୦୫ ମଞ୍ଜୁରୀପ୍ରାପ୍ତ ଏଚ୍-୧ବି ଭିଜା ସହ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ଏହାର ଦ୍ୱିତୀୟ ସର୍ବାଧିକ ହିତାଧିକାରୀ। ଆମାଜନ୍ ଏହି କ୍ଷେତ୍ରରେ ସବା ଆଗରେ ରହିଛି, ଯାହାର ୧୦,୦୪୪ ୱାର୍କର ଏଚ୍-୧ବି ଭିଜାଧାରୀ ବୋଲି ଆମେରିକା ସିଟିଜେନ୍‌ଶିପ୍ ଆଣ୍ଡ ଇମିଗ୍ରେଶନ୍ ସର୍ଭିସେସ୍ (ୟୁଏସ୍‌ସିଆଇଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟ ସର୍ବାଧିକ ହିତାଧିକାରୀଙ୍କ ମଧ୍ୟରେ ରହିଛନ୍ତି ମାଇକ୍ରୋସଫ୍ଟ (୫,୧୮୯), ମେଟା (୫,୧୨୩), ଆପଲ (୪,୨୦୨), ଗୁଗଲ (୪,୧୮୧), ଡେଲୋଇଟ୍ (୨,୩୫୩), ଇନ୍‌ଫୋସିସ୍ (୨,୦୦୪), ୱିପ୍ରୋ (୧,୫୨୩) ଓ ଟେକ୍ ମହିନ୍ଦ୍ରା ଆମେରିକାସ୍ (୯୫୧)।

ଏହି ଘୋଷଣା ସହ ଟ୍ରମ୍ପ କହିଛନ୍ତି, ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ଅତିରିକ୍ତ, ଉଚ୍ଚ ଦକ୍ଷତାସମ୍ପନ୍ନ କାର୍ଯ୍ୟ ପାଇଁ ଅମେରିକାକୁ ଅସ୍ଥାୟୀ ଶ୍ରମିକଙ୍କୁ ଆଣିବା ସକାଶେ ଉଦ୍ଦିଷ୍ଟ ଥିଲା। କିନ୍ତୁ ସେମାନେ ଏଥିରେ ସହଯୋଗୀ ହେବା ପରିବର୍ତ୍ତେ ଉଦ୍ଦେଶ୍ୟମୂଳକ ଭାବେ ଶୋଷଣ କରୁଛନ୍ତି। ଫଳରେ ସ୍ୱଳ୍ପ ବେତନଭୋଗୀ ଓ ସ୍ୱଳ୍ପ ଦକ୍ଷତାସମ୍ପନ୍ନ ଆମେରିକୀୟ ଶ୍ରମିକ ପ୍ରଭାବିତ ହେଉଛନ୍ତି। ଏଚ୍-୧ବି କାର୍ଯ୍ୟକ୍ରମର ଦୁରୁପଯୋଗ ଜାତୀୟ ନିରାପତ୍ତା ପାଇଁ ଏକ ବିପଦ ପାଲଟିଛି। ଘରୋଇ ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଏଚ୍-୧ବି ଉପରେ ନିର୍ଭରଶୀଳ ଆଉଟ୍‌ସୋର୍ସିଂ କମ୍ପାନୀଗୁଡ଼ିକୁ ଚିହ୍ନଟ କରିବା ସହ ସେମାନଙ୍କ ଠକେଇ, ମନି ଲଣ୍ଡରିଂ ଷଡ଼ଯନ୍ତ୍ର ଓ ବିଦେଶୀ ଶ୍ରମିକଙ୍କୁ ଆମେରିକାକୁ ଟାଣିବା ନେଇ ଅନ୍ୟ ବେଆଇନ କାର୍ଯ୍ୟକଳାପର ତଦନ୍ତ କରିଛନ୍ତି। ଟ୍ରମ୍ପ ଆହୁରି କହିଛନ୍ତି, ଏହି ଭିଜା କାର୍ଯ୍ୟକ୍ରମର ବ୍ୟବହାରକାରୀ କମ୍ପାନୀଗୁଡ଼ିକ ଉପରେ ଏହା କଷାଯିବା ଜରୁରୀ ହୋଇପଡ଼ିଥିଲା। ଅନ୍ୟପକ୍ଷେ ବିଦେଶୀ ଶ୍ରମିକଙ୍କୁ ଏଚ୍-୧ବି ଭିଜା ଜରିଆରେ ନିଯୁକ୍ତି ପ୍ରଦାନ କରୁଥିବା ଟେକ୍ନୋଲୋଜି ସିଇଓମାନେ ଏହି ପଦକ୍ଷେପକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ଏହି ଅବସରରେ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି, ୧୦୦,୦୦୦ ଡଲାର ଦେୟ ପଇଠ କରି ନ ଥିବା ଆବେଦନକାରୀଙ୍କ ପିଟିଶନକୁ ଗୃହ ସୁରକ୍ଷା ସଚିବ ରଦ୍ଦ କରିବେ। ହ୍ୱାଇଟ୍ ହାଉସ୍ ଷ୍ଟାଫ୍ ସେକ୍ରେଟାରି ୱିଲ୍ ସ୍କାର୍ଫ କହିଛନ୍ତି, ଦେଶରେ ଏଚ୍-୧ବି ଅଣଆପ୍ରବାସୀ ଭିଜା କାର୍ଯ୍ୟକ୍ରମର ସବୁଠୁ ଅଧିକ ଦୁରୁପଯୋଗ କରାଯାଇଛି। ନୂଆ ପଦକ୍ଷେପ ଫଳରେ ଏଣିକି କେବଳ ଉଚ୍ଚ ଦକ୍ଷତାସମ୍ପନ୍ନ ଶ୍ରମିକମାନେ ହିଁ ଆମେରିକାକୁ ଆସିବେ।

### ନିର୍ମାଣହେବ ନୂତନ ...

ମାଷ୍ଟର ପ୍ଲାନ୍ ତିଆରି ମଧ୍ୟ କରାଯାଉଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି।

ବିଜେଡି ସଦସ୍ୟ ସୁବାସିନୀ ଜେନାଙ୍କ ପକ୍ଷରୁ ବିଧାନସଭାରେ ପଚରାଯାଇଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ପ୍ରସ୍ତୁତ ହେଉଥିବା ନୂତନ ଲୋକସେବା ଭବନର ମାଷ୍ଟର ପ୍ଲାନ୍ ଅନୁମୋଦନ ହେବାପରେ ପରବର୍ତ୍ତୀ ପଦକ୍ଷେପ ଅନୁଯାୟୀ ବିସ୍ତୃତ ବ୍ୟୟ ଅଟକଳ କରାଯିବ। ଏହାପରେ ତାହା ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ବର୍ତ୍ତମାନର ସଚିବାଳୟ ବା ଲୋକସେବା ଭବନ କୋଠା ୬୮ ବର୍ଷ ପୁରାତନ। ଏହି ପୁରାତନ କୋଠା ପରିସରରେ ଗୁରୁତର ପାର୍କିଂ ସମସ୍ୟା ପରିଲକ୍ଷିତ ହେଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ୧୯୫୯ ନଭେମ୍ବର ୧୨ରେ ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଗୋବିନ୍ଦ ବଲ୍ଲଭ ପନ୍ତ ରାଜ୍ୟ ସଚିବାଳୟକୁ ଉଦ୍‌ଘାଟନ କରିଥିଲେ। ପରେ ୨୦୧୯ ଜୁଲାଇ ୩୦ରେ ସଚିବାଳୟ ନାମକୁ ପରିବର୍ତ୍ତନ କରାଯାଇ ଲୋକସେବା ଭବନ ନାମରେ ନାମିତ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ବୃହସ୍ପତିଙ୍କ ଦୃଷ୍ଟିରେ ମଙ୍ଗଳ ରହିଥିବାରୁ ଶାରୀରିକ ସୁସ୍ଥତା ପୂର୍ବପରି ରହିବ। ପାପଗ୍ରହ ପ୍ରଭାବରୁ ସନ୍ତାନ ହେତୁକ କିଛିଟା ସମସ୍ୟା ମନକୁ ବିଚଳିତ କରିପାରେ। ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ଆର୍ଥିକ ସ୍ଥିତି ଦୁର୍ବଳ ହେବା କାରଣରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିବ ।

**ବୃଷ** – ସାମଗ୍ରିକ ଦୃଷ୍ଟିକୋଣରୁ ଦ୍ୱିଜା ନକ୍ଷତ୍ର ସକାଶେ ଦିନଟି ପ୍ରୀତିପ୍ରଦ ରହିବ। ଆପଣଙ୍କ କଥା ଓ କାମର ପରିପ୍ରକାଶ ସାମାଜିକ କ୍ଷେତ୍ରରେ ସମ୍ମାନର ପୃଷ୍ଠପୋଷକ ସାଜିବ। ଶନିଙ୍କ ପ୍ରତ୍ୟକ୍ଷ ଦୃଷ୍ଟି ରବିଙ୍କ ଉପରେ ପଡୁଥିବାରୁ ପାରିବାରିକ କ୍ଷେତ୍ରରେ ମନୋମାଳିନ୍ୟ ଘଟିପାରେ। ଉପରିସ୍ଥଙ୍କ ସହ ମତାନ୍ତର ଘଟିପାରେ।

**ମିଥୁନ** – ମଙ୍ଗଳଙ୍କ କୁପ୍ରଭାବରୁ ମାନସିକ ଉତ୍ତେଜନା ବୃଦ୍ଧି ପାଇବା ସହ ପାରିବାରିକ କଳହ ଲାଗିପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ପ୍ରଶାସନ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**କର୍କଟ** – ରବି ଓ ବୁଧଙ୍କ ଯୋଗୁ ପ୍ରିୟଜନଙ୍କ ସହାନୁଭୂତି ପାଇବା ସାଙ୍ଗକୁ କାର୍ଯ୍ୟ ହାସଲ କରିବେ। ସଭାସମିତି ଓ ଆନୁଷ୍ଠାନିକ କାମକୁ ଅଗ୍ରଗାମୀ କରାଇବାରେ ସମର୍ଥ ହୋଇପାରନ୍ତି। ଶିଳ୍ପ, ଯାତ୍ରା, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ** – ଦ୍ୱିତୀୟ ଭାବରେ ରବି ଓ ବୁଧଙ୍କ ସ୍ଥିତି ଆପଣଙ୍କ ଓଜସ୍ୱିନୀ ଭାଷା ଗୁଣଗ୍ରାହୀଙ୍କ ଦ୍ୱାରା ପ୍ରଶଂସିତ ହେବ। ଆର୍ଥିକ ଉନ୍ନତି ସହ ସମ୍ମାନଜନକ ସ୍ଥିତିରେ ଦିନଟି ସ୍ମରଣୀୟ ରହିବ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବ୍ୟବସାୟ ଓ ପରିବହନରେ ଲାଭବାନ୍ ହେବେ।

**କନ୍ୟା** – ମଙ୍ଗଳଙ୍କ ପ୍ରଭାବରେ ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କିମ୍ବା ପରିବହନ କ୍ଷେତ୍ରରେ ଅଧିକ କିଛି ଆଶା କାରଣରୁ କଳହର ସମ୍ଭାବନା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ସହକର୍ମୀଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା** – ଲାଭ ଓ ବ୍ୟୟାଧିପ ଏକତ୍ର ଅବସ୍ଥାନ କରୁଥିବାରୁ ଆଜି ଯେତିକି ପାଇବେ, ତାହାଠାରୁ ଅଧିକ ଖର୍ଚ୍ଚ କରିବେ। ଶତ୍ରୁଠାରୁ ଦୂରତା ରଖିବା ଭଲ ହେବ, ନତୁବା ହଇରାଣ ହେବାକୁ ପଡ଼ିପାରେ। ବିଭିନ୍ନ ସମସ୍ୟା ମଧ୍ୟରେ ବୁଡ଼ିରହି ନିଜର କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯିବ। ଶିଳ୍ପ, ସାମ୍ବାଦିକତା ଓ ଅର୍ଥ ସମ୍ବନ୍ଧିତ କାମରେ ସଫଳତା ପାଇବେ।

**ବିଛା** – ତୃତୀୟ ଭାବରେ ଗ୍ରହମାନେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭକରି ଅଭିଳଷିତ କାର୍ଯ୍ୟ ସାଧନ କରିବେ। ଚନ୍ଦ୍ରଙ୍କ ଶୁଭ ସଂସ୍ଥାନରୁ ଯେଉଁ କାମରେ ହାତ ଦେବେ ନିଶ୍ଚିତ ସଫଳତା ମିଳିବ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିପାରନ୍ତି। ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ** – କର୍ମସ୍ଥାନର ଯୋଗଫଳ ସ୍ୱରୂପ ନିଜ ଲୋକମାନଙ୍କ ସାନ୍ନିଧ ଲାଭକରି ପୂର୍ବ ସଂକଳ୍ପ ସାଧନ କ୍ଷେତ୍ରରେ ସମର୍ଥ ହେବେ। ପରିବାରରେ ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ନୂତନ ସ୍ଥାନ ପରିଦର୍ଶନ ସୁଯୋଗ ପାଇବାର ବିଶେଷ ସମ୍ଭାବନା ରହିଛି।

**ମକର** – ଭାଗ୍ୟାଧିପତିଙ୍କ ଦୃଷ୍ଟିରେ ରାଶ୍ୟାଧିପତି ରହିଥିବାରୁ ଆପଣଙ୍କ କାର୍ଯ୍ୟ ସଫଳ ହେବ। ଉପରିସ୍ଥମାନେ କାମ ହାସଲ ସକାଶେ ସହଯୋଗ ଲୋଡ଼ିପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଆବଶ୍ୟକତା ପୂର୍ଣ୍ଣ ହେବା କାଠିକର ପାଠ ହେବ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** – ଗୁରୁକ୍ଷେତ୍ରସ୍ଥ ରାଶ୍ୟାଧିପତିଙ୍କ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ନୀଚାଭିମୁଖୀ ଶୁକ୍ରଙ୍କ ଯୋଗୁ ପରିବାରରେ କଳହ ଲାଗିପାରେ। ସଭାସମିତିରେ ତର୍କବିତର୍କଜନିତ ଉତ୍ତେଜନାମୂଳକ ପରିସ୍ଥିତିର ଆଶଙ୍କା ରହିଛି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ ।

**ମୀନ** – ଆଜି କର୍ମାଧିପତିଙ୍କ ସ୍ୱଗୃହକୁ ଦୃଷ୍ଟି ଯୋଗୁ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ସେପରି କିଛି ହେବନି। ରବି ଓ ବୁଧଙ୍କ ପ୍ରଭାବରେ ପରିବାରରେ ସମାଲୋଚିତ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ ନତୁବା ସମସ୍ୟା ଉପୁଜିପାରେ। ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ସେପ୍ଟେମ୍ବର ୨୧ ତାରିଖ, ଅନ୍ତର୍ଜାତୀୟ ଶାନ୍ତିଦିବସ, ଆଶ୍ୱିନ କୃଷ୍ଣପକ୍ଷର ମହାଳୟା ଶ୍ରାଦ୍ଧ, ଫୁଲୁରି ବ୍ରତ, ବଜ୍ରକାଳିକା ପୂଜା, ସୂର୍ଯ୍ୟମହତୀ ଓ କରତୋୟା ସ୍ନାନ ଯୋଗ (ଆଜି ଆଂଶିକ କେତୁଗ୍ରସ୍ତ ସୂର୍ଯ୍ୟୋପରାଗ, ଭାରତ ଓ ଓଡ଼ିଶାକୁ ଅଦୃଶ୍ୟ ହେତୁ ପାଳନୀୟ ନୁହେଁ), ରାଶି ନକ୍ଷତ୍ର- ସକାଳ ଘ.୦୯।୩୨ମି. ପର୍ଯ୍ୟନ୍ତ ପୂର୍ବାଫାଲ୍‌ଗୁନୀ/ସିଂହ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୬ ଗତେ ଘ.୦୮।୫୧ ମଧ୍ୟେ, ଘ.୦୧।୦୯ ଗତେ ଘ.୦୩।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୦ ଗତେ ଘ.୦୫।୪୦ ମଧ୍ୟେ ରାହୁକାଳ।

# ଭୁବନେଶ୍ୱର କ୍ଲବ୍ ନିର୍ବାଚନ, ଫଳାଫଳ ଆଜି

## ସରିଲା ଇ-ଭୋଟିଂ, ଆଜି ବାଲଟ୍ ଭୋଟ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ଭୁବନେଶ୍ୱର କ୍ଲବ୍ କାର୍ଯ୍ୟକର୍ତ୍ତା ନିର୍ବାଚନ ୨୦୨୫-୨୭ ଶନିବାର ଠାରୁ ଆରମ୍ଭ ହୋଇଛି। କ୍ଲବ୍‌ର ଯେଉଁ ଭୋଟରମାନେ ବାହାରେ ଅଛନ୍ତି ସେମାନେ ଶନିବାର ସକାଳ ୯ଟାରୁ ୫ଟା ମଧ୍ୟରେ ଇ-ଭୋଟିଂ ଜରିଆରେ ନିଜର ମତଦାନ ସାବ୍ୟସ୍ତ କରିସାରିଛନ୍ତି। ରବିବାର ଏଥିପାଇଁ ପୂର୍ବାହ୍ନ ୧୧ଟାରୁ ୫ଟା ମଧ୍ୟରେ ବାଲଟ୍ ଭୋଟିଂ କରାଯିବ। ମିଳିଥିବା ସୂଚନା ମୁତାବକ, ଉକ୍ତ ନିର୍ବାଚନରେ ମୋଟ୍ ୨୩୨୧ ଜଣ ବୈଧ ଭୋଟର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯୯୨ ଜଣ ବ୍ୟକ୍ତିଗତ ଏବଂ ୩୯୯ ଜଣ କର୍ପୋରେଟ ଭୋଟର ଅଛନ୍ତି। ଏହି ନିର୍ବାଚନରେ ସଭାପତି ପଦ ଲାଗି ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନର କ୍ଲବ୍ ସଭାପତି ଅସୀତ ତ୍ରିପାଠୀ ଏବଂ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବର୍ତ୍ତମାନ ଓଡ଼ିଶା ବିଦ୍ୟୁତ୍ ନିୟମାକ ଆୟୋଗ(ଓଇଆର୍‌ସି)ର ଅଧ୍ୟକ୍ଷ ପ୍ରଦୀପ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଅସୀତ ତୃତୀୟ ଥର ଲାଗି ସଭାପତି ପଦ ପାଇଁ ନିର୍ବାଚନ ଲଢୁଥିବା ବେଳେ ତାଙ୍କ ବିରୋଧରେ ପ୍ରଥମ ଥର ପ୍ରଦୀପ ମଇଦାନକୁ ଓହ୍ଲାଇଛନ୍ତି। ଗୋଟିଏ ପଟେ ପ୍ରଗତିକୁ ସମର୍ଥନ ବୋଲି ଅସୀତ ନାରା ଦେଇଥିବା ବେଳେ ପରିବର୍ତ୍ତନର ସ୍ୱର ଦେଇ ପ୍ରଦୀପ ଭୋଟ ମାଗିଛନ୍ତି। କ୍ଲବ୍‌ର ଏହି ନିର୍ବାଚନରେ ସଭାପତି ପଦ ସହିତ ଉପସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଏବଂ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପାଇଁ ନିର୍ବାଚନ ହେବ। ପ୍ରଦୀପଙ୍କ ଦଳରେ ଉପସଭାପତି ପଦ ଲାଗି ଡାକ୍ତର ପି.ଭି. ମୋହନ, ସମ୍ପାଦକ ପଦରେ ପୂର୍ବତନ ଆଇପିଏସ୍ ଅଫିସର ଲଳିତ ଦାସ, ଯୁଗ୍ମ ସମ୍ପାଦକ ପାଇଁ ପ୍ରଶାନ୍ତ ନାଥ ପ୍ରାର୍ଥୀ ହୋଇଛନ୍ତି। ସେହିପରି ଏହି ଦଳରେ ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟ ଲାଗି ଅଶୋକ ଚିଞ୍ଚେଲା, ରାଜଦୀପ ମହାନ୍ତି, ପ୍ରକାଶ ମହାନ୍ତି, ଡାକ୍ତର ମନୋଜ ଲାଠ, ଅକ୍ଷୟ ଖଣ୍ଡେଲୱାଲ ଏବଂ ପି. ଦାସ ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ସେହିପରି ଅସୀତଙ୍କ ଦଳରେ ଉପସଭାପତି ପ୍ରାର୍ଥୀ ଭାବେ ପ୍ରଗତି କୁମାର ମହାନ୍ତି, ସମ୍ପାଦକ ପ୍ରାର୍ଥୀ ଭାବେ ଟୁଟୁଲ କିଶୋର ଦାସ, ଯୁଗ୍ମ ସମ୍ପାଦକ ଭାବେ ସମ୍ବିତ ମହାନ୍ତି ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ଦଳରେ କାର୍ଯ୍ୟକାରିଣୀ କମିଟି ସଦସ୍ୟ ପଦ ପାଇଁ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଅନିଲ କୁମାର ସାମଲ, ଦେବବ୍ରତ ବିଶ୍ୱାଳ, କଲ୍ୟାଣ ସୁନ୍ଦର ଛୋଟରାୟ, ମାନସ ରଞ୍ଜନ ଦାସ, ଓମ୍‌ପ୍ରକାଶ ରଏ ଏବଂ ସଞ୍ଜୟ ଲାଠ ପ୍ରାର୍ଥୀ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ନିର୍ବାଚନ ଲାଗି ଗତ ସେପ୍ଟେମ୍ବର ୧ରେ କ୍ଲବ୍ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଏହି ନିର୍ବାଚନ ନିମନ୍ତେ ଗତ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ମଧ୍ୟାହ୍ନ ୧୨ଟାରୁ ୩ଟା ଏବଂ ସନ୍ଧ୍ୟା ୭ଟାରୁ ୯ଟା ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ସମୟ ରହିଥିଲା। ୧୩ରେ ପ୍ରାର୍ଥୀ ପତ୍ର ଯାଞ୍ଚ କରାଯାଇଥିଲା। ସେହିଦିନ ବୈଧ ନାମାଙ୍କନ ପତ୍ରଗୁଡ଼ିକ ଘୋଷଣା କରାଯାଇଥିଲା। ୧୫ରେ ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ରହିଥିଲା। ଏହି ନିର୍ବାଚନ ଲାଗି ଇ-ଭୋଟିଂ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ରବିବାର ବାଲଟ ଭୋଟିଂ ହେବ। ରବିବାର ସନ୍ଧ୍ୟା ୬ଟାରୁ ଭୋଟ କାଉଣ୍ଟିଂ ହୋଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ବାଲଟ୍ ଭୋଟିଂ ଆରମ୍ଭ ହେବା ପୂର୍ବରୁ ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଆନୁଆଲ ଜେନେରାଲ ବଡି ମିଟିଂ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।







# ଭୁବନେଶ୍ୱର-କୋଣାର୍କ ରେଳଲାଇନର ଚୂଡ଼ାନ୍ତ ଲୋକେଶନ ସର୍ଭେକୁ ଅନୁମୋଦନ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ବହୁ ପ୍ରତୀକ୍ଷିତ କୋଣାର୍କ-ଭୁବନେଶ୍ୱର ରେଳପଥକୁ ନିକଟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁର ମିଳିଛି। ଏହି ଉପଲବ୍ଧି ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଚିଠି ମାଧମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହିତ ଉକ୍ତ ରେଳପଥକୁ ନିମାପଡ଼ା ଓ ଗୋପ ସହ ସଂଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ଏହାଦ୍ୱାରା ନିମାପଡ଼ା ଓ ଗୋପ ଅଞ୍ଚଳରେ ପର୍ଯ୍ୟଟନସ୍ଥଳୀର ବିକାଶ ହେବା ସହ ଆଞ୍ଚଳିକ ପରିବହନ ଓ ଯୋଗାଯୋଗ ମଧ୍ୟ ସୁଗମ ହୋଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଥିଲେ। ଏହି ଚିଠିର ଉତ୍ତର ଦେଇ ରେଳ ମନ୍ତ୍ରଣାଳୟ ଉକ୍ତ ପ୍ରସ୍ତାବକୁ ଗ୍ରହଣକରିବା ସହ କୋଣାର୍କ -ଭୁବନେଶ୍ୱର ରେଳପଥର ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍)ପାଇଁ ଗୋପ ଓ ନିମାପଡ଼ାରେ ଫାଇନାଲ ଲୋକେଶନ ସର୍ଭେ ନିମନ୍ତେ ମଞ୍ଜୁରୀ ଦେଇଛନ୍ତି। ଏହି ମଞ୍ଜୁରୀ ପାଇଁ ଉପମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।




# ତୃତୀୟ ଦିନ ବି ବିଧାନସଭା ଅଚଳ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

- ଦିନକ ଭିତରେ ମୋଟ୍ ୧୬ ମିନିଟ୍ ଚାଲିଲା ଗୃହ କାର୍ଯ୍ୟ
- ଜର୍ଜ ତିର୍କୀଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ
- ସାର ପ୍ରସଙ୍ଗରେ ବାରମ୍ବାର ହଟ୍ଟଗୋଳ ପରେ ରାଜ୍ୟପାଳଙ୍କୁ ଭେଟିଲା ବିଜେଡି

ଲଗାତର ୩ୟ ଦିନ ଶନିବାର ମଧ୍ୟ ବିଧାନସଭା ଗୃହ କାର୍ଯ୍ୟ ଅଚଳ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇ ମାତ୍ର ୧୦ଟା ୪୩ ଅର୍ଥାତ୍ ୧୩ ମିନିଟ୍ ଚାଲିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ମାତ୍ର ୩ ମିନିଟ୍ ଗୃହ କାର୍ଯ୍ୟ ଚାଲିଥିଲା। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଦିନରେ ମାତ୍ର ୧୬ମିନିଟ୍ ପାଇଁ ଗୃହ ଚାଲିପାରିଛି। ପୂର୍ବାହ୍ନରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ଦେହାନ୍ତ ହୋଇଥିବା କାରଣରୁ ଶୋକପ୍ରସ୍ତାବ ଆଗତ କରିଥିଲେ। ଏହାପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଏବଂ ସିପିଆଇ(ଏମ୍) ବିଧାୟକ ଲକ୍ଷଣ ମୁଣ୍ଡା ଶୋକ ପ୍ରସ୍ତାବକୁ ସମର୍ଥନ ଦେଇଥିଲେ। ପରେ ବାଚସ୍ପତି ସୁରମା ପାଢ଼ୀ ୧ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରିବାକୁ ଅନୁରୋଧ କରିଥିଲେ। ନୀରବ ପ୍ରାର୍ଥନା ସରିବା କ୍ଷଣି ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ତ୍ତ ବିଭାଗ ସମ୍ବନ୍ଧିତ ଏକ ପ୍ରଶ୍ନର ଉତ୍ତର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖିବା ବେଳକୁ ବିରୋଧୀ ବିଜେଡି ସଦସ୍ୟମାନେ ଗୃହ ମଧ୍ୟଭାଗକୁ ଆସି ସାର ପ୍ରସଙ୍ଗରେ ହୋହଲ୍ଲା ଏବଂ ନାରାବାଜି ଆରମ୍ଭ କରିଦେଇଥିଲେ। ବିଜେଡି ସଦସ୍ୟମାନେ ହାତରେ ପୋଷ୍ଟର ଏବଂ ବ୍ୟାନର ଧରି ଗୃହ ଭିତରେ ହଟ୍ଟଗୋଳ ଆରମ୍ଭ କରିଦେଇଥିଲେ। ଗୃହ କାର୍ଯ୍ୟରେ ସହଯୋଗକରି ବିଜେଡି ସଦସ୍ୟମାନଙ୍କୁ ନିଜ ଆସନକୁ ଯିବା ପାଇଁ ବାଚସ୍ପତି ନିବେଦନ କରିଥିଲେ। ହେଲେ ବିରୋଧୀ ସଦସ୍ୟମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ସେଥିଲାଗି ଗୃହ କାର୍ଯ୍ୟକୁ ବାଚସ୍ପତି ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଦେଇଥିଲେ। ପରେ ଜର୍ଜ ତିର୍କୀଙ୍କ ପ୍ରାର୍ଥିବ ଶରୀର ବିଧାନସଭା ପରିସରକୁ ଅଣାଯାଇଥିଲା। ସେଠାରେ ତାଙ୍କ ମରଶରୀରକୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ଅବସରରେ ବାଚସ୍ପତି, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭକରି ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ମରଶରୀର ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ୪ଟା ବେଳକୁ ଗୃହକାର୍ଯ୍ୟ ଆରମ୍ଭ ନ ହେଉଣୁ ବିଜେଡି ସଦସ୍ୟମାନେ ସାର ପ୍ରସଙ୍ଗରେ ପୁଣିଥରେ ନାରାବାଜି ଏବଂ ହଟ୍ଟଗୋଳ ଆରମ୍ଭ କରିଥିଲେ। ବାଚସ୍ପତି ପ୍ରାୟ ୩ଥର ବିଜେଡି ସଦସ୍ୟମାନଙ୍କୁ ନିଜ ଆସନକୁ ଯାଇ ବସିବା ପାଇଁ ଅନୁରୋଧ କରିଥିଲେ। ୪ଟା ୩ ମିନିଟ୍ ସମୟରେ ଆସନ୍ତା ସୋମବାର ସକାଳ ୧୦ଟା୩୦ ପର୍ଯ୍ୟନ୍ତ ଗୃହକାର୍ଯ୍ୟକୁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ। ଏହିପରି ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ମାତ୍ର ୩ ମିନିଟ୍ ଚାଲିପାରିଥିଲା। ପରେ ବିଜେଡି ସଦସ୍ୟମାନେ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିବା ସହ ସାର ସମସ୍ୟାରେ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି।

ONGC ENERGY: Now AND Next | ओएनजीसी | ONGC | ONGC ENERGY: Now AND Next

**ଓଏନଜିସି କ୍ରୀଡା ଛାତ୍ରବୃତ୍ତି ଯୋଜନା 2025-26**

ଓଏନଜିସି 21ଟି ଖେଳ ପାଇଁ 15,000/- ରୁ 30,000/- ଟଙ୍କା ପର୍ଯ୍ୟନ୍ତ ପ୍ରତିମାସ ଭତ୍ତା ଆକାରରେ 2025-26 ବର୍ଷ ପାଇଁ 250ଟି ଖେଳ ଛାତ୍ରବୃତ୍ତି ଅନ୍‌ଲାଇନ୍‌ରେ ଆବେଦନ ଆମନ୍ତ୍ରଣ କରୁଛି। ଏହି ଛାତ୍ରବୃତ୍ତି 15 ରୁ 20 ବର୍ଷ ବୟସର ଅର୍ଥାଭାବ ଓ ପ୍ରତିଭାଶାଳୀ କ୍ରୀଡାବିତ୍‌ଙ୍କ ପାଇଁ ଯାହାଙ୍କର ଅଭିଭାବକଙ୍କର ବାର୍ଷିକ ଆୟ 5 ଲକ୍ଷ ଟଙ୍କାରୁ କମ୍।

ଆଗ୍ରହୀ କ୍ରୀଡାବିତ୍‌ମାନେ ଓଏନଜିସିର ଅଧିକୃତ ୱେବ୍‌ସାଇଟ୍ **https://sportsscholarship.ongc.co.in** ରେ 22.09.2025 (ସକାଳ 11:00ଟା) ଠାରୁ 21.10.2025 (ଅପରାହ୍ନ 04:00ଟା) ପର୍ଯ୍ୟନ୍ତ ଆବେଦନ କରିପାରିବେ। ଆବେଦନ କରିବା ପୂର୍ବରୁ ଦୟାକରି ପୋର୍ଟାଲରେ ଦିଆଯାଇଥିବା ନିୟମ ଓ ସର୍ତ୍ତାବଳୀ ପଢ଼ିନିଅନ୍ତୁ। ଆବେଦନ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଗ୍ରହଣ କରାଯିବ।

ଯଦି ପ୍ରାର୍ଥୀମାନେ ନକଲି ଦସ୍ତାବିଜ ଦାଖଲ କରନ୍ତି, ତେବେ ସେମାନଙ୍କର ଆବେଦନ ଖାରଜ କରାଯିବ ଏବଂ ଓଏନଜିସି ସେମାନଙ୍କ ବିରୁଦ୍ଧରେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ପାରିବ।

# ତ୍ରିଶୂଳିଆରେ ହେବ ୨ୟ ବ୍ରିଜ୍: ମନ୍ତ୍ରୀ ହରିଚନ୍ଦନ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

କଟକ-ଭୁବନେଶ୍ୱର ଦ୍ୱୈତନଗରୀରେ ଭିଡ଼ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ବିଧାନସଭାରେ ସୂଚନା ଦେଇ କହିଛନ୍ତି, ତ୍ରିଶୂଳିଆରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ହେବ। ଏହି ବ୍ରିଜ୍ କାର୍ଯ୍ୟ ବର୍ତ୍ତମାନ ଟେଣ୍ଡର ପର୍ଯ୍ୟାୟରେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ପାଖରେ ରହିଛି। ଉକ୍ତ ପ୍ରକଳ୍ପ ପାଇଁ ୨୯୭ କୋଟି ୫୯ ଲକ୍ଷ ୯୧ ହଜାର ୧୯୩ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି। ଟେଣ୍ଡର ସରିବାର ୩୬ ମାସ ମଧ୍ୟରେ ଏହି ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଶେଷକରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ସେ କହିଛନ୍ତି। କଂଗ୍ରେସ ସଦସ୍ୟା ସୋଫିଆ ଫିର୍ଦ୍ଦୋସଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଏହି ବ୍ରିଜ୍‌ର ଡିପିଆର୍ ସମ୍ପୂର୍ଣ୍ଣ ହୋଇସାରିଛି ଏବଂ ଏଥିଲାଗି ପ୍ରଶାସନିକ ମଞ୍ଜୁରୀ ମଧ୍ୟ ମିଳିଛି।



# ଜ୍ଞାନ ଓ ଆତ୍ମବିଜ୍ଞାନ



## ଆକାର ପଟେଲ

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଏହାର ଶତବାର୍ଷିକୀ ପାଳନ କରୁଛି। ସାଂସ୍କୃତିକ ବିଶେଷକରି ରାଜନୈତିକ କ୍ଷେତ୍ରରେ ଏହାର ଲମ୍ବା ସଫଳତାର ଇତିହାସ ବଖାଣୁଛି। ହିନ୍ଦୁତ୍ୱ ବିଚାରଧାରାର ସ୍ରୋତ ଭାବେ ଜଣାଶୁଣା ଏହି ସଂସ୍ଥା ବିଷୟରେ ଯେଉଁ ପାଠକେ ଜାଣନ୍ତି ସେମାନେ ଏହି ସ୍ତମ୍ଭରୁ ଜାଣିପାରିବେ ଏହାର ବିଶେଷ ଅର୍ଥ କ'ଣ ବା ଏହା କେଉଁ ସିଦ୍ଧାନ୍ତକୁ ପ୍ରତିପାଦିତ କରେ। ଆର୍‌ଏସ୍‌ଏସ୍‌ରେ ସବୁଠୁ ଅଧିକ ଦିନ(୩୩ ବର୍ଷ– ୧୯୪୦–୧୯୭୩) ସେବା ଯୋଗାଇଛନ୍ତି ଏମ୍‌ଏସ୍ ଗୋଲ୍‌ୱାଲକର। ତାଙ୍କ ବହି 'ବଞ୍ଚ ଅଫ୍ ଥଟ୍ସ' ଏଠାରେ ଆଲୋଚନାର ବିଷୟ ଏବଂ ଦେଖିବା ଏହା କ'ଣ କହେ। ଏହା ହେଉଛି ଗୋଲ୍‌ୱାଲକରଙ୍କ ଅଭିଭାଷଣ ଓ ସାକ୍ଷାତ୍‌କାରର ଏକ ସଙ୍କଳନ। ଏଥିରେ ଗୋଲ୍‌ୱାଲକର କହିଛନ୍ତି, ଆର୍‌ଏସ୍‌ଏସ୍ ନିଜକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବୋଲି କହେ, କିନ୍ତୁ ହିନ୍ଦୁ ସ୍ୱୟଂସେବକ ନୁହେଁ; କାରଣ ବାସ୍ତବରେ ରାଷ୍ଟ୍ରୀୟ ଅର୍ଥ ହେଉଛି ହିନ୍ଦୁ। ଏଣୁ ହିନ୍ଦୁ ଶବ୍ଦ ବ୍ୟବହାର କରାଯିବାର ଆବଶ୍ୟକତା ନାହିଁ। ଆର୍‌ଏସ୍‌ଏସ୍‌ର ପ୍ରଥମ ମୁଖ୍ୟ କେଶବ ହେଡଗେୱାର କହିଥିଲେ, ଯଦି ଆମେ ହିନ୍ଦୁ ଶବ୍ଦ ବ୍ୟବହାର କରିବା, ତେବେ ଏଥିରୁ ବୁଝାପଡ଼ିବ ଯେ, ଆମେ ଏହି ଦେଶର ଅସଂଖ୍ୟ ସମୁଦାୟରୁ ଆମକୁ କେବଳ ଗୋଟିଏ ବୋଲି ମାନୁଛୁ ଏବଂ ଦେଶର ନାଗରିକ ଭାବେ ଆମର ବାସ୍ତବ ସ୍ଥିତିକୁ ଅନୁଭବ କରୁନାହୁଁ।

ସଂଘୀୟବାଦ ଏକ ସମସ୍ୟା ଥିଲା ଏବଂ ସାହସର ସହ ସମ୍ବିଧାନ ସଂଶୋଧନ କରି ଏକକ ସରକାର ଘୋଷଣା କରିବା ଏକମାତ୍ର ବାଟ ଥିଲା ବୋଲି ପୁସ୍ତକରେ କୁହାଯାଇଛି। ଦେଶ ଏକ ଓ ଲୋକେ ଏକ ଥିବାରୁ ଭାରତରେ କେବଳ ଗୋଟିଏ ସରକାର ଏବଂ ଗୋଟିଏ ବ୍ୟବସ୍ଥାପିକା ସଭା ହେବା ଦରକାର। କାର୍ଯ୍ୟପାଳିକା କ୍ଷମତା ବଣ୍ଟନ ହୋଇପାରିବ, କିନ୍ତୁ ବୈଧାନିକ ବ୍ୟବସ୍ଥାପିକା କ୍ଷମତା ଗୋଟିଏ ହେବା ଉଚିତ ଏବଂ ତାହାକୁ ରାଜ୍ୟଗୁଡ଼ିକୁ ହସ୍ତାନ୍ତର କରାଯାଇପାରିବ ନାହିଁ। ସାରା ଦେଶ ପାଇଁ ଗୋଟିଏ କେନ୍ଦ୍ରୀୟ ବ୍ୟବସ୍ଥାପିକା ସଭା ଗଣତନ୍ତ୍ରର ଚାହିଦାକୁ ପୂରଣ କରିବା ଉଚିତ। ଭାରତ ବିଶ୍ୱରେ ସ୍ୱତନ୍ତ୍ର, କାରଣ ଏହା ଯାହା ଦେଇଛି ଆଉ କେହି ଦେଇପାରିନାହାନ୍ତି ଏବଂ ତାହା ହେଉଛି ହିନ୍ଦୁ ବିଚାରଧାରା। ହିନ୍ଦୁ ବିଚାରର ଉତ୍କୃଷ୍ଟତା ହେଉଛି ଏହା କେବଳ ଆତ୍ମାର ସ୍ୱରୂପ ସମ୍ପର୍କରେ ଜାଣିଛି। ଗୋଲ୍‌ୱାଲକର କହିଛନ୍ତି, ଯିଶୁ ସୈତାନଙ୍କୁ ଦେଖିଥିଲେ, ପ୍ରଫେଟ ଗାବ୍ରିଏଲଙ୍କୁ ସାକ୍ଷାତ କରିଥିଲେ। ହେଲେ କେବଳ ଭାରତରେ ଋଷିମୁନୀମାନେ ଈଶ୍ୱରଙ୍କୁ ଦେଖିଥିଲେ। ପାଶ୍ଚାତ୍ୟବାସୀ ଯେତେ ବିଜ୍ଞାନକୁ ବୁଝିଥାଆନ୍ତୁ ନା କାହିଁକି, ସେମାନେ ଆତ୍ମବିଜ୍ଞାନ ସମ୍ବନ୍ଧରେ ଅଜ୍ଞ। ତେବେ ଭାରତ ପ୍ରଦାନ କରିଥିବା ଏହି ଭିନ୍ନ ସିଦ୍ଧାନ୍ତ ଏବେ ସଙ୍କଟରେ, କାରଣ ହିନ୍ଦୁମାନେ ସେମାନଙ୍କ ପୁରାତନ ଜ୍ଞାନଠାରୁ ଦୂରେଇ ଯାଉଛନ୍ତି। ଭାରତରେ ଆର୍‌ଏସ୍‌ଏସ୍ ତାହାର ପୁନରୁଦ୍ଧାର କରିବା ସହ ହିନ୍ଦୁ ସମାଜକୁ ସଙ୍ଗଠିତ କରିବା ଉଚିତ। ବ୍ୟକ୍ତି ନିଜକୁ ବୃହତ୍ ରାଷ୍ଟ୍ରରେ ସାମିଲ କରିବା ଉଚିତ, ନଚେତ୍ ସାମାଜିକ ସମ୍ବନ୍ଧ ବା ଏକତା ନଷ୍ଟ ହୋଇଯିବ, ଯାହାକୁ ହିନ୍ଦୁ ଦର୍ଶନ ପ୍ରୋତ୍ସାହିତ କରିଥିଲା ଏବଂ ହିନ୍ଦୁମାନଙ୍କୁ ସୁଖୀ କରିଥିଲା। ସମସ୍ତ ହିନ୍ଦୁଙ୍କର ଏହି ବିଶେଷ ହିନ୍ଦୁ ଜ୍ଞାନ ନ ଥିଲା, କେବଳ କେତେଜଣଙ୍କର ଏହା ଥିଲା। ସାଧାରଣ ଲୋକଙ୍କୁ ଠିକ୍ ଭାବେ ଶିକ୍ଷିତ ଓ ଜ୍ଞାନୀ କରାଯିବା ଦରକାର। ସେମାନଙ୍କୁ କେବଳ ସାକ୍ଷର କଲେ ଲକ୍ଷ୍ୟ ହାସଲ ହେବ ନାହିଁ, କାରଣ ଏବେ ମଧ୍ୟ ଏହି ସ୍ୱତନ୍ତ୍ର ଜ୍ଞାନର ଅଭାବ ରହିଛି। ସେ କହିଥିଲେ ଲୋକମାନଙ୍କ ଭିତରେ ମଧ୍ୟ ଅସମାନତା ଅଛି ଏବଂ ବିଶେଷଜ୍ଞ ଓ ଯୋଗ୍ୟ ରାଜନେତାଙ୍କୁ ଅଣଦେଖା କରାଯାଉଥିବାରୁ ଗଣତନ୍ତ୍ର ତ୍ରୁଟିପୂର୍ଣ୍ଣ। ସାମଗ୍ରିକ ଭାବେ ପଞ୍ଚାୟତଗୁଡ଼ିକ ଯେତେବେଳେ ଜାତି ଧାରାରେ ଚାଲୁଥିଲା ସେତେବେଳେ ସବୁଠୁ ଭଲ କାମ କରୁଥିଲା। ଏଣୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାମୂଳକ ନ ହୋଇ ସର୍ବସମ୍ମତ ଆଧାରିତ ହେବା ଉଚିତ।

ଭାରତ ମହାସାଗରରୁ ହିମାଳୟ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେଥିପାଇଁ କେବଳ ପର୍ବତର ପାଦଦେଶ ଯାଏ ନୁହେଁ, ବରଂ ତା' ପରେ ଉତ୍ତର ପାର୍ଶ୍ୱରେ ମଧ୍ୟ ପୂର୍ବଜଙ୍କର ତୀର୍ଥସ୍ଥଳ(କୈଳାସ ମାନସରୋବର) ରହିଥିଲା। ତିବ୍ବତ ଥିଲା ଦେବତାଙ୍କ ନିବାସ। ହିନ୍ଦୁମାନେ ଆଫଗାନିସ୍ତାନ, ବର୍ମା, ଇରାନ ଏବଂ ଲଙ୍କା ଦଖଲ କରିଥିବା ବିଷୟ ହିନ୍ଦୁ ପୁରାଣଗୁଡ଼ିକରେ ବର୍ଣ୍ଣନା ରହିଛି। ଅନେକ ହଜାର ବର୍ଷ ଧରି ଭାରତ ମାତା ତାଙ୍କ ଦୁଇ ହାତ ଇରାନରୁ ସିଙ୍ଗାପୁର ଯାଏ ଦୁଇ ସାଗରରେ ବୁଡ଼ାଇ ରଖିବା ସହ ଶ୍ରୀଲଙ୍କାକୁ ଏକ ପଦ୍ମ ପାଖୁଡ଼ା ଭାବେ ତାଙ୍କ ପବିତ୍ର ପାଦରେ ଅର୍ପଣ କରାଯାଇଥିଲା। ଭୂମି ପୂଜନ କରାଯାଉଥିଲା, କାରଣ ସାରା ପୃଥିବୀ ଥିଲା ପବିତ୍ର, କିନ୍ତୁ ଭାରତମାତା ଥିଲେ ସବୁଠୁ ପବିତ୍ର। ଜ୍ଞାନ ମାଧ୍ୟମରେ ତାଙ୍କ ସହ ଜଡ଼ିତ ହେବାପାଇଁ ସେ ଚାହିଁ ନ ଥିଲେ, ବରଂ ତାଙ୍କର ଦରକାର ଥିଲା ସମ୍ପୂର୍ଣ୍ଣ ସମର୍ପଣ। ବିଭାଜନ ଗ୍ରହଣୀୟ ନ ଥିଲା, କାରଣ ଏହା ଦୁଇ ଭାଇ ମଧ୍ୟରେ ସମ୍ପତ୍ତି ଭାଗ ନ ଥିଲା। ବୁଝାମଣା ଭାବେ ମା'କୁ କେହି ଭାଗ କରେ ନାହିଁ। ହିନ୍ଦୁ ରାଷ୍ଟ୍ରର ଧାରଣା କେବଳ ରାଜନୈତିକ ଓ ଆର୍ଥିକ ଅଧିକାରଗୁଡ଼ିକର ସମଷ୍ଟି ନ ଥିଲା। ରାଜନୈତିକ କିମ୍ବା ନ୍ୟାୟିକ ନୁହେଁ, ବରଂ ଏହା ଥିଲା ମୁଖ୍ୟତଃ ସାଂସ୍କୃତିକ। ଏହା ଈଶ୍ୱର ଅନୁଭବର ଇଚ୍ଛା ମାଧ୍ୟମରେ ନିଜକୁ ପରିପ୍ରକାଶ କରିଥିଲା। ଏହା ଥିଲା ଜୀବନ୍ତ ଦେବତା, କୌଣସି ମୂର୍ତ୍ତି କିମ୍ବା ଅଭୌତିକ ରୂପ ନୁହେଁ। ଆମ ଲୋକେ ହେଉଛନ୍ତି ଆମ ଦେବତା, ଯାହା ଆମ ପୂର୍ବଜ କହିଥିଲେ। କିନ୍ତୁ ସେମାନେ ଆମ ସମସ୍ତଙ୍କ କଥା ଭାବି ନ ଥିଲେ। ରାମକୃଷ୍ଣ ପରମହଂସ ଓ ବିବେକାନନ୍ଦ କହିଥିଲେ– ଲୋକଙ୍କ ସେବା କର। କିନ୍ତୁ ମାନବତା ଦୃଷ୍ଟିରୁ ମଣିଷ ଖୁବ୍ ବ୍ୟାପକ ଥିଲା। ନିର୍ଦ୍ଦିଷ୍ଟ ସୀମା ଭିତରେ ଏହା ସର୍ବଶକ୍ତିମାନ ହେବା ଉଚିତ। ଏଠି ମଣିଷ କହିଲେ କେବଳ ହିନ୍ଦୁ ଲୋକଙ୍କୁ ବୁଝାଏ। ପୂର୍ବଜମାନେ ହିନ୍ଦୁ ଶବ୍ଦ ବ୍ୟବହାର କରି ନ ଥିଲେ। କିନ୍ତୁ ଋଗ୍‌ବେଦରେ ସେମାନେ କହିଥିଲେ ଯେ, ସୂର୍ଯ୍ୟ ଓ ଚନ୍ଦ୍ର ହେଉଛନ୍ତି ତାଙ୍କ ଆଖି, ଆକାଶ ଓ ନକ୍ଷତ୍ର ତାଙ୍କ ନାଭିରୁ ସୃଷ୍ଟି। ବ୍ରାହ୍ମଣ ହେଉଛି ମୁଣ୍ଡ, ରାଜା ହେଉଛି ହାତ, ବୈଶ୍ୟ ହେଉଛି ଜଙ୍ଘ ଏବଂ ଶୁଦ୍ର ହେଉଛି ପାଦ। ଯେଉଁ ଲୋକଙ୍କର ଏହି ଚାରିସ୍ତର ବ୍ୟବସ୍ଥା ଥିଲା ସେମାନେ ଥିଲେ ଦେବତା। ଏଭଳି ଜାତିର ସେବା ଓ ପୂଜାକୁ ସେତେବେଳେ ସମାଜ ଈଶ୍ୱରଙ୍କ ସେବା ବୋଲି କହିଥିଲା।

Email:aakar.patel@gmail.com

# ଆଗେ ନିଜକୁ, ପରେ ଅନ୍ୟକୁ



## ଡ. ମନୋଜ କୁମାର ମହାନ୍ତି

ଚାଇନାର ବିଶିଷ୍ଟ ଦାର୍ଶନିକ ତଥା ନୈତିକ ପ୍ରଚାରକ କନ୍‌ଫୁସିଅସ ସଦାସର୍ବଦା ଗୋଟାଏ କଥା ନିଜ ଦେଶ ତଥା ବିଶ୍ୱର ସମସ୍ତ ଜନମାନସକୁ ମନେ ପକାଉଥିଲେ: ସ୍ୱପରିବର୍ତ୍ତନ ହିଁ ବିଶ୍ୱ ପରିବର୍ତ୍ତନ। ତାଙ୍କର ଏହି ନୈତିକ ବାଣୀ ସେ ବିଶେଷକରି ନିଜ ଦେଶର ଶାସକଗୋଷ୍ଠୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିବାକୁ ଚାହିଁଥିଲେ,କାରଣ ଶାସକଗୋଷ୍ଠୀଙ୍କ ଉପରେ ଦେଶର ଦାୟିତ୍ୱ ନିହିତ। ସମସ୍ତ ନୈତିକ ମୂଲ୍ୟବୋଧ ସହ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନାର ଗୁରୁଦାୟିତ୍ୱ ଶାସକ, ସମସ୍ତ ଉଚ୍ଚପଦସ୍ଥ ଓ ଅଧୀନସ୍ଥ କର୍ମଚାରୀଙ୍କ ଉପରେ ନ୍ୟସ୍ତ। କାରଣ ଦେଶର ପ୍ରଗତି ଓ ସୁରକ୍ଷାର ଦାୟିତ୍ୱ ସେମାନଙ୍କ ଉପରେ। ସେମାନେ ଯେଉଁଭଳି ଆଦର୍ଶରେ ନିଜକୁ ପରିଚାଳିତ କରିବେ, ଜନତା ସେଭଳି ପଥକୁ ଅନୁସରଣ କରିବେ। ଦେଶର ସ୍ଥିତି ମଧ୍ୟ ଅନୁରୂପ ହେବ। ଶାସକ ଯଦି ନୀତିଭ୍ରଷ୍ଟ ହୁଏ, ଦୁଶ୍ଚରିତ୍ରବାନ ସହ ଦୁର୍ନୀତିଖୋର ହୁଏ ତେବେ ତାହା ରାଜ୍ୟ ତଥା ପ୍ରଜାଙ୍କ ପାଇଁ ଅହିତକର ହୋଇଥାଏ। ବାସ୍ତବରେ କନ୍‌ଫୁସିଅସଙ୍କର ଏହି ବାଣୀ ସମଗ୍ର ମାନବଜାତି ପାଇଁ ଅତ୍ୟନ୍ତ ଆବଶ୍ୟକ। ଏହା ସାଧାରଣ ଭାବରେ ବୁଝାଯାଏ ଯଦି ଜଗତର ପରିବର୍ତ୍ତନ ଚାହୁଁଛନ୍ତି ତେବେ ନିଜର ପରିବର୍ତ୍ତନ ଜରୁରୀ। ଅର୍ଥାତ୍ ଅନ୍ୟକୁ ଖାଲି ଦୋଷ ଦେଲେ ଚଳିବ ନାହିଁ। ଅନ୍ୟକୁ ଦୋଷ ଦେବା ପୂର୍ବରୁ ନିଜର ଦୋଷାଦୋଷକୁ ସଂଶୋଧନ କରିବା ପ୍ରତ୍ୟେକ ମଣିଷର ପ୍ରାଥମିକ ଦାୟିତ୍ୱ। ଖାଲି କନ୍‌ଫୁସିଅସ ନୁହନ୍ତି ଭାରତର ଅନେକ ବିଶିଷ୍ଟ ଜନନାୟକ, ପ୍ରବାଦ ପୁରୁଷ ଓ ଆଧ୍ୟାତ୍ମିକ ଗୁରୁ ମଧ୍ୟ କହିବା ସହ ନିଜେ ପାଳନ କରିଛନ୍ତି। ରାମକୃଷ୍ଣ ପରମହଂସଙ୍କଠାରୁ ଜାତିର ପିତା ମହାତ୍ମା ଗାନ୍ଧୀ ପର୍ଯ୍ୟନ୍ତ ସେଇ ଏକା ପ୍ରକାରର ନୈତିକ ଚିନ୍ତାଧାରା ଉଭୟ ବାକ୍ୟ ଓ କର୍ମରେ ଦେଖିବାକୁ ମିଳିଛି।

ରାମକୃଷ୍ଣ ପରମହଂସ ଜଣେ ଶ୍ରେଷ୍ଠସାଧକ ଓ କାଳୀମା'ଙ୍କ ଉପାସକ ଭାବେ ପଶ୍ଚିମବଙ୍ଗରେ ବେଶ୍ ପରିଚିତ ଥିଲେ। ସେଥିପାଇଁ ଅନେକ ଲୋକ ତାଙ୍କ ପାଖକୁ ଆସି ଉପଦେଶ ନେଇ ନିଜ ଜୀବନ ତଥା କର୍ମରେ ପ୍ରୟୋଗ କରୁଥିଲେ। ଥରେ ଜଣେ ମା' ରାମକୃଷ୍ଣଙ୍କ ପାଖକୁ ଆସି କହିଲେ ବାବା; ଆପଣ ତ ଅନେକ ଲୋକଙ୍କୁ ଉପଦେଶ ମାଧ୍ୟମରେ ଉଚିତ ମାର୍ଗକୁ ଆଣୁଛନ୍ତି, ମୋ ପୁଅକୁ ଟିକେ ମାର୍ଗ ଦେଖାନ୍ତେନି! ସେ ବହୁ ମିଠାପ୍ରିୟ। ମିଠା ଖାଇବା କିଛି ଖରାପ କଥା ନୁହେଁ, କିନ୍ତୁ ଅତ୍ୟଧିକ ଖାଇବା ଦ୍ୱାରା କୁଣ୍ଡିଆ ଓ ଦଶିପୋକ ଭଳି ରୋଗଜୀବାଣୁ ଆକ୍ରମଣରେ ସେ ବାରମ୍ବାର ପୀଡିତ ହେଉଛି। ରାମକୃଷ୍ଣ ହସିଲେ ଏବଂ କହିଲେ, ଠିକ୍ ଅଛି ତୁମେ ଘରକୁ ଯାଇ ପୁଅକୁ ମୋ ପାଖକୁ ପଠେଇଦେବ। ପ୍ରତିଦିନ ପୁଅ ଆସେ ରାମକୃଷ୍ଣଙ୍କୁ ଦେଖାକରେ, ନମସ୍କାର କରି କିଛି କଥାଶୁଣି ପୁଣି ଘରକୁ ଫେରିଯାଏ। ଏମିତି ଗୋଟେ ସପ୍ତାହ ପର୍ଯ୍ୟନ୍ତ ପିଲାଟିର ଯିବାଆସିବା ଲାଗିରହିଲା। ରାମକୃଷ୍ଣଙ୍କ ସଂସ୍ପର୍ଶରେ ଆସି ପିଲାଟିର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଲା। କିନ୍ତୁ ଯେଉଁ ସମସ୍ୟାର ସମାଧାନ ପାଇଁ ପୁଅକୁ ରାମକୃଷ୍ଣଙ୍କ ପାଖକୁ ପଠାଯାଇଥିଲା ସେଥିରେ କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ କି ସେ ସମସ୍ୟାର ସମାଧାନ ହେଲାନାହିଁ। ସାତଦିନ ମଧ୍ୟରେ ମିଠା ପ୍ରତି ପିଲାଟିର କୌଣସି ପ୍ରକାରର ଅନାଗ୍ରହ ଦେଖିବାକୁ ମିଳିଲା ନାହିଁ। ମା' ପୁନଶ୍ଚ ରାମକୃଷ୍ଣଙ୍କ ନିକଟକୁ ଗଲେ। ହାତଯୋଡି ପଚାରିଲେ, ବିଗତ ଏକ ସପ୍ତାହ ହୋଇଗଲାଣି କିନ୍ତୁ ପୁଅର ମିଠା ପ୍ରତି ଅନାଗ୍ରହ ମୁଁ କାହିଁ ଦେଖିପାରୁନାହିଁ, ଆପଣ କାହିଁକି ତାକୁ ମିଠା ଖାଇବା ପାଇଁ ବାରଣ କରୁନାହାନ୍ତି। ରାମକୃଷ୍ଣ ହସିଲେ ଏବଂ ପ୍ରତ୍ୟୁତ୍ତର ଦେଲେ; ମୁଁ ନିଜେ ଏ ପର୍ଯ୍ୟନ୍ତ ମିଠା ପ୍ରତି କୌଣସି ଅନାସକ୍ତ ଭାବ ମନରେ ଆଣି ପାରିନାହିଁ। ଯେ ପର୍ଯ୍ୟନ୍ତ ମୁଁ ଏହାକୁ ସମ୍ପୂର୍ଣ୍ଣ ତ୍ୟାଗ ନ କରିଛି ସେ ପର୍ଯ୍ୟନ୍ତ ଅନ୍ୟକୁ ଉପଦେଶ ଦେବା ହାସ୍ୟାସ୍ପଦ। ଅନ୍ୟକୁ ନୀତିବାଣୀ ଓ ଉପଦେଶ ଦେବା ପୂର୍ବରୁ ମୁଁ ତାହା କେତେମାତ୍ରାରେ ମୋ ନିଜ ଜୀବନରେ ଓ କର୍ମକ୍ଷେତ୍ରରେ ପ୍ରୟୋଗ କରିଛି ତାହା ହିଁ ପ୍ରମୁଖ ସମସ୍ୟା।

ଏ ସମାଜରେ ଉପଦେଶ ଦେବା ଲୋକ ଅନେକ, କିନ୍ତୁ ସେମାନେ ସେମାନଙ୍କ ଜୀବନରେ କେତେମାତ୍ରାରେ ସେଇ ଉପଦେଶକୁ ବ୍ରତଭାବେ ପାଳନ କରନ୍ତି ତାହା ହିଁ ବାସ୍ତବିକତା। ଶିକ୍ଷାରୁ ସ୍ୱାସ୍ଥ୍ୟ, ପୁଣି କୃଷିରୁ ଶିଳ୍ପଯାଏ ଆମେ କର୍ତ୍ତବ୍ୟକୁ କେତେ ସଚେତନର ସହ ପାଳନ କରୁଛେ ତାହା ହିଁ ନୈତିକତାର ଆଧାରବିନ୍ଦୁ। ଉପଦେଶ ଏଠି ଶସ୍ତାରେ ମିଳେ ବୋଲି ସମସ୍ତେ ଜାଣନ୍ତି କିନ୍ତୁ ସେହି ଆଦର୍ଶକୁ ଅନୁସରଣ କରିବା କେତେଜଣଙ୍କର ନୈତିକ ଦାୟିତ୍ୱ ତାହା ଆଜିର ଦିନରେ ଆଲୋଚନାର ବିଷୟ। ଅନ୍ୟର ଦୋଷ ବାଛିବା, ତାକୁ ସମାଲୋଚନା, ଆକ୍ଷେପ ଓ ଅଭିଯୋଗ କରି ପୁନଶ୍ଚ ନିଜକୁ ଉକ୍ତ ମାର୍ଗରେ ପରିଚାଳନା କରିବା ସମାଜ ପାଇଁ କେତେ ଗ୍ରହଣୀୟ ? ଚାଲୁଣିର ବିନ୍ଧ ଗଣିବା ପୂର୍ବରୁ ଛୁଞ୍ଚି ନିଶ୍ଚିତଭାବେ ନିଜର ଅକ୍ଷମତାକୁ ଅନୁଭବ କରିବା ଦରକାର। ଗାନ୍ଧିଜୀ ନିଜକୁ ସମୟାନୁବର୍ତ୍ତିତା କରିବା ପାଇଁ ଅଣ୍ଟାରେ ଘଡି ଝୁଲେଇ ଯାତାୟାତ କରୁଥିଲେ। ସାବରମତୀ ଆଶ୍ରମରେ ନିୟମ ଅନୁସାରେ ସନ୍ଧ୍ୟା ୬ଘଟିକା ସୁଦ୍ଧା ଯିଏ ଯେଉଁଠି ଥିବ ଆସି ନିର୍ଦ୍ଧାରିତ ସମୟରେ ପହଞ୍ଚିବାକୁ ପ୍ରଚେଷ୍ଟା କରିବ। ଯଦି ପହଞ୍ଚିବାରେ କିଞ୍ଚିତ ବିଳମ୍ବ ହୁଏ ତେବେ ଫାଟକ ବାହାରେ ତାଙ୍କୁ ରହିବାକୁ ପଡ଼ିବ। ଏହାକୁ ସମ୍ପୂର୍ଣ୍ଣଭାବେ ପାଳନ କରିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ସଚେତନ କରାଗଲା। ଏହା ମଧ୍ୟ ପାଳନ ହେଲା। ଦିନେ ଗାନ୍ଧୀ ତାଙ୍କର କୌଣସି କାମରେ ବାହାରକୁ ଯାଇ ଫେରିବାରେ କିଛି ସମୟ ବିଳମ୍ବରେ ଫାଟକ ପାଖରେ ପହଞ୍ଚି ଦେଖିଲେ ଯେ ନିର୍ଦ୍ଧାରିତ ସମୟ ଅନୁସାରେ ଫାଟକରେ ଚାବି ପଡ଼ିଛି। ଏହା ଦେଖି ସେ ଅତ୍ୟନ୍ତ ଖୁସି ଅନୁଭବ କଲେ ଏବଂ କାହାକୁ କିଛି ନ କହି ଫାଟକ ବାହାରେ ସେ ସାରାରାତି ବିନା ଦ୍ୱିଧାରେ କଟାଇଥିଲେ।



କିନ୍ତୁ କାହିଁକି କେଜାଣି ଭାରତର ସାଧାରଣ ଜନତାଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପ ଏହାର ସମ୍ପୂର୍ଣ୍ଣ ବିପରୀତ। ଏଠି ସତ୍ୟ ପଥେ, ଧର୍ମ ପଥେ, ନ୍ୟାୟ ପଥରେ ପଥିକ ହେବା ପାଇଁ ପ୍ରତିଦିନ ପ୍ରାର୍ଥନା ଆବୃତ୍ତି କରୁଥିବା ଲୋକମାନେ ମିଛ, ଅଧର୍ମ ଓ ଅନ୍ୟାୟକୁ ନିଜର ହାତବାରିଶ କରି ସାରିଛନ୍ତି। ଶେଷରେ ଆସି ଲମ୍ବାଧାଡ଼ି ମଝିରେ ଧସେଇ ପଶି କାମ ହାସଲ କରିବା ଆମର ଜନ୍ମଗତ ଅଧିକାର ଭାବନ୍ତି। ସବୁବେଳେ ଅଳ୍ପ ବିନିଯୋଗରେ ଅଧିକ ଲାଭରେ ଲାଗିଥାନ୍ତି। ପଡ଼ୋଶୀକୁ ବଳକା ରନ୍ଧାଖାଦ୍ୟ ଦେଇ ଯେମିତି ନିଜର ବଡ଼ପଣିଆକୁ ଦେଖାନ୍ତି। ମନ୍ଦିର ପ୍ରବେଶ ଦ୍ୱାରରେ ବସିଥିବା ଭିକାରୀଙ୍କୁ ଟଙ୍କେ ଦି' ଟଙ୍କା ଦେଇ ନିଜକୁ ଦାନୀ ବୋଲି ମନେକରିବା, ନିଜ ପିନ୍ଧାଲୁଗା ଫାଟି ଚିରି ପୁରୁଣା ହେଲା ପରେ ନିଜ ଘରଅଳିଆ ମୁକ୍ତ କରିବା ପାଇଁ କାହାକୁ ଦେବା କେଉଁ ମାନବିକତାର ପରିଚୟ। ଯଦି ଦେବାର ଅଛି ଖଣ୍ଡେ ନୂଆବସ୍ତ୍ର ଦାନ କରାଯାଉ। ଏଠି ଶହେରୁ ଅନେଶତ ଲୋକ ଅନ୍ୟ ଉପରେ ପ୍ରତିକ୍ଷେତ୍ରରେ ଦୋଷ ଲଦିବାରେ ବ୍ୟସ୍ତ।

ସ୍ୱଚ୍ଛ ଭାରତ ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା ଦେଶର କୋଣଅନୁକୋଣରୁ ଅଳିଆ ଆବର୍ଜନାମୁକ୍ତ ରଖିବା। ରାସ୍ତାଘାଟ, ନଦୀନାଳ, ଚିକିତ୍ସାଳୟ, ରେଳଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦିକୁ ସଫାସୁତୁରା ରଖିବାର ଦାୟିତ୍ୱ ଆମ ସମସ୍ତଙ୍କର। ରାସ୍ତାର ଦୁଇପାର୍ଶ୍ୱରେ ମଳମୂତ୍ର ତ୍ୟାଗ, ସରକାରୀ କାର୍ଯ୍ୟାଳୟର କାନ୍ଥବାଡ଼ରେ ପାନ ଗୁଟ୍‌ଖା ଛେପ, ଶୌଚାଳୟରେ ମଳମୂତ୍ର ତ୍ୟାଗକରି ତାକୁ ଅପରିଷ୍କାର ଅସ୍ୱଚ୍ଛ ଛାଡ଼ିଦେଇଯିବା ଏହା ମଣିଷର ନା ପଶୁର କାମ? ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଚପରାସିଠାରୁ କିରାଣି ଓ ଅନ୍ୟାନ୍ୟ ଅଧିକାରୀବୃନ୍ଦ ବିନା ହାତଗୁଞ୍ଜାରେ ଫାଇଲ ଏ ଟେବୁଲରୁ ଆର ଟେବୁଲକୁ ଆଗଉ ନାହାନ୍ତି। ସେମାନଙ୍କୁ ସହଯୋଗ କରୁଛେ ଆମେ। ଦୁର୍ନୀତିକୁ ରୋକିବ କିଏ ବରଂ ତାହା ବଢ଼ିବଢ଼ି ଚାଲିଛି। ଆମେ ସମସ୍ତେ ସୁବିଧା ଗଳିରାସ୍ତା ଖୋଜୁଛେ। କଳେବଳେ କୌଶଳେ ଖସିଗଲେ ହେଲା। ଆମ କାମ ହେଇଗଲେ ହେଲା। ପୁଣି ସେଇ ଗଳାବାଟରେ ପଥିକ ହେବା ପାଇଁ ଅନ୍ୟକୁ ଉପଦେଶ ଦିଅନ୍ତି। କେବେ କାହାକୁ ସୁବୁଦ୍ଧି ଦେବା ପୂର୍ବରୁ ନିଜ ଭିତରେ ଥିବା କୁବୁଦ୍ଧିକୁ ତ୍ୟାଗ କରାଯାଉ। ନିଜ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଇବାକୁ କେହି ଇଚ୍ଛାକରୁନି, କାରଣ ବନ୍ଧୁକର ବୋଝ କିଏ ସହିବ? ନିଜକୁ ଦୋଷମୁକ୍ତ କରିବା ଆଳରେ ଆଳସ୍ୟ, ଅନ୍ୟାୟ ଓ ଅନୀତିକୁ ପ୍ରଶ୍ରୟ ଦେଉନାହାନ୍ତି ତ?

ଅଧ୍ୟାପକ, ବିଏନ୍‌ଏମ୍‌ଏ ମହାବିଦ୍ୟାଳୟ, ଭଦ୍ରକ
ମୋ: ୮୮୯୫୩୪୧୦୩୩

# ଶୃଙ୍ଖଳାର ଅଭାବ



## ଗାୟତ୍ରୀ ସିଂହ

କୁହାଯାଏ ମହାପ୍ରଭୁଙ୍କ ଡୋରି ନ ଲାଗିଲେ ତାଙ୍କୁ ଦର୍ଶନ କରି ହୁଏ ନାହିଁ। ସେ ଭାବରେ ସେ ଭକ୍ତିରେ ସେ ସମର୍ପଣରେ ମିଳନ୍ତି। ଯିଏ ଯେପରି ଭାବରେ ତାଙ୍କୁ ପୂଜେ ସେ ସେପରି ଭାବେ ପାଇଥାଏ। ଯାହାର ମନ ଯେଡ଼େ ତାହାର ପ୍ରଭୁ ସେଡ଼େ। ଚାରିଧାମ ମଧ୍ୟରେ ଶ୍ରେଷ୍ଠ ହେଉଛି ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମ। ସବୁବେଳେ ସବୁ ସମୟରେ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିଥାଏ ପୁରୀରେ। କାଳିଆର ଟିକେ ଦର୍ଶନ ପାଇବା ପାଇଁ ଭକ୍ତ ଟିଏ ବ୍ୟାକୁଳ ହୋଇଥାଏ। ବିଶ୍ୱର କୋଣ ଅନୁକୋଣରୁ ଭକ୍ତଙ୍କ ସୁଅ ଛୁଟିଥାଏ। ଲୟ କେବଳ ଜଗା ଦର୍ଶନ। କୋଶ କୋଶ ଦୂରରୁ ବ୍ୟୟ ବହୁଳ ଯାତ୍ରା କରି, ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ଯଦି ଭଲରେ ଜଗାର ଦର୍ଶନ ଟିକେ ନ ମିଳେ ତାହେଲେ ଭକ୍ତଟିଏ ନିଜେ ନିଜକୁ ଧିକ୍କାରି ଥାଏ। ତା' ଭକ୍ତିରେ ବୋଧେ କେଉଁଠି ତ୍ରୁଟି ରହିଗଲା। କେଉଁଠି ନା କେଉଁଠି କିଛି ଊଣା ହୋଇଗଲା ବୋଲି ମନେକରେ।

ସୁବ୍ୟବସ୍ଥିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ବାରମ୍ବାର ପଦକ୍ଷେପ ନିଆଯାଉଛି। କିନ୍ତୁ ଦୃଶ୍ୟମାନ ହୁଏ ଯଥା ପୂର୍ବ ତଥା ପରମ୍। ସେହି ସମାନ ଦୃଶ୍ୟ, ଠେଲା ପେଲା। ଭିଡ଼ ଅନିୟନ୍ତ୍ରଣ। ବଡ଼ଦାଣ୍ଡରୁ ବ୍ୟାରିକେଡ଼ ଲମ୍ବିଛି ମନ୍ଦିର ପର୍ଯ୍ୟନ୍ତ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ବି ମୁତୟନ। ତା' ସତ୍ତ୍ୱେ ଲୋକଙ୍କ ମଧ୍ୟରେ ଶୃଙ୍ଖଳାର ଅଭାବ ହେଉ କି ସଚେତନତାର ଅଭାବ ହେଉ ଜଗାକୁ ଦର୍ଶନ କରିବା ଲକ୍ଷ୍ୟ ନେଇ ଠେଲା ଠେଲି କରି ପ୍ରଥମେ ଦର୍ଶନ କରିବାର ମାନସିକତା ନେଇ ମାଡ଼ି ଯାଉଛନ୍ତି। ମନ୍ଦିର ଭିତରେ ଯେତିକି ଭକ୍ତ ସୁରୁଖୁରୁରେ ଦର୍ଶନ କରିବାର କ୍ଷମତା ରହିଛି ସେତିକି ଭକ୍ତଙ୍କୁ ଯଦି ଭିତରକୁ ଛଡ଼ା ଯାଆନ୍ତା ତା'ହେଲେ ଏତେ ବିଶୃଙ୍ଖଳା ହୁଅନ୍ତା ନାହିଁ। ସମସ୍ତେ ଶାନ୍ତିରେ ଭକ୍ତିଭାବରେ ଶୃଙ୍ଖଳିତ ଦର୍ଶନ କରିପାରନ୍ତେ। ଏକା ଥରରେ ଅନେକ ଭକ୍ତଙ୍କୁ ଭିତରକୁ ଛାଡ଼ିଦେବା ଫଳରେ ପ୍ରତ୍ୟେକ ଦିନ କିଛି ନା କିଛି ଅଘଟଣ ଘଟି ଚାଲିଛି। ପୋଲିସ କେବଳ ନୀରବଦ୍ରଷ୍ଟା। ପୋଲିସ ଭିଡ଼ ନିୟନ୍ତ୍ରଣ କରି କରି ଯେମିତି ଥକି ଗଲେଣି। ଏସବୁ ଦୃଶ୍ୟ ତାଙ୍କ ପାଇଁ ନିତିଦିନିଆ ଘଟଣା ହୋଇଗଲାଣି।

ବୟସ ହେଲା ପରେ ସବୁ ମଣିଷର ଅଭିଳାଷ ଥାଏ ଶ୍ରୀକ୍ଷେତ୍ର ଯିବି ବଡ଼ଦାଣ୍ଡ ଧୂଳି ଟିକେ ନେଇ ମୁଣ୍ଡରେ ମାରି ହେବି, ବାଇଶି ପାହାଚରେ ଗଡ଼ିବି, ଜଗତର ନାଥ ଜଗନ୍ନାଥଙ୍କୁ ଦର୍ଶନ କରିବି। ହେଲେ ଏସବୁ ଏବେ ସ୍ୱପ୍ନ। ଆଉ ବୟସ୍କଙ୍କୁ ମନ୍ଦିରରେ ବିଶେଷ ଦେଖିବାକୁ ମିଳୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରଥମତଃ ପ୍ରଶାସନ ତରଫରୁ ଯେଉଁ ନୀତି ନିୟମ ହୋଇଛି ସେଥିରେ ବୟସ୍କଙ୍କ ଦର୍ଶନ ପାଇଁ କୌଣସି ସୁବ୍ୟବସ୍ଥା ନାହିଁ।



ବ୍ୟାରିକେଡ଼୍‌ରେ ଘଣ୍ଟା ଘଣ୍ଟା ଠିଆ ହୋଇ ଅପେକ୍ଷା କରିବା ପାଇଁ ତାଙ୍କ ପାଖରେ ଆଉ ବଳ ବୟସ ନାହିଁ। ତା'ପରେ ମନ୍ଦିର ଭିତରେ ଯେଉଁ ଠେଲା ପେଲା ପରିବାର ଲୋକେ ବୟସ୍କ ଗୁରୁଜନମାନଙ୍କୁ ଆଉ ଆଣିବାକୁ ଉଚିତ ମନେକରୁ ନାହାନ୍ତି। ଭିଡ଼ ଭିତରେ ନିଜେ ନିଜକୁ ସମ୍ଭାଳିବା କଷ୍ଟକର ହୋଇପଡ଼େ। ବୟସ୍କ ଲୋକ ତ ଅଣନିଃଶ୍ୱାସି ହୋଇ ଖସି ପଡ଼ିବେ। ଠାକୁରଙ୍କୁ ମୁଣ୍ଡିଆ ମାରିବା ଦୂରେ ଥାଉ ହାତଯୋଡ଼ି ନମସ୍କାରଟିଏ ମଧ୍ୟ ମନ୍ଦିର ଭିତରେ କରି ହୁଏନି। ବାହାରେ ଆସି ଭକ୍ତଟିଏ ଶ୍ରୀମନ୍ଦିରକୁ ଚାହିଁ ହାତ ଟେକି ଦିଏ। ଅନେକ ଭକ୍ତ ଭିଡ଼ ଦେଖି ବଡ଼ଦାଣ୍ଡରେ ଠିଆ ହୋଇ ଜୟ ଜଗନ୍ନାଥ କହି ହାତ ଟେକି ଦିଅନ୍ତି। ଏମିତି କେତେଦିନ ଚାଲିଥିବ ? ଏହାର କ'ଣ କିଛି ପ୍ରତିକାର ନାହିଁ ? ମହାବାହୁଙ୍କୁ ଆଖି ପୂରେଇ ମନଭରି ଦର୍ଶନ କରିବାର ଆଶା ବିଶ୍ୱାସ ଭରସା ଓ ଭକ୍ତିଭାବର ସ୍ୱଚ୍ଛ ମନଟିଏ ନେଇ ଭକ୍ତର ଯେଉଁ ଆଗମନ ହୋଇଥାଏ ଶ୍ରୀକ୍ଷେତ୍ରରୁ ଫେରିଲା ବେଳେ କ'ଣ ସେପରି ମଧୁର ଅନୁଭୂତିଟିଏ ନେଇ ଭକ୍ତଟିଏ ଫେରିପାରିବ ନାହିଁ।

ପ୍ରାୟ ପ୍ରତ୍ୟେକ ଦିନ ଗଣମାଧ୍ୟମରେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା ହେଉଛି। ବାରମ୍ବାର ଭକ୍ତର ଅଭିଯୋଗ ଆସୁଛି, ହେଲେ କୌଣସି ପ୍ରତିକାର ନାହିଁ କି ପରିବର୍ତ୍ତନ ନାହିଁ। କୋଟି କୋଟି ଭକ୍ତଙ୍କ ଭକ୍ତି ଭାବନା ସହିତ କାହିଁକି ଏ ଅବହେଳା ଏ ଅଣଦେଖା। ଦିନକୁ ଦିନ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଅଣାଯାଇଛି ବୋଲି କୁହାଯାଉଛି। ହେଲେ ସେଇ ସମାନ ଘଟଣା। ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଏବଂ ମନ୍ଦିର ଭିତରେ ବ୍ୟାରିକେଡ୍‌ରେ ଭକ୍ତମାନେ ଶୃଙ୍ଖଳିତ ଭାବରେ ଧାଡ଼ିରେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପାଇଁ ଅପେକ୍ଷା କରୁଛନ୍ତି। ଯେତେବେଳେ ଭକ୍ତମାନେ ପାହାଚ ଦେଇ ଭିତରେ ପ୍ରବେଶ କରୁଛନ୍ତି ନାଟମଣ୍ଡପ ଓ ଜଗମୋହନରେ କୌଣସି ବ୍ୟାରିକେଡ୍ ବ୍ୟବସ୍ଥା ନ ଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସମ୍ଭବ ଠେଲା ପେଲା ଧସ୍ତା ଧସ୍ତି ଆରମ୍ଭ ହୋଇଯାଉଛି। ଦର୍ଶନରେ ବିଳମ୍ବ ହେଲେ ବି ଶାନ୍ତି ଶୃଙ୍ଖଳାର ସହିତ ଦର୍ଶନ ଯଦି ସମ୍ଭବ ହୁଅନ୍ତା ତେବେ ଭକ୍ତଟିଏ ତିକ୍ତ ଅନୁଭୂତି ନେଇ ଫେରନ୍ତା ନାହିଁ। ଶ୍ରୀମନ୍ଦିର ନୂତନ ପରିଚାଳନା କମିଟି ଗଠନ ପରେ ନାଟ ମଣ୍ଡପରେ ଧାଡ଼ି ଦର୍ଶନ ବ୍ୟବସ୍ଥାକୁ ବିଚାରକୁ ନିଆଯାଇଛି। ମହାପ୍ରଭୁଙ୍କର ଏତିକି ସୁଦୟା ହେଉ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ସଫଳ ହେଉ। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏଇ ଭାବ ସବୁବେଳେ ରହିଥାଉ। ପ୍ରଶାସନ, ପୋଲିସ ଓ ଲକ୍ଷ ଲକ୍ଷ ଭକ୍ତ ସମସ୍ତେ ସଚେତନ ହୁଅନ୍ତୁ। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତଙ୍କର ସମାନ ଭୂମିକା ରହିଛି। ସମସ୍ତେ ସମସ୍ତଙ୍କୁ ସହଯୋଗ କରନ୍ତୁ। ପ୍ରଭୁ ଶ୍ରୀ ଜଗନ୍ନାଥ ଆମର, ଜଗନ୍ନାଥ ସଂସ୍କୃତି ଆମର। ଆମର ଗର୍ବ ଆଉ ଗୌରବ ଯେ ଆମେ ଶ୍ରୀଜଗନ୍ନାଥ ମାଟିର। ଏ ମାଟିର ମହକ ମଧୁର ଅନୁଭୂତି ଦେଶ ବିଦେଶକୁ ଛୁଟି ପୁରୁଷୋତ୍ତମ କ୍ଷେତ୍ରର ଐତିହ ବୃଦ୍ଧି ହେଉଥାଉ।

ଆଠମଲ୍ଲିକ, ଅନୁଗୋଳ
ମୋ: ୭୬୦୬୯୫୭୪୪୫

## ଏଇ ଭାରତରେ

ସମ୍ମିଳିତ ଭାବେ କାମ କଲେ ସଫଳତା ଶୀଘ୍ର ଆସେ, ଯାହାର ପ୍ରମାଣ ମିଳିଛି ତାମିଲନାଡୁରୁ। ଏହି ରାଜ୍ୟର ଏଲାଥୁର ହ୍ରଦ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନୂଆ ଜୀବନ ପାଇଛି। ଏରୋଡର ନାମ୍ବିୟୁର ତହସିଲର ଏଲାଥୁର ଟାଉନ ପଞ୍ଚାୟତରେ ଥିବା ଏହି ହ୍ରଦର ପୁନରୁଦ୍ଧାର ହେବା ପରେ ଏବେ ତାହା ୧୮୭ ପ୍ରଜାତିର ଚଢ଼େଇଙ୍କର ସୁରକ୍ଷିତ ସ୍ଥାନ ପାଲଟି ଯାଇଛି। ଏଥିରେ ଅନେକ ବିଦେଶୀ ପକ୍ଷୀ ବି ଅଛନ୍ତି। ତାମିଲନାଡୁ ସରକାର ଏହି ହ୍ରଦକୁ ରାଜ୍ୟର ତୃତୀୟ ଜୈବବିବିଧତା ଅଞ୍ଚଳର ମାନ୍ୟତା ଦେଇଛନ୍ତି। ଏକଦା ୩୭.୪୨ ହେକ୍ଟର ପରିମିତ ଏହି ହ୍ରଦର ଜଳସ୍ତର କମିଯିବା ସହ ପରିବେଶ ପକ୍ଷୀଙ୍କ ପାଇଁ ଅନୁପଯୋଗୀ ଥିଲା। ଏହାକୁ ଜବରଦଖଲ କରାଯିବା ସହ ଶିଳ୍ପର ବର୍ଜ୍ୟ ଯୋଗୁ ଏହାର ପାଣି ପ୍ରଦୂଷିତ ହୋଇଯାଇଥିଲା। ଏବେ ହ୍ରଦକୁ ପକ୍ଷୀଙ୍କ ଆଗମନ ପରେ ସ୍ଥାନୀୟ ଲୋକେ ଓ ପଞ୍ଚାୟତ ସଦସ୍ୟଙ୍କୁ ନେଇ ଜୈବବିବିଧତା ପରିଚାଳନା କମିଟି ଗଠନ କରାଯାଇଛି। ପକ୍ଷୀଙ୍କ ସୁରକ୍ଷା, ହ୍ରଦର ରକ୍ଷଣାବେକ୍ଷଣ ବିଷୟରେ ଏହା ଧ୍ୟାନ ଦେଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୧ ସେପ୍ଟେମ୍ବର ୧୯୭୬

- ଚିଲିର ସ୍ୱାଧୀନତା ଦିବସ ପାଳନ କରୁଥିବା ଦଳେ ଲୋକଙ୍କ ଉପରେ ଏକ ଲରୀ ମାଡ଼ିଯିବା ଫଳରେ ୨୩ ଜଣ ଲୋକ ନିହତ।
- ସ୍ୱୀଡେନର ସାମ୍ପ୍ରତିକ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ଓଲଫ ପାମେ ତାଙ୍କ ଦଳ ସୋସିଆଲ ଡେମୋକ୍ରାଟ୍ ପାର୍ଟିର ପରାଜୟ ସ୍ୱୀକାର କରିଛନ୍ତି।
- ତୁର୍କୀ ଏୟାରଲାଇନ୍‌ସର ବୋଇଙ୍ଗ୍ ୭୨୭ ବିମାନଟି ଗୋଟିଏ ପର୍ବତ ଚୁଡ଼ାରେ ଧକ୍କା ଖାଇବା ଫଳରେ ବିମାନଯାତ୍ରୀଙ୍କ ମଧ୍ୟରୁ ୧୫ଜଣଙ୍କ ମୃତ୍ୟୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | | | 1 | |
| | 7 | | 4 | | | | | |
| 3 | 1 | | | | 5 | 9 | | 6 |
| 6 | | 4 | | | | 2 | | 5 |
| 5 | | | | | | 6 | | |
| | 3 | | | | | | | |
| 1 | | | | | 3 | | | 2 |
| | | | | 9 | 2 | | | |
| | 5 | | | | 4 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 3 | 5 | 9 | 2 | 6 | 1 | 8 |
| 6 | 8 | 2 | 7 | 4 | 1 | 3 | 5 | 9 |
| 9 | 1 | 5 | 3 | 6 | 8 | 4 | 2 | 7 |
| 5 | 6 | 9 | 1 | 7 | 4 | 8 | 3 | 2 |
| 3 | 7 | 4 | 8 | 2 | 6 | 5 | 9 | 1 |
| 1 | 2 | 8 | 9 | 5 | 3 | 7 | 6 | 4 |
| 4 | 9 | 7 | 6 | 1 | 5 | 2 | 8 | 3 |
| 8 | 5 | 1 | 2 | 3 | 7 | 9 | 4 | 6 |
| 2 | 3 | 6 | 4 | 8 | 9 | 1 | 7 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆତ୍ମହତ୍ୟା ରୋକିବା ସମସ୍ତଙ୍କ ଦାୟିତ୍ୱ

ମହାଶୟ,

୨୦୨୫ରେ ଓଡ଼ିଶାରେ ଆତ୍ମହତ୍ୟା ପରିସ୍ଥିତି ବଢୁଥିବା ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟାକୁ ସ୍ପଷ୍ଟ କରୁଛି, ଯାହା ବହୁମୁଖୀ ହସ୍ତକ୍ଷେପ ଏବଂ ଜନସଚେତନତାର ବୃଦ୍ଧିପାଇଁ ଦାବି କରୁଛି। ସମାଜରୁ ଆତ୍ମହତ୍ୟାକୁ ଆମେ କିପରି ରୋକିପାରିବା ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ପ୍ରଥମେ ଆମକୁ ଲୋକଙ୍କ ମନରେ ଆତ୍ମହତ୍ୟା ଏବଂ ମାନସିକ ସ୍ୱାସ୍ଥ୍ୟ ପ୍ରତି ଥିବା ଭାବନାକୁ ଦୂର କରିବାକୁ ପଡ଼ିବ। କିପରି ଆମେ ସଚେତନତା ସୃଷ୍ଟି କରିବା, ଦୃଢ଼ ସାମାଜିକ ସମର୍ଥନ– ବନ୍ଧୁ, ପରିବାର ଏବଂ ପରାମର୍ଶଦାତାଙ୍କ ସହିତ ସହାୟକ ଦୃଢ଼ ସମ୍ପର୍କ ଆତ୍ମହତ୍ୟା ଚିନ୍ତାଧାରା ଅନୁଭବ କରିବାର ସମ୍ଭାବନା କମ୍ କରିଥାଏ। ସେହିଭଳି ସ୍ଥିରତା ଏବଂ ମୁକାବିଲା କରିବାର ଦକ୍ଷତା, ସମସ୍ୟା ସମାଧାନ କରିବାର ଦକ୍ଷତା, ଚାପ ପରିଚାଳନା କୌଶଳ ଇତ୍ୟାଦି ଆମକୁ ଆତ୍ମହତ୍ୟା ରୋକିବାରେ ସହାୟକ ହୁଏ। ପ୍ରାରମ୍ଭିକ ଚିହ୍ନଟ ଏବଂ ହସ୍ତକ୍ଷେପ ଦ୍ୱାରା ଆମେ ଆତ୍ମହତ୍ୟାକୁ ରୋକିବାରେ ସମର୍ଥ ହେବା। ମାନସିକ ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଉଚିତ। ଆତ୍ମହତ୍ୟା ଚିନ୍ତା କରୁଥିବା ବ୍ୟକ୍ତିମାନେ ପ୍ରକୃତରେ ମୃତ୍ୟୁକୁ ଇଚ୍ଛା କରୁ ନ ଥାନ୍ତି। ସେମାନେ ନିଜ ମନର ଯନ୍ତ୍ରଣାରୁ ମୁକ୍ତି ଚାହାନ୍ତି, ବରଂ ମନର ଶାନ୍ତି ଓ ସମର୍ଥନ ଚାହାନ୍ତି। ଉପଯୁକ୍ତ ସହାୟତା ମିଳିଲେ ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିପାରେ। ଆତ୍ମହତ୍ୟା ରୋକିବା ହେଉଛି ସମସ୍ତଙ୍କର ଦାୟିତ୍ୱ। ଆତ୍ମହତ୍ୟା ସହିତ ଜଡ଼ିତ ବିପଦ କାରଣ, ଚେତାବନୀ ସଙ୍କେତ ଓ ସୁରକ୍ଷା କାରଣକୁ ବୁଝି, ଆମେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସହାୟତା କରି ସଶକ୍ତ କରିପାରିବା। ଯଦି ଆପଣ ଆତ୍ମହତ୍ୟାର ଚେତାବନୀ ସଙ୍କେତ ଲକ୍ଷ୍ୟ କରନ୍ତି, ତେବେ ସାହାଯ୍ୟ ପାଇଁ ହାତ ବଢ଼ାଇବାକୁ ସଂକୋଚ କରନ୍ତୁ ନାହିଁ। ଏହା କରିବା କଷ୍ଟକର ହୋଇପାରେ, କିନ୍ତୁ ଏହା ଏକ ଜୀବନ ରକ୍ଷା କରିପାରିବ।

**– ସୁଶ୍ରୀ ସମ୍ୟକ୍‌ଦର୍ଶିନୀ ନନ୍ଦ, ମନସ୍ତତ୍ତ୍ୱବିତ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ନବରଙ୍ଗପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ଚାହାଣି ଲାଗି
ଧରାର ଯୌବନ ରହେ ଯୁଗେ ଯୁଗେ
କେତେ ନିଶି ଜାଗି
ସେ ଚାହାଣି ଲାଗି
ବ୍ରହ୍ମଚାରୀ ଯୋଗେଶ୍ୱର ଯୋଗନିଦ୍ରା ଯାଏ କେତେ ଭାଙ୍ଗି
ସେ ଚାହାଣି ଯଉବନେ ଜଗାଏ ପ୍ରଳୟ
ମରୁପଥେ ବୁହାଏ ମଳୟ ।

–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ




# ବନ୍ଦ ଥିବା ୭୦ ମଦ ଦୋକାନ ଖୋଲିବ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ୭୦ଟି ମଦ ଦୋକାନ ବନ୍ଦ ରହିଥିଲା। ଏହାକୁ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ବାଲେଶ୍ୱରରେ ସର୍ବାଧିକ ୧୭ ମଦ ଦୋକାନ ବନ୍ଦ ରହିଥିବା ଜଣାପଡ଼ିଛି। ସେହିପରି ଗଞ୍ଜାମରେ ୧୦, ବଲାଙ୍ଗୀର ୨, ବ୍ରହ୍ମପୁର ୪, କଟକ ୭, କନ୍ଧମାଳ ୩, କେନ୍ଦୁଝର ୩, ମାଲକାନଗିରି ୧, ମୟୂରଭଞ୍ଜ ୮, ନୟାଗଡ଼ ୯, ରାଉରକେଲା ୫ ଏବଂ ସମ୍ବଲପୁରର ଗୋଟିଏ ମଦ ଦୋକାନ ବନ୍ଦ ରହିଛି। ଏସବୁକୁ ଖୋଲିବା ପାଇଁ ଅବକାରୀ ବିଭାଗ ଅନୁମତି ପ୍ରଦାନ କରିଥିବା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗୃହରେ ସୂଚନା ଦେଇଛନ୍ତି।

**୫ ନୂଆ ମଦ ଦୋକାନ, ୩ ମଦ କାରଖାନା ଖୋଲିବାକୁ ପ୍ରସ୍ତାବ ରହିଛି**

**କଟକରେ ୧, ଢେଙ୍କାନାଳରେ ଖୋଲିବ ୨ ମଦ କାରଖାନା**

ଭାଜପା ସଦସ୍ୟ ଅଖିଳ ଚନ୍ଦ୍ର ନାଏକ ଶନିବାର ବିଧାନସଭାରେ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ ଏହି ଉତ୍ତର ରଖିବା ସହ ଆହୁରି କହିଛନ୍ତି, ଏହାବାଦ୍ ରାଜ୍ୟରେ ଆଉ ୪ଟି ନୂଆ ଠିକେଖୋଲା ମଦ ଦୋକାନ ଓ ୩ଟି ମଦ କାରଖାନା ଖୋଲିବା ପାଇଁ ବିଭାଗ ପାଖରେ ପ୍ରସ୍ତାବ ଅଛି। ଖୋଲିବାକୁ ଥିବା ୩ଟି ମଦ କାରଖାନା ମଧ୍ୟରୁ ୨ଟି ଢେଙ୍କାନାଳ ଏବଂ ଗୋଟିଏ କଟକରେ ଖୋଲିବ। କଟକଠାରେ ଅଭିରା ଡିଷ୍ଟିଲେରି ପ୍ରାଇଭେଟ୍ ଲିମିଟେଡ୍ ଏବଂ ଢେଙ୍କାନାଳରେ ଇନ୍‌ଡାଲକ ସ୍ପିରିଟ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ପିଆଣ୍ଡଏ ବଟଲର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ମଦ କାରଖାନା ଖୋଲାଯିବ।

# ବିଦ୍ୟୁତ୍ ସଂସ୍ପର୍ଶରେ ପ୍ରାଣ ହରାଇଲେ ୨ ସମ୍ପର୍କୀୟ ଭାଇ

ଜଳେଶ୍ୱର(ନବୀନ ସାହୁ/ ସତ୍ୟରଞ୍ଜନ ପ୍ରଧାନ),୨୦।୯



ଘଟଣାସ୍ଥଳରେ ପୋଲିସ ଓ ଗ୍ରାମବାସୀ।

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନେତୁଆ ପଞ୍ଚାୟତ କପାସୁଦା ଗ୍ରାମରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ସମ୍ପର୍କୀୟ ଭାଇଙ୍କ ପ୍ରାଣଯାଇଛି। ୨ଜଣଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି।

ଶନିବାର ସକାଳ ୭ଟା ବେଳେ କପାସୁଦା ଗ୍ରାମର ରବୀନ୍ଦ୍ର ଜେନା (୫୦)ବିଲକୁ ଘାସ କାଟିବା ପାଇଁ ଆସିଥିଲେ। ବିଲ ଉପର ଦେଇ ଏକ ସେଲୋ ପଏଣ୍ଟକୁ ୧୧କେଭି ବିଦ୍ୟୁତ୍ ତାର ସଂଯୋଗ ହୋଇଛି। ରବୀନ୍ଦ୍ର ସେହି ବାଟଦେଇ ଯାଉଥିବା ବେଳେ ବିଲରେ ଛିଣ୍ଡି ପଡ଼ିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ସେହିଠାରେ ହିଁ ଟଳି ପଡ଼ିଥିଲେ। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ କକା ପୁଅ ଜଗନ୍ନାଥ ଜେନା ବିଲକୁ ଆସି ଭାଇ ପଡ଼ିଥିବା ଦେଖିଥିଲେ। ସେ ଉଦ୍ଧାର କରିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀ ଅପରାହ୍ନ ୩ଟା ବେଳେ ଜାଣିବା ପରେ ଜଳେଶ୍ୱର ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଧିକାରୀ ଜୟନ୍ତ ବେହେରା ଏବଂ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବିଦ୍ୟୁତ୍ ବିଭାଗର ଖାମଖିଆଲ ନୀତି ପାଇଁ ଏସବୁ ହୋଇଥିବା ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୋଗ କରି କ୍ଷତିପୂରଣ ଦାବି କରିଛନ୍ତି। ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲ୍ ପଠାଇଛି।

# ଧସିଲା ବୈତରଣୀ ନଦୀବନ୍ଧ

**ପାଣିରେ ପଡ଼ିଲା ୮୩ ଲକ୍ଷ ଟଙ୍କା**

ଚାନ୍ଦବାଲି,୨୦।୯(କିଷାନ ପାତ୍ର)



ଚାନ୍ଦବାଲି ଏନ୍‌ଏସି ଅଧୀନ କୁହ୍ଲି ଗ୍ରାମ ନିକଟରେ ନଦୀବନ୍ଧ ଧସିଯାଇଛି।

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ କୁହ୍ଲି ଗ୍ରାମ ନିକଟରେ ବୈତରଣୀ ନଦୀବନ୍ଧ ଧସିଯାଇଛି। ୧୦ ଦିନ ହେଲା ନିର୍ମାଣ କରାଯାଇଥିବା ବେଳେ ପ୍ରାୟ ୫୦ ଫୁଟ୍ ଲମ୍ବର ପଥରପ୍ୟାକିଂ ଶନିବାର ଅପରାହ୍ନରେ ହଠାତ୍ ନଦୀକୁ ଧସିଯାଇଛି। ଫଳରେ କୁହ୍ଲୀ ଗ୍ରାମର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ନିମ୍ନମାନର କାମ ତଥା ଛୋଟ ଛୋଟ ପଥରରେ କାମ ହୋଇଥିବା ବେଳେ ନଦୀର ଗଭୀରତା ପର୍ଯ୍ୟନ୍ତ ପଥର ଯାଇ ନ ଥିବାରୁ ଏମିତି ଧସିଯାଇଥିବା ଗ୍ରାମବାସୀ କହିଛନ୍ତି। ପଥର ବନ୍ଧ ଧସିଯିବା ପରେ ଜଣେ ବ୍ୟକ୍ତିଙ୍କ ଘରଟି ବିପଦପୂର୍ଣ୍ଣ ହୋଇ ନଦୀ ଆଡ଼କୁ ଢଳି ରହିଛି।

ଏହି ଗ୍ରାମର ସୁରକ୍ଷା ନିମନ୍ତେ ନଦୀବନ୍ଧ ନିର୍ମାଣ ପାଇଁ ୮୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଚାନ୍ଦବାଲି ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ କାର୍ଯ୍ୟ ଚାଲିଥିଲା। ନିମ୍ନମାନର କାମ ଯୋଗୁ ୮୩ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି ଅଭିଯୋଗ ହେଉଛି। ଅନ୍ୟପଟେ ବିଭାଗୀୟ ଏଇଙ୍କ ବଦଳରେ ଏସ୍‌ଡିଓ ନିର୍ମାଣ କାର୍ଯ୍ୟ ତଦାରଖ କରୁଥିଲେ। ଘଟଣା ସମ୍ପର୍କରେ ଏସ୍‌ଡିଓ ସୁରଜ ମଲ୍ଲିକ କହିଛନ୍ତି, ସେଠାରେ ଆଗକୁ କାମ ହେବ। କାମ ଆରମ୍ଭ ପର୍ଯ୍ୟାୟରେ ବଡ଼ ପଥର ଦେବାକୁ ଠିକାଦାରଙ୍କୁ ତାଗିଦ୍ କରାଯାଇଛି। ସୋମବାର ସ୍ଥିତି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ।

# ସୁଭଦ୍ରାର ୩ୟ କିସ୍ତିରେ କଟିଛି ୭ ଲକ୍ଷ ୬୬ ହଜାରଙ୍କ ନାମ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୩ ଲକ୍ଷ ୯୯ ହଜାର ୦୧୯ ଜଣ, ଦ୍ୱିତୀୟ କିସ୍ତିରେ ୫ ଲକ୍ଷ ୮୨ ହଜାର ୮୦୪ ଜଣ ଏବଂ ୩ୟ କିସ୍ତିରେ ୭ ଲକ୍ଷ ୬୬ ହଜାର ୫୮୯ ଜଣ ହିତାଧିକାରୀଙ୍କ ନାମ କଟିଥିବା ବେଳେ ୧ ଲକ୍ଷ ୦୭ ହଜାର ୯୩୦ ଜଣ ମହିଳାଙ୍କ ନାମ ନୂତନ ଭାବେ ଯୋଡ଼ିହୋଇଛି। ସୁଭଦ୍ରା ପୋର୍ଟାଲରେ ଜୀବିତ ମହିଳାଙ୍କୁ ମୃତ ବୋଲି ଦର୍ଶାଯାଇଥିବା ଘଟଣାର ତର୍ଜମା କରାଯାଉଛି। ସେହିପରି ୧ ଲକ୍ଷ ୮୩ ହଜାର ୭୫୮ ଜଣ ମହିଳା ପ୍ରଥମ କିସ୍ତି ପରେ ଦ୍ୱିତୀୟ କିସ୍ତି ବେଳକୁ ଆଉ ଟଙ୍କା ପାଇନାହାନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ବିଧାୟକ ଚକ୍ରମଣି କହଁର ଶନିବାର ବିଧାନସଭାରେ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ୯୫ ହଜାର ୮୫୩ ଜଣ ମହିଳାଙ୍କୁ ଏକାବେଳେ ୩ଟି କିସ୍ତିର ଟଙ୍କା ଦିଆଯାଇଛି। ସୁଭଦ୍ରା ନିର୍ଦ୍ଦେଶାବଳୀ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଧାର୍ଯ୍ୟ ଜୁଲାଇ ୨୦୨୪ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ। ଆବେଦନକାରୀଙ୍କ ଜନ୍ମ ତାରିଖ ୨ ଜୁଲାଇ ୧୯୬୪ଠାରୁ ୧ଜୁଲାଇ ୨୦୦୪ ପର୍ଯ୍ୟନ୍ତ ହେବା ଉଚିତ। ୨୦୨୪-୨୫ ପାଇଁ ଯଦି ଜଣେ ମହିଳା ୧ ଜୁଲାଇ ୨୦୨୪ ପରେ ୨୧ ବର୍ଷ ବୟସ ଅତିକ୍ରମ କରିବେ ତେବେ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡିକ ପାଇଁ ତାଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ମିଳିବ। ସେହିପରି ଯେଉଁ ମହିଳା ୧ ଜୁଲାଇ ୨୦୨୪ ପରେ ୬୦ ବର୍ଷ ପୂରଣ କରିବେ ତାଙ୍କୁ ଯୋଜନା ଅବଧିର ଅବଶିଷ୍ଟ ବର୍ଷଗୁଡିକ ପାଇଁ ଏହି ସହାୟତା ଦିଆଯିବ ନାହିଁ। ବର୍ତ୍ତମାନ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୧,୦୨,୮୦,୦୯୨ ଜଣ , ୨ୟ କିସ୍ତିରେ ୧,୦୦,୯୬,୩୦୭ ଜଣ ଏବଂ ୩ୟ କିସ୍ତିରେ ୯୬,୯୬,୯୫୫ ଜଣ ମହିଳାଙ୍କୁ ସାମିଲ କରାଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା ସରକାରଙ୍କ ନିକଟରେ ୧,୦୯,୮୭, ୮୯୪ ଜଣ ମହିଳା ଆବେଦନ କରିଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

**ବର୍ତ୍ତମାନ ସୁଦ୍ଧା ଆବେଦନ କରିଛନ୍ତି ୧,୦୯,୮୭,୮୯୪ ମହିଳା**


# ବଡ଼ଠାକୁର ପଡ଼ିଯିବାର ତଦନ୍ତ ରିପୋର୍ଟ ସର୍ବସାଧାରଣଙ୍କୁ ଦିଆଯାଇନି: ମନ୍ତ୍ରୀ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

୨୦୨୪ ରଥଯାତ୍ରାରେ ଗୁଣ୍ଡିଚା ମନ୍ଦିରକୁ ପହଣ୍ଡି ବିଜେ ସମୟରେ ପ୍ରଭୁ ବଳଭଦ୍ର(ବଡ଼ଠାକୁର) ମୁହଁ ମାଡ଼ି ପଡ଼ିଯିବା ଘଟଣାର ତଦନ୍ତ ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ପ୍ରକାଶ କରାଯାଇ ନାହିଁ। ଏ ସମ୍ପର୍କିତ ତଦନ୍ତ ରିପୋର୍ଟ ୨୦୨୪ ଅଗଷ୍ଟ ୩୦ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଉପସ୍ଥାପନ ହୋଇଛି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶନିବାର ଗୃହରେ ସୂଚନା ଦେଇଛନ୍ତି। ବିଧାନସଭାରେ ବିଜେଡି ସଦସ୍ୟ ଅନନ୍ତ ନାରାୟଣ ଜେନା ଏବଂ ତୁଷାରକାନ୍ତି ବେହେରା ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ୨୦୨୫ ରଥଯାତ୍ରା ଶୃଙ୍ଖଳାର ସହ ସମାପନ ହୋଇଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ତଳକୁ ଆଣିବାବେଳେ ଆବଶ୍ୟକ ସଂଖ୍ୟକ ସେବକ ମୁତୟନ ରହି ଆଡ଼ପ ମଣ୍ଡପ ପହଣ୍ଡି ବିଜେ କରାଇଥିଲେ। ୨୦୨୫ ରଥଯାତ୍ରା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ରଥାରୂଢ଼ ଶ୍ରୀବିଗ୍ରହଙ୍କ ରଥ ସମ୍ମୁଖରେ ହୋଇଥିବା ଦଳାଚକଟା ଅଘଟଣର ତଦନ୍ତ କରିବାକୁ ରାଜ୍ୟ ସରକାର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିଯୁକ୍ତ କରିଥିଲେ। ଗୃହ ବିଭାଗ ଜରିଆରେ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ମଧ୍ୟରେ ଉନ୍ନୟନ କମିଶନର ତାଙ୍କ ତଦନ୍ତ ରିପୋର୍ଟ ଗତ ଅଗଷ୍ଟ ୧ତାରିଖରେ ସରକାରଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ସେହି ରିପୋର୍ଟର ତର୍ଜମା ଚାଲିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ମୋଦକ ଚୋରି ନେଇ ଆସିଥିବା ଅଭିଯୋଗର ଉତ୍ତରରେ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଚଳିତ ବର୍ଷ ଶ୍ରୀମନ୍ଦିରରୁ ମୋଦକ ଚୋରି ଘଟଣା ସମ୍ପର୍କରେ ଅନୁସନ୍ଧାନ କରିବା ପାଇଁ ଏକ ୪ ଜଣିଆ କମିଟି ଗଠନ କରାଯାଇଥିଲା। ସେହି କମିଟି ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ କମିଟି ପକ୍ଷରୁ ଦଶମୂଳ ମୋଦକ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ ବୋଲି ସାବ୍ୟସ୍ତ କରିଛନ୍ତି। ଆବଶ୍ୟକ ସଂଖ୍ୟକ ମୋଦକରେ ଗୁପ୍ତନୀତି ସମ୍ପାଦନ ହୋଇଛି ବୋଲି ସେ କହିଛନ୍ତି।

- **ଶ୍ରୀମନ୍ଦିର ପରିଚାଳନା କମିଟି ପାଖରେ ରହିଛି ରିପୋର୍ଟ**
- **ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଦଳାଚକଟା ରିପୋର୍ଟର ତର୍ଜମା ଚାଲିଛି**
- **ଦଶମୂଳ ମୋଦକ ଚୋରି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ**



# ଆଦିବାସୀ ମାନ୍ୟତା ଦାବିରେ ରେଳରୋକୋ

## ଭଞ୍ଜପୁର ଷ୍ଟେଶନରେ ଦେଢ଼ଘଣ୍ଟା ଅଟକିଲା ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ

ବାରିପଦା,୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କୁଡ଼ୁମୀ ଜାତିକୁ ପୁନଃ ଆଦିବାସୀ ମାନ୍ୟତା ଦାବିରେ ଆଦିବାସୀ କୁଡ଼ୁମୀ ସମାଜ ଓ କୁଡ଼ୁମୀ ଏକତା ମଞ୍ଚ ପକ୍ଷରୁ ଶନିବାର ମୟୂରଭଞ୍ଜ ଜିଲା ବାରିପଦା ଭଞ୍ଜପୁର ରେଳ ଷ୍ଟେଶନରେ ରେଳରୋକୋ ଆନ୍ଦୋଳନ କରାଯାଇଛି। ଦୀର୍ଘବର୍ଷ ଧରି କୁଡ଼ୁମୀ ଜାତିକୁ ଅନୁସୂଚିତ ଜନଜାତିରେ ପୁନଃ ଅନ୍ତର୍ଭୁକ୍ତ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଆସୁଛି। ହେଲେ ସରକାର ଅଣଦେଖା କରିଆସୁଥିବାରୁ କୁଡ଼ୁମୀମାନେ ସାମାଜିକ, ଆର୍ଥିକ, ଶୈକ୍ଷିକ ଓ ରାଜନୈତିକ କ୍ଷେତ୍ରରେ ଅବହେଳିତ ହୋଇଛନ୍ତି। ଏଣୁ କେନ୍ଦ୍ରୀୟ କମିଟିର ଡାକରାରେ ଓଡ଼ିଶାର ଭଞ୍ଜପୁର ରେଳ ଷ୍ଟେଶନ, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ରେଳ ଷ୍ଟେଶନଗୁଡ଼ିକରେ ରେଳରୋକୋ କରାଯାଇଛି। ଭଞ୍ଜପୁର ଷ୍ଟେଶନରେ ରେଳରୋକୋ ଦ୍ୱାରା ବାଙ୍ଗିରିପୋଷି-ପୁରୀ ସୁପରଫାଷ୍ଟ ଏକ୍ସପ୍ରେସ ପ୍ରାତଃ ୫ଟାରୁ ସକାଳ ସାଢ଼େ ୬ଟା ଯାଏ ଦେଢ଼ଘଣ୍ଟା ଅଟକି ରହିଥିଲା।


କୁଡ଼ୁମୀ ଲୋକେ ରେଳ ଧାରଣାରେ ବସିରହି ଟ୍ରେନ୍ ଅଟକାଇଛନ୍ତି।

ଆଦିବାସୀ କୁଡ଼ୁମୀ ସମାଜ ରାଜ୍ୟ ସଭାପତି ମନୋଜ କୁମାର ମହାନ୍ତ, ଜିଲା ସଭାପତି ନିରଞ୍ଜନ ମହାନ୍ତ, ରାଜ୍ୟ ସଂଯୋଜକ ସଞ୍ଜୀବ କୁମାର ମହାନ୍ତ, ଉପଦେଷ୍ଟା କୃପାସିନ୍ଧୁ ମହାନ୍ତ, କୁଡ଼ୁମାଲୀ ସାଂସ୍କୃତିକ ପରିଷଦର ସଭାପତି ଡ. ଭକ୍ତହରି ମହାନ୍ତ ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ ନେତୃତ୍ୱ ନେଇଥିଲେ। ଆଦିମ କୁଡ଼ୁମୀ ମହାସଂଘର ସଭାପତି ପଦ୍ମଲୋଚନ ମହାନ୍ତ, ଆଦିବାସୀ କୁଡ଼ୁମୀ ସମାଜର ରାଜ୍ୟ ଉପସଭାପତି ବସନ୍ତ କୁମାର ମହାନ୍ତ, ଓଡ଼ିଶା ଝୁମର ଏକାଡେମୀର ସଭାପତି ଅବନୀ କୁମାର ମହାନ୍ତ, ଟୋଟେମିକ କୁଡ଼ୁମୀ ସଂଘର ଓଡ଼ିଶା ସଭାପତି ସତ୍ୟନାରାୟଣ ମହାନ୍ତ, ସମ୍ପାଦକ ଗୋବିନ୍ଦ ମହାନ୍ତ, ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତ, ଓଡ଼ିଶା କୁଡ଼ୁମୀ ସେନାର ରାଜ୍ୟ ସଭାପତି ଦିବ୍ୟ ସିଂ ମହାନ୍ତ, ରାଜ୍ୟ ସମ୍ପାଦକ ଦୁର୍ଗାଚରଣ ମହାନ୍ତ, କୁଡ଼ୁମୀ ବିକାଶ ମଞ୍ଚ ସଭାପତି ରଜନୀକାନ୍ତ ମହାନ୍ତ, ସମ୍ପାଦକ ଦିପୁ ମହାନ୍ତ, ଆଦିବାସୀ କୁଡ଼ୁମୀ ସମାଜର କେନ୍ଦ୍ରୀୟ ସଂଯୋଜକ ପଦ୍ମଲୋଚନ ମହାନ୍ତ, କୁଡ଼ୁମାଲୀ ସାଂସ୍କୃତିକ ପରିଷଦର ମୁଖ୍ୟ ଉପଦେଷ୍ଟା କ୍ଷୀରୋଦ ଚନ୍ଦ୍ର ମହାନ୍ତ ପ୍ରମୁଖ ଏଥିରେ ସାମିଲ ଥିଲେ। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ର ଜିଲାପାଳଙ୍କ ପକ୍ଷରୁ ବାରିପଦା ତହସିଲଦାର ସପନ କୁମାର ସାହୁ ଗ୍ରହଣ କରିଛନ୍ତି।

# ଅନ୍ତେବାସୀଙ୍କୁ କମ୍ବଳ ପ୍ରଦାନରେ ବିଳମ୍ବ

## ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଉନ୍ନୟନ ବିଭାଗ ହଷ୍ଟେଲ

## ଶୀତ ପୂର୍ବରୁ ଯୋଗାଣ କରିବାକୁ ଦାବି

ବାରିପଦା,୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଛାତ୍ରୀ ଓ ଛାତ୍ରାବାସରେ କମ୍ବଳ ଯୋଗାଣରେ ବିଳମ୍ବ ହେଉଛି। ବିଭାଗ ପକ୍ଷରୁ କମ୍ବଳ ଯୋଗାଇବା ପାଇଁ ବୟନିକାକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଶୀତର ଆଗମନ ପୂର୍ବରୁ ଅନ୍ତେବାସୀଙ୍କୁ କମ୍ବଳ ମିଳି ନ ଥିବାରୁ ଅଭିଭାବକଙ୍କ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ଜିଲାର ୨୬ ବ୍ଲକ୍‌ରେ ଥିବା ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ଉନ୍ନୟନ ବିଭାଗ ଅଧୀନରେ ୯୧୩ଟି ହଷ୍ଟେଲ ପରିଚାଳିତ ହେଉଛି। ଏଥିରେ ୮୧ହଜାର ୩୦୯ଜଣ ଅନ୍ତେବାସୀ ରହି ଅଧ୍ୟୟନ କରୁଛନ୍ତି। ଏହି ସବୁ ହଷ୍ଟେଲଗୁଡ଼ିକରେ ଅନ୍ତେବାସୀଙ୍କ ଆବଶ୍ୟକତା ଅନୁଯାୟୀ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସାମଗ୍ରୀ ନିଶୁଳ୍କ ଭାବେ ପ୍ରଦାନ କରାଯାଇଥାଏ। ସେଥି ମଧ୍ୟରୁ କମ୍ବଳ ପ୍ରତି ୩ ବର୍ଷରେ ଥରେ ପ୍ରଦାନ କରାଯାଏ। ଚଳିତ ବର୍ଷ ୧୭ହଜାର ୨୮ଟି କମ୍ବଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ବୟନିକାରୁ କିଣିବା ପାଇଁ ଆନୁସଙ୍ଗିକ କାର୍ଯ୍ୟ ଶେଷ ହୋଇଛି। ମାତ୍ର ଧାର୍ଯ୍ୟ ସମୟ ମଧ୍ୟରେ କମ୍ବଳ ଅଦ୍ୟାବଧି ଜିଲା କାର୍ଯ୍ୟାଳୟକୁ ପ୍ରଦାନ କରାଯାଇନାହିଁ। ମୁଖ୍ୟାଳୟକୁ ପହଞ୍ଚିବା ପରେ ସମସ୍ତ ହଷ୍ଟେଲକୁ ପଠାଇବା ପାଇଁ ଅନ୍ୟୁନ ଏକମାସ ସମୟ ଲାଗିଥାଏ। ତେବେ ପ୍ରତିବର୍ଷ ମୟୂରଭଞ୍ଜ ଜିଲାରେ ଶୀତ ଦିନେ ତାପମାତ୍ରା ଶୂନ ଡିଗ୍ରୀକୁ ଖସୁଥିବା ବେଳେ ଅନେକ ସ୍ଥାନରେ ୧୦ଡିଗ୍ରୀ ସେଲସିୟସ ରହିଥାଏ। ଏଣୁ ଶୀତ ଆସିବା ପୂର୍ବରୁ ଆବଶ୍ୟକ କମ୍ବଳ ଅନ୍ତେବାସୀଙ୍କୁ ଯୋଗାଇବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ କହିଛନ୍ତି, ବୟନିକା କର୍ତ୍ତୃପକ୍ଷଙ୍କୁ ଯଥାଶୀଘ୍ର କମ୍ବଳ ପ୍ରଦାନ କରିବାକୁ କୁହାଯାଉଛି। ଏହା ପହଞ୍ଚିବା ପରେ ତାଲିକାଭୁକ୍ତ ହଷ୍ଟେଲର ଅନ୍ତେବାସୀଙ୍କୁ ପ୍ରଦାନ କରାଯିବ। ଆଦିବାସୀ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ବିଭାଗୀୟ ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ପୁଣି ଧାରଣା

## ବଡ଼ ରାଇକାଳିଆ ପ୍ରାଥମିକ ବିଦ୍ୟାଳୟ

ଉଦଳା,୨୦।୯(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ବଡ଼ ରାଇକାଳିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଶନିବାର ପୂର୍ବାହ୍ନ ୧୦ଟାରେ ଗ୍ରାମବାସୀ ପୁଣି ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଛନ୍ତି। ୧୨ ଦିନ ପୂର୍ବେ ସମାନ ଘଟଣାରେ ଗ୍ରାମବାସୀ ଧାରଣା ଦେଇଥିଲେ। ସେ ସମୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ବଦଳି ହୋଇଥିଲେ ହେଁ ସେ ପୁଣି ବିଦ୍ୟାଳୟକୁ ଆସୁଥିବାରୁ ଗ୍ରାମବାସୀ ଉତ୍‌କ୍ଷିପ୍ତ ହୋଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଜିଦ୍‌ରେ ଗ୍ରାମବାସୀ ଅଡ଼ି ବସିଛନ୍ତି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୧ ଜଣ ଛାତ୍ରୀଛାତ୍ର ରହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ବେହେରା ବିଦ୍ୟାଳୟରେ ମନମୁଖୀ ଶାସନ ଚଲାଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଶାରୀରିକ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ନହେଲେ ମାଡ଼ ମାରୁଛନ୍ତି। ଫଳରେ ପାଠପଢ଼ା ବ୍ୟାହତ ହେଉଥିବାରୁ ଅଭିଭାବକ, ଛାତ୍ରୀଛାତ୍ର ପ୍ରତିବାଦ କରିଆସୁଛନ୍ତି। ମଧ୍ୟାହ୍ନ ଭୋଜନରେ ବି ଅନିୟମିତତା କରୁଥିବା ଅଭିଯୋଗ ହୋଇଛି। ଯାହାକୁ ବିରୋଧ କରି ସେ ୮ ତାରିଖରେ ଗ୍ରାମବାସୀ ଧାରଣା ଦେଇଥିଲେ। ତାଙ୍କୁ ତୁରନ୍ତ ବଦଳି ଦାବି କରାଯାଇଥିଲା, ପରେ ତାଙ୍କର ବଦଳି ହୋଇଥିଲେ ସୁଦ୍ଧା ସେ ଏବେ ବି ବିଦ୍ୟାଳୟକୁ ଆସୁଛନ୍ତି। ତେଣୁ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଶନିବାର ପୁଣି ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ବିଇଓ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା ପରେ ଲୋକେ ଧାରଣରୁ ହଟିଥିଲେ। ଅନ୍ୟପଟେ ପୂର୍ବ ଆନ୍ଦୋଳନ ପରେ ବିଭାଗ ପକ୍ଷରୁ ତାଙ୍କୁ ଅନ୍ୟ ବିଦ୍ୟାଳୟକୁ ବଦଳି କରାଯାଇଛି, ହେଲେ ପ୍ରଧାନ ଶିକ୍ଷୟିତ୍ରୀ ଉକ୍ତ ବିଦ୍ୟାଳୟରେ ଯୋଗଦାନ କରିନାହାନ୍ତି। ଉକ୍ତ ଅର୍ଡରକୁ ବାତିଲ କରିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଜଣାଇଥିବା ସୂଚନା ଦେଇଛନ୍ତି। ବିଇଓ ମନମୋହନ ହେମ୍ବ୍ରମ ଅଭିଭାବକଙ୍କ ଦାବି ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ।


ବିଦ୍ୟାଳୟ ସାମ୍ନାରେ ଧାରଣାରତ ଅଭିଭାବକମାନେ।

# 'ଆଖିରୁ ଆଖିକୁ ଯାହା ଦିଶେ' ପୁସ୍ତକ ଲୋକାର୍ପିତ



ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ରାଜ୍ୟସ୍ତରୀୟ ଆଲୋଚନାଚକ୍ର

ବାରିପଦା,୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ବିଭାଗର ମିଳିତ ସହଭାଗିତାରେ ଓଡ଼ିଆ ଭାଷା ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ ଲେଖକ ତଥା ଅଧ୍ୟାପକ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କ ନୂଆ ସମାଲୋଚନା ପୁସ୍ତକ 'ଆଖିରୁ ଆଖିକୁ ଯାହା ଦିଶେ' ଲୋକାର୍ପିତ ହୋଇଛି। ଅତିଥି ଭାବେ ପ୍ରଖ୍ୟାତ ସାହିତ୍ୟିକା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପୂର୍ବତନ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ବଭ୍ରୁବାହନ ମହାପାତ୍ର, ଓଡ଼ିଆ ବିଭାଗ ସଂଯୋଜକ ଡ. ଶିଶିର ବେହେରା, ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରଶାସନିକ ମୁଖ୍ୟ ଡ. ଅନନ୍ୟା ତ୍ରିପାଠୀ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ସୁଶାନ୍ତ ବସା ଯୋଗଦେଇ ପୁସ୍ତକ ଲୋକାର୍ପଣ କରିଥିଲେ। ଡ. ଚକ୍ର ନିଜର ଲେଖକୀୟ ଅଭିବ୍ୟକ୍ତିରେ ଏହି ପୁସ୍ତକ ରଚନା ପଛର ଶ୍ରମ, ବିଦ୍ୟାର୍ଥୀ ଏବଂ ଗବେଷକଙ୍କ ପାଇଁ ଏହାର ଉପଯୋଗିତା ସମ୍ପର୍କରେ ଅବଗତ କରିଥିଲେ। ପଦ୍ମଶ୍ରୀ ବେଶ୍ରା ବକ୍ତବ୍ୟରେ ଏହି ପୁସ୍ତକର ଉପାଦାନ ଯାହା, ଖାଲି ପିଲାମାନଙ୍କ ପାଇଁ ନୁହେଁ ସମସ୍ତଙ୍କ ଲାଗି ଏକ ଉପାଦେୟ ପୁସ୍ତକ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଅଧ୍ୟାପକ ଡ. ଦୟାନିଧି ପରିଡ଼ା ପୁସ୍ତକର ସମୀକ୍ଷା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ରୀନା ମୁର୍ମୁ ଏଭଳି ପୁସ୍ତକ ପ୍ରକାଶନ ବିଭାଗର ଗରିମା ବୃଦ୍ଧିରେ ସହାୟକ ହୋଇଛି ବୋଲି କହିଥିଲେ। ଏହି ପୁସ୍ତକକୁ ଡବଲିନ, ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପ୍ରକାଶନୀ ସଂସ୍ଥା 'ବ୍ଲାକ ଇଗଲ ବୁକ୍ସ' ପ୍ରକାଶ କରିଛି। ବିଶ୍ୱବ୍ୟାପୀ ପ୍ରକାଶନର ଅଳ୍ପଦିନ ମଧ୍ୟରେ ଏହି ପୁସ୍ତକ କଲମ୍ବସ ମେଟ୍ରୋପଲିଟାନ ଲାଇବ୍ରେରୀରେ ସ୍ଥାନିତ ହେବା ସହ ଆମାଜନରେ ନିଜର ବଳିଷ୍ଠ ଉପସ୍ଥିତି ଜାହିର କରିଛି। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଜଣେ ପ୍ରତିଶ୍ରୁତିବଦ୍ଧ ଶକ୍ତିଶାଳୀ ସ୍ୱର ଭାବେ ପରିଚିତ ଡ.ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ରଙ୍କର ପୂର୍ବରୁ 'ଡମ୍ବରୁ ଅନ୍ୟାନ୍ୟ ଗଳ୍ପ', 'ଈଶ୍ୱର ମାଫ୍ କର', 'ଶବ୍ଦର ସୀମାରେଖା', 'ପର୍ବ, 'ତାପମାତ୍ରା' ଆଦି ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି ବୋଲି କୁହାଯାଇଥିଲା।

# ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ବୈଶିଙ୍ଗା,୨୦।୯(ରତନ ଦାଶ)

ବିଦ୍ୟୁତ ଆଘାତରେ ଯୁବକ ମୃତ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଗ୍ରାମର ସୁନମ୍ର ମହାପାତ୍ର(୪୦) ଶନିବାର ସନ୍ଧ୍ୟାରେ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି। ସୁନମ୍ର ନିଜ ଘରେ ବିଦ୍ୟୁତ ମରାମତି କାର୍ଯ୍ୟ କରୁଥିବା ବେଳେ ସଂସ୍ପର୍ଶରେ ଆସି ଛିଟିକି ପଡ଼ିଥିଲେ। ସଂଜ୍ଞାହୀନ ଅବସ୍ଥାରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଡାକ୍ତରଖାନାରେ ପହଞ୍ଚିନାହିଁ।

# ଭାଉଜଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଦିଅର ଗିରଫ

ବୈଶିଙ୍ଗା,୨୦।୯(ରତନ ଦାଶ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମର ଜଣେ ଯୁବକ ତାଙ୍କ ଭାଉଜଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରି ଗିରଫ ହୋଇଛନ୍ତି। ଅଭିଯୁକ୍ତ ହେଲେ ଗ୍ରାମର ଅଜୟ ପ୍ରଧାନ(୪୦)। ପୋଲିସ ତାଙ୍କୁ ଶନିବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ଅଜୟଙ୍କ ବଡ଼ ଭାଇ ରାଜେଶ ବେଙ୍ଗାଲୁରୁଠାରେ ରହି ଏକ ବେସରକାରୀ ସଂସ୍ଥାରେ ଚାକିରି କରନ୍ତି। ଅଜୟ ଯାଜପୁରଠାରେ ଏକ କମ୍ପାନୀରେ ଚାକିରି କରନ୍ତି। ଘରୁ ପ୍ରତ୍ୟେକ ଦିନ ଯିବା ଆସିବା କରିଥାନ୍ତି। ଶୁକ୍ରବାର ତାଙ୍କ ଭାଉଜ ନିରୁପମା ପୋଲିସ ନିକଟରେ ଅଜୟ ତାଙ୍କ ଅଶ୍ଳୀଳ ଫଟୋ ଓ ଭିଡ଼ିଓ ସୋସିଆଲ ମିଡିଆରେ ଛାଡିଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ. ୩୭୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଜୟଙ୍କ ମୋବାଇଲ ଯାଞ୍ଚ କରିବା ପରେ ସେ ଫଟୋ, ଭିଡିଓ ଭାଇରାଲ କରିଥିବା ଜଣାପଡ଼ିବା ପରେ ଗିରଫ କରିଥିଲା।

# ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରୀୟ ୟୁନିସେଫ୍ ଅଧିକାରୀ

ବେତନଟୀ,୨୦।୯(ଧରଣୀ ଧର ମହାନ୍ତି)

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ୍ ଅଧୀନ ଖଇରବଣି ଆଶ୍ରମ ବିଦ୍ୟାଳୟକୁ କେନ୍ଦ୍ରୀୟ ୟୁନିସେଫ ଅଧିକାରୀ ନୂଆଦିଲ୍ଲୀର ଶିକ୍ଷା ବିଶେଷଜ୍ଞ ସୁନିଶା ଆହୁଜା, ଓଡ଼ିଶା ୟୁନିସେଫ୍‌ର ଲଳିତା ପଟ୍ଟନାୟକ ଓ ତାଙ୍କ ଟିମ୍ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ବିଷୟରେ ପର୍ଯ୍ୟବେକ୍ଷଣ କରିଥିଲେ। ପାଠ ପଢ଼ା ସହିତ ଛାତ୍ରୀ ନିବାସରେ ସୁବିଧା ସୁଯୋଗ, ବିଦ୍ୟାଳୟ ତଥା ଛାତ୍ରାବାସର ପରିଚାଳନା ସମ୍ପର୍କରେ ପଚାରି ବୁଝି ମତାମତ ସଂଗ୍ରହ କରିଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମୌଳିକ ସୁବିଧା ସୁଯୋଗ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଛାତ୍ରୀ ନିବାସ, ପାଠାଗାର, ପଠନ କକ୍ଷ, ଶିକ୍ଷଣ ସାମଗ୍ରୀ କକ୍ଷ ବୁଲି ଦେଖିଥିଲେ। ଗସ୍ତ ସମୟରେ ସମଗ୍ର ଶିକ୍ଷାର ଜିଲା ଆଦିବାସୀ ସଂଯୋଜକ ସପନ କୁମାର ପୃଷ୍ଟି ଓ ୟୁନିସେଫ୍‌ର ଜିଲା କାର୍ଯ୍ୟକ୍ରମ ସଂଯୋଜକ ପ୍ରକାଶ ବାରିକ ଉପସ୍ଥିତ ଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ଫାଶୀ ଲଗାଇ ନବବଧୂଙ୍କ ଆତ୍ମହତ୍ୟା

ବେତନଟୀ, ୨୦।୯
(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ଏସଏସ ମହୁଲିଆର ସୁଭାଷ ଛକ ନିକଟରେ ସାଇ ଜଗନ୍ନାଥ ଦାସମହାପାତ୍ରଙ୍କ ନବବିବାହିତା ସ୍ତ୍ରୀ ହିରଣ୍ମୟୀ ସ୍ୱାଇଁ(୨୯) ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ନିଜ ଘରେ ଏହି ଘଟଣା ଘଟିଥିବା ବେଳେ ବେତନଟୀ ପୋଲିସ ଓ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ସହକାରୀ ତହସିଲଦାର ଈଶ୍ୱରଚନ୍ଦ୍ର ରଣା ଘଟଣାସ୍ଥଳକୁ ତଦନ୍ତ ପାଇଁ ଯାଇଥିଲେ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବେତନଟୀ ପୋଲିସ ସହାୟତାରେ ହିରଣ୍ମୟୀଙ୍କ ମୃତଦେହକୁ ଝୁଲନ୍ତା ଅବସ୍ଥାରୁ ଜବତ କରାଯାଇଛି। ହିରଣ୍ମୟୀଙ୍କ ବାପଘର ବାରିପଦା ହୋଇଥିବା ବେଳେ ଗତ ମେ' ରେ ସାଇଜଗନ୍ନାଥଙ୍କ ସହିତ ବିବାହ ହୋଇଥିଲା। ଏହି ଘଟଣାକୁ ନେଇ ହିରଣ୍ମୟୀଙ୍କ ଭାଉଜ ସୂଚିତା ମହାପାତ୍ର ଶାଶୁ ନଣନ୍ଦଙ୍କ ନିର୍ଯାତନା ସହି ନ ପାରି ଏଭଳି ଚରମ ପଦକ୍ଷେପ ନେଇଥିବା ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ବେତନଟୀ ପୋଲିସ ମାମଲା(ନଂ. ୩୩୦/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଚାକିରି ପୂର୍ବରୁ ଯୁବକଙ୍କ ଜୀବନ ଗଲା

ଗୋପବନ୍ଧୁନଗର, ୨୦।୯(ଶାନ୍ତନୁ କୁମାର ମଡୁଆଲ): ଫରେଷ୍ଟଗାର୍ଡ ଚାକିରି ଆଶାରେ ଶାରୀରିକ ପରୀକ୍ଷା ଦେବାକୁ ଯାଇ ଶେଷରେ ଯୁବକଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ମୃତ ଯୁବକ ହେଉଛନ୍ତି ଗୋପବନ୍ଧୁ ନଗର ବ୍ଲକ ସାଇଁକୁଲା ପଞ୍ଚାୟତର ଭାନୁପୁର ଗ୍ରାମର ଗଜେନ୍ଦ୍ର ବେହେରାଙ୍କ ପୁଅ କୃଷ୍ଣଗୋପାଳ ବେହେରା (୨୮)। କୃଷ୍ଣଗୋପାଳ ଫରେଷ୍ଟଗାର୍ଡ ଚାକିରି ପାଇଁ କିଛି ଦିନ ତଳେ ଲିଖିତ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ପାସ୍ କରିବା ପରେ ଗତ ଗୁରୁବାର ତାଙ୍କର ଶାରୀରିକ ପରୀକ୍ଷା ବାଲେଶ୍ୱର ପୋଲିସ ପଡିଆରେ ହେଉଥିବା ବେଳେ ସେ ମୋଟ ୬୨ରାଉଣ୍ଡରୁ ୫୯ରାଉଣ୍ଡ ଦୌଡି ସାରିଥିଲେ। ଆଉ ତିନି ରାଉଣ୍ଡ ବାକି ଥିବା ବେଳେ ସେ ପଡ଼ିଆ ମଝିରେ ଟଳି ପଡ଼ିଥିଲେ। କିଛି ସମୟ ପରେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସଙ୍କଟାପନ୍ନ ଅବସ୍ଥାରେ କଟକ ଓ ପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଗଜେନ୍ଦ୍ରଙ୍କର ଦୁଇ ପୁଅଙ୍କ ମଧ୍ୟରୁ କୃଷ୍ଣ ଗୋପାଳ ଥିଲେ ସାନ। କୃଷ୍ଣଗୋପାଳଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।


# ଅମର୍ଦ୍ଦାରୋଡ୍ ଏୟାରଷ୍ଟ୍ରିପ୍‌ରେ ଏମ୍ଆରଓ ପ୍ରତିଷ୍ଠା ପାଇଁ ଦାବି କଲେ ମହାରାଜା

ବାରିପଦା, ୨୦।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁରସ୍ଥିତ ଅମର୍ଦ୍ଦାରୋଡ ଏୟାରଷ୍ଟ୍ରିପରେ ଦେଶର ପ୍ରଥମ ବିମାନ ରକ୍ଷଣାବେକ୍ଷଣ ତଥା ମରାମତି କେନ୍ଦ୍ର (ଏମ୍ଆରଓ) ପ୍ରତିଷ୍ଠା ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ ମହାରାଜା ଭଞ୍ଜଦେଓ ନିକଟରେ ଜିଲା ଗସ୍ତରେ ଆସିଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଦାୟିତ୍ୱ ଗ୍ରହଣ କରିବାକୁ ସେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପ୍ରମୁଖଙ୍କୁ ଏଥିପାଇଁ ପତ୍ର ଲେଖିଛନ୍ତି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମହାରାଜା ପ୍ରବୀଣଚନ୍ଦ୍ରଙ୍କ ଜେଜେ ବାପା ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ସହାୟତାରେ ରୟାଲ ଏୟାରଫୋର୍ସ ପକ୍ଷରୁ ୯ଶହ ଏକର ଜମି ଉପରେ ଉକ୍ତ ବିମାନ ବନ୍ଦର ନିର୍ମାଣ କରାଯାଇଥିଲା। ୩.୫ କି.ମି. ଦୈର୍ଘ୍ୟ ବିଶିଷ୍ଟ ରନୱେ, ୬୦କି.ମି. ଦୈର୍ଘ୍ୟ ବିଶିଷ୍ଟ ଟେକ୍ସିୱେ ଏବଂ ଏପ୍ରନକୁ ନେଇ ସେତେବେଳେ ଏହା ସମଗ୍ର ଏସିଆ ମହାଦେଶର ସର୍ବବୃହତ ବିମାନବନ୍ଦର ଭାବେ ଖ୍ୟାତ ଥିଲା। ମାତ୍ର ଯୁଦ୍ଧ ସରିବା ପରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଯଦିଓ ଏହାକୁ ଉଡାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି କିନ୍ତୁ ଏହାର ବ୍ୟାପକତାକୁ ଲକ୍ଷ୍ୟ କଲେ ଏମ୍ଆରଓ ସ୍ଥାପନ ପାଇଁ ଏହା ଦେଶର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ଭଞ୍ଜଦେଓ ଦର୍ଶାଇଛନ୍ତି। ପ୍ରମୁଖ ଐତିହାସିକ ତଥା ବୈମାନିକ ଅନିଲ ଧିରଙ୍କ ତଥ୍ୟକୁ ଆଧାର କରି ସେ ଲେଖିଛନ୍ତି ଯେ, ଆମ ଦେଶରେ ଏହି ସୁବିଧା ନ ଥିବାରୁ ବିମାନ ଚଳାଚଳ କମ୍ପାନୀଗୁଡ଼ିକ ହଂକଂ, ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଉପରେ ନିର୍ଭର କରୁଛନ୍ତି। ଆମ ଦେଶର ଏୟାରଲାଇନଗୁଡିକ ବର୍ଷକୁ ୨୦ହଜାର କୋଟି ଟଙ୍କା ସେହି ଦେଶଗୁଡ଼ିକରେ ଖର୍ଚ୍ଚ କରୁଛନ୍ତି ବୋଲି ଜାତୀୟ ଅର୍ଥନୈତିକ ସର୍ବେକ୍ଷଣ (୨୦୨୩-୨୪)ରେ କୁହାଯାଇଛି। ଯାହାକି ଆଗାମୀ ୫ବର୍ଷ ମଧ୍ୟରେ ୩୭ହଜାର ୬ଶହ କୋଟି ଟଙ୍କାକୁ ଛୁଇଁବ ବୋଲି ଆକଳନ କରାଯାଇଛି। ସେହିପରି ଏୟାରବସ୍ ଓ ବୋଇଂ ଆଦି ବିମାନ ନିର୍ମାଣକାରୀ ସଂସ୍ଥାଗୁଡିକୁ ଭାରତୀୟ ଏୟାରଲାଇନଗୁଡ଼ିକ ପକ୍ଷରୁ ଦିଆଯାଇଥିବା ଅର୍ଡରଗୁଡିକୁ ଲକ୍ଷ୍ୟ କଲେ ପରବର୍ତ୍ତୀ ସମୟରେ ତାହା ୪୬ହଜାର କୋଟି ଟଙ୍କା ପହଞ୍ଚିବ ବୋଲି ଉକ୍ତ ସର୍ଭେ ରିପୋର୍ଟରେ କୁହାଯାଇଛି। ଏସବୁକୁ ଲକ୍ଷ୍ୟ କଲେ ଦେଶରେ ଏକ ଏମଆରଓ ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏଠାରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ଅତି କମ୍ ଖର୍ଚ୍ଚରେ ରାସଗୋବିନ୍ଦପୁରଠାରେ ଏହା ଆରମ୍ଭ କରାଯାଇପାରିବ। ଆମ ଦେଶର ବିମାନ କମ୍ପାନୀଗୁଡ଼ିକ ଖର୍ଚ୍ଚ କରୁଥିବା ବୈଦେଶିକ ମୁଦ୍ରାର ସଞ୍ଚୟ ହେବା ସାଙ୍ଗକୁ ଅନ୍ୟ ଦେଶର ବିମାନଗୁଡ଼ିକ ରକ୍ଷଣାବେକ୍ଷଣ ଓ ମରାମତି କରି ସରକାର ହଜାର ହଜାର କୋଟି ଟଙ୍କାର ବୈଦେଶିକ ମୁଦ୍ରା ଆୟ କରିପାରିବେ ବୋଲି ଭଞ୍ଜଦେଓ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି। ଅନ୍ୟ ପକ୍ଷରେ ବିଦେଶରେ ଥିବା ଉକ୍ତ କେନ୍ଦ୍ରଗୁଡିକରେ କାର୍ଯ୍ୟରତ ଅଧିକାଂଶ କର୍ମଚାରୀ ଭାରତୀୟ ଅଟନ୍ତି। ବର୍ତ୍ତମାନ ଆମ ଦେଶରେ ୧ହଜାର ଏବଂ ଆମ ରାଜ୍ୟରେ ୬୦ଟି ଅନୁଷ୍ଠାନରେ ଏରୋନଟିକାଲ ଇଂଜିନିୟରିଂ କୋର୍ସରେ ଶିକ୍ଷାଦାନ କରାଯାଉଛି। ତେଣୁ ଏଠାରେ ଯଦି ଏମିତି ଏକ କେନ୍ଦ୍ର ପ୍ରତିଷ୍ଠା କରାଯାଏ ତାହେଲେ ବିଦେଶରେ ରହି କାମ କରୁଥିବା ଭାରତୀୟମାନେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବାର ସୁଯୋଗ ସୃଷ୍ଟି ହେବା ସହିତ ଭବିଷ୍ୟତରେ ଇଞ୍ଜିନିୟରମାନେ ମଧ୍ୟ ବିଦେଶ ଯିବାକୁ ବାଧ୍ୟ ହେବେ ନାହିଁ। ମୟୂରଭଞ୍ଜରେ ଆଦିବାସୀ ମାଲିକାନାରେ ଥିବା ଜମି ଓ ଜଙ୍ଗଲ କିସମ ଜମିର କଟକଣା ହେତୁ କୌଣସି ବୃହତ୍ ଶିଳ୍ପ ବା କଳକାରଖାନା ପ୍ରତିଷ୍ଠା ହୋଇପାରୁନାହିଁ। ଫଳରେ ହଜାର ହଜାର ଯୁବତୀ ଯୁବକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ତେଣୁ ରାସଗୋବିନ୍ଦପୁରଠାରେ ଉକ୍ତ ଏମଆରଓ ପ୍ରତିଷ୍ଠା ହୋଇ ଯେତେବେଳେ ହଜାର ହଜାର କୋଟି ଟଙ୍କାର କାରବାର ହେବ। ସେତେବେଳେ ମୟୂରଭଞ୍ଜ ତଥା ସମଗ୍ର ଉତ୍ତରଓଡ଼ିଶାରେ ଅସଂଖ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସେହିପରି ଏହା ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଭଞ୍ଜଦେଓ ଆଶାପୋଷଣ କରିଛନ୍ତି।

# 'ଆସ ସ୍କୁଲ ଯିବା' ପଦଯାତ୍ରା



ରାଇକମା ଆଶ୍ରମ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ପଦଯାତ୍ରାରେ ପରିକ୍ରମା କରୁଛନ୍ତି।

ବୈଶିଙ୍ଗା,୨୦।୯(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ଶନିବାର ପୂର୍ବାହ୍ନରେ 'ଆସ ସ୍କୁଲ ଯିବା' ପଦଯାତ୍ରା ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରଜତ କୁମାର ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ବିଶାଳ ରାଲିରେ ବ୍ୟାନର, ପ୍ଲାକାର୍ଡ ଧରି ବିଭିନ୍ନ ଶିକ୍ଷା ସଚେତନତା ସମ୍ପର୍କିତ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ ଲୋକଙ୍କୁ ବିଦ୍ୟାଳୟରେ ନିଜ ପିଲାଙ୍କ ନାମ ଲେଖାଇବାକୁ ପ୍ରେରଣା ଯୋଗାଇଥିଲେ। ପ୍ରକାଶଥାଉ କି, ଗ୍ରୀଷ୍ମାବକାଶ ପୂର୍ବରୁ ହୋଇଥିବା ସର୍ବେକ୍ଷଣ ପରେ ବିଦ୍ୟାଳୟରେ ନାମ ଲେଖାଇ ପାରି ନ ଥିବା ରଙ୍ଗଡ଼ା ଗ୍ରାମର ଜଣେ ଦିବ୍ୟାଙ୍ଗ ଛାତ୍ରଙ୍କୁ ତାଙ୍କ ବାପା, ମା'ଙ୍କ ସହ ବିଦ୍ୟାଳୟକୁ ଡକାଯାଇ ନାମ ଲେଖାଯାଇଛି। ସେ କିପରି ସମସ୍ତ ସରକାରୀ ସାହାଯ୍ୟ ପାଇପାରିବେ, ବିଦ୍ୟାଳୟ ପକ୍ଷରୁ ତାହାର ବ୍ୟବସ୍ଥା କରାଯାଇଛି। ଏହାପରେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ସମ୍ମୁଖ ଭାଗ, ଦୋକାନ ବଜାର ଓ ମୁଖ୍ୟ ରାସ୍ତା ସଫେଇ କରାଯାଇଥିଲା। ଶିକ୍ଷୟିତ୍ରୀ ସୁବାସିନୀ ପରିଡ଼ା, ସୁକାନ୍ତି ବିଶ୍ୱାଳ, ନୀଳାକ୍ଷି ଦାସ, ଦୀପାଞ୍ଜଳି ଦାସ, ପ୍ରତିମା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଦାୟିତ୍ୱ ହସ୍ତାନ୍ତର ପାଇଁ ନିଲମ୍ବିତ ସମ୍ପାଦକଙ୍କୁ ସାନି ନୋଟିସ୍

ଭଣ୍ଡାରିପୋଖରୀ,୨୦।୯
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ସରସଦା ସମବାୟ ସମିତିର ସଭାପତି ନିଲମ୍ବିତ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର ପାଇଁ ଶୁକ୍ରବାର ସାନି ନୋଟିସ ଜାରି କରିଛନ୍ତି। ହାଇକୋର୍ଟଙ୍କ ରହିତାଦେଶ ବଳରେ ସମିତିର ନିର୍ବାଚିତ ପରିଷଦ ପୁନଃ କାର୍ଯ୍ୟକ୍ଷମ ହେବା ପରେ ଏହି ନୋଟିସ ଜାରି ହୋଇଛି। ସଭାପତି ଅବିନାଶ ରାଉତ ନୋଟିସ ଜାରି କରି ନିଲମ୍ବିତ ସମ୍ପାଦକ ଅଜୟ ବେହେରାଙ୍କୁ ୨ଦିନ ମଧ୍ୟରେ ଦାୟିତ୍ୱ ହସ୍ତାନ୍ତର ପାଇଁ ସମୟ ଧାର୍ଯ୍ୟ କରିଥିବା ଜଣାଯାଇଛି।

# ତ୍ରୁଟିପୂର୍ଣ୍ଣ ପଟ୍ଟା ଯୋଗୁ ମିଳୁନି ପ୍ରମାଣପତ୍ର

### ୨୩ରେ ତହସିଲ ସମ୍ମୁଖରେ ଧାରଣା

ବନ୍ତ,୨୦।୯(ହରିନାରାୟଣ ମହାନ୍ତି)

୪୧ବର୍ଷ ତଳେ ଭୂମିହୀନ ଜେଜେବାପାଙ୍କୁ ସରକାରଙ୍କ ପକ୍ଷରୁ ଘରବାଡ଼ି ପଟ୍ଟା ମିଳିଥିଲା। ଏବେ ଝିଅର ଚାକିରି ପାଇଁ ଆବଶ୍ୟକ ପଡ଼ିବାରୁ ପ୍ରମାଣପତ୍ର ପାଇଁ ତହସିଲରେ ଆବେଦନ କରିଥିଲେ। କିନ୍ତୁ ସେହି ପଟ୍ଟାରେ ଜାତି ଲେଖା ନ ଥିବାରୁ ପ୍ରମାଣପତ୍ର ମିଳୁ ନ ଥିବା ନେଇ ଅଭିଯୋଗ କରିଛନ୍ତି ବନ୍ତ ତହସିଲର ଗଣିଜାଙ୍ଗ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ତୁଣ୍ଡା ଗ୍ରାମର କୁସୁନ ମୁଣ୍ଡା। ପ୍ରମାଣପତ୍ର ନ ମିଳିଲେ ତାଙ୍କ ଝିଅର ଭବିଷ୍ୟତ ଅନ୍ଧାର ହୋଇଯିବ ବୋଲି ସେ କ୍ଷୋଭ ପ୍ରକାଶ କରି କହିଛନ୍ତି।

ପ୍ରକାଶ ଯେ, ତୁଣ୍ଡା ଗ୍ରାମର ସରକାରୀ



ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇଥିବା ମିନତି ମୁଣ୍ଡାଙ୍କ ବାପା କୁସୁନ ମୁଣ୍ଡା ଅଭିଯୋଗପତ୍ର ଦେଖାଉଛନ୍ତି।

ଜମିରେ ପୁରୁଷାନୁକ୍ରମେ କେତେଜଣ ମୁଣ୍ଡା ସମ୍ପ୍ରଦାୟର ଲୋକ ସ୍ଥାୟୀ ଭାବେ ବସବାସ କରିଆସୁଛନ୍ତି। ୧୯୮୪ରେ ସରକାରଙ୍କ ପକ୍ଷରୁ ଗ୍ରାମର ନାଥ ମୁଣ୍ଡା, ଜଟିଆ ମୁଣ୍ଡା, ତୁଳସୀ ମୁଣ୍ଡା, କୁମନ ମୁଣ୍ଡା, ଅମୂଲ୍ୟ ମୁଣ୍ଡା, ମାଳତୀ ମୁଣ୍ଡା, ବାଟି ମୁଣ୍ଡାଙ୍କ ସମେତ ପ୍ରାୟ ୧୦ରୁ ଅଧିକ ଭୂମିହୀନ ପରିବାରକୁ ଉକ୍ତ ମୌଜାର ୧୩୭ ନଂ.ଖାତାରୁ ୪ ଡିସିମିଲ ଲେଖାଏ ଜମି ଯୋଗାଇଦେବା ସହ ପଟ୍ଟା ପ୍ରଦାନ କରାଯାଇଥିଲା। ସବୁ ପଟ୍ଟାରେ ମୌଜା, ଖାତା, ପ୍ଲଟ୍ ନମ୍ବର ଉଲ୍ଲେଖ ଥିବା ବେଳେ ସେଥିରେ ଜାତି ଲେଖା ଯାଇ ନ ଥିଲା। ହିତାଧିକାରୀମାନେ ଅଣଶିକ୍ଷିତ ହୋଇଥିବାରୁ ସେତେବେଳେ ଏହି ତ୍ରୁଟି ସମ୍ପର୍କରେ ଜାଣିପାରି ନ ଥିଲେ। ଏବେ କୁସୁନଙ୍କ ଝିଅ ଜାତିଗତ ପ୍ରମାଣ ପତ୍ର ପାଇଁ ଆବେଦନ କରିବାରୁ ଏହି ତ୍ରୁଟି ନଜରକୁ ଆସିଛି। କୁସୁନଙ୍କ ଝିଅ ମିନତି ମାଟ୍ରିକ ପାସ୍ କରିଥିବା ବେଳେ ଚାକିରି ପାଇଁ ଜାତିଗତ ପ୍ରମାଣପତ୍ର ଆବଶ୍ୟକ ପଡ଼ିବାରୁ ସେ ଗତ ୮ ତାରିଖ ଏବଂ ଏଥିପୂର୍ବରୁ ୨ ଥର ଅନ୍‌ଲାଇନରେ ଆବେଦନ କରିଛନ୍ତି। ଆବେଦନ ବେଳେ କୁସୁନ ତାଙ୍କ ଜେଜେବାପା ନାଥ ମୁଣ୍ଡାଙ୍କ ନାମରେ ଥିବା ତୁଣ୍ଡା ମୌଜାର ଖାତା ନଂ-୧୩୭/୧୦ ଘରବାଡ଼ି ପଟ୍ଟା ପ୍ରଦାନ କରିଥିଲେ। ମାତ୍ର ସେହି ପଟ୍ଟାରେ ଜାତି ବିଷୟରେ କୌଣସି ସୂଚନା ଉଲ୍ଲେଖ ନ ଥିଲା। ଫଳରେ ସେ ୨ ମାସ ମଧ୍ୟରେ ୩ ଥର ଆବେଦନ କରି ପ୍ରମାଣପତ୍ର ପାଇପାରୁ ନାହାନ୍ତି। ତହସିଲ ଅଫିସ୍‌ରେ ତାଙ୍କ ଆବେଦନକୁ ବାରମ୍ବାର ଖାରଜ କରି ଦିଆଯାଉଛି। ତାଙ୍କୁ ନ୍ୟାୟ ନ ମିଳିଲେ ସେ ଜିଲାପାଳଙ୍କଠାରେ ଅଭିଯୋଗ କରିବା ସହ ଆସନ୍ତା ୨୩ ତାରିଖରେ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେବେ ବୋଲି କୁସୁନ କହିଛନ୍ତି। ଅପରପକ୍ଷେ ଏଭଳି ତ୍ରୁଟିକୁ ନେଇ ପଟ୍ଟା ପାଇଥିବା ଅନ୍ୟ ଭୂମିହୀନମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସାରା ହେମ୍ବ୍ରମଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ସେ କିଛି ଉତ୍ତର ନ ଦେଇ ଫୋନ୍ କଲ୍ କାଟି ଦେଇଥିଲେ।

# ସମବାୟ ସମିତିରେ ଦୁର୍ନୀତିର ତଦନ୍ତ

ଧାମନଗର,୨୦।୯(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଶ୍ରୀଜଗନ୍ନାଥ ସେବା ସମବାୟ ସମିତିରେ ଦୀର୍ଘବର୍ଷ ଧରି ଦୁର୍ନୀତି ଚାଲିଛି। ଶୁକ୍ରବାର ଜିଲା ସହକାରୀ ସମବାୟ ନିବନ୍ଧକ ପ୍ରାଚିତା ଜେନା, ଉପ ସହକାରୀ ସମବାୟ ନିବନ୍ଧକ ବାବାଜୀ ମଲ୍ଲିକ, ବସନ୍ତ କୁମାର ରଣା, ବିବିସିସିବି ଜୋନାଲ ଅଫିସର ସଞ୍ଜୟ କୁମାର ମହାନ୍ତି ପ୍ରମୁଖ ଏହି ସମିତିରେ ପହଞ୍ଚି ତଦନ୍ତ କରିଛନ୍ତି। ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ତଦନ୍ତ କରାଯାଇଥିଲା।

ପ୍ରକାଶ ଯେ, ଏହି ସମିତିରେ ଦୁର୍ନୀତି ନେଇ ଚାଷୀମାନେ ଗତ ଡିସେମ୍ବର ୫ରେ ସମବାୟ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଭୁବନେଶ୍ୱର ଆର୍‌ସିଏସ୍, ଭଦ୍ରକ ଜିଲାପାଳ, ଡିଆର୍‌ସିଏସ୍/ଏଆର୍‌ସିଏସ୍ ଏବଂ ବାଲେଶ୍ୱର ବିବିସିସିବି ସେକ୍ରେଟାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ସମବାୟ ସମିତି ନିବନ୍ଧକ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରିବା ପାଇଁ ଚିଠି ନଂ.୧୩୪୨/୧୫।୭।୨୫ରେ ନିର୍ଦ୍ଦେଶ ଦେଇଥିଲେ। ପ୍ରଥମେ ଗତ ଅଗଷ୍ଟ ୨୪ରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଥିଲା। ହେଲେ ଭାରପ୍ରାପ୍ତ ସମ୍ପାଦକ ଉପଯୁକ୍ତ ପ୍ରମାଣ ପତ୍ର ଦେଖାଇ ପାରି ନ ଥିଲେ। ତଦନ୍ତ କରିବାକୁ ପରବର୍ତ୍ତୀ ସମୟ ସେପ୍ଟେମ୍ବର ୩ ଓ ୧୧ ଦୁଇଟି ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ସମ୍ପାଦକ ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ଛୁଟିରେ ଥିଲେ। ପରେ ତଦନ୍ତକାରୀ ଅଧିକାରୀ ଶୁକ୍ରବାର ତଦନ୍ତ ହେବାକୁ ସ୍ଥିର କରିଥିଲେ। ସମ୍ପାଦକ ଚାଷୀଙ୍କ ଋଣ ପାସ୍‌ବହି ରଖିବା, ଋଣ ସମୟରେ ବ୍ଲାଙ୍କ ଚେକ୍‌ରେ ଆଗୁଆ ଦସ୍ତଖତ କରାଇ ନିଜ ପାଖରେ ରଖିବା, ବର୍ଷ ୨୦୧୪-୧୫ରୁ ୨୦୨୪-୨୫ ମଧ୍ୟରେ ସମିତି ବିଭିନ୍ନ ସମୟରେ ପାଇଥିବା କୃଷି ଶସ୍ୟ ବୀମାରେ ଲକ୍ଷାଧିକ ଟଙ୍କା ହେରଫେର, ୨୦୧୫ରୁ ସମିତିରେ ସାଧାରଣ ସଭା ନ କରିବା, ଧାନ କ୍ରୟ ସମୟରେ ସରକାର ସମିତିକୁ ଦେଉଥିବା ମଣ୍ଡି ଚାର୍ଜ ଅର୍ଥ ହଡ଼ପ, ଋଣରେ ଅସମାନତା ଯୋଗୁ ଧାରା ୬୫ ଅନୁଯାୟୀ ଅଡିଟ କରିବା ଆଦି ନେଇ ଅଭିଯୋଗ ହୋଇଥିଲା। ତେବେ ତଦନ୍ତକାରୀ ଅଫିସର ଅଳ୍ପ କେତୋଟି ଅଭିଯୋଗର ତଦନ୍ତ କରିଛନ୍ତି। ଅନ୍ୟ ସମସ୍ତ ଅଭିଯୋଗର ଠିକ୍ ଭାବେ ତଦନ୍ତ କରାଯାଇ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏକପାଖିଆ ତଦନ୍ତ କରାଯାଇଛି ବୋଲି ଅଭିଯୋଗକାରୀ ତ୍ରିଲୋଚନ ନାୟକ, କପିଳେନ୍ଦ୍ର ବଳ, ଶଙ୍କର୍ଷଣ ଜେନା, ଗଦାଧର ଖୁଣ୍ଟିଆ ପ୍ରମୁଖ ଚାଷୀ କହିଛନ୍ତି। ଏନେଇ ଭାରପ୍ରାପ୍ତ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ ସମସ୍ତ ଅଭିଯୋଗର ଠିକ୍ ଭାବେ ତଦନ୍ତ କରାଯାଇଥିବା କହିଛନ୍ତି। ଉପ ସହକାରୀ ସମବାୟ ନିବନ୍ଧକ ରଣା କହିଛନ୍ତି, ସମସ୍ତ ଅଭିଯୋଗର ଠିକ୍ ତଦନ୍ତ ହୋଇଛି, ଏକପାଖିଆ ତଦନ୍ତ ଅଭିଯୋଗକୁ ସେ ଖଣ୍ଡନ କରିବା ସହ ଆଗାମୀ ଦିନରେ ତଦନ୍ତ ଫଳାଫଳକୁ ନେଇ ଜିଲା ସହକାରୀ ସମବାୟ ନିବନ୍ଧକ ସୂଚନା ଦେବେ।

# ନାବାଳିକା ହତ୍ୟାକାଣ୍ଡର ଖିଅ ଖୋଜୁଛି ପୋଲିସ

ବାସୁଦେବପୁର, ୨୦।୯(କାଳିପଦ ରାୟ)

ବାସୁଦେବପୁର ପୌରାଞ୍ଚଳ ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମର ଜଣେ ନାବାଳିକାଙ୍କୁ ଘର ସାମ୍ନାରୁ ଅପହରଣ କରି ହତ୍ୟା ପରେ କେନାଲରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣାରେ ଖିଅ ଖୋଜୁଛି ପୋଲିସ। ଚୂଡ଼ାମଣି ସାମୁଦ୍ରିକ ଥାନା ପୋଲିସ ଘଟଣାକୁ ନେଇ ମାମଲା (ନଂ.୭୪/୨୫) ରୁଜୁକରି ଗୁରୁବାର ରାତିରୁ ୩ଜଣଙ୍କୁ ଅଟକ ରଖିଥିଲା। ପଚରାଉଚରା ପରେ ୨ଜଣଙ୍କୁ ଛାଡ଼ି ଦେଇଥିବା ବେଳେ ଶନିବାର ଆଉ ୩ ଜଣଙ୍କୁ ପୋଲିସ ଥାନାକୁ ଆଣିଛି। ୪ ଜଣଙ୍କୁ ସନ୍ଦେହରେ ଥାନାରେ ଅଟକ ରଖାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ସ୍ଥାନୀୟ ଅଞ୍ଚଳର ଚିଙ୍ଗୁଡ଼ି ବ୍ୟବସାୟୀ, ୨ ଜଣ ବାଲେଶ୍ୱର ଓ ଜଣେ ମୟୂରଭଞ୍ଜ ଜିଲାର ବୋଲି ସୂଚନା ମିଳିଛି।

ସଦର ଏସ୍‌ଡିପିଓ ବିଚିତ୍ରାନନ୍ଦ ସେଠୀ ଓ ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ ଶନିବାର ସକାଳେ ପହଞ୍ଚି ମୃତା ନାବାଳିକାଙ୍କ ପରିବାର ଲୋକଙ୍କୁ ପଚରାଉଚରା କରିବା ସହ ସ୍ଥାନୀୟ ଲୋକଙ୍କୁ ଘଟଣା ବିଷୟରେ ପଚାରି ବୁଝିଛନ୍ତି। ତହସିଲଦାର ପ୍ରିୟବ୍ରତ ଦାସ ରେଡ୍‌କ୍ରସ ପାଣ୍ଠିରୁ ମୃତା ନାବାଳିକାଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ପ୍ରକାଶଥାଉ କି, ୮ଦିନ ତଳେ ୨ଜଣ ଦୁର୍ବୃତ୍ତ ରାତିରେ ବାଇକ୍‌ରେ ଆସି ଘର ସାମ୍ନାରୁ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ୫ ଦିନ ପରେ ନାବାଳିକାଙ୍କ ଗଳିତ ମୃତଦେହ ଗାଁ ପଛପଟ କୋଷ୍ଟକେନାଲରୁ ମିଳିଥିଲା।

# ଅନ୍ତଃରାଷ୍ଟ୍ରୀୟ ତଟ ସୁରକ୍ଷା ଦିବସ



ତଟ ସୁରକ୍ଷା ପାଳନ ଅବସରରେ ଅନୁଷ୍ଠିତ ସଭାରେ ସଚେତନ କରାଯାଉଛି।

ବାସୁଦେବପୁର,୨୦।୯(କାଳିପଦ ରାୟ)

ବାସଦେବପୁର ବ୍ଲକର ଚୂଡ଼ାମଣି ଓ କଷିଆଠାରେ ଶନିବାର ଅନ୍ତଃରାଷ୍ଟ୍ରୀୟ ତଟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ସାଗର ବନ୍ଧୁ ସାମାଜିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଏହି ସୁରକ୍ଷା ଅଭିଯାନ ସୁରକ୍ଷିତ ସାଗର ଓ ସ୍ୱଚ୍ଛ ସାଗର ପାଇଁ ଉଦ୍ଦିଷ୍ଟ। ଓଡ଼ିଶାରେ ସମୁଦ୍ରରୁ ୪୦ ଭାଗ ଆର୍ଥିକ ରୋଜଗାର ହେଉଥିବା ବେଳେ ପଲିଥିନ, ବିଭିନ୍ନ ଚିଙ୍ଗୁଡ଼ି ପ୍ଲାଣ୍ଟରୁ ବାହାରୁ ଥିବା ବିଷାକ୍ତ ଜଳ ଓ ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ପ୍ଲାଷ୍ଟିକ ସାମଗ୍ରୀ ସମୁଦ୍ର ଜଳରେ ମିଶୁଛି। ଫଳରେ ଦିନକୁ ଦିନ ସମୁଦ୍ର ଜଳ ଦୂଷିତ ହେବା ସହ ସାମୁଦ୍ରିକ ପ୍ରାଣୀଙ୍କର ବଂଶ ଲୋପ ହେବାକୁ ବସିଛି। ଏହାକୁ ଦୃଷ୍ଟିରେ ରଖି ସଚେତନତା ସୃଷ୍ଟି କରିବା ସହ ପ୍ଲାଷ୍ଟିକ ସାମଗ୍ରୀ ଓ ବିଷାକ୍ତ ଦ୍ରବ୍ୟ ସମୁଦ୍ରକୁ ନ ଛାଡ଼ିବା ପାଇଁ କର୍ମକର୍ତ୍ତାମାନେ ଅନୁରୋଧ କରିଥିଲେ। ପୀତବାସ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ସଭ୍ୟ ପ୍ରତାପ ପାଢ଼ୀ, ପର୍ଶୁରାମ ବାରିକ, ଅଧ୍ୟାପକ ରାଜକିଶୋର ବାରିକ, ଗଗନ ବିହାରୀ ସେଠୀ, ନାରାୟଣ ପ୍ରସାଦ ମହାକୁଡ଼, ଗଙ୍ଗାମାତା ମତ୍ସ୍ୟଜୀବୀ ସଙ୍ଗଠନର ସଭାପତି ଝଣ୍ଟୁ ମଣ୍ଡଳ, ପରେଶ ସାହୁ, କଷିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ଏସ୍‌ଆଇ ସେବତୀ କର, ହାବିଲଦାର ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଓ ବାସୁଦେବପୁର ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ନବବଧୂଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଚାନ୍ଦବାଲି,୨୦।୯(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଅଧୀନ ଚରଦିଆ ପଞ୍ଚାୟତ ରାଜେନ୍ଦ୍ରପଲ୍ଲୀ ଗ୍ରାମରେ ଶନିବାର ଜୟନ୍ତୀ ମାଇତି ନାମ୍ନୀ ଜଣେ ନବବଧୂଙ୍କୁ ହତ୍ୟା ନେଇ ଅଭିଯୋଗ ହୋଇଛି। ତାଙ୍କ ଝିଅକୁ ଶାଶୁଘର ଲୋକେ ମାରି ରଶିରେ ଟାଙ୍ଗି ଦେଇଥିବା ମୃତା ଜୟନ୍ତୀଙ୍କ ବାପା ହରେକୃଷ୍ଣପୁର ଗ୍ରାମର ଅଶୋକ ମାଇତି ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ପୋଲିସ ମୃତା ଜୟନ୍ତୀଙ୍କ ସ୍ୱାମୀ ଶମ୍ଭୁ ମଣ୍ଡଳଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୯୫/୨୫) ରୁଜୁ ହୋଇଛି।

ଅଶୋକ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୬ ମାସ ପୂର୍ବେ ଜୟନ୍ତୀଙ୍କ ସହ ରାଜେନ୍ଦ୍ରପଲ୍ଲୀ ଗ୍ରାମର ଶମ୍ଭୁଙ୍କର ବୈଦିକ ରୀତିରେ ବିବାହ ହୋଇଥିଲା। ହେଲେ ବାହାଘର ପରେ ଶାଶୁଘର ଲୋକେ ଜୟନ୍ତୀଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ଶନିବାର ସକାଳୁ ଜୟନ୍ତୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଖବର ପାଇଥିଲେ। କିନ୍ତୁ ଏହା ଆତ୍ମହତ୍ୟା ନୁହେଁ ବରଂ ପ୍ରାୟୋଜିତ ହତ୍ୟା ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶମ୍ଭୁଙ୍କୁ ଗିରଫ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି। ଏପଟେ ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ଶମ୍ଭୁଙ୍କ ବାପା ସଫେଇ ଦେଇଥିବା ବେଳେ କିଛି କାରଣ ନ ଥାଇ ତାଙ୍କ ବୋହୂ ଆତ୍ମହତ୍ୟା କରିଥିବା କହିଛନ୍ତି।

# ବ୍ଲକସ୍ତରୀୟ ବିଜ୍ଞାନ ସେମିନାର




ବିଜ୍ଞାନ ସେମିନାରରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୨୦।୯
(ଅଶୋକ ପଣ୍ଡା/କିଷାନ ପାତ୍ର)

ଚାନ୍ଦବାଲି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନ ୧୧ଟାରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ସେମିନାର କରାଯାଉଥିବା ବେଳେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅନିତା ମିଶ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସେମିନାରରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁ, ବ୍ଲକ ବିଜ୍ଞାନ ସଂଯୋଜକ ଅମୂଲ୍ୟ କୁମାର ରାଉତ, ଅନ୍ୟତମ ଅତିଥି ଭାବେ ମା' ରାଣୀ ଆଇଟିଆଇର ଭାରପ୍ରାପ୍ତ ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କିପରି ବିଶ୍ୱ ବ୍ରହ୍ମାଣ୍ଡର ଶିଖରରେ ପହଞ୍ଚିପାରିଛି ଏବଂ କୃତ୍ରିମ ବୁଦ୍ଧିମତ୍ତାକୁ ଭିତ୍ତିକରି କ୍ୱାଣ୍ଟମ ଯୁଗରେ ପ୍ରବେଶ କରିବାକୁ ଯାଉଛି ସେ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ଶିକ୍ଷକ ରବୀନ୍ଦ୍ର କୁମାର ନନ୍ଦୀ ଅତିଥି ପରିଚୟ ଏବଂ ସୁବାସ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ। ଚାନ୍ଦବାଲି ବ୍ଲକର ବିଭିନ୍ନ ହାଇସ୍କୁଲର ଛାତ୍ରୀଛାତ୍ର ଓ ବିଜ୍ଞାନ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ଦିବ୍ୟଜ୍ୟୋତି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ସେବା ପକ୍ଷରେ ଚାରାରୋପଣ, ସ୍ୱଚ୍ଛତା କାର୍ଯ୍ୟକ୍ରମ

ଭଦ୍ରକ,୨୦।୯(ସନାତନ ରାଉତ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଗଣିଜାଙ୍ଗଠାରେ ଶନିବାର ସକାଳ ୯ଟାରେ ଏକଦିବସୀୟ ସେବା ପକ୍ଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଓ ଭାରତ ବିକାଶ ମଞ୍ଚ ଭଦ୍ରକ ଶାଖାର ମିଳିତ ଆନୁକୂଲ୍ୟରେ ଜଗନ୍ନାଥ ମନ୍ଦିରରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ୭୫ଟି ଦୀପ ଜାଳିବା ପରେ ସ୍ୱଚ୍ଛତା ଅଭିଯାନ ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ହୋଇଥିଲା। ଗଣିଜାଙ୍ଗ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସର ସମେତ ବିଭିନ୍ନ ସ୍ଥାନରେ ଶହେରୁ ଅଧିକ ଚାରାରୋପଣ କରାଯାଇଥିଲା। ଭାରତ ବିକାଶ ମଞ୍ଚର ବିଭୁ କଲ୍ୟାଣ ସ୍ୱାଇଁ, ପ୍ରଦୀପ ପୁହାଣ, ସଞ୍ଜୟ କୁମାର ରାଉତ, ପୁରୁଷୋତ୍ତମ ରାଉତ, ସଞ୍ଜୀବ ମହାନ୍ତି, ଚିନ୍ତାମଣି ଷେଣ୍ଠ, ବୃନ୍ଦାବନ ଜେନା, ରବୀନ୍ଦ୍ର ସାହୁ, ଅକ୍ଷୟ ମହାନ୍ତି, ରବିନାରାୟଣ ରାଉତ, ଶରତ ପଡ଼ିଆରୀ, ଟୁକୁ ନାୟକ, କାର୍ତ୍ତିକ ଭାରତୀ ଉପସ୍ଥିତ ଥିଲେ। ଭାଜପା ନେତ୍ରୀ ରୀତାରାଣୀ ବେହେରା, ବୁଥ୍ ସଭାପତି ସଞ୍ଜୟ ମଳିକ, ଅକ୍ଷୟ ଦାସ, ୱାର୍ଡ ସଭ୍ୟା ରାଜଲକ୍ଷ୍ମୀ ଦାସ, ନାରାୟଣ ମଳିକ, ଯୁବନେତା ରଶ୍ମିରଞ୍ଜନ ବେହେରା, ଆଇନଜୀବୀ ସଞ୍ଜୟ ବଳ, ଶର୍ମିଳା କବି, ମମତା ଦାସ ପ୍ରମୁଖ ସାମିଲ ଥିଲେ।



ଗଣିଜାଙ୍ଗ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଉଛି।

# ସ୍ୱଚ୍ଛତା ଓ ପରିମଳ ସମ୍ବନ୍ଧୀୟ ପରିଚାଳନା ତାଲିମ

ଧାମନଗର,୨୦।୯ (ଦେବେନ୍ଦ୍ର ଆଦ୍ଦିଆ/ସନ୍ତୋଷ କୁମାର ମହାପାତ୍ର)

ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ ସଭାଗୃହରେ ଶନିବାର ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା ଓ ପରିମଳ ସମ୍ବନ୍ଧୀୟ ଏକଦିବସୀୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବନବିହାରୀ ଦିଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ଏବିଡିଓ ସୁଶ୍ରୀ ଶର୍ମିଷ୍ଠା ମଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ସହକାରୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ, ପରିମଳ ବିଭାଗ ଯନ୍ତ୍ରୀ ଜସ୍ମିନୀ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛତା ହିଁ ସେବା, ଯାହା ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏଥିରେ ଜନସାଧାରଣଙ୍କ ସହଭାଗିତାକୁ ପ୍ରୋତ୍ସାହିତ କରିବା ଏହି ଅଭିଯାନର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଆସନ୍ତା ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟାୟକ୍ରମେ ବିଭିନ୍ନ ପଞ୍ଚାୟତରେ ସଫେଇ କରାଯିବ ବୋଲି ବିଡିଓ କହିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟ, ଯନ୍ତ୍ରୀ, ପିଇଓ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବିଆର୍‌ସି ଲକ୍ଷ୍ମୀଧର ରାଉଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# 'ଭାଜପା ସଙ୍ଗଠନକୁ ସୁଦୃଢ଼ କରିବାରେ ବିଷ୍ଣୁଙ୍କ ଅନନ୍ୟ ଭୂମିକା ଥିଲା'

### ଶ୍ରାଦ୍ଧବାର୍ଷିକୀରେ ପୂର୍ବତନ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ,୨୦।୯(ସନାତନ ରାଉତ/ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଧାମନଗର ଓ ଚାନ୍ଦବାଲିର ପୂର୍ବତନ ବିଧାୟକ, ବିରୋଧୀ ଦଳର ପୂର୍ବତନ ଉପନେତା, ସୁସାହିତ୍ୟିକ ସ୍ୱର୍ଗତ ବିଷ୍ଣୁ ସେଠୀ ଜଣେ ସ୍ପଷ୍ଟବାଦୀ ରାଜନେତା ଥିଲେ। ଓଡ଼ିଶା ଓ ଭଦ୍ରକରେ ଭାଜପା ସଙ୍ଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅନନ୍ୟ ଭୂମିକା ଥିଲା। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ବିଚଳିତ ନ ହୋଇ ମୁକାବିଲା କରିବାର ସାମର୍ଥ୍ୟ ତାଙ୍କର ଥିଲା। ସେ ସାହିତ୍ୟ, ସଂସ୍କୃତିକୁ ଭଲ ପାଉଥିବା ମଣିଷ ଥିଲେ ବୋଲି ତାଙ୍କ ୩ୟ ଶ୍ରାଦ୍ଧବାର୍ଷିକୀରେ ବହୁ ବକ୍ତା ମତବ୍ୟକ୍ତ କରିଥିଲେ। ଶୁକ୍ରବାର ରାତିରେ ଭଦ୍ରକ ସହର ପଣ୍ଡିକା ପରିସରରେ ଅନୁଷ୍ଠିତ ସ୍ମୃତିସଭାରେ ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ଅଭିମନ୍ୟୁ ସେଠୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବିଧାୟକ ଇରାଶିଷ ଆଚାର୍ଯ୍ୟ, ବାଲେଶ୍ୱର ବିଧାୟକ ମାନସ ଦତ୍ତ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ଭାଜପା ନେତା ଅଜୟ ନାୟକ, ଗୋଲକ ମହାପାତ୍ର, ହରିହର ମହାପାତ୍ର, କଂଗ୍ରେସ ନେତା ଅସିତ ପଟ୍ଟନାୟକ, ବିଧାୟକ ଅଶୋକ ଦାସ, ଜୟନାରାୟଣ ମିଶ୍ର, ଆକାଶ ଦାସ ନାୟକ, ଟଙ୍କଧର ତ୍ରିପାଠୀ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପଣ୍ଡିତ ବିରେନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଭାଜପା ଜିଲା ସଭାପତି ଭଗବାନ ପଣ୍ଡା, ପୌରାଧ୍ୟକ୍ଷା ଗୁଲମକ୍କୀ ହବିବ, ଶେଖର ମହାପାତ୍ର, ଡ. ପ୍ରଦୀପ ନାୟକ, ପୂର୍ବତନ ଜିଲା ଭାଜପା ସଭାପତି ବଦ୍ରିନାରାୟଣ ଧଳ, ଅକ୍ଷୟ ସାହୁ, ଦୀନବନ୍ଧୁ ପତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସେଠୀଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ସେଠୀଙ୍କ ଲିଖିତ 'ଆଲୋମୟ ଅପସରା ଓ ଘାସଫୁଲ' ପତ୍ରିକା ଉନ୍ମୋଚିତ ହୋଇଥିଲା। ତାଙ୍କ ପୁଅ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଜପା ନେତା ପଞ୍ଚାନନ ନାୟକ ସ୍ମୃତିସଭା ସଂଯୋଜନା କରିଥିଲେ। ଏହି ଅବସରରେ ଇଂ. ଅଭୟ ସୂତାରଙ୍କ ପୁସ୍ତକ 'ରଜ ଚନ୍ଦନ' ଉନ୍ମୋଚନ କରାଯାଇଥିଲା।



ପୂର୍ବତନ ବିଧାୟକ ବିଷ୍ଣୁ ସେଠୀଙ୍କ ସ୍ମୃତିସଭାରେ ପତ୍ରିକା ଉନ୍ମୋଚନ କରାଯାଉଛି।

# ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ

ବାସୁଦେବପୁର,୨୦।୯
(କାଳିପଦ ରାୟ)

ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ପୂର୍ବାହ୍ନରେ ବ୍ଲକସ୍ତରୀୟ ସ୍ୱଚ୍ଛତା ଏବଂ ପରିମଳ ପରିଚାଳନା ତାଲିମ

### ସ୍ୱଚ୍ଛତା, ପରିମଳ ପରିଚାଳନା ତାଲିମ

ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ତନ୍ମିତା କର, ଏବିଡିଓ ମୃତ୍ୟୁଞ୍ଜୟ ନାୟକ, ସହାୟକ ଯନ୍ତ୍ରୀ ଅନିଶ ସୁବୁଦ୍ଧି ରାୟ, ଜିପିଇଓ ରବୀନ୍ଦ୍ର ଦାସ, ସରପଞ୍ଚ ଆର୍ତ୍ତୁ ସୁବାସ ସନ୍ଧିବିଗ୍ରହ, ବରଣ୍ଡିଆ ସରପଞ୍ଚ ଗୋବିନ୍ଦ ମଲ୍ଲିକ, ଚୂଡ଼ାମଣି ସରପଞ୍ଚ ଅଗଣି ଜେନାଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଡିଓ କର ବିଭିନ୍ନ ପଞ୍ଚାୟତର ପରିମଳ ବ୍ୟବସ୍ଥା ଉପରେ ଦୃଷ୍ଟି ଦେଇ ସ୍ୱଚ୍ଛତା ବଜାୟ ରଖିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

# ବିପଦ ସାଜିଛି ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଭଣ୍ଡାରିପୋଖରୀ,୨୦।୯(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ଜଳହରି ଗାଁର ଚାରଣ ପଡ଼ିଆଠାରେ ଏକ ୬୩ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘଦିନ ଧରି ମୁକୁଳା ପଡ଼ିଛି। ଫଳରେ ଏହା ଲୋକଙ୍କ ପାଇଁ ବିପଦ ସାଜିଛି। ନପଙ୍ଗ-ମାଳଦା ଗ୍ରାମ୍ୟ ଉନ୍ନୟନ ରାସ୍ତାପାର୍ଶ୍ୱରେ ଟ୍ରାନ୍ସଫର୍ମରଟି ବସିଥିବା ବେଳେ ଏହାର ସୁରକ୍ଷା ପାଚେରି ନିର୍ମାଣ ହୋଇନାହିଁ। ଏହା ନିକଟରେ ଦୈନିକ ଗୋରୁ, ଛେଳି, ମେଣ୍ଢା ଚରୁଥିବା ବେଳେ ପିଲାମାନେ ମଧ୍ୟ ପଡ଼ିଆରେ ଖେଳୁଛନ୍ତି। ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଯୋଗୁ ଯେକୌଣସି ସମୟରେ ଦୁର୍ଘଟଣାର ଘଟିବାର ଆଶଙ୍କା ରହିଛି। ଏହି ଟ୍ରାନ୍ସଫର୍ମର ଜରିଆରେ କମ୍ପାନୀ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ଯୋଗାଇ ଲାଭବାନ ହେଉଥିବା ବେଳେ ଏହାର ସୁରକ୍ଷା ପାଇଁ ନଜର ଦେଉନାହିଁ ବୋଲି ଅଭିଯୋଗ ହେଉଛି। ଏଠାରେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଉପଭୋକ୍ତାମାନେ ଦାବି କରିଛନ୍ତି।

ବ୍ଲକର ବିଭିନ୍ନ ସ୍ଥାନରେ ଏଭଳି ବିପଦ ସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ଆଶ୍ଚର୍ଯ୍ୟ କଥା ଯେ ଖୋଦ୍ ବିଦ୍ୟୁତ୍ କାର୍ଯ୍ୟାଳୟଠାରୁ ମାତ୍ର ୨ଶହ ମିଟର ଦୂର ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ନିକଟରେ ମଧ୍ୟ ଦୀର୍ଘଦିନ ହେବ ଏକ ମୁକୁଳା ଟ୍ରାନ୍ସଫର୍ମର ରହିଛି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକ ଅଞ୍ଚଳରେ ପାଖାପାଖି ଶତାଧିକ ୬୩ ଓ ୧୦୦ କେଭି ଟ୍ରାନ୍ସଫର୍ମର ଅସୁରକ୍ଷିତ ଅବସ୍ଥାରେ ରହିଛି। ବିନା ସୁରକ୍ଷା ପାଚେରୀରେ ଦୀର୍ଘବର୍ଷ ହେବ ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ଯୋଗାଣ ହେଉଛି। ଏନେଇ ଭଣ୍ଡାରିପୋଖରୀ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ସ୍ୱାଇଁଙ୍କୁ ପଚାରିବାରୁ ଜଳହରିଠାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମରର ସୁରକ୍ଷା ପାଚେରି ପାଇଁ ଅର୍ଥ ମଞ୍ଜୁର ହୋଇଥିବା ବେଳେ ଅନ୍ୟ ସବୁ ଖୁବ୍‌ଶୀଘ୍ର କାର୍ଯ୍ୟ ହେବ ବୋଲି କହିଛନ୍ତି।



ଜଳହରିଠାରେ ମୁକୁଳା ପଡ଼ିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

# ପ୍ରଧାନମନ୍ତ୍ରୀ ମୋଦୀ, ପ୍ରଯୁକ୍ତିର ଚାମ୍ପିୟନ



ଅଶ୍ୱିନୀ ବୈଷ୍ଣବ

ମନେପକାନ୍ତୁ ପୂର୍ବରୁ ସରକାରୀ ଦସ୍ତାବିଜ ପାଇବା କିପରି ଏକ ବଡ଼ କଥା ଥିଲା? ବହୁବାର ଯାତ୍ରା, ଲମ୍ବା ଧାଡ଼ି, ଅଧିକ ଖର୍ଚ୍ଚ କରିବାକୁ ପଡୁଥିଲା? କିନ୍ତୁ ବର୍ତ୍ତମାନ ଏସବୁ ଆପଣଙ୍କ ଫୋନ୍‌ରେ ହୋଇପାରୁଛି। ଏହି ରୂପାନ୍ତରଣ ଅଚାନକ ହୋଇନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଯୁକ୍ତିକୁ ଭାରତର ସର୍ବୋତ୍ତମ ସମାନତା ସ୍ତରରେ ନେଇ ପହଞ୍ଚାଇଛନ୍ତି। ମୁମ୍ବାଇର ରାସ୍ତାକଡ଼ର ବିକାଳି ସମାନ ୟୁପିଆଇ ଦେୟ ବ୍ୟବସ୍ଥା ବ୍ୟବହାର କରେ, ଯେପରି ଜଣେ କର୍ପୋରେଟ୍ ଏକ୍‌ଜିକ୍ୟୁଟିଭ କରିଥାଆନ୍ତି। ତାଙ୍କ ଦୃଷ୍ଟିରେ ପ୍ରଯୁକ୍ତି ସାନବଡ଼ ଦେଖେନି।

ଏହି ରୂପାନ୍ତରଣ ତାଙ୍କ ଅନ୍ତ୍ୟୋଦୟର ମୂଳ ଦର୍ଶନକୁ ଦର୍ଶାଉଛି, ଯେଉଁଠି ଧାଡ଼ିର ଶେଷରେ ଥିବା ବ୍ୟକ୍ତି ନିକଟରେ କିଭଳି ପହଞ୍ଚିବ। ପ୍ରତିଟି ଡିଜିଟାଲ ପଦକ୍ଷେପର ଲକ୍ଷ୍ୟ ସମସ୍ତଙ୍କ ପାଇଁ ପ୍ରଯୁକ୍ତିକୁ ଗଣତାନ୍ତ୍ରିକ କରିବା। ଗୁଜରାଟରେ ଯାହା ପରୀକ୍ଷଣ ଭାବେ ଆରମ୍ଭ ହୋଇଥିଲା, ତାହା ଭାରତର ଡିଜିଟାଲ ବିପ୍ଳବର ଆଧାର ପାଲଟିଗଲା।

## ଗୁଜରାଟ: ଯେଉଁଠାରୁ ଏହା ଆରମ୍ଭ ହୋଇଥିଲା

ମୁଖ୍ୟମନ୍ତ୍ରୀ ଭାବେ ମୋଦିଜୀ ପ୍ରଯୁକ୍ତି ଓ ଅଭିନବତ୍ୱ ମାଧ୍ୟମରେ ଗୁଜରାଟରେ ବଡ଼ ପରିବର୍ତ୍ତନ ଆଣିଥିଲେ। ୨୦୦୩ରେ ଶୁଭାରମ୍ଭ ହୋଇଥିବା ଜ୍ୟୋତିଗ୍ରାମ ଯୋଜନା ଫିଡର ସେପାରେଶନ ପ୍ରଯୁକ୍ତି ବ୍ୟବହାର କରିଥିଲା। କୃଷି ବିଦ୍ୟୁତ୍ ମାଧ୍ୟମରେ ଭୂଗର୍ଭ ଜଳସ୍ତର କମିଯାଇଥିଲା ବେଳେ ଗ୍ରାମୀଣ ଉଦ୍ୟୋଗଗୁଡ଼ିକ ୨୪ ଘଣ୍ଟିଆ ବିଦ୍ୟୁତ୍ ଯୋଗାଣ ସହ ସ୍ଥିତିରେ ବ୍ୟାପକ ପରିବର୍ତ୍ତନ ଆଣିଲା।

ମହିଳାମାନେ ରାତିରେ ପଢ଼ିପାରିଲେ ଓ କ୍ଷୁଦ୍ର ବ୍ୟବସାୟରେ ଉନ୍ନତି ଘଟିଲା ଏବଂ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ପଳାୟନ ହ୍ରାସ ପାଇଲା। ଏକ ଅଧ୍ୟୟନ ଅନୁଯାୟୀ, ୧,୧୧୫ କୋଟି ଟଙ୍କାର ନିବେଶ ମାତ୍ର ଅଢ଼େଇ ବର୍ଷରେ ଅସୁଲ ହୋଇଥିଲା। ପ୍ରଧାନମନ୍ତ୍ରୀ ୨୦୧୨ରେ ନର୍ମଦା କେନାଲରେ ସୋଲାର ପ୍ୟାନେଲ ସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପ୍ରକଳ୍ପ ବାର୍ଷିକ ୧୬ ମିଲିୟନ ୟୁନିଟ୍ ଉତ୍ପାଦନ କରେ, ଯାହା ୧୬ ହଜାର ପରିବାର ପାଇଁ ଯଥେଷ୍ଟ। ଏହା ବାଷ୍ପୀକରଣ ହାରକୁ ଧୀର କରି ଜଳର ଉପଲବ୍ଧତାକୁ ବଢ଼ାଇଥିଲା।

ଏହି ଦୁଇ ପ୍ରକାର ଉପକାର ଆଣିବାର ଚିନ୍ତାଧାରା ପ୍ରଯୁକ୍ତିକୁ ନେଇ ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରଦର୍ଶନ କରେ। ମାତ୍ର ଗୋଟିଏ ପଦକ୍ଷେପ ମାଧ୍ୟମରେ ଏହା ବହୁବିଧ ସମସ୍ୟାର ସମାଧାନ କରିଥିଲା। ଜଳ ସଂରକ୍ଷଣ କରି ସ୍ୱଚ୍ଛ ଶକ୍ତି ସୃଷ୍ଟି କରିବା ହେଉଛି ତାଙ୍କ ଭିଜନ୍। ଏହା ଏକକ ସମାଧାନଗୁଡ଼ିକରୁ ଅଧିକ ଦକ୍ଷତା ଓ ପ୍ରଭାବ ପ୍ରଦର୍ଶନ କରିଥିଲା। ଏହି ପ୍ରଯୁକ୍ତିକୁ ବୈଶ୍ୱିକ ସ୍ତରରେ ଆମେରିକା ଓ ସ୍ପେନ୍ ଗ୍ରହଣ କରିଥିବାରୁ ଉଦ୍ଭାବନର ପ୍ରଭାବଶାଳିତା ବିଶ୍ୱସନୀୟ ହୋଇପାରିଛି।

ଇ-ଧାରା ବ୍ୟବସ୍ଥା ଜମିଜମା ରେକର୍ଡକୁ ଡିଜିଟାଲ କରିଦେଇଛି। ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଭେଟିବା SWAGAT ଯୋଗୁ ସମ୍ଭବ ହୋଇଛି। ଅନ୍‌ଲାଇନ ଯୋଗୁ ଦୁର୍ନୀତି ହ୍ରାସ ପାଇଛି। ଏଭଳି ପଦକ୍ଷେପ ଦୁର୍ନୀତିକୁ କମାଇଥିବା ସହ ସହଜରେ ସରକାରୀ ସେବା ଉପଲବ୍ଧତାରେ ଉନ୍ନତି ଘଟାଇଥିଲା। ସେ ଶାସନ ଉପରେ ଜନସାଧାରଣଙ୍କ ବିଶ୍ୱାସକୁ ପୁନଃସ୍ଥାପନ କରିଥିଲେ, ଯାହା ଗୁଜରାଟରେ ପର୍ଯ୍ୟାୟକ୍ରମେ ନିର୍ବାଚନ ସଫଳତାରେ ପ୍ରତିଫଳିତ ହୋଇଥିଲା।

## ନ୍ୟାଶନାଲ କାନ୍‌ଭାସ

୨୦୧୪ରେ ମୋଦୀ ଗୁଜରାଟର ଅଭିଜ୍ଞତା ଓ ହାସଲ କରିଥିବା ଶିକ୍ଷାକୁ ଦିଲ୍ଲୀକୁ ନେଇଥିଲେ, କିନ୍ତୁ ସ୍ଥିତି ଭିନ୍ନ ଥିଲା। ତାଙ୍କ ନେତୃତ୍ୱରେ ବିଶ୍ୱର ସବୁଠାରୁ ସମାବେଶୀ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର 'ଇଣ୍ଡିଆ ଷ୍ଟାକ୍' ବଡ଼ ଆକାର ନେଇଥିଲା। ଜେଏଏମ୍ ଟ୍ରିନିଟି ଏହାର ମୂଳଦୁଆ ପକାଇଥିଲା। ଜନ ଧନ ଆକାଉଣ୍ଟଗୁଡ଼ିକ ୫୩ କୋଟିରୁ ଅଧିକ ଲୋକଙ୍କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଆଣିଥିଲା। ପୂର୍ବରୁ ଆର୍ଥିକ ଦିଗରୁ ବାଦ୍ ପଡ଼ିଥିବା ଲୋକଙ୍କୁ ଏହା ପ୍ରଥମ ଥର ପାଇଁ ଔପଚାରିକ ଅର୍ଥନୀତିକୁ ଆଣିଥିଲା।

ନଗଦ ଉପରେ ନିର୍ଭରଶୀଳ ରାସ୍ତାକଡ଼ ବିକାଳି, ଦିନ ମଜୁରିଆ ଓ ଗ୍ରାମୀଣ ପରିବାରଗୁଡ଼ିକର ଏବେ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହା ସେମାନଙ୍କୁ ସୁରକ୍ଷିତ ଭାବେ ସଞ୍ଚୟ କରିବା, ସରକାରୀ ଲାଭ ସିଧାସଳଖ ପାଇବା ଏବଂ ସହଜରେ ଋଣ ପାଇବାରେ ସହାୟକ ହୋଇପାରିଛି।

ଆଧାର ନାଗରିକଙ୍କୁ ଡିଜିଟାଲ ପରିଚୟ ପ୍ରଦାନ କରିଛି। ଅଦ୍ୟାବଧି ୧୪୨ କୋଟି ଲୋକ ଏଥିରେ ନିଜ ନାମ ପଞ୍ଜୀକୃତ କରିସାରିଲେଣି। ଏହା ଦ୍ୱାରା ବହୁବିଧ ଦସ୍ତାବିଜ ଯାଞ୍ଚ କରିବା ଅପେକ୍ଷା ସରକାରୀ ସେବା ପାଇବା ସହଜ ହୋଇଯାଇଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର (ଡିବିଟି) ମଧ୍ୟସ୍ଥଙ୍କୁ ହଟେଇ ଦେଇଥିବା ବେଳେ ଦୁର୍ନୀତିକୁ ରୋକିବାରେ ଅନେକାଂଶରେ ସଫଳ ହୋଇଛି। ଡିବିଟି ଯୋଗୁ ଏପର୍ଯ୍ୟନ୍ତ ୪ ଲକ୍ଷ ୩୦ ହଜାର କୋଟି ଟଙ୍କାରୁ ଅଧିକ ସଞ୍ଚୟ ହୋଇପାରିଛି। ଏହି ସଞ୍ଚୟ ଅର୍ଥରେ ଅଧିକ ବିଦ୍ୟାଳୟ, ହସ୍ପିଟାଲ ଏବଂ ଭିତ୍ତିଭୂମି ପ୍ରକଳ୍ପ ନିର୍ମାଣ ହୋଇପାରିଛି।

ପୂର୍ବରୁ ଗ୍ରାହକଙ୍କ ଯାଞ୍ଚ ଏକ ଜଟିଳ ପ୍ରକ୍ରିୟା ଥିଲା। ଏହା ବ୍ୟକ୍ତିଗତ ଦସ୍ତାବିଜ ଯାଞ୍ଚ, ନିୟମ ପୁସ୍ତିକା ଏବଂ ଏକାଧିକ ଟଚ୍‌ପଏଣ୍ଟ ଆବଶ୍ୟକ କରୁଥିଲା। ଏହା ସେବା ପ୍ରଦାନକାରୀଙ୍କୁ ପ୍ରତି ଯାଞ୍ଚ ପାଇଁ ଅନେକ ଶହ ଟଙ୍କା ଖର୍ଚ୍ଚ କରାଉଥିଲା।

ଆଧାରଭିତ୍ତିକ ଇ-କେୱାଇସି ଦ୍ୱାରା ପ୍ରମାଣନ ଯାଞ୍ଚ କାର୍ଯ୍ୟ ମାତ୍ର ୫ ଟଙ୍କାରେ ହୋଇପାରୁଛି। ଏପରିକି ଏବେ ସବୁଠାରୁ ଛୋଟ କାରବାର ମଧ୍ୟ ଆର୍ଥିକ ଦୃଷ୍ଟିରୁ ସୁବିଧାଜନକ ହୋଇପାରିଛି। ୟୁପିଆଇ ଭାରତର ପେମେଣ୍ଟ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣିଛି। ଶୁଭାରମ୍ଭ ହେବାଠାରୁ ୫୫ କୋଟିରୁ ଅଧିକ ବ୍ୟବହାରକାରୀ ଏହାର କାରବାର କରିସାରିଲେଣି। ଅଗଷ୍ଟ ୨୦୨୫ରେ ୨୦ ବିଲିୟନରୁ ଅଧିକ କାରବାର ହୋଇଛି, ଯାହାର ମୂଲ୍ୟ ୨୪ ଲକ୍ଷ ୮୫ ହଜାର କୋଟି ହୋଇଥିଲା। ଘଣ୍ଟା ଘଣ୍ଟା ଧରି ବ୍ୟାଙ୍କରେ ଧାଡ଼ିରେ ଛିଡ଼ା ହୋଇ ଯେଉଁ କାରବାର କରିବାକୁ ପଡୁଥିଲା, ତାହା ମାତ୍ର ଦୁଇ ସେକେଣ୍ଡ ଫୋନ ସ୍କାନ୍ ଯୋଗୁ ହୋଇପାରୁଛି। ବ୍ୟାଙ୍କ ଯିବା, ଧାଡ଼ିରେ ରହିବା ଏବଂ ଅନେକ କାଗଜପତ୍ର କାମ ଅପ୍ରଚଳିତ ହୋଇଗଲାଣି। ଏବେ ତୁରନ୍ତ କ୍ୟୁଆର୍ କୋଡ୍ ପେମେଣ୍ଟ ଦ୍ୱାରା ସବୁକିଛି ବଦଳିଯାଇଛି।

ଭାରତ ଆଜି ବିଶ୍ୱର ଅର୍ଦ୍ଧେକ ରିଅଲ-ଟାଇମ୍ ଡିଜିଟାଲ ପେମେଣ୍ଟକୁ ପରିଚାଳନା କରୁଛି। ଏକ ଦଶନ୍ଧି ପୂର୍ବେ ଭାରତ ମୁଖ୍ୟତଃ ନଗଦ କାରବାର ଉପରେ ନିର୍ଭର କରୁଥିଲା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଷ୍ଟିକୋଣ ଜେଏଏମ୍ ଟ୍ରିନିଟି ଏବଂ ୟୁପିଆଇ ଭିତ୍ତିଭୂମିକୁ ବୃହତ୍ ଆକାର ଦେଇଛି। ଯେତେବେଳେ କୋଭିଡ୍ ମହାମାରୀ ଆସିଥିଲା, ସେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ ଡିଜିଟାଲ କାରବାରକୁ ଉତ୍ସାହିତ କରିଥିଲେ। ଫଳସ୍ୱରୂପ, ୟୁପିଆଇ ଏବେ ବିଶ୍ୱବ୍ୟାପୀ ଭିଜାଠାରୁ ଅଧିକ କାରବାର ପ୍ରକ୍ରିୟାରେ ରହିଛି। ବର୍ତ୍ତମାନ ଗୋଟେ ମୋବାଇଲ ଫୋନ୍ ଏକ ବ୍ୟାଙ୍କ, ଏକ ପେମେଣ୍ଟ ଗେଟ୍‌ୱେ ଏବଂ ଏକ ସର୍ଭିସ ସେଣ୍ଟର ପାଲଟିଯାଇଛି।

PRAGATI (ପ୍ରଗତି) ଶାସନ କ୍ଷେତ୍ରରେ ଉତ୍ତରଦାୟିତ୍ୱ ଆଣିଦେଇଛି। ଏହି ମଞ୍ଚ ମାଧ୍ୟମରେ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ମାସିକିଆ ପ୍ରକଳ୍ପ ତଦାରଖ କରୁଛନ୍ତି। ଯେତେବେଳେ ଅଧିକାରୀମାନେ ଜାଣୁଛନ୍ତି ଯେ ଲାଇଭ୍ ଭିଡିଓ ମାଧ୍ୟମରେ ପ୍ରଧାନମନ୍ତ୍ରୀ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରୁଛନ୍ତି, ସେତେବେଳେ ଉତ୍ତରଦାୟିତ୍ୱ ବଢ଼ିଯାଉଛି। ଉଦାହରଣ ସ୍ୱରୂପ, ଏକ ବିଳମ୍ବିତ ରାଜପଥ ପ୍ରକଳ୍ପ ପ୍ରଗତି ବୈଠକ ଯୋଗୁ ତୁରନ୍ତ ଧ୍ୟାନ ଆକର୍ଷଣ କରୁଛି। ଅଧିକାରୀମାନେ କାହିଁକି ବିଳମ୍ବ ହେଲା ତାହାର ବ୍ୟାଖ୍ୟା କରୁଛନ୍ତି। ଏହା କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛି ଓ ତାହାର ଲାଭ ନାଗରିକଙ୍କ ପାଖରେ ପହଞ୍ଚୁଛି।

## ସମସ୍ତଙ୍କ ପାଇଁ ପ୍ରଯୁକ୍ତି

ପ୍ରଯୁକ୍ତି କୃଷି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିପାରିଛି। ହରିୟାଣାର କୃଷକ ଜଗଦେବ ସିଂହଙ୍କ ଦୃଷ୍ଟାନ୍ତ ଦେଖାଯାଉ। ଏବେ ଫସଲ ସଂକ୍ରାନ୍ତ ନିଷ୍ପତ୍ତି ନେବା ପାଇଁ ସେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆପ୍ ବ୍ୟବହାର କରୁଛନ୍ତି। ସେ ତାଙ୍କ ଫୋନ୍ ମାଧ୍ୟମରେ ଠିକ୍ ପାଣିପାଗ ସୂଚନା ପାଇବା ସହ ମୃତ୍ତିକା ସ୍ୱାସ୍ଥ୍ୟ ସଂକ୍ରାନ୍ତ ତଥ୍ୟ ପାଇପାରୁଛନ୍ତି। ପିଏମ୍-କିଷାନ ଯୋଜନା ୧୧ କୋଟି କୃଷକଙ୍କୁ ଡିଜିଟାଲ ଭାବରେ ସିଧାସଳଖ ଆୟ ସହାୟତା ପ୍ରଦାନ କରୁଛି।

ଡିଜିଲକର୍ ଏବେ ୫୭ କୋଟିରୁ ଅଧିକ ବ୍ୟବହାରକାରୀଙ୍କ ୯୬୭ କୋଟି ଦସ୍ତାବିଜକୁ ଡିଜିଟାଲ ଭାବରେ ସାଇତି ରଖିଛି। ଆପଣଙ୍କ ଡ୍ରାଇଭିଂ ଲାଇସେନ୍ସ, ଡିଗ୍ରୀ ସାର୍ଟିଫିକେଟ, ଆଧାର ଏବଂ ଅନ୍ୟାନ୍ୟ ସରକାରୀ କାଗଜପତ୍ରକୁ ଆପଣ ଫୋନ୍‌ରେ ସୁରକ୍ଷିତ ରଖିପାରୁଛନ୍ତି। ରାସ୍ତାରେ ଥିବା ବେଳେ ପୋଲିସ ଯାଞ୍ଚ ବେଳେ ବ୍ୟକ୍ତିଗତ କାଗଜପତ୍ର ଖୋଜିବା ଆଉ ଦରକାର ପଡୁନାହିଁ। କେବଳ ଡିଜିଲକରରୁ ଆପଣ ଡିଜିଟାଲ ଲାଇସେନ୍ସ ଦେଖାଇପାରୁଛନ୍ତି। ଆଧାର ପ୍ରମାଣପତ୍ର ବ୍ୟବହାର କରାଯାଇ ଆୟକର ରିଟର୍ନ ଭରିବା ସହଜ ହୋଇଗଲାଣି। ପୂର୍ବରୁ ଯେଉଁ ଡକ୍ୟୁମେଣ୍ଟ ଫୋଲ୍ଡର୍ ବୋହିବାକୁ ପଡୁଥିଲା, ତା' ପରିବର୍ତ୍ତେ ଆପଣଙ୍କ ପକେଟରେ ଥିବା ଡିଜିଟାଲ ପ୍ରମାଣ ଯଥେଷ୍ଟ ରହୁଛି।

## ମହାକାଶ ଏବଂ ଅଭିନବତ୍ୱ:

ଦିନେ ଯାହା ଅସମ୍ଭବ ପରି ଦିଶୁଥିଲା, ତାହା ଭାରତ ସଫଳତାର ସହ କରିପାରୁଛି। ପ୍ରଥମ ପ୍ରଚେଷ୍ଟାରେ ମଙ୍ଗଳରେ ପହଞ୍ଚିବା ଏବଂ ତାହା ମଧ୍ୟ ଏକ ହଲିଉଡ୍ ମୁଭିରୁ କମ୍ ବଜେଟରେ ସମ୍ଭବ ହୋଇପାରିଛି। ମାର୍ସ ଅର୍ବିଟର୍ ମିଶନ ଖର୍ଚ୍ଚ ମାତ୍ର ୪୫୦ କୋଟି ଟଙ୍କା ହୋଇପାରିବା ଭାରତୀୟ ଇଞ୍ଜିନିୟରିଂର ବିଶ୍ୱସ୍ତରୀୟ ଚମତ୍କାରିତାକୁ ଦର୍ଶାଉଛି। ଚନ୍ଦ୍ରଯାନ-୩ ଭାରତକୁ ଚନ୍ଦ୍ରରେ ସୂକ୍ଷ୍ମ ଅବତରଣ କରି ସଫଳତା ଦେବାରେ ଚତୁର୍ଥ ଦେଶ ହୋଇଥିବା ବେଳେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିଥିବା ପ୍ରଥମ ଦେଶ ହୋଇପାରିଥିଲା। ଇସ୍ରୋ ଏକ ମିଶନ୍‌ରେ ୧୦୪ ଉପଗ୍ରହ ଉତ୍କ୍ଷେପଣ କରି ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଭାରତୀୟ ରକେଟ୍‌ଗୁଡ଼ିକ ଏବେ ୩୪ ଦେଶର ଉପଗ୍ରହ ବହନ କରୁଛି। ଗଗନଯାନ ମିଶନ ଭାରତକୁ ସ୍ୱଦେଶୀ ଜ୍ଞାନକୌଶଳ ବ୍ୟବହାର କରି ମାନବକୁ ମହାକାଶକୁ ପଠାଇଥିବାରେ ଚତୁର୍ଥ ଦେଶ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଆମର ବୈଜ୍ଞାନିକମାନଙ୍କ ସହିତ କାନ୍ଧରେ କାନ୍ଧ ମିଶାଇ ଠିଆ ହୋଇଥିଲେ ଏବଂ ସେମାନଙ୍କ ଦକ୍ଷତାରେ ଶତପ୍ରତିଶତ ବିଶ୍ୱାସ ରଖିଥିଲେ।

## ବିଶ୍ୱ ନେତୃତ୍ୱ:

ଯେତେବେଳେ କୋଭିଡ୍-୧୯ ଦେଖାଦେଇଥିଲା, ବିଶ୍ୱ ଟିକା ବଣ୍ଟନ ଅବ୍ୟବସ୍ଥା ସହିତ ସଂଘର୍ଷ କରୁଥିଲା। ଭାରତ ତା'ର ଶକ୍ତି ମାଧ୍ୟମରେ ସ୍ଥିତିର ମୁକାବିଲା କରିଥିଲା। କୋୱିନ ପ୍ଲାଟ୍‌ଫର୍ମ ଏଭଳି ସମୟରେ ଆସିଥିଲା ଯେ, ବିଶ୍ୱର ସର୍ବବୃହତ୍ ଟିକାକରଣ ଅଭିଯାନ ପାଇଁ ଏକ ବ୍ୟାପକ ଡିଜିଟାଲ ସମାଧାନ ଆଣିଦେଇଥିଲା। ଏହା ୨୦୦ କୋଟି ଟିକା ଡୋଜ୍ ଡିଜିଟାଲ ଯଥାର୍ଥତାର ସହିତ ପରିଚାଳନା କରିଥିଲା। ବିନା କୌଣସି କଳାବଜର ଓ କୌଣସି ପକ୍ଷପାତରେ ଏହା ବଣ୍ଟନରେ ସ୍ୱଚ୍ଛତା ବଜାୟ ରଖିଥିଲା। ଅବ୍ୟବହୃତ ଟିକାଗୁଡ଼ିକ ଉଚ୍ଚ ଚାହିଦା ଥିବା ଅଞ୍ଚଳକୁ ଯୋଗାଇ ଦିଆଯାଇଥିଲା। ପ୍ରଯୁକ୍ତି ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ପରିଚାଳିତ ହେଲେ ବିପୁଳ ମାତ୍ରାରେ ଓ ନ୍ୟାୟସଙ୍ଗତ ଭାବେ ତାହା ପ୍ରଦାନ କରିପାରିବ ବୋଲି ଏହି ସଫଳତା ଦର୍ଶାଇଥିଲା।

## ଉତ୍ପାଦନ ବିପ୍ଳବ:

ଉତ୍ପାଦ ନିର୍ମାଣ ବିଷୟରେ ଆପଣ ମୌଳିକ ଜ୍ଞାନ ଆହରଣ ନ କରି ଚିପ୍ ନିର୍ମାଣକୁ ଯାଇପାରିବେ ନାହିଁ। ଏହା କୋଡିଂ ଶିଖିବା ପରି; ଆପ୍ ନିର୍ମାଣ ପୂର୍ବରୁ ଆପଣ 'ହେଲୋ ୱାର୍ଲ୍ଡ' ସହିତ ଆରମ୍ଭ କରନ୍ତି।

ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ ସମାନ ଦିଗକୁ ଅନୁସରଣ କରେ। ଦେଶଗୁଡ଼ିକ ପ୍ରଥମେ ଏସେମ୍ବ୍ଲି (ଏକାଠି) କରନ୍ତି, ତା'ପରେ ସବ୍-ମଡ୍ୟୁଲ, କମ୍ପୋନେଣ୍ଟ ଏବଂ ଉପକରଣକୁ ଯାଆନ୍ତି। ଭାରତର ଯାତ୍ରା ସେହିଭଳି ପଥ ଦେଇ ଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଯୋଗୁ ଆମର ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନରେ ଦୃଢ଼ ଭିତ୍ତିଭୂମି ଏବେ ଉନ୍ନତ ସେମିକଣ୍ଡକ୍ଟର୍ ଉତ୍ପାଦନ ଆଡ଼କୁ ପାଦ ବଢ଼ାଇଛି।

ବିଶ୍ୱର ୨୦ ପ୍ରତିଶତରୁ ଅଧିକ ଚିପ୍ ଡିଜାଇନରଙ୍କୁ ନେଇ ଭାରତ ଦୀର୍ଘ ସମୟ ଧରି ଡିଜାଇନ ପ୍ରତିଭାଙ୍କ ହବ୍ ପାଲଟିଛି। ଦେଶରେ ଏବେ ଉନ୍ନତ 2nm, 3nm ଏବଂ 7nm ଚିପ୍ସଗୁଡ଼ିକର ଡିଜାଇନ କ୍ଷମତା ଅଛି। ଏଗୁଡ଼ିକ ବିଶ୍ୱ ପାଇଁ ଭାରତରେ ଡିଜାଇନ ହେଉଛି। ବର୍ତ୍ତମାନର ଫୋକସ ଫାବ୍ ଏବଂ ପ୍ୟାକେଜିଂ ସୁବିଧା ସୃଷ୍ଟିରେ ରହିଛି, ଯାହା ପ୍ରାକୃତିକ ଅଭ୍ୟୁଦୟକୁ ପ୍ରତିନିଧିତ୍ୱ କରେ। ବିନିର୍ମାଣ କ୍ଷେତ୍ର ଉର୍ଦ୍ଧ୍ୱକୁ ଯାଇ ସେମିକଣ୍ଡକ୍ଟର୍ ଉତ୍ପାଦନକୁ ଫିଡ୍ କରୁଥିବା ରାସାୟନିକ, ଗ୍ୟାସ୍ ଏବଂ ବିଶେଷ ସାମଗ୍ରୀଗୁଡ଼ିକ ମଧ୍ୟ ସହାୟକ ହେଉଛି। ଏହା ଏକ ପୂର୍ଣ୍ଣ ଇକୋସିଷ୍ଟମ ସୃଷ୍ଟି କରେ, ତାହାକୁ କେବଳ କାରଖାନା ଭାବେ ଦେଖାଯାଇ ନ ପାରେ। ଏହି କ୍ଷେତ୍ରଗୁଡ଼ିକର ଅଭ୍ୟୁଦୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମୂଲ୍ୟଯୁକ୍ତ ଶୃଙ୍ଖଳର ସ୍ପଷ୍ଟ ବୁଝାମଣା ଦ୍ୱାରା ସମ୍ଭବ ହୋଇଛି।

## ବୁଦ୍ଧିମତ୍ତା ସହିତ ଭିତ୍ତିଭୂମି:

ପିଏମ୍ ଗତି ଶକ୍ତି ପୋର୍ଟାଲ ଜିଆଇଏସ୍ ପ୍ରଯୁକ୍ତି ବ୍ୟବହାର କରେ। ପ୍ରତ୍ୟେକ ଭିତ୍ତିଭୂମି ପ୍ରକଳ୍ପକୁ ଡିଜିଟାଲି ମ୍ୟାପ୍ କରାଯାଇଥାଏ। ସଡ଼କ, ରେଳପଥ, ବିମାନବନ୍ଦର ଏବଂ ବନ୍ଦରଗୁଡ଼ିକର ଏକକାଳୀନ ଯୋଜନା ସ୍ଥିର କରାଯାଏ। ସିଲୋରେ କାମ କରିବା ଆଉ ନାହିଁ। ଦୁର୍ବଳ ସମନ୍ୱୟ ଯୋଗୁ ବିଳମ୍ବ ଆଉ ନାହିଁ। ଇଣ୍ଡିଆ ଏଆଇ ମିଶନ ମାଧ୍ୟମରେ ୩୮,୦୦୦ରୁ ଅଧିକ ଜିପିୟୁ ବିଶ୍ୱମୂଲ୍ୟର ଏକ ତୃତୀୟାଂଶରେ ଉପଲବ୍ଧ ହେଲାଣି। ଏହା ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ସିଲିକନ୍ ଭ୍ୟାଲି ସ୍ତରର କମ୍ପ୍ୟୁଟି ପ୍ରତି ଘଣ୍ଟା ହାରରେ ୬୭ ଟଙ୍କାରେ ଦେଉଛି। ଏଆଇକୋଶ ପ୍ଲାଟଫର୍ମ ୨,୦୦୦ରୁ ଅଧିକ ଡେଟାସେଟ ହୋଷ୍ଟ କରେ, ଯାହା ପାଣିପାଗରୁ ମୃତ୍ତିକା ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ରହିଛି। ଏଗୁଡ଼ିକ ଭାରତର ଭାଷା, ଆଇନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଫାଇନାନ୍ସ ପାଇଁ ବିକଶିତ ସ୍ୱଦେଶୀ LLMଗୁଡ଼ିକୁ ଦକ୍ଷ କରିପାରିବ।

ପ୍ରଧାନମନ୍ତ୍ରୀ ମୋଦୀଙ୍କର ପ୍ରଯୁକ୍ତି ଅଭିଜ୍ଞତା ଭାରତର ଅନନ୍ୟ ଏଆଇ ରେଗୁଲେଶନ ଦୃଷ୍ଟିକୋଣରେ ମଧ୍ୟ ପ୍ରତିଫଳିତ ହୁଏ। ସେ ବଜାର ଅଭିମୁଖୀ ନମୁନା କିମ୍ବା ରାଷ୍ଟ୍ର-ନିୟନ୍ତ୍ରିତ ଦୃଷ୍ଟିକୋଣରୁ ଭିନ୍ନ ଏକ ଅନନ୍ୟ ଟେକ୍ନୋ-ଲିଗାଲ ଫ୍ରେମ୍‌ୱର୍କ କଳ୍ପନା କରନ୍ତି। ଅଭିନବତ୍ୱକୁ ରୋକିପାରୁଥିବା କଠୋର ନିୟମାବଳୀ ବଦଳରେ ସରକାର ପ୍ରଯୁକ୍ତିଗତ ସୁରକ୍ଷାରେ ନିବେଶ କରନ୍ତି। ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟିଗୁଡ଼ିକ ଡିପ୍‌ଫେକ୍, ବ୍ୟକ୍ତିଗତ ଅନ୍ତରଙ୍ଗଜନିତ ଉଦ୍‌ବେଗ ଏବଂ ସାଇବର ନିରାପତ୍ତା ବିପଦକୁ ସମ୍ଭାଳିବା ପାଇଁ ଏଆଇ ପରିଚାଳିତ ଟୁଲ୍ ବିକଶିତ କରନ୍ତି। ଏହି ଦୃଷ୍ଟିକୋଣ ଉଦ୍ଭାବନକୁ ପ୍ରୋତ୍ସାହିତ କରେ ଏବଂ ଦାୟିତ୍ୱପୂର୍ଣ୍ଣ ନିୟୋଜନକୁ ନିଶ୍ଚିତ କରେ।

## ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପାଇଁ ପ୍ରଯୁକ୍ତି:

କେଭଡିଆର ଷ୍ଟାଚ୍ୟୁ ଅଫ୍ ୟୁନିଟି ୧୮୨ ମିଟର୍ ଉଚ୍ଚ ଓ ତାହା ବିଶ୍ୱର ସର୍ବୋଚ୍ଚ ପ୍ରତିମୂର୍ତ୍ତି ଭାବେ ଉଭା ହୋଇଛି। ୩ଡି ମଡେଲିଂ ଓ ବ୍ରୋଞ୍ଜ୍ କ୍ଲାଡିଂ ପ୍ରଯୁକ୍ତି ବ୍ୟବହାର କରାଯାଇ ନିର୍ମିତ ହୋଇଥିବା ଏହି ଷ୍ଟାଚ୍ୟୁ ବାର୍ଷିକ ୫୮ ଲକ୍ଷ ପର୍ଯ୍ୟଟକଙ୍କୁ ଆକର୍ଷଣ କରେ। ଏହି ପ୍ରକଳ୍ପ ଅନେକ ହଜାର ନିଯୁକ୍ତି ସୃଷ୍ଟି କରିଛି ଏବଂ କେଭଡିଆକୁ ଏକ ପର୍ଯ୍ୟଟନ ହବ୍‌ରେ ପରିଣତ କରିଛି।

୩୫୯ ମିଟର୍ ଉଚ୍ଚ ଚେନାବ ରେଳ ବ୍ରିଜ୍ କଶ୍ମୀରକୁ ଭାରତର ଅବଶିଷ୍ଟ ଅଂଶ ସହିତ ଯୋଡ଼ିବାରେ ସକ୍ଷମ ହୋଇଛି। ଆଇଜଲ ରେଳପଥରେ ଅଭିନବ ହିମାଳୟ ଟନେଲିଂ ପଦ୍ଧତି ବ୍ୟବହାର କରାଯାଇଛି। ଏହା ପାହାଡ଼ିଆ ଟନେଲ ଏବଂ ବ୍ରିଜ୍ ମଧ୍ୟରେ ଯାଇଛି। ଆଧୁନିକ ଇଞ୍ଜିନିୟରିଂ କୌଶଳରେ ନିର୍ମିତ ନୂଆ ପମ୍ବନ ବ୍ରିଜ୍ ଶତାବ୍ଦୀ ପୁରୁଣା ଢାଞ୍ଚାକୁ ବଦଳାଇଦେଇଛି। ଏଗୁଡ଼ିକ କେବଳ ଇଞ୍ଜିନିୟରିଂ ଚମତ୍କାରିତା ନୁହେଁ, ଏସବୁ ପ୍ରଯୁକ୍ତି ଓ ଦୃଢ଼ତା ମାଧ୍ୟମରେ ଭାରତକୁ ଯୋଡ଼ିବାରେ ମୋଦୀ ଜୀଙ୍କ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରନ୍ତି।

## ମାନବ ସଂଯୋଗ:

ପ୍ରଧାନମନ୍ତ୍ରୀ ମୋଦୀ ପ୍ରଯୁକ୍ତିକୁ ବୁଝନ୍ତି, କିନ୍ତୁ ତା'ଠାରୁ ଅଧିକ ସେ ଲୋକଙ୍କୁ ବୁଝିଛନ୍ତି। ତାଙ୍କର ଅନ୍ତ୍ୟୋଦୟ ଦୃଷ୍ଟିକୋଣ ପ୍ରତ୍ୟେକ ଡିଜିଟାଲ ଉଦ୍ୟମକୁ ପରିଚାଳିତ କରେ। ୟୁପିଆଇ ଏକାଧିକ ଭାଷାରେ କାର୍ଯ୍ୟ କରେ। ଅତ୍ୟନ୍ତ ଗରିବ କୃଷକଙ୍କର ସମାନ ଡିଜିଟାଲ ପରିଚୟ ଥାଏ, ଯେପରି ସବୁଠୁ ଧନୀ ଉଦ୍ୟୋଗପତିଙ୍କର ଅଛି। ସିଙ୍ଗାପୁରରୁ ଫ୍ରାନ୍ସ ପର୍ଯ୍ୟନ୍ତ ଦେଶଗୁଡ଼ିକ ୟୁପିଆଇ ସହିତ ଏକୀଭୂତ ହୋଇଛନ୍ତି। ସମାବେଶୀ ବିକାଶ ପାଇଁ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକ୍ଚର ଜରୁରୀ ବୋଲି ଜି୨୦ ମତ ଦେଇଥାଏ। ଜାପାନ ଏହା ପାଇଁ ଏକ ପେଟେଣ୍ଟ ଦେଇଛି। ଯାହା ଭାରତ ପାଇଁ ସମାଧାନ ଆଣିବା ନେଇ ଆରମ୍ଭ ହୋଇଥିଲା, ତାହା ବିଶ୍ୱର ଡିଜିଟାଲ ଗଣତନ୍ତ୍ରର ଟେମ୍ପଲେଟ୍ ହୋଇଗଲା।

ଗୁଜରାଟରେ ମୋଦୀଙ୍କ ଆଦ୍ୟ ପ୍ରୟୋଗରୁ ଡିଜିଟାଲ ଇଣ୍ଡିଆର ଶୁଭାରମ୍ଭ ଯାଏ ହୋଇଥିବା ଯାତ୍ରାରେ ପ୍ରଯୁକ୍ତିର ଶକ୍ତି ପ୍ରତିଟି ଜୀବନକୁ ପରିବର୍ତ୍ତନ କରିଥିବା ଦର୍ଶାଉଛି। ସେ ପ୍ରଯୁକ୍ତିକୁ ଶାସନର ବ୍ୟାକରଣ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଖାଇଛନ୍ତି ଯେ, ଯେତେବେଳେ ନେତାମାନେ ପ୍ରଯୁକ୍ତିକୁ ମାନବଜାତି ସହ ଆଲିଙ୍ଗନ କରନ୍ତି, ସମଗ୍ର ଦେଶ ଭବିଷ୍ୟତ ଆଡ଼କୁ ଲମ୍ଫ ପ୍ରଦାନ କରିପାରେ।

**– ଲେଖକ ରେଳ, ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ**

# ଟ୍ରମ୍ପଙ୍କ ସଂଶୋଧନ ମନ୍ତବ୍ୟ ପାଇଁ କେନ୍ଦ୍ରକୁ ଅନୁରୋଧ କରିଛି ରାଜ୍ୟ

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶରେ ଏକ ନିର୍ଦ୍ଦେଶାବଳୀ ଜାରିକରି ମହିଳା ପର୍ଯ୍ୟଟକମାନଙ୍କ ପାଇଁ ଓଡ଼ିଶା ସୁରକ୍ଷିତ ନୁହେଁ ବୋଲି କହିଥିଲେ। ଏନେଇ ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ଦେଶ ଭିତରେ ଲୋକମାନଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହାପରେ ଓଡ଼ିଶା ପ୍ରତି ବିଦେଶୀ ପର୍ଯ୍ୟଟକମାନଙ୍କ ଭିତରେ ଅନାଦାର ଭାବ ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଗଲା। ଏହି ଘଟଣା ପରେ ଟ୍ରମ୍ପ୍‌ଙ୍କ ସଂଶୋଧିତ ମନ୍ତବ୍ୟ ପ୍ରକାଶ କରାଇବା ନେଇ ପଦକ୍ଷେପ ନିଆଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ହେଲେ ସରକାରଙ୍କ ପକ୍ଷରୁ ସିଧାସଳଖ ଟ୍ରମ୍ପ୍‌ଙ୍କ ନାମ ଉଲ୍ଲେଖ କରା ନ ଯାଇ ବିଦେଶ ଶାସକ ବୋଲି ଉଲ୍ଲେଖ କରାଯାଇଛି।

### ମହିଳା ପର୍ଯ୍ୟଟକଙ୍କ ଲାଗି ଓଡ଼ିଶା ଅସୁରକ୍ଷିତ ପ୍ରସଙ୍ଗ

ବିଧାନସଭା ସଦସ୍ୟ ଅଶ୍ୱିନୀ କୁମାର ପାତ୍ର ଶନିବାର ଏକ ଅଣତାରକା ପ୍ରଶ୍ନରେ ପଚାରିଛନ୍ତି, ନିକଟରେ ଗଣମାଧ୍ୟମରେ ସମଗ୍ର ଦେଶରେ ପ୍ରକାଶ ପାଇଥିବା ବିଦେଶ ଶାସକଙ୍କ ମନ୍ତବ୍ୟ ଅନୁସାରେ ରାଜ୍ୟ ପର୍ଯ୍ୟଟନ ମହିଳାଙ୍କ ପାଇଁ ସୁରକ୍ଷିତ ନୁହେଁ, ଏଥିଲାଗି ପର୍ଯ୍ୟଟନ ନୀତି ପ୍ରତି ଆଘାତ ଲାଗିଥିବା ସରକାର ଅବଗତ ଅଛନ୍ତି କି? ଯଦି ଅବଗତ ଅଛନ୍ତି ତା'ହେଲେ ଦେଶ, ବିଦେଶରେ ପର୍ଯ୍ୟଟକଙ୍କୁ ଓଡ଼ିଶାକୁ ଆକୃଷ୍ଟ କରିବାକୁ ସରକାରଙ୍କ କ'ଣ ବିଶେଷ କାର୍ଯ୍ୟକ୍ରମ ରହିଛି।

ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ନିକଟରେ ଗଣମାଧ୍ୟମରେ ସମଗ୍ର ଦେଶରେ ପ୍ରକାଶ ପାଇଥିବା ବିଦେଶ ଶାସକଙ୍କ ମନ୍ତବ୍ୟ ବିଷୟରେ ସରକାର ଅବଗତ ଅଛନ୍ତି। ବିଦେଶ ଶାସକଙ୍କ ଏହି ମନ୍ତବ୍ୟ ଭିତ୍ତିହୀନ ଓ ତାହାର ସତ୍ୟତା ନାହିଁ। ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗୃହ ବିଭାଗ, ଓଡ଼ିଶା ସରକାରଙ୍କୁ ନଥି ସଂଖ୍ୟା ଟିସିଟି-ସିଓଡି-ଏମ୍‌ଆଇଏସ୍‌ସି-୦୦୪୬-୨୦୨୫ ମାଧ୍ୟମରେ ଅବଗତ କରାଯାଇଛି। ପୁନଶ୍ଚ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ତାଙ୍କ ପତ୍ର ସଂଖ୍ୟା ୨୨୪୬/ସି ଗତ ସେପ୍ଟେମ୍ବର ୧ ଦ୍ୱାରା ବୈଦେଶିକ ମନ୍ତ୍ରଣାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅବଗତ କରାଯିବା ସହିତ ବିଦେଶ ଶାସକଙ୍କ ମନ୍ତବ୍ୟକୁ ସମୀକ୍ଷାକରି ସଂଶୋଧିତ ମନ୍ତବ୍ୟ ପ୍ରକାଶ କରିବା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି।

### ମ୍ୟାନ୍ମାର ଉପକୂଳରେ ଘୂର୍ଣ୍ଣିବଳୟ

# ଶେଷ ସପ୍ତାହରେ ୩ ଲଘୁଚାପ

## ଅକ୍ଟୋବର ପ୍ରଥମ ସପ୍ତାହ ଯାଏ ପ୍ରବଳ ବର୍ଷା

ଭୁବନେଶ୍ୱର,୨୦।୯(ବନ୍ଦନା ସେଠୀ)

ଚଳିତ ମାସ ଶେଷ ସପ୍ତାହରେ ବଙ୍ଗୋପସାଗରରେ ଦାନା ବାନ୍ଧିବ ୩ ଲଘୁଚାପ। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏବେ ମୌସୁମୀଜନିତ ନିମ୍ନଚାପରେଖା ଓ ଟ୍ରଫ୍‌ଲାଇନ ପାଇଁ ରାଜ୍ୟରେ ବର୍ଷା ହେଉଛି। ଇତିମଧ୍ୟରେ ଉତ୍ତର ଆଣ୍ଡାମାନ ତଥା ସଂଲଗ୍ନ ମ୍ୟାନ୍ମାର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ରପତନରୁ ୩.୧ କି.ମି ଉପର ଯାଏ ଲମ୍ବିଥିବାବେଳେ ୨୨ ତାରିଖ ସୁଦ୍ଧା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତିକରି ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ପହଞ୍ଚିବ। ଫଳରେ ରାଜ୍ୟରେ ବର୍ଷାର ପରିମାଣ ୨୩ ତାରିଖରୁ ବୃଦ୍ଧି ପାଇବ। ଉକ୍ତ ଘୂର୍ଣ୍ଣିବଳୟଟି ୨୫ ତାରିଖ ସୁଦ୍ଧା ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେବ। ଏହା ପ୍ରଭାବରେ ୨୬ ତାରିଖ ଯାଏ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ମନୋରମା ମହାନ୍ତି ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଭାରତୀୟ ପାଣିପାଗ ସଂସ୍ଥାନ (ଆଇଏମ୍‌ଡି)ର ଆକଳନ ଅନୁସାରେ, ସେପ୍ଟେମ୍ବର ଶେଷସୁଦ୍ଧା ବଙ୍ଗୋପସାଗରରେ ୩ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଫଳରେ ଅକ୍ଟୋବର ପ୍ରଥମ ସପ୍ତାହ ଯାଏ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ। ମୁଖ୍ୟତଃ ଉପକୂଳ ଓ ଜିଲାଗୁଡ଼ିକରେ ବର୍ଷାଦ୍ୱାରା ପ୍ରଭାବିତ ହେବା ସମ୍ଭାବନା ଥିବା ଆଇଏମ୍‌ଡି ପକ୍ଷରୁ ସତର୍କ କରାଯାଇଛି। ଆକଳନ ଅନୁଯାୟୀ ପ୍ରଥମ ଲଘୁଚାପଟି ୨୫ ତାରିଖ ସୁଦ୍ଧା ସୃଷ୍ଟି ହେବାକୁ ଥିବାବେଳେ ଦ୍ୱିତୀୟଟି ୨୭ ତାରିଖ ଓ ତୃତୀୟଟି ୩୦ତାରିଖ ବେଳକୁ ସୃଷ୍ଟି ହେବ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ମୁଖ୍ୟତଃ ପାଗ ମେଘୁଆ ରହିଥିବାବେଳେ ସର୍ବାଧିକ ୨.୭ ସେ.ମି ବର୍ଷା ଗଜପତି ଜିଲା ନୂଆଗଡ଼ ଅଞ୍ଚଳରେ ରେକର୍ଡ କରାଯାଇଛି। ରବିବାର ଓ ସୋମବାର ରାଜ୍ୟର ୧୪ ଜିଲା ବଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ର କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ। ବର୍ଷା ସମୟରେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦ କି.ମି ରହିବ। ମଙ୍ଗଳବାରଠାରୁ ଲଘୁଚାପ ପ୍ରଭାବରେ ଉତ୍ତର ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବ ବୋଲି ସୂଚନା ଦିଆଯାଇଛି।

# ରାଜ୍ୟରେ ଭଡ଼ାରେ ଚାଲିଛି ୨୧,୦୩୦ ଅଙ୍ଗନୱାଡି କେନ୍ଦ୍ର

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ରାଜ୍ୟରେ ମୋଟ୍ ୭୪ ହଜାର ୨୨୪ଟି ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟରତ। ସେଥିମଧ୍ୟରୁ ୫୩ ହଜାର ୧୯୪ଟି କେନ୍ଦ୍ରର ନିଜସ୍ୱ ଗୃହ ଅଛି। ୨୧ ହଜାର ୦୩୦ଟି ଅଙ୍ଗନୱାଡି କେନ୍ଦ୍ର ବର୍ତ୍ତମାନ ଭଡ଼ାଘରେ ଚାଲିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭଡ଼ାଗୃହରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକର ଭଡ଼ା ବାବଦକୁ ୮୧୮.୧୬ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷରେ ଅଙ୍ଗନୱାଡିଗୁଡିକ ଭଡ଼ା ବାବଦକୁ ୧୫୮୪ .୨୩ ଲକ୍ଷ ଟଙ୍କା ଅନୁମୋଦନ ଦିଆଯାଇଛି। ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତର ଖର୍ଚ୍ଚ ପାଇଁ ୭୮୬.୧୨ ଲକ୍ଷ ଟଙ୍କା ମଞ୍ଜୁରୀ ଦିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

କଂଗ୍ରେସ ସଦସ୍ୟ ପବିତ୍ର ସାଉଁନ୍ତାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ୨୩,୪୬୦ଟି ଅଙ୍ଗନୱାଡି କେନ୍ଦ୍ରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ସୁବିଧା ଦିଆଯାଇଛି। ୩୭,୨୩୨ଟି କେନ୍ଦ୍ରରେ ଟଏଲେଟ ସୁବିଧା ଅଛି। ୫୨,୫୯୦ଟି କେନ୍ଦ୍ରରେ ରୋଷେଇଘର ସୁବିଧା ଅଛି। ୧୨,୧୪୦ ଅଙ୍ଗନୱାଡି କେନ୍ଦ୍ରକୁ ସକ୍ଷମ କେନ୍ଦ୍ର ଭାବେ ଉନ୍ନୀତ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ କେନ୍ଦ୍ର ସରକାର ୭,୨୮୪ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ପାଇଁ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୦।୯(ବନ୍ଦନା ସେଠୀ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସି ବ୍ରହ୍ମପୁରଠାରେ 'ଜାତୀୟସ୍ତରୀୟ ସେବାପର୍ବ' କାର୍ଯ୍ୟକ୍ରମରେ ଯୋଗଦେବେ। ଏଥିସହ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟର ଏକାଧିକ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ତେଣୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ଶନିବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଲୋକସେବା ଭବନରେ ସ୍ଥିରୀକୃତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ।




ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାପାଳ କୀର୍ତ୍ତିଭାସନ ଭି. ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସୂଚୀ ଉପରେ ଆଲୋକପାତ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମସ୍ଥଳ ଓ ଆଭାସୀ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ରହିଥିବାରୁ ସେସବୁକୁ ଉପଯୁକ୍ତ ସମନ୍ୱୟ ଓ ସହଯୋଗର ସହିତ ସମ୍ପାଦନ କରିବାକୁ ମୁଖ୍ୟ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସଭାସ୍ଥଳର ମଞ୍ଚ ପ୍ରସ୍ତୁତି, ଅତିଥି ଓ ଦର୍ଶକଙ୍କ ବସିବା, ଇଭେଣ୍ଟ ଚେକ୍‌ଲିଷ୍ଟ ଆଦି ପ୍ରସ୍ତୁତି ଚୂଡ଼ାନ୍ତ କରାଯିବା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ପିଲାଙ୍କୁ ଭାତ ଡାଲମା, ଶିକ୍ଷକ ଖାଉଛନ୍ତି ମଟନ

## ଉଦ୍‌ବେଗ ପ୍ରକାଶ କଲେ ବ୍ଲକ୍ ଅଧ୍ୟକ୍ଷ

ଯୋଡ଼ା,୨୦।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ଭାତ, ଡାଲମା ରୋଷେଇ ହେଉଥିବା ବେଳେ ଶିକ୍ଷକଙ୍କ ନିମନ୍ତେ ମଟନ ରୋଷେଇ କରାଯାଉଛି। ବ୍ଲକ୍ ପକ୍ଷରୁ ବିଭିନ୍ନ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ଓ ବିଦ୍ୟାଳୟଗୁଡ଼ିକରେ ପାଠପଢା ନେଇ ଗତ ୨ ଦିନ ହେଲା ତଦାରଖ କରାଯାଇଛି। ପରିଦର୍ଶନ ସମୟରେ ସ୍କୁଲରେ ଅନେକ ଅବ୍ୟବସ୍ଥା ଦେଖିବା ସହ ଶିକ୍ଷକଙ୍କ ନିମେନ୍ତ ମଟନ ରୋଷେଇ ହେଉଥିବା ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ଦେଖି ଉଦ୍‌ବେଗ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର ଅଧ୍ୟକ୍ଷଙ୍କ ସହିତ ଯୋଡ଼ା ବିଡିଓ ଡେନିସ୍ ବେହେରା ଓ ବିଭାଗୀୟ ଯନ୍ତ୍ରୀମାନେ ବିଭିନ୍ନ ପଞ୍ଚାୟତର ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ଦେଓଝର ପଞ୍ଚାୟତରେ ଥିବା ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ନେଇ ପଚାରି ବୁଝିଥିଲେ। ପ୍ରଧାନ ଶିକ୍ଷକଙ୍କୁ ତାଙ୍କର ଶିକ୍ଷାଦାନ ବିଷୟରେ ପଚାରିବାରୁ କୌଣସି ସୂଚନା ଦେଇପାରି ନ ଥିଲେ। ସେହି ସମୟରେ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ, ଡାଲମା ପରସା ଯାଇଥିଲା। ମାତ୍ର ଶିକ୍ଷୟିତ୍ରୀ, ଶିକ୍ଷକମାନେ ସ୍କୁଲ ପରିସରରେ ଚିକେନ ସହ ମଟନ ରୋଷେଇ କରୁଥିବା ଦେଖିବାକୁ ମିଳିଥିଲା। ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଏହା ଏକ ଅପରାଧ ବୋଲି କହି ଦୁଃଖ ପ୍ରକାଶ କରିବା ସହିତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ତାଗିଦା କରିଥିଲେ। ତଦାରଖ ସମୟରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ଓ ସ୍କୁଲ କମିଟି ସଭାପତି ଉପସ୍ଥିତ ଥିଲେ। ପାଠପଢ଼ାରେ ଅବ୍ୟବସ୍ଥା ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ଦେଓଝର



ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକ ଓ ଅନ୍ୟମାନେ ସ୍କୁଲରେ ତଦାରଖ କରୁଛନ୍ତି।

ପଞ୍ଚାୟତରେ ନିର୍ମାଣ କରାଯାଉଥିବା ହେଲ୍ଥ ସେଣ୍ଟର, ଗୋବର୍ଦ୍ଧନପୁର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ତଦାରଖ କରିଥିଲେ। ସ୍କୁଲରେ ଛାତ୍ରୀଛାତ୍ର ଅନୁପସ୍ଥିତ ରହୁଥିବାରୁ ଅଭିଭାବକ ବୈଠକ ଡାକିବା ପାଇଁ ଶିକ୍ଷକଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ବଳିତା ପ୍ରାଥମିକ ବିଦ୍ୟାଳୟ, ବିରିକଳା ପ୍ରାଥମିକ ବିଦ୍ୟାଳୟ, ଜୁଗୁଡିଧର ପ୍ରାଥମିକ ବିଦ୍ୟାଳୟ, ବଲାଣୀ ପ୍ରାଥମିକ ବିଦ୍ୟାଳୟ, କମର୍ଦା ପ୍ରାଥମିକ ବିଦ୍ୟାଳୟ ଆଦିରେ ତଦାରଖ କରି ଶିକ୍ଷକ ସମସ୍ୟା, ଗୃହ, ପାନୀୟ ଜଳ, ଶୌଚାଳୟ ଭଳି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ସେହିଭଳି ଦେଓଝର, ବିରିକଳା, କଣ୍ଡରା, ଅଂଶେଇକଳା, ବଲାଣୀ, ବାଲାଗୋଡ଼ା, ସେରେଣ୍ଡା, ଭଦ୍ରାସାହି, କାରାଖେଣ୍ଡ୍ରା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ତଦାରଖ କରିବା ସହ ଲୋକଙ୍କଠାରୁ ସମସ୍ୟା ପଚାରି ବୁଝିଥିଲେ। ଏହି ସମୟରେ ରାସ୍ତା, ପାର୍କ, ବିଭିନ୍ନ ସୌନ୍ଦର୍ଯ୍ୟକରଣ କିପରି କରାଯିବ ସେନେଇ ଆଲୋଚନା କରାଯାଇଥିଲା। ପଞ୍ଚାୟତରେ ପିଡିଏସ ଚାଉଳ ବଣ୍ଟନ ସମସ୍ୟା, ଖେଳପଡ଼ିଆ, ଡ୍ରେନ୍ ନିର୍ମାଣ ନେଇ ଗ୍ରାମବାସୀ ଅଭିଯୋଗ କରିଥିବା ନେଇ ବ୍ଲକ୍ ଅଧ୍ୟକ୍ଷ ନାଏକ କହିଛନ୍ତି।

## ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରାମର୍ଶ ଶିବିର



ଉପଜିଲାପାଳ ଉମାକାନ୍ତ ପରିଡ଼ା ଓ ଅନ୍ୟମାନେ।

ଚମ୍ପୁଆ,୨୦।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟଠାରେ ଶନିବାର ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍ଥାନୀୟ ଉପ ଜିଲାପାଳ ଉମାକାନ୍ତ ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସୁସ୍ଥ ନାରୀ ସଶକ୍ତ ପରିବାର ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ଡାକ୍ତରଙ୍କ ଦ୍ୱାରା ବାଳିକା ଓ ନାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତ ପରୀକ୍ଷା, ଦନ୍ତ ପରୀକ୍ଷା, ଟିକାକରଣ, ଚକ୍ଷୁ ପରୀକ୍ଷା ଆଦି କରାଯିବା ସହିତ ଭେସଜ, ସର୍ଜରୀ, ସ୍ତ୍ରୀ ରୋଗ, ଶିଶୁ ରୋଗ, ମନସ୍ୱାସ୍ଥ୍ୟ ଆଦି ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଡାକ୍ତରଖାନାରେ ଉନ୍ନତଜ୍ଞାନ କୌଶଳର ହୃଦ୍‌ରୋଗ ପାଇଁ ଇସିଜି ସେବା, ଆଧୁନିକ କମ୍ପ୍ୟୁଟରାଇଜ ମାଧ୍ୟମରେ ରକ୍ତ ପରୀକ୍ଷା ଶେବା, ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପଖଣ୍ଡ ଚିକିତ୍ସାଳୟରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଆଦିକୁ ଉପ ଜିଲାପାଳ ପରିଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହାର ସୁଫଳ ନେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼. ଉମାକାନ୍ତ ସାହୁ, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ଡ଼. ଧର୍ମପଦ ଦାଶ ମହାପାତ୍ର ପ୍ରମୁଖଙ୍କ ସହିତ ହସ୍ପିଟାଲ ମ୍ୟାନେଜର ଏମ୍‌ଡି ୱାସିମ ଓ ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

## କେନ୍ଦୁଝର ଶିଶୁ ସୁରକ୍ଷା କମିଟି ଶ୍ରେଷ୍ଠ ବିବେଚିତ

କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଶିଶୁ ସୁରକ୍ଷା କମିଟି ଜିଲାରେ ଶିଶୁଙ୍କ ସୁରକ୍ଷା ଓ ଭଲ କାମ କ୍ଷେତ୍ରରେ ଶ୍ରେଷ୍ଠ ବିବେଚିତ ହୋଇଛି। ପ୍ଲାନ ଇଣ୍ଡିଆ ଇମ୍ପାକ୍ଟ ପୁରସ୍କାର ୨୦୨୫ରେ ଜିଲା ଶିଶୁ ସୁରକ୍ଷା କମିଟିକୁ ପ୍ରଥମ ରନର୍ସ ଭାବେ ଚୟନକର୍ତ୍ତା ବିବେଚିତ କରିଛନ୍ତି। ଏ ନେଇ ଆୟୋଜକ ଟିମ୍ କେନ୍ଦୁଝର ଆସି ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରିବେ ବୋଲି କମିଟିର ଅଧ୍ୟକ୍ଷଙ୍କୁ ଆୟୋଜକ କମିଟି ସୂଚନା ଦେଇଛି। ଜିଲାରେ ଶିଶୁଙ୍କ ସୁରକ୍ଷା ପାଇଁ ଭଲ କାମ କରିବା ସହ ଠିକ ଦାୟିତ୍ୱ ତୁଲାଇଥିବାରୁ ଦେଶସ୍ତରରେ ଏଭଳି ସମ୍ମାନ ମିଳିଛି। ଏଥିରେ ଆନ୍ଧ୍ର ପ୍ରଦେଶର କୁର୍ଣ୍ଣୁଲ ଶିଶୁ ସୁରକ୍ଷା କମିଟି ଶ୍ରେଷ୍ଠ ହୋଇଥିବା ବେଳେ ଓଡ଼ିଶାର କେନ୍ଦୁଝର ଜିଲା ଦ୍ୱିତୀୟ ହୋଇଛି। ଏଭଳି ସଫଳତା ପାଉଥିବାରୁ ବେଶ ଖୁସି ଥିବା ଅଧ୍ୟକ୍ଷ ଡ. ବିଭୂତି ଦାଶ କହିଛନ୍ତି। ସମ୍ମାନ କମିଟିକୁ ଅଧିକ ଶିଶୁଙ୍କ ସୁରକ୍ଷା ଓ ମଙ୍ଗଳ କାମ କରିବାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଛନ୍ତି।

# ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା



ଚିତ୍ରକଳା ପ୍ରତିଯୋଗିତାରେ ଭାଗ ଦେଇଥିବା ପ୍ରତିଯୋଗୀମାନେ।

କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିକଶିତ ଭାରତ କେ ରଙ୍ଗ, କଳା କେ ସାଙ୍ଗ ଦେଶବ୍ୟାପୀ ଅଭିଯାନର ଅଂଶ ସ୍ୱରୂପ ଶନିବାର କେନ୍ଦୁଝରର ଶଙ୍କରପୁର ଧରଣୀଧର କ୍ରୀଡ଼ା କମ୍ପ୍ଲେକ୍ସଠାରେ ଏକ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଦୃଷ୍ଟିକୋଣକୁ ପାଳନ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବୃତ୍ତିଗତ କଳାକାର, ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଏବଂ ବିଦ୍ୟାଳୟସ୍ତରୀୟ ଏହିପରି ଭାବେ ୩ ବର୍ଗର କଳାକାର ଉତ୍ସାହଜନକ ଭାବରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀ କଳାକୃତୀ ମାଧ୍ୟମରେ ଭାରତର ପ୍ରଗତି, ଆକାଂକ୍ଷା, ସାଂସ୍କୃତିକ ସ୍ପନ୍ଦନକୁ ଉଜ୍ଜ୍ୱଳ ଭାବରେ 'ବିକଶିତ ଭାରତ' ବିଷୟବସ୍ତୁକୁ ଚିତ୍ରଣ କରିଥିଲେ। ଯୁବ ଏବଂ ବୃତ୍ତିଗତ ପ୍ରତିଭାମାନେ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତର ଦୃଷ୍ଟିକୋଣ ପ୍ରକାଶ କରିବା ସହିତ ଏହି କାର୍ଯ୍ୟକ୍ରମ ସୃଜନଶୀଳତା ଏବଂ ଦେଶପ୍ରେମ ଉତ୍ସାହ ଦ୍ୱାରା ପୂର୍ଣ୍ଣ ହୋଇଥିଲା। ବୃତ୍ତିଗତ ବର୍ଗରେ ମାନସ ଦାସ ପ୍ରଥମ, ସୁଧୀର ସ୍ୱାଇଁ ଦ୍ୱିତୀୟ ଓ ବିକାଶ ରଞ୍ଜନ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ସ୍ତରରେ ସ୍ୱସ୍ତିକ ଦାଶ ପ୍ରଥମ, ରୁଦ୍ରନାରାୟଣ ରାଉତ ଦ୍ୱିତୀୟ ଓ ବିଶ୍ୱଜିତ ଝାଲିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବିଦ୍ୟାଳୟସ୍ତରରେ ଅନନ୍ୟା ବେହେରା ପ୍ରଥମ, ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ, ସାଇ ଓମପ୍ରକାଶ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତ୍ୟେକ ବର୍ଗର ବିଜେତାମାନେ ରାଜ୍ୟସ୍ତରରେ ହେବାକୁ ଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ କେନ୍ଦୁଝରକୁ ପ୍ରତିନିଧିତ୍ୱ କରିବେ। କାର୍ଯ୍ୟକ୍ରମକୁ ଜିଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ଅନ୍ୟ ଜିଲାର ପ୍ରଶାସନୀକ ଅଧିକାରୀ, ଶିକ୍ଷକ ପରିଚାଳନା କରିଥିଲେ। ବିଚାରକଭାବେ ସଜନାବତ୍ତୀ ମୁଖାର୍ଜୀ, ବିଜୟ ବେହେରା, ଅବନୀ ଦାସ ଓ ଦେବଦର୍ଶନ ଦାଶ ଯୋଗଦେଇଥିଲେ।

## ପିସ୍ତଲ ଦେଖାଇ ଜବତ ପିକ୍‌ଅପ୍ ନେଇଗଲେ

ପାଟଣା,୨୦।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ରାଜନଗର ବୈତରଣୀ ନଦୀ ନିକଟରୁ ଏକ ଜବତ ପିକ୍‌ଅପ୍‌କୁ ଦୁର୍ବୃତ୍ତ ପିସ୍ତଲ ଦେଖାଇ ନେଇଯାଇଛନ୍ତି। ପରବର୍ତ୍ତୀ ସମୟରେ ପୋଲିସ ଖୋଜାଖୋଜି କରି ଗାଡ଼ି ଯାଜପୁରରୁ ଜବତ କରିଛି। ଘଟଣାରେ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଆନନ୍ଦପୁର ପାର୍ଶ୍ୱରୁ ବେଆଇନ ୬ ପଣ୍ଡା ଚାଲାଣ ହେଉଥିଲା। ଠାକୁରମୁଣ୍ଡା ଥାନା ୫୩ ନମ୍ବର୍ ରାଜ୍ୟ ରାଜପଥ କେନ୍ଦୁଆଣି ନିକଟରେ ଠାକୁରମୁଣ୍ଡା ଓଆଇସି ସାବିତ୍ରୀ ଦଲେଇ ଓ କର୍ମଚାରୀ ଗାଡ଼ିକୁ ଜବତ କରିଥିଲେ। ଜବତ ପଣ୍ଡା ରାଜନଗରର ନନ୍ଦିନୀ ଗୋଶାଳାକୁ ହସ୍ତାନ୍ତର କରିବାକୁ ଯାଉଥିବା ବେଳେ ବୈତରଣୀ ନଦୀ ନିକଟରେ ୨ ଦୁର୍ବୃତ୍ତ ପିସ୍ତଲ ଦେଖାଇ ପିକ୍‌ଅପ୍‌କୁ ନେଇଯାଇଥିଲେ। ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଯାଜପୁରର ଗାଡ଼ି ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି। କରଞ୍ଜିଆ ଏସ୍‌ଡିପିଓ ନବ କିଶୋର ନାଏକ କହିଛନ୍ତି, ଗାଡ଼ି ଯାଜପୁର ନିକଟରୁ ଜବତ ହୋଇଛି। ଘଟଣାରେ ଜଣଙ୍କୁ ଅଟକ ରଖି ତଦନ୍ତ ଚାଲିଛି।

# ପରିବାରକୁ ୫ ଲକ୍ଷ ସହାୟତା, ସ୍ତ୍ରୀଙ୍କୁ ଚାକିରି

## ଆରିୟା ପ୍ଲାଣ୍ଟ କର୍ମଚାରୀଙ୍କ ମୃତ୍ୟୁ ଘଟଣା

ବଡ଼ବିଲ,୨୦।୯(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଲାଣୀ ଥାନା ଅନ୍ତର୍ଗତ ମାଟକାମବେଡ଼ା ଇଣ୍ଡିଆଲ ଇଷ୍ଟେଟସ୍ଥିତ ଆରିୟା ଆଇରନ ଆଣ୍ଡ ଷ୍ଟିଲ କମ୍ପାନୀ ପ୍ରାଇଭେଟ ଲିମିଟେଡ କାରଖାନା ପରିସରରେ ଶୁକ୍ରବାର ଡ୍ୟୁଟି ସମୟରେ ଜଣେ କର୍ମଚାରୀଙ୍କ ଅକାଳ ମୃତ୍ୟୁ ଘଟିଥିଲା। ମୃତ କର୍ମଚାରୀ ଜଣକ ହେଲେ ପ୍ଲାଣ୍ଟର ଇଲେକ୍ଟ୍ରିକାଲ ବିଭାଗରେ କାର୍ଯ୍ୟ କରୁଥିବା ଆଜାଦ ସାହୁ(୫୪)। କମ୍ପାନୀ ପକ୍ଷରୁ ୫ ଲକ୍ଷ ଆର୍ଥିକ ସହାୟତା ସହ ସ୍ତ୍ରୀଙ୍କୁ ଚାକିରି ପ୍ରଦାନ କରାଯାଇଛି। କାରଖାନା ପରିସରରେ କୌଣସି କାରଣରୁ ଆଜାଦ ଟଳିପଡିଥିବାବେଳେ ତାଙ୍କୁ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜାଦଙ୍କ ଅକାଳ ମୃତ୍ୟୁ ଖବର ପାଇ ତାଙ୍କ ସମ୍ପର୍କୀୟ, ଆତ୍ମୀୟ ସ୍ୱଜନ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ସମୟରେ ବଲାଣି ପୋଲିସ ଓ ଲୋକଙ୍କ ମଧ୍ୟରେ ବଚସା ହୋଇଥିଲା। ପରିବାର ପକ୍ଷରୁ ଏ ନେଇ ବଲାଣୀ ଥାନାରେ ଲିଖିତ ଅଭିଯୋଗ ପରେ ଶନିବାର ମୃତଦେହ ବ୍ୟବଚ୍ଛେଦ ହୋଇଥିଲା। କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ବାବଦକୁ ୫ ଲକ୍ଷ ଟଙ୍କା, ମୃତ କର୍ମଚାରୀଙ୍କ ସ୍ତ୍ରୀଙ୍କୁ ଚାକିରି ଏବଂ ଦୁଇ ସନ୍ତାନଙ୍କ ଶିକ୍ଷା ଖର୍ଚ୍ଚ ବହନ କରିବ ବୋଲି କମ୍ପାନୀର ଅଧିକାରୀ ନଗେଶ କୁମାର ଝା ସୂଚନା ଦେଇଛନ୍ତି।

## ହେଲମେଟ୍ ନାହିଁ ତ ପେଟ୍ରୋଲ ନାହିଁ ନିୟମ କଡ଼ାକଡ଼ି

କେନ୍ଦୁଝର,୨୦।୯(ଦୀପକ ମିଶ୍ର)

କେନ୍ଦୁଝର ଜିଲାରେ ବିଭିନ୍ନ ପେଟ୍ରୋଲ ପମ୍ପଗୁଡ଼ିକରେ ହେଲମେଟ ନାହିଁ ତ ପେଟ୍ରୋଲ ନାହିଁ ନିୟମ କଡ଼ାକଡ଼ି କରାଯାଇଛି। ୧୩ ସେପ୍ଟେମ୍ବରରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଶୂନ ଦୁର୍ଘଟଣା ଦିବସ ପାଳନ ଅବସରରେ ଜିଲା ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ପୂର୍ବରୁ ରାଜ୍ୟ ପରିବହନ ଓ ବାଣିଜ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଜିଲା ଯୋଗାଣ ବିଭାଗକୁ ସ୍ୱତନ୍ତ୍ର ଚିଠି ଜରିଆରେ ହେଲମେଟ ନିୟମ କଡ଼ାକଡ଼ି କରିବାକୁ ଉଲ୍ଲେଖ କରିଛନ୍ତି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଜିଲାର ସମସ୍ତ ପେଟ୍ରୋଲ ପମ୍ପଗୁଡିକୁ ଚିଠି କରି ନିୟମକୁ କଡାକଡି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସେନା କର୍ମଚାରୀଙ୍କ ପରଲୋକ



ପାଟଣା,୨୦।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର ଉପର ସାହିର ସେନା କର୍ମଚାରୀ ତଥା ନାଏବ ସୁବେଦାର ହରିଶ୍ଚନ୍ଦ୍ର ସେଠୀ(୪୬)ଙ୍କ ଶୁକ୍ରବାର ନୂଆଦିଲ୍ଲୀ ଆରଆର ହସ୍ପିଟାଲରେ ମୃତ୍ୟୁ ହୋଇଛି। ସେ ମୁଖ ଗହର କର୍କଟରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। ଶନିବାର ପାର୍ଥିବ ଶରୀର ଗାଁରେ ପହଞ୍ଚିବା ପରେ ପାଟଣା, ସାହାରପଡ଼ା ଭେଟେରାନ ୱେଲ ଫେଆର ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରାରେ ମୃତଦେହ ବୈତରଣୀ ନଦୀକୂଳକୁ ନିଆ ଯାଇଥିଲା। ଅର୍ମୀର ବାଲେଶ୍ୱର ହେଡ୍ କ୍ୱାର୍ଟର ଆର୍ମୀ ଅଫିସର ଓ କର୍ମଚାରୀମାନେ ଗାର୍ଡ ଅଫ ଅନର ଦେଇଥିଲେ। ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଭଣଜା ସିଦ୍ଧାର୍ଥ ବେହେରା ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ବୈଜୟନ୍ତୀ, ବଡ଼ ଝିଅ ଦିବ୍ୟାସୀ ପ୍ରିୟଦର୍ଶିନୀ ଓ ସାନ ଝିଅ ତ୍ରିଶା ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ସାହାରପଡ଼ା ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଗୌତମ ନାଏକଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ପାଟଣା ଥାନା ପକ୍ଷରୁ ଏଏସ୍‌ଆଇ ଧନେଶ୍ୱର ପାତ୍ର, ପାଟଣା, ସାହାରପଡ଼ା ଭେଟରାନ ୱେଲ ଫେୟାର ଆସୋସିଏଶନର ସଭାପତି କ୍ୟାପଟେନ ଉପେନ୍ଦ୍ର ମହାନ୍ତ, ସମ୍ପାଦକ ସୁବେଦାର ନାରାୟଣ ବାରିକ, ନାଏବ ସବେଦାର ଭରତଚନ୍ଦ୍ର ମହାନ୍ତ, ପୂର୍ବତନ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ମମିତା ନାଏକ, ଉଦୟପୁର ସରପଞ୍ଚ ଲଳିତା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଫାଟକରେ ତାଲା ପକାଇ ପ୍ରତିବାଦ

## ନିୟମିତ ସ୍କୁଲକୁ ଆସୁନାହାନ୍ତି ପ୍ରଧାନଶିକ୍ଷକ

ଚମ୍ପୁଆ, ୨୦।୯(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଶୁନାପୋଶି ପଞ୍ଚାୟତର ସରାସପୋଶି ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ, ଶିକ୍ଷକ ନିୟମତି ଆସୁନାହାନ୍ତି। ଏ ନେଇ ଅଭିଭାବକମାନେ ଶୁକ୍ରବାର ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ଖବର ପାଇ ସିଆରସିସି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ପ୍ରାୟ ଦିନ ୧ ଘଟିକା ସମୟରେ ବିଦ୍ୟାଳୟ ଫାଟକରୁ ତାଲା ଖୋଲାଯାଇଥିଲା।

ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ କୁମାର ପ୍ରଧାନ ନିୟମିତ ନିଶାଦ୍ରବ୍ୟ ସେବନ କରି ବିଦ୍ୟାଳୟ ଆସୁଛନ୍ତି। ବିଦ୍ୟାଳୟରେ ଅଳ୍ପ ସମୟ ରହି ଘରକୁ ପଳାଉଛନ୍ତି। ଏପରିକି ଅନେକ ସମୟରେ ସେ ବିଦ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। ସେହିପରି ବିଦ୍ୟାଳୟର ଅନ୍ୟ ଜଣେ ଶିକ୍ଷୟିତ୍ରୀ ୨ ଦିନ ହେବ ଅନୁପସ୍ଥିତ ରହିଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ଗ୍ରାମବାସୀ ଓ ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇଥିଲେ। ପ୍ରାୟ ୩ ଘଣ୍ଟା ପରେ ସିଆରସିସ ପହଞ୍ଚି ବୁଝାଶୁଝା କରିବା ପରେ ବିଦ୍ୟାଳୟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ଚମ୍ପୁଆ ବ୍ଲକ୍ ଶିକ୍ଷା ଅଧିକାରୀ କ୍ଷେତ୍ରମୋହନ ହାଁସଦା କହିଛନ୍ତି, ଘଟଣା ବିଷୟରେ ସେ ଜାଣିଛନ୍ତି। ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନରେନ୍ଦ୍ର କୁମାର ନାଏକଙ୍କୁ ଉକ୍ତ ଘଟଣାର ତଦନ୍ତ କରି




ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରିପୋର୍ଟ ପ୍ରଦାନ କରିବାକୁ କହିଛନ୍ତି। ଅନିୟମିତତା ସମ୍ପର୍କରେ ସିଆରସି କାହିଁକି ଅବଗତ କରିନାହାନ୍ତି, ଏ ନେଇ ତାଙ୍କୁ ମଧ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ।

## ନଭେମ୍ବରରେ ଜାତୀୟ ରୋଡ୍ ସାଇକେଲିଂ ଚାମ୍ପିୟନଶିପ୍

କେନ୍ଦୁଝର,୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ କେନ୍ଦୁଝରରେ ହେବ ଜାତୀୟ ରୋଡ୍ ସାଇକେଲିଂ ଚାମ୍ପିୟନଶିପ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୦୨୫ ନଭେମ୍ବର ମାସରେ ୭ ଦିନ ଧରି ଚାଲିବ। ଅଲ ଓଡ଼ିଶା ସାଇକେଲିଂ ଆସୋସିଏଶନ କେନ୍ଦୁଝରରେ ଜାତୀୟ ରୋଡ୍ ସାଇକେଲିଂ ଚାମ୍ପିୟନଶିପ ଆୟୋଜନ କରିବାକୁ ଯୋଜନା କରିଛି। ଏହା କେନ୍ଦୁଝରରେ ପ୍ରଥମ ଥର ଏବଂ ଓଡ଼ିଶାରେ ତୃତୀୟ ଥର ହେବ। ଏଥିପାଇଁ ରାଜ୍ୟ ସାଇକେଲିଂ ଆସୋସିଏଶର ସମ୍ପାଦକ ପ୍ରସନ୍ନ ରାଉତ, ପ୍ରଶିକ୍ଷକ ମାନସ ବାରିକ, ସଦସ୍ୟ ପ୍ରଦ୍ୟୁମ୍ନ ବିଶୋଇ କେନ୍ଦୁଝରେ ପରିଦର୍ଶନ କରିଛନ୍ତି। ଜିଲା ସାଇକେଲିଂ ଆସୋସିଏଶନ୍‌ର ସଭାପତି ସନ୍ଦୀପ ପଟ୍ଟନାୟକ ପ୍ରମୁଖ ସଦସ୍ୟ ବିଜୟ ବେହେରା, ବୀରେନ୍ଦ୍ର ମହାନ୍ତ ଓ ୱାସିମ ନାୟାରଙ୍କ ସହିତ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ରାଜ୍ୟ ଆସୋସିଏଶନର କର୍ମକର୍ତ୍ତା କେନ୍ଦୁଝର ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଅବଗତ କରିଥିଲେ। ଜିଲାପାଳ ବିଶାଲ ସିଂହ ସମସ୍ତ ପ୍ରକାର ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସାରା ଦେଶରୁ ପ୍ରାୟ ୮୦୦ ଜଣ ଅଂଶଗ୍ରହଣକାରୀ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଲୋକେ

### ଗ୍ରାମସାଥୀ ଚୟନରେ ଅନିୟମିତତା ଅଭିଯୋଗ

ପାଟଣା,୨୦।୯(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ କୁଣ୍ଡୁଳା ପଞ୍ଚାୟତ ଜୟପୁର ଗ୍ରାମରେ ଗ୍ରାମସାଥୀ (ମେଟ)ଚୟନରେ ଅନିୟମିତତା ଅଭିଯୋଗ ହୋଇଛି। ଏ ନେଇ ଶନିବାର ଜୟପୁର ଗ୍ରାମର ଶତାଧିକ ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ସହ କାର୍ଯ୍ୟାଳୟକୁ ଘେରାଉ କରି ପ୍ରତିବାଦ କରିଥିଲେ।

ଅଭିଯୋଗ ଅନୁଯାୟୀ, ଗ୍ରାମରେ ଗ୍ରାମସାଥୀ ଚୟନ ପାଇଁ ଶୁକ୍ରବାର ପଲ୍ଲୀସଭା କରାଯାଇଥିଲା। ସଭା ଚାଲିଥିବା ସମୟରେ ମହିଳା ମେଟ୍‌ଙ୍କୁ ନିର୍ବିବାଦୀୟରେ ବଛା ଯାଇଥିବା ବେଳେ ପୁରୁଷ ମେଟ ବାଛିବା ବେଳେ ଗଣ୍ଡଗୋଳ ହୋଇଥିଲା। ଫଳରେ ସଭାକୁ ସ୍ଥଗିତ କରାଯାଇଥିଲା। ପଲ୍ଲୀସଭାରେ ପୁରୁଷ ମେଟ ଚୟନ ହୋଇ ନ ଥିବା ବେଳେ ବ୍ଲକ୍‌ପକ୍ଷରୁ ଜଣକୁ ନିଯୁକ୍ତି ଦିଆଯାଇଥିଲା। ଏ ନେଇ ଲୋକେ ଅଭିଯୋଗ ଆଣି ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସାହାରପଡ଼ା ବିଡ଼ିଓ ରଣଜିତ ମହାନ୍ତ, ପାଟଣା ପୋଲିସ ପକ୍ଷରୁ ଏସ୍‌ଆଇ ଲକ୍ଷ୍ମଣ ମାଝି ଓ କୁଣ୍ଡୁଳା ସରପଞ୍ଚ ଶତ୍ରୁଘ୍ନ ନାଏକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ପୁନର୍ବାର ଗ୍ରାମସାଥୀ ଚୟନ ପାଇଁ ପଲ୍ଲୀସଭା କରାଯିବାର ପ୍ରତିଶ୍ରୁତି ଦେବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ। ବିଡିଓ ରଣଜିତ ମହାନ୍ତ କହିଛନ୍ତି, ଲୋକେ ୨ଟି ଯାକ ମେଟ ଚୟନ କ୍ୟାନସଲ କରି ପୁନର୍ବାର ପଲ୍ଲୀସଭା ଡାକିବାକୁ ଦାବି କରୁଛନ୍ତି। ବ୍ଲକ୍‌ରେ ଏକ କମିଟି ଗଠନ କରି ଏ ବାବଦରେ ନିଷ୍ପତ୍ତି ନିଆଯିବ।

# କୁଡୁମୀ ସମାଜ ପକ୍ଷରୁ ରେଲ୍‌ଟେକା ଆନ୍ଦୋଳନ

କେନ୍ଦୁଝର,୨୦।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନରଣପୁର ରେଳ ଷ୍ଟେଶନଠାରେ କୁଡୁମୀ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ ଦାବିରେ ରେଲ୍‌ଟେକା ତଥା ରେଳରୋକୋ କରାଯାଇଛି। ଆଦିବାସୀ କୁଡୁମୀ ସମାଜର ରାଷ୍ଟ୍ର ଅଧ୍ୟକ୍ଷ ଅଜିତ୍ ପ୍ରସାଦ ମହତୋଙ୍କ ଆହ୍ୱାନରେ ତଥା ଚିତ୍ତରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା।

ଦାବି ମୁତାବକ, ୧୯୫୦ ସେପ୍ଟେମ୍ବର ୬ ତାରିଖରେ ପ୍ରକାଶିତ ନୂତନ ଅନୁସୂଚିତ ଜନଜାତି ତାଲିକାରେ ୧୯୩୧ର ସମସ୍ତ ଆଦିବାସୀଙ୍କୁ ତାଲିକାଭୁକ୍ତ କରାଯାଇଥିଲା। ମାତ୍ର ଆଦିବାସୀ କୁଡୁମୀ ସମ୍ପ୍ରଦାୟକୁ ଭୂଲ ବଶତଃ କେନ୍ଦ୍ର




ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକାଉଛି।

ସରକାର ବାଦ ଦେଇଥିଲେ। ସେହି ଦିନଠାରୁ ଆଦିବାସୀ କୁଡୁମୀମାନେ ଦୀର୍ଘ ୭୬ ବର୍ଷ ଧରି ଶାନ୍ତିପୂର୍ଣ୍ଣ ଭାବେ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରିବା ପାଇଁ ବିଭିନ୍ନ ଫୋରମ୍‌ରେ ଦାବି, ଆନ୍ଦୋଳନ ଓ ବିକ୍ଷୋଭ କରି ଆସୁଛନ୍ତି। ଶନିବାର ଆଦିବାସୀ କୁଡୁମୀ ସମାଜ ପକ୍ଷରୁ ସମଗ୍ର ଛୋଟନାଗପୁର ଅଞ୍ଚଳ ଯଥା- ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ରେଳରୋକ ଓ ରାସ୍ତାରୋକ କରାଯାଇଥିବା ଆଦିବାସୀ କୁଡୁମୀ ସମାଜର ବରିଷ୍ଠ ସଦସ୍ୟ ତଥା ଘଷିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜଗବନ୍ଧୁ ମହାନ୍ତ ସୂଚନା ଦେଇଛନ୍ତି। ସେମାନଙ୍କୁ ପୋଲିସ ଅଟକାଇଥିବା ବେଳେ ଆନ୍ଦୋଳନକାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଯାଇ ପ୍ରଶାସନିକ ଅଧିକାରୀ ଓ ରେଳବାଇ ଅଧିକାରୀଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ମିନତୀ ମହାନ୍ତ, ଗୋବିନ୍ଦ ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ଶଶିଭୂଷଣ ମହାନ୍ତ, କ୍ଷେତ୍ରବାସୀ ମହାନ୍ତ, ବିଶ୍ୱଜିତ ମହାନ୍ତ, ସନାତନ ମହାନ୍ତ, ସମେତ କେନ୍ଦୁଝର, ମୟୂରଭଞ୍ଜ ରାଇରଙ୍ଗପୁର ବାମନ ଘାଟି, ଯାଜପୁର, ସୁନ୍ଦରଗଡ଼ ଜିଲାରୁ ସମ୍ପ୍ରଦାୟର ନେତୃବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

## ୪ ଗୋରୁ ସହ ଗାଡ଼ି ଜବତ, ୨ ଅଭିଯୁକ୍ତ ଗିରଫ

ନୀଳଗିରି, ୨୦।୯(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଗୋରୁ ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ଭୋର ସମୟରେ ମୟୂରଭଞ୍ଜ ଜିଲା ସାଇଁକୁଲା ଅଞ୍ଚଳରୁ କିଛି ଗୋରୁ ଚୋରି କରି ଗାଡ଼ିରେ ନେଉଥିବା ବେଳେ କାଂଶ ଅଞ୍ଚଳର ଯୁବକମାନେ ତାଙ୍କୁ ପିଛା କରିଥିଲେ। କିଛି ଗାଡ଼ି ଖସିଯାଇଥିବା ବେଳେ ଗୋଟିଏ ଗାଡ଼ିକୁ ନୀଳଗିରି ଥାନା ଅଧୀନ ବାଲିପାଳଠାରେ ଅଟକାଇବାରେ ସଫଳ ହୋଇଥିଲେ। ଏନେଇ ନୀଳଗିରି ପୋଲିସଙ୍କୁ ଖବର ଦିଆଯାଇଥିଲା। ଆଇଆଇସି ଗୋବର୍ଦ୍ଧନ ନାୟକ ଫୋର୍ସ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ୪ଟି ଗୋରୁ ବୋଝେଇ ହୋଇଥିବା ଗାଡ଼ି(ନଂ.ଓଡ଼ି୦୧-୧୫୯୦) ଜବତ କରି ନୀଳଗିରି ଥାନାକୁ ଆଣିଥିଲେ। ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୩୬୯/୨୫) ରୁଜୁ କରି ୨ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରହିଛି। ଗୋରୁଗୁଡିକୁ ସ୍ଥାନୀୟ ଗୋଶାଳାକୁ ପଠାଯାଇଛି।

# ଏଫ୍ଏମ୍‌ୟୁ ପକ୍ଷରୁ ବିଶାଳ ସ୍ୱଚ୍ଛତା ଅଭିଯାନ

■ପରିବେଶ ସୁରକ୍ଷା, ଯୁବଶକ୍ତି ଓ ସାମାଜିକ ଦାୟିତ୍ୱର ଦୃଷ୍ଟାନ୍ତ
■୧.୮ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ଅନ୍ତର୍ଜାତୀୟ ତଟୀୟ ସ୍ୱଚ୍ଛତା ଦିବସ ଅବସରରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ପରିବେଶ ସୁରକ୍ଷା, ଯୁବଶକ୍ତି ଓ ସାମାଜିକ ଦାୟିତ୍ୱର ଏକ ଉଦାହରଣ ସ୍ୱରୂପ ଚାନ୍ଦିପୁର ସମୁଦ୍ରତଟରେ ବିଶାଳ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭାରତର ୫୦ଟି ସମୁଦ୍ରତଟ ସ୍ଥଳୀରେ ଏହି ପାନ୍-ଇଣ୍ଡିଆ କାର୍ଯ୍ୟକ୍ରମ ପାଳନ ହେବା ସହ ଚାନ୍ଦିପୁରରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଜାତୀୟ କୋଷ୍ଟାଲ ଗବେଷଣା କେନ୍ଦ୍ର (ଏନ୍‌ସିସିଆର୍), ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ସହଯୋଗରେ ସଫଳତାର ସହିତ ଆୟୋଜନ କରାଯାଇଛି।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପ୍ରାୟ ୧୩୫ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ସକ୍ରିୟ ଭାବେ


ସମୁଦ୍ରତଟରେ ସଫେଇ କରାଯାଉଛି।

ଯୋଗଥିଲେ। ୧.୮ ଟନ୍ ପ୍ଲାଷ୍ଟିକ୍, କାଚ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରି ସମୁଦ୍ରତଟକୁ ପୁନଃ ସ୍ୱଚ୍ଛ ଓ ସୁନ୍ଦର କରିବାରେ ସଫଳ ହୋଇଥିଲେ। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେଇ ସଚେତନତା ରାଲି କରିବା ସହ ସ୍ଥାନୀୟ ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। 'ସମୁଦ୍ରତଟ ଆମର ଐତିହ୍ୟ, ଆମ ଦାୟିତ୍ୱ, ଏହାକୁ ସୁରକ୍ଷିତ କରିବା ଆମର ପ୍ରଥମ କର୍ତ୍ତବ୍ୟ' ବୋଲି ଜନସାଧାରଣଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ପ୍ରଫେସର ପଙ୍କଜ କୁମାର ପାରହୀ, ଡ. ନିହାର ରଞ୍ଜନ ରାଉତ, ଡ. ଅଶାନ୍ତ ରଞ୍ଜନ ରାଉତ, ଡ. ଦେବଦତ୍ତ ଦାସ, ଡ. ଅସୀମ ଅମିତାଭ ପ୍ରଧାନ, ଅରୁଣ କୁମାର ନାୟକ, ଡ. ଅଭୟ କୁମାର ନାୟକ, ସବିତା ସୋରେନ, ଦେବଦତ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଭୂବିଜ୍ଞାନ ବିଭାଗର ସହାୟକ ଅଧ୍ୟାପିକା ଡ. ସ୍ମୃତିରେଖା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରିବେଶ ସୁରକ୍ଷା ସମସ୍ତଙ୍କ ସାମୂହିକ କର୍ତ୍ତବ୍ୟ। ଏହି ସ୍ୱଚ୍ଛତା ନିମିତ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅନ୍ୟମାନଙ୍କ ଉତ୍ସାହ, ସଚେତନତା ଓ ସାମୂହିକ ପ୍ରୟାସ ଏକ ନୂଆ ପରିବର୍ତ୍ତନର ସଙ୍କେତ ବୋଲି ମତବ୍ୟକ୍ତ କରିଥିଲେ।

## ବିଇଓଙ୍କ ନିର୍ଦ୍ଦେଶରେ ଖାତାପତ୍ର ଯାଞ୍ଚ ଆରମ୍ଭ

**ପୂର୍ବତନ ପ୍ରଧାନଶିକ୍ଷକଙ୍କ ନାମରେ ଅର୍ଥ ହେରଫେର ଅଭିଯୋଗ**

ଖଇରା, ୨୦।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ କଡମିଆଁ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତ କୁଅଁର ନାମରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଥିଲା। ଖଇରା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମାଣିକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଶନିବାର ପୂର୍ବାହ୍ନରେ ବିଦ୍ୟାଳୟରେ ପହଞ୍ଚି ଖାତାପତ୍ର ଯାଞ୍ଚ ଆରମ୍ଭ କରିଛନ୍ତି। ପ୍ରାଥମିକ ତଦନ୍ତରେ ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ସଙ୍କ ଦସ୍ତଖତ ଏପଟସେପଟ କରାଯାଇଥିବା ନେଇ କମିଟି ସୂଚନା ପ୍ରଦାନ କରାଯାଇଛି । କୁପାରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜଗବନ୍ଧୁ ବେଶ୍ରା, ନନ୍ଦୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭବାନୀ ପ୍ରସାଦ ଦ୍ୱିବେଦୀ, କର୍ମଚାରୀ ସୁଶାନ୍ତ ନାୟକ ଓ ଖୋକନ ସେଠୀ ପ୍ରମୁଖ ଏହି ଟିମ୍‌ରେ ସାମିଲ ଥିବା ଜଣାପଡିଛି। ତଦନ୍ତ ସରିବା ପରେ ସମ୍ପୂର୍ଣ୍ଣ ଘଟଣା ପଦାକୁ ଆସିବ ବୋଲି ତଦନ୍ତକାରୀ ଟିମ୍ କହିଛନ୍ତି ।


ବିଦ୍ୟାଳୟରେ ତଦନ୍ତକାରୀ ଟିମ୍।

## ଡେଙ୍ଗୁପ୍ରବଣ ଅଞ୍ଚଳରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍

ଜଳେଶ୍ୱର, ୨୦।୯(ନବୀନ ସାହୁ): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅଧୀନ ଖୁଦିଆମାଝିସାହି ପଞ୍ଚାୟତ ବେହେରାସାହି ଗ୍ରାମରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ଏନେଇ ୧୫ରୁ ଊର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇ ଗ୍ରାମକୁ ଫେରିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଭୀଷ୍ମଚରଣ ପରିଡ଼ାଙ୍କ ନେତୃତ୍ୱରେ ଡେଙ୍ଗୁ ଅଞ୍ଚଳ ବେହେରାସାହି ପରିଦର୍ଶନ କରି ଏହି ଗ୍ରାମରେ କିପରି ଭାବରେ ପାଣି ଜମା ହୋଇ ନ ରହିବ ସେନେଇ ଗ୍ରାମବାସୀଙ୍କୁ ପରାମର୍ଶ ଦେବା ବା ସହିତ ଗ୍ରାମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ଏସ୍ଏଚ୍‌ଜି ମହିଳା ଜମା ରହିଥିବା ମଇଳା ପାଣି ସଫା କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଣ୍ଟମୋଲୋଜିଷ୍ଟ ସ୍ୱାତୀ କୁମାରୀ, ମିହିର୍ ମୋହନ, ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏଣ୍ଟମୋଲୋଜିଷ୍ଟ ଜ୍ୟୋତିରଞ୍ଜନ କର, ଇନସେକ୍ଟ କଲେକ୍ଟର ବବିତା ପୁହାଣ, ଭାଗ୍ୟଶ୍ରୀ କର ଏବଂ ଆଶାକର୍ମୀ ପୁଷ୍ପଲତା ବେହେରା, ଭଲ୍ୟୁଣ୍ଟର ସାଜେଦା ବିବି ଓ ଫକୀରମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ନିର୍ବାଚନ କମିଶନରଙ୍କ ବାଲେଶ୍ୱର ଗସ୍ତ


ବୈଠକରେ ରାଜ୍ୟ ନିର୍ବାଚନ କମିଶନରଙ୍କ ସହ ଅନ୍ୟମାନେ।

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଶନିବାର ବାଲେଶ୍ୱର ଗସ୍ତରେ ଆସି ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍‌ର ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। କମିଶନର ପାଢ଼ୀ ବୈଠକରେ ଅଧକ୍ଷତା କରି ନିର୍ବାଚନ ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଉପଜିଲାପାଳ ଶିବ ମାଲବୀୟ ଓ ଡ. ମଧୁସ୍ମିତା ସାମନ୍ତରାୟ ଉପସ୍ଥିତ ଥିଲେ। ବୈଠକରେ ପୂର୍ବତନ ପିଆର୍‌ଆଇ ନିର୍ବାଚନ୨୦୨୨ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ପିଆର୍‌ଆଇ ସଦସ୍ୟମାନଙ୍କ ଆରକ୍ଷଣ ସ୍ଥିତି, ଜିଲାଭିତ୍ତିକ ନିର୍ବାଚନ ପର୍ଯ୍ୟାୟୀକରଣ, ସେନ୍‌ସିଟିଭ୍ ଓ ନନ୍-ସେନ୍‌ସିଟିଭ୍ ପୋଲିଂ ବୁଥ୍‌ର ଶ୍ରେଣୀକରଣ, ମତଗଣନା ବ୍ୟବସ୍ଥା, ଡିସି ବିଲ୍ ଓ ୟୁସି ଦାଖଲ, ଏସ୍‌ଇସି/ଇସିଆଇ ବାଲଟ୍ ବକ୍ସ ଏବଂ ଅତିରିକ୍ତ ବାଲଟ୍ ବକ୍ସର ଉପଲବ୍ଧତା ଓ ପିଆର୍‌ଆଇ ସଦସ୍ୟଙ୍କ ଖାଲି ପଡ଼ିଥିବା ପଦ ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ସେହିପରି ୟୁଏଲ୍‌ବି ନିର୍ବାଚନ-୨୦୨୨ ସମ୍ବନ୍ଧରେ କାଉନ୍‌ସିଲର/ଚେୟାରମ୍ୟାନଙ୍କ ଆରକ୍ଷଣ ସ୍ଥିତି, ପୋଲିଂ ଷ୍ଟେଶନ୍‌ର ନିର୍ଦ୍ଧାରଣ, ମତଦାନ ପ୍ରତିଶତ, ଆଗାମୀ ୟୁଏଲ୍‌ବି ନିର୍ବାଚନ ପାଇଁ ତହବିଲ ଆବଣ୍ଟନ, ଇଭିଏମ୍‌ର ଉପଲବ୍ଧତା ଓ କାଉନସିଲର୍ ଖାଲି ପଦର ସ୍ଥିତି ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ପୂର୍ବତନ ପିଆର୍‌ଆଇ ଓ ୟୁଏଲ୍‌ବି ନିର୍ବାଚନରେ ସମ୍ମୁଖୀନ ସମସ୍ୟାଗୁଡ଼ିକୁ ପୁନଃ ବିଶ୍ଳେଷଣ କରାଯାଇଥିଲା। ଆସନ୍ତା ନିର୍ବାଚନରେ ସେଗୁଡ଼ିକୁ ସମାଧାନ କରିବାକୁ ପ୍ରୟୋଜନୀୟ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ନିର୍ବାଚନ ପ୍ରସ୍ତୁତି ସମ୍ବନ୍ଧରେ ସ୍ୱତନ୍ତ୍ର ଓ ୱାର୍ଡଭିତ୍ତିକ ମତଦାତା ତାଲିକା ପ୍ରସ୍ତୁତ କରିବା, ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା, ନିର୍ବାଚନ ସାମଗ୍ରୀପ୍ରାପ୍ତି ସୁନିଶ୍ଚିତ କରିବା ଏବଂ ସୂଚାରୁ ଭାବରେ ନିର୍ବାଚନ ପରିଚାଳନା କରିବାକୁ ରାଜ୍ୟ ନିର୍ବାଚନ କମିଶନର ଉଲ୍ଲେଖ କରିଥିଲେ। ବୈଠକରେ ସମସ୍ତ ବିଡିଓ ଏବଂ ୟୁଏଲ୍‌ବିର କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

## ନକଲି ବିଦେଶୀ ମଦ ଦୋକାନ ଠାବ

**ବିପୁଳ ପରିମାଣର ମଦ ସହ ସରଞ୍ଜାମ ଓ କାର୍ ଜବତ, ଜଣେ ଗିରଫ**

ନୀଳଗିରି,୨୦।୯(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ଅବକାରୀ ବିଭାଗ ଏକ ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ାଉ କରି ଅନେକ ପରିମାଣରେ ନକଲି ବିଦେଶୀ ମଦ, ସମସ୍ତ ପ୍ରକାର ସରଞ୍ଜାମ ଜବତ କରିଥିବା ବେଳେ ବ୍ୟବହୃତ ଏକ କାର୍ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଔପଦା ଥାନା ଅଧୀନ ବଡ଼ପୋଖରୀ ଗ୍ରାମର ଶ୍ୟାମସୁନ୍ଦର ବେହେରାଙ୍କ ପୁଅ ମନୋଜ କୁମାର ବେହେରା ଦୀର୍ଘବର୍ଷ ଧରି ଏକ ନକଲି ବିଦେଶୀ ମଦ କାରଖାନା କରି ବିଭିନ୍ନ ସ୍ଥାନକୁ ବିକ୍ରି କରିଆସୁଥିଲେ। ଖବରପାଇ ନୀଳଗିରି ଅବକାରୀ ଅଧିକାରୀ କେଶବ ଚନ୍ଦ୍ର ଦାସ ସଦଳବଳେ ଚଢ଼ାଉ କରିଥିଲେ। ବିପୁଳ ପରିମାଣରେ ନକଲି ବିଦେଶୀ ମଦ ସହ ୧୦୦ଲିଟର ସ୍ପିରିଟ, ୩୬ଲିଟର ନକଲି ମଦ, ୧୨୦ଟା ନକଲି ମଦ ବୋତଲ, ୧୩୦ଟି କର୍କ, ୧୪୪ଟି ନକଲି ଇଏଲ୍, ଗୋଟିଏ ଟାଟା ଇଣ୍ଡିଗୋ କାର୍ ଜବତ କରିଥିବା ବେଳେ ଅଭିଯୁକ୍ତ ମନୋଜ କୁମାର ବେହେରା (୩୩)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

# ପହଞ୍ଚିଲେ ଡିଆଇଜି, ଏସ୍‌ପି

**ସୁନା ବ୍ୟବସାୟୀଙ୍କୁ ଆକ୍ରମଣ କରି ଲୁଟ୍ ଘଟଣା**

ସିମୁଳିଆ, ୨୦।୯(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ଥାନା ରିଆ ଅଞ୍ଚଳର ପ୍ରତାପ ସାହୁ(୪୨) ନାମକ ସୁନା ବ୍ୟବସାୟୀ ଦୁର୍ବୃତ୍ତଙ୍କ ଆକ୍ରମଣରେ ଶୁକ୍ରବାର ରାତିରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପ୍ରଥମେ ସିମୁଳିଆ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ଶନିବାର ମଧ୍ୟାହ୍ନରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର, ଡିଆଇଜି ପିନାକ ମିଶ୍ରଙ୍କ ସମେତ ସନ୍ଧାନୀ କୁକୁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୪୩୪/୨୫) ରୁଜୁ କରି ତଦନ୍ତ ଚଳାଇଛି। ସିମୁଳିଆରେ ଲଗାତର ଚୋରି, ଡକାୟତି, ରାହାଜାନି ମୁଣ୍ଡ ବ୍ୟଥାର କାରଣ ଓ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ପ୍ରତାପଙ୍କର ସ୍ଥାନୀୟ ମାର୍କୋଣା ଛକରେ ବାବାମଣିନାମରେ ଏକ ସୁନାଗହଣା ଅଳଙ୍କାର ଦୋକାନ ରହିଛି। ତାଙ୍କ ଘରଠାରୁ ଦୋକାନ ୧କି.ମି. ଦୂର। ତେବେ ସେ ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି କାର୍‌ରେ ନିଜ ଘର ଅଭିମୁଖେ ଯାଇଥିଲେ । ଘର ନିକଟରେ କାର୍‌ରୁ ଓହ୍ଲାଇବା ପରେ ଦୁର୍ବୃତ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆଘାତ କରି ବିଭିନ୍ନ ଅଳଙ୍କାର ଓ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏଥିରେ ତାଙ୍କ ଡାହାଣ ହାତ ସମେତ ପେଟରେ ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ପ୍ରତାପଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା।

## ଖଇରା ଥାନାରେ ଶାନ୍ତି କମିଟି ବୈଠକ

## ଶବ୍ଦ ପ୍ରଦୂଷଣ ଉପରେ ଧ୍ୟାନ ଦେବାକୁ ପରାମର୍ଶ

ଖଇରା,୨୦।୯(ଉତ୍କଳବନ୍ଧୁ ପଣ୍ଡା): ଖଇରା ଥାନାରେ ବିଭିନ୍ନ ପୂଜା ମଣ୍ଡପ ମାଲିକଙ୍କୁ ନେଇ ଏକ ଶାନ୍ତି କମିଟି ବୈଠକ ଖଇରା ପୋଲିସ ଆନୁକୂଲ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଏଥିରେ ପୌରୋହିତ୍ୟ କରିଥିଲେ। ଚଳିତବର୍ଷ କୌଣସି କମିଟି ପୂଜା କିମ୍ବା ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାର ନ କରିବାକୁ ପରାମର୍ଶ ଦେଇଥିଲେ। ଭସାଣି ଶୋଭାଯାତ୍ରାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନିବେଦନ କରିଥିଲେ। ଖଇରା ଥାନା ଏସ୍ଆଇ ତପନ କୁମାର ଜେନା ଓ ଏଏସ୍ଆଇ ଗୌରହରି ବୁରୁଡେଇଙ୍କ ସମେତ ବିଭିନ୍ନ ପୂଜାମଣ୍ଡପ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତବର୍ଷ ଖଇରା ଥାନା ଅଧୀନରେ ୧୨ଟି ମେଢ ପ୍ରସ୍ତୁତ ହୋଇଛି।

# ୩୦ ୟୁନିଟ୍ ରକ୍ତ ସଂଗ୍ରହ

ଭୋଗରାଇ,୨୦।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୁନାଧରବସାଣ ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମତିଥି ଓ ସେବାପକ୍ଷ ପାଳନ ଅବସରରେ ୩୧ନଂ. ଜୋନରେ ଭାଜପା ପକ୍ଷରୁ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭୋଗରାଇ ଭାଜପା ନେତା ଆଶିଷ କୁମାର ପାତ୍ର ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ମଣ୍ଡଳ ସଭାପତି ପରମାନନ୍ଦ ପରିଡ଼ା, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, କ୍ୟାପଟେନ ଅଶୋକ ଦାସ, ଭୋଗରାଇ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପଙ୍କଜ ଦେବାନନ୍ଦ, କୃଷକ ମୋର୍ଚ୍ଚାର ନେତା କୌଶିକ ଚାନ୍ଦ ପ୍ରମୁଖ



ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ୩୦ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରଦୀପ ମଣ୍ଡଳ, ସୁଜିତ କୁମାର ଦାସ, କମଳାକାନ୍ତ ଜେନା, ଅଧୀର କୁମାର ଜେନା, ବୈଦ୍ୟନାଥ ଭଞ୍ଜ, ଅନୀଲ କୁମାର ନନ୍ଦୀ, ଅନିମା ପାଣିଗ୍ରାହୀ, ସୁଦୀପ୍ତ ଆଚାର୍ଯ୍ୟ, ସରପଞ୍ଚ ଦିଲୀପ କୁମାର ଦତ୍ତ, ପ୍ରଫୁଲ୍ଲ ଦେ, ହରିଶ ପରିଡ଼ା, ରାମଚନ୍ଦ୍ର ଗିରି, ରବି ପୃଷ୍ଟି ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ।

## ଡ୍ରାଇଭର ଗ୍ରୁପ୍ ପକ୍ଷରୁ ଅନ୍ତେବାସୀଙ୍କୁ ବସ୍ତ୍ର ବଣ୍ଟନ

କାଳିପଦା,୨୦।୯(ରାଜଶ୍ରୀ ପାଣିଗ୍ରାହୀ): ବିଶ୍ୱକର୍ମା ପୂଜା ଉତ୍ସବ ପାଳନ ପରେ ବସ୍ତା ଅଞ୍ଚଳରେ ଥିବା ଜୟ ଶ୍ରୀରାମ ଡ୍ରାଇଭର ଗ୍ରୁପ୍ ପକ୍ଷରୁ ଶନିବାର ଅପରାହ୍ନରେ ବାଲିଆପାଳ ବ୍ଲକ ଛଡ଼ାସ୍ଥିତ ଶ୍ରଦ୍ଧା ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ବସ୍ତ୍ର ଓ ଭୋଜନ ଦେଇ ଖୁସି ମନାଇବା ସହିତ ଅନ୍ତେବାସୀଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ଆଶ୍ରମ ସମ୍ପାଦିକା ତପସ୍ୱିନୀ କର, ସଂଯୋଜକ ରବିରଞ୍ଜନ ତ୍ରିପାଠୀ, ଆଶ୍ରମ ଅଧିକାରୀ ମଞ୍ଜୁଲତା ଦାସ, ଝରଣା ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଡ୍ରାଇଭର ଗ୍ରୁପ୍‌ର ଅବିନାଶ ବେହେରା, ତପନ କୁମାର ଦାସ, ପ୍ରଦୀପ ବାରିକ, ସର୍ବେଶ୍ୱର ଦାସ, ଶଙ୍କର ଜେନା, ବଟକୃଷ୍ଣ ବେହେରାଙ୍କ ସମେତ ଅନ୍ୟ ସହଯୋଗୀ ସହଯୋଗ କରିଥିଲେ।

# ଲାୟନ୍ସ କ୍ଲବ ଏମ୍‌ପାୱାର ପକ୍ଷରୁ ଚାରାରୋପଣ



କ୍ଲବ ସଭାପତି ଚାରାରୋପଣ କରୁଛନ୍ତି।

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ଲାୟନ୍ସ କ୍ଲବ ଏମ୍‌ପାୱାର ପକ୍ଷରୁ ସ୍ଥାନୀୟ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ରିତିକ ଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। ପରିବେଶ ସନ୍ତୁଳନ ପାଇଁ ବୃକ୍ଷର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପର୍ଯ୍ୟାପ୍ତ ଚାରାରୋପଣ ସହ ସବୁଜ ଜଙ୍ଗଲ ସୃଷ୍ଟି କରିବା ଦିଗରେ ସମସ୍ତେ ଆଗଭର ହେବା ଉଚିତ୍ ବୋଲି ସେ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁମତୀ ମଣ୍ଡଳ, ପୂର୍ବତନ ସଭାପତି ମିତା ମାନ୍ନା, ନିର୍ଦ୍ଦେଶକ ସେଖ ଆୟୁବ ଓ ବିଶ୍ୱରୂପ ପରିଡ଼ା ପ୍ରମୁଖ ଯୋଗଦେଇ ବୃକ୍ଷର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ଗଣଦୌଡ଼

ବାହାନଗା, ୨୦।୯(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଭାଜପା ପକ୍ଷରୁ ଗୋପାଳପୁରସ୍ଥିତ ଜଳହରି ମଣ୍ଡଳ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନ ପାଳନ ଅବସରରେ ସେବାପକ୍ଷ ତରଫରୁ ଶନିବାର ଗଣଦୌଡ ଓ ବୃକ୍ଷରୋପଣ କରାଯାଇଥିଲା। ଏହି ଗଣଦୌଡ କୁନିଆଁସ୍ଥିତ ରାମମନ୍ଦିର ପରିସରରୁ ବାହାରି ଗୋପାଳପୁର ପ୍ରାଣୀ ଡାକ୍ତରଖାନା ପଡିଆ ତଥା ଗୋପାଳପୁର ଥାନା ପର୍ଯ୍ୟନ୍ତ ଯାଇଥିଲା। ଏହାପରେ ଓଡଶାଳ ପଞ୍ଚାୟତର ଉଚ୍ଚବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଜଳହରି ମଣ୍ଡଳ ସଭାପତି ସୌମ୍ୟଜିତ୍ ଦାସମହାପାତ୍ରଙ୍କ ନେତୃତ୍ୱରେ ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସୋର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପର୍ଶୁରାମ ଧଡା, ବ୍ଲକ ଅଧ୍ୟକ୍ଷ



ଗଣଦୌଡରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

ବିଶ୍ୱନାଥ ମିଶ୍ର, ଗୋପାଳପୁର ପଞ୍ଚାୟତ ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, କଲ୍ୟାଣୀ ସରପଞ୍ଚ ସତ୍ୟନାରାୟଣ ଦାଶ, ପଣ୍ଡାଗୁଣି ସରପଞ୍ଚ ପରିକ୍ଷୀତ ମାଝୀ, ତାଳକୁରୁଣିଆ ସରପଞ୍ଚ ଗାୟତ୍ରୀ ଯେନା, ରାକେଶ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା, ଦିଲୀପ କୁମାର ଦାସ, ଭଦ୍ରକ ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି, ମିଥୁନ ମହାଳିକ, ସବିତା ଅଗସ୍ତି , ରବିତା ଦାସ, ସାକମ୍ବରୀ ସିଂ, ଶିବ ପ୍ରସାଦ ଦାସ ଓ ପ୍ରଭାକର ମିଶ୍ର ପ୍ରମୁଖ ଯୋଗଦେଇ ଗଣଦୌଡରେ ସାମିଲ ହୋଇଥିଲେ।

# ପୂରଣ ହେବ ବାଲେଶ୍ୱରରେ ଇଡ୍‌କୋ ଟାୱାର ସ୍ୱପ୍ନ

**ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ୫୦ କୋଟି ଟଙ୍କା ମଞ୍ଜୁର : ଶିଳ୍ପମନ୍ତ୍ରୀ**

ବାଲେଶ୍ୱର, ୨୦।୯(ବାଞ୍ଛାନିଧି ଦେ)

ବାଲେଶ୍ୱରରେ ଇଡ୍‌କୋ ଟାୱାରର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଇଡ୍‌କୋ ଟାୱାର ନିର୍ମାଣ ନେଇ ସରକାରଙ୍କ ନିକଟରେ ଥିବା ପ୍ରସ୍ତାବର ସାମ୍ପ୍ରତିକ ସ୍ଥିତାବସ୍ଥା ସମ୍ପର୍କରେ ଶୁକ୍ରବାର ବିଧାନସଭାରେ ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଅଙ୍ଗାରଗଡ଼ିଆ ଶିଳ୍ପାଞ୍ଚଳରେ ୬.୧୦୧ ଏକର ଜମିରେ ଏମ୍‌ଏସ୍‌ଏମ୍‌ଇ ଶିଳ୍ପମାନଙ୍କୁ ବ୍ୟବହାରିକ ସ୍ଥାନ ଯୋଗାଇ ଦେବା ଉଦ୍ଦେଶ୍ୟରେ ଏମଏସଏମଇ ବିଭାଗ ସହାୟତାରେ ଇଡ୍‌କୋ ଦ୍ୱାରା ଏକ ଏମଏସଏମଇ ଟାୱାର ନିର୍ମାଣ ନିମନ୍ତେ ପ୍ରସ୍ତାବ ରହିଛି ବୋଲି କହିଛନ୍ତି। ସମ୍ପୃକ୍ତ ଏମ୍‌ଏସ୍‌ଏମ୍‌ଇ ଟାୱାର ନିମନ୍ତେ


ବିଧାୟକ ମାନସ ଦତ୍ତ।

ଏମ୍‌ଏସ୍‌ଏମ୍‌ଇ ବିଭାଗ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୫୦ କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। ଟାୱାର ନିର୍ମାଣ ନିମନ୍ତେ ଇଡକୋ ପକ୍ଷରୁ ଏଜେନ୍ସି ଚୟନ ଓ ଡିପିଆର ପ୍ରସ୍ତୁତି ନିମନ୍ତେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

ସେହିପରି ବାଲେଶ୍ୱର ଜିଲାରେ ଲ୍ୟାଣ୍ଡ ବ୍ୟାଙ୍କର ସ୍ଥିତି ଏବଂ ଇଡକୋ ଦ୍ୱାରା ଜମି ଅଧିଗ୍ରହଣରେ ହୋଇଥିବା ଅନିୟମିତତା ଅଭିଯୋଗଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନପୂର୍ବକ ଉଚ୍ଛେଦ ପାଇଁ ଇଷ୍ଟେଟ କୋର୍ଟ ପକ୍ଷରୁ ବିଳମ୍ବ ହେବାର କାରଣ ତଥା ଏଥିପାଇଁ ଧାର୍ଯ୍ୟ ସମୟସୀମା ବାବଦରେ ବିଧାୟକ ଦତ୍ତ ପଚାରିଥିଲେ। ବାଲେଶ୍ୱରରେ ଏଭଳି କେସ୍ ସଂଖ୍ୟାର ବିବରଣୀ ଓ କାର୍ଯ୍ୟାନୁଷ୍ଠାନ ବାବଦୀୟ ତଥ୍ୟ ପ୍ରଦାନ ସେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ସ୍ୱାଇଁ ବାଲେଶ୍ୱର ଜିଲାରେ ଅଦ୍ୟାବଧି ୫୮୦.୫୧୪ ଏକର ଜମି ଶିଳ୍ପପ୍ରତିଷ୍ଠା ପାଇଁ ଇଡକୋ ଲ୍ୟାଣ୍ଡ ବ୍ୟାଙ୍କରେ ଗଚ୍ଛିତ ରହିଛି ବୋଲି ସୂଚନା ଦେଇଥିଲେ।



ଅନେକ ବିମାନ ଉଡ଼ାଣ ବିଳମ୍ବିତ ଓ ରଦ୍ଦ ହୋଇଥିବାରୁ ଗ୍ରେଟର ଲଣ୍ଡନ୍‌ସ୍ଥିତ ହିଥ୍ରୋ ଏୟାରପୋର୍ଟ ଚେକ୍-ଇନ୍ ଡେସ୍କ ନିକଟରେ ଶନିବାର ଯାତ୍ରୀମାନେ ଅପେକ୍ଷା କରିଛନ୍ତି।

# ୟୁରୋପୀୟ ଏୟାରପୋର୍ଟକୁ ସାଇବର ଆକ୍ରମଣ

**ବ୍ରସେଲ୍ସ/ଫ୍ରାଙ୍କଫର୍ଟ/ଲଣ୍ଡନ୍, ୨୦।୯(ଏପି/ରଏଟର୍ସ)**

- ଅନେକ ବିମାନ ଉଡ଼ାଣ ରଦ୍ଦ, ବିଳମ୍ବିତ
- ଏୟାରପୋର୍ଟରେ ଫସିରହିଛନ୍ତି ଯାତ୍ରୀ

ୟୁରୋପୀୟ ବିମାନବନ୍ଦରଗୁଡ଼ିକ ଉପରେ ଶନିବାର ଏକ ବଡ଼ଧରଣର ସାଇବର ଆକ୍ରମଣ ହୋଇଛି। ଏଥିଯୋଗୁ ଅଧିକାଂଶ ଏୟାରପୋର୍ଟର ଚେକ୍-ଇନ୍ ସିଷ୍ଟମ୍ ଏକପ୍ରକାର ଅଚଳ ହୋଇଯାଇଛି। ଫଳରେ ଚେକ୍-ଇନ୍ ଡିଜିଟାଲି ହୋଇ ନ ପାରି କେବଳ କାଗଜକଲମରେ କରାଯାଉଥିବାରୁ ଅନେକ ବିମାନ ଉଡ଼ାଣ ରଦ୍ଦ କିମ୍ବା ବିଳମ୍ବିତ ହୋଇଛି। ଏହି କାରଣରୁ ବଡ଼ ଏୟାରପୋର୍ଟଗୁଡ଼ିକରେ ଯାତ୍ରୀମାନେ ଫସିରହିଛନ୍ତି। ଏହା ବିମାନ ଉଡ଼ାଣ ନିର୍ଘଣ୍ଟକୁ ବହୁଳ ଭାବେ ପ୍ରଭାବିତ କରିଥିବା ବ୍ରସେଲ୍ସ ଏୟାରପୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ବ୍ରସେଲ୍ସ ଏୟାରପୋର୍ଟ ଏକ ବିବୃତିରେ ଜଣାଇଛି ଯେ, ସେପ୍ଟେମ୍ବର ୧୯ ରାତିରେ ଏହି ସାଇବର ଆଟାକ୍ ହୋଇଥିଲା। ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମ୍‌ର ସର୍ଭିସ୍ ପ୍ରୋଭାଇଡରକୁ ଏଥିରେ ଟାର୍ଗେଟ କରାଯାଇଥିଲା। ଏହି ସାଇବର ଆକ୍ରମଣରେ ଅନେକ ୟୁରୋପୀୟ ଏୟାରପୋର୍ଟ ପ୍ରଭାବିତ ହୋଇଛି। ସେହିପରି ବର୍ଲିନ୍‌ର ବ୍ରାଣ୍ଡେନ୍‌ବର୍ଗ ଏୟାରପୋର୍ଟ ପକ୍ଷରୁ କୁହାଯାଇଛି, ଯାତ୍ରୀ ପରିଚାଳନା ସମ୍ପର୍କିତ ଏକ ସର୍ଭିସ୍ ପ୍ରୋଭାଇଡରକୁ ଶୁକ୍ରବାର ରାତିରେ ସାଇବର ଆକ୍ରମଣ ହୋଇଥିଲା। ଏଥିଯୋଗୁ ଏୟାରପୋର୍ଟ ଅପରେଟରମାନେ ସିଷ୍ଟମ୍‌ରୁ ବିଚ୍ଛିନ୍ନ ହୋଇଯାଇଛନ୍ତି। ୟୁରୋପର ସବୁଠୁ ବ୍ୟସ୍ତବହୁଳ ବିମାନବନ୍ଦର ଲଣ୍ଡନ୍‌ସ୍ଥିତ ହିଥ୍ରୋ ଏୟାରପୋର୍ଟ କହିଛି, ଏହାର ସର୍ଭିସ୍ ପ୍ରୋଭାଇଡର ପାଇଁ 'ଏକ ବୈଷୟିକ ସମସ୍ୟା' ଦେଖାଦେଇଛି। ବିଶ୍ୱର ବହୁ ଏୟାରପୋର୍ଟ ପାଇଁ ଏୟାରଲାଇନ୍ସଗୁଡ଼ିକୁ ଚେକ୍-ଇନ୍ ଓ ବୋର୍ଡିଂ ସିଷ୍ଟମ୍ ଲାଗି ସେବା ପ୍ରଦାନ କରୁଥିବା କୋଲିନ୍ସ ଏରୋସ୍ପେସ୍ ବୈଷୟିକ ସମସ୍ୟା ଦେଇ ଗତି କରୁଛି। ଏଥିଯୋଗୁ ଯାତ୍ରୀଙ୍କ ପ୍ରସ୍ଥାନ ବିଳମ୍ବିତ ହୋଇପାରେ ବୋଲି ହିଥ୍ରୋ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟ କରାଯାଇଛି। ଇତିମଧ୍ୟରେ ଏୟାରପୋର୍ଟଗୁଡ଼ିକ ଯାତ୍ରୀଙ୍କୁ ସେମାନଙ୍କ ଫ୍ଲାଇଟ୍ ଷ୍ଟାଟସ୍ ଯାଞ୍ଚ କରିବାକୁ ପରାମର୍ଶ ଦେବା ସହ ଅସୁବିଧାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ବ୍ରିଟେନ୍‌ର ନ୍ୟାଶନାଲ ସାଇବର ସିକ୍ୟୁରିଟି ସେଣ୍ଟର କୋଲିନ୍ସ ଏରୋସ୍ପେସ୍ ସହ ଯୋଗସୂତ୍ର ରଖି କାର୍ଯ୍ୟ କରୁଥିବା କହିଛି।


# ୨୮ ରାଜ୍ୟର ଋଣ ୫୯.୬ ଲକ୍ଷ କୋଟି

**୧୦ ବର୍ଷରେ ୩.୩ ଗୁଣ ବୃଦ୍ଧି ନେଇ ସିଏଜିଙ୍କ ଉଦ୍‌ବେଗ**

**ଓଡ଼ିଶାର ଋଣ ଅନୁପାତ ସର୍ବନିମ୍ନ**

**ନୂଆଦିଲ୍ଲୀ,୨୦।୯**

ଭାରତର ୨୮ ରାଜ୍ୟର ମୋଟ ସରକାରୀ ଋଣ ୧୦ ବର୍ଷ ମଧ୍ୟରେ ୩ ଗୁଣ ହୋଇଥିବା କମ୍ପ୍ଟ୍ରୋଲର ଆଣ୍ଡ ଅଡିଟ୍ ଜେନେରାଲ (ସିଏଜି)ଙ୍କ ଅନୁଧ୍ୟାନରୁ ଜଣାପଡ଼ିଛି। ସିଏଜି ପକ୍ଷରୁ ପ୍ରଥମଥର ପାଇଁ ଏଭଳି ୧୦ ବର୍ଷିଆ ବିଶ୍ଳେଷଣ କରାଯାଇଛି। କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ୨୦୧୩-୧୪ରେ ଦେଶର ସମସ୍ତ ୨୮ ରାଜ୍ୟର ମୋଟ ଋଣ ପରିମାଣ ୧୭.୫୭ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୨-୨୩ରେ ଏହା ୫୯.୬୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅର୍ଥାତ୍ ୧୦ ବର୍ଷରେ ଋଣ ପରିମାଣ ୩.୩ ଗୁଣରୁ ଅଧିକ ବୃଦ୍ଧି ପାଇଛି,



ଯାହାକି ରାଜ୍ୟଗୁଡ଼ିକର ମୋଟ ଦ୍ରବ୍ୟ ଓ ସେବା ଉତ୍ପାଦ ମୂଲ୍ୟର ଏକ ବଡ଼ ଭାଗ।

ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅନୁଯାୟୀ ଦେଖିଲେ ୨୦୧୩-୧୪ରେ ଋଣ ପରିମାଣ ଏହାର ୧୬.୬୬ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ପାଖାପାଖି ୨୩ ପ୍ରତିଶତରେ ପହଞ୍ଚିଛି। ଶୁକ୍ରବାର ରାଜ୍ୟ ଅର୍ଥ ସଚିବମାନଙ୍କ ସମ୍ମିଳନୀରେ ସିଏଜି କେ. ସଞ୍ଜୟ ମୂର୍ତ୍ତି ଏହି ତଥ୍ୟ ପ୍ରକାଶ କରିଛନ୍ତି। ତେବେ ସବୁ ରାଜ୍ୟ ଉପରେ ସମାନ ଋଣ ବୋଝ ନାହିଁ। ୨୦୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପଞ୍ଜାବର ଋଣ ଜିଏସ୍‌ଡିପି ଅନୁପାତ ସର୍ବାଧିକ ୪୦.୩୫ ପ୍ରତିଶତ ଥିବାବେଳେ ଦ୍ୱିତୀୟ ସ୍ଥାନରେ ନାଗାଲାଣ୍ଡ (୩୭.୧୫%) ଏବଂ ତୃତୀୟରେ ପଶ୍ଚିମବଙ୍ଗ (୩୩.୭୦%) ରହିଛି। ତେବେ ଓଡ଼ିଶାର ଋଣ ଏବଂ ଜିଏସ୍‌ଡିପି ଅନୁପାତ ସର୍ବନିମ୍ନ ୮.୪୫ ପ୍ରତିଶତ ରହିଛି। ମହାରାଷ୍ଟ୍ରର ଏହି ଅନୁପାତ ୧୪.୬୪% ହୋଇଥିବାବେଳେ ଗୁଜରାଟର ୧୬.୩୭%। ମୋଟାମୋଟି ଦେଖିଲେ ୮ଟି ରାଜ୍ୟର ସରକାରୀ ଋଣ ଜିଏସ୍‌ଡିପିର ୩୦ ପ୍ରତିଶତରୁ ଅଧିକ ରହିଥିବାବେଳେ ୬ ରାଜ୍ୟର ୨୦ ପ୍ରତିଶତରୁ କମ୍ ଏବଂ ଅବଶିଷ୍ଟ ରାଜ୍ୟଗୁଡ଼ିକର ୨୦ରୁ ୩୦ ପ୍ରତିଶତ ମଧ୍ୟରେ ରହିଛି। ରାଜ୍ୟଗୁଡ଼ିକର ମୋଟ ଋଣ ଭାରତର ଜିଡିପିର ୨୨.୧୭ ପ୍ରତିଶତ ସହ ସମାନ। ୨୦୨୩ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଭାରତର ଜିଡିପି ୨୬୮.୯ ଲକ୍ଷ କୋଟି ଟଙ୍କା ଥିଲା।

ସରକାରୀ ଋଣରୁ ସରକାର ତାଙ୍କ ବ୍ୟୟ ପାଇଁ କିଭଳି ଫଣ୍ଡିଂ କରୁଛନ୍ତି, ତାହା ଜଣାପଡ଼େ। ରିପୋର୍ଟ ଅନୁଯାୟୀ ରାଜ୍ୟ ଋଣ ହେଉଛି ରାଜସ୍ୱ ଗ୍ରହଣର ଏକ ଭାଗ, ଯାହା ଗତ ୧୦ ବର୍ଷରେ ୧୨୮ରୁ ୧୯୧ ପ୍ରତିଶତ ମଧ୍ୟରେ ଉଠାପକା ହୋଇଛି। ହାରାହାରି ଭାବେ ଦେଖିଲେ ଋଣ ପରିମାଣ ରାଜ୍ୟଗୁଡ଼ିକର ବାର୍ଷିକ ରାଜସ୍ୱର ପ୍ରାୟ ୧୫୦ ପ୍ରତିଶତ ରହିଛି। କୋଭିଡ୍ ମହାମାରୀ ଆର୍ଥିକ କାରବାରକୁ ପ୍ରଭାବିତ କରିବା ଫଳରେ ୨୦୨୧ ଆର୍ଥିକ ବର୍ଷରେ ଋଣ ପରିମାଣ ପୂର୍ବବର୍ଷର ଜିଏସ୍‌ଡିପିର ୨୧%ରୁ ବୃଦ୍ଧି ପାଇ ୨୫% ହୋଇଥିଲା। ୨୦୨୦-୨୧ ଏବଂ ୨୦୨୨-୨୩ ବର୍ଷରେ ଅଧିକ ଋଣ କେନ୍ଦ୍ର ସରକାରଙ୍କଠାରୁ ଜିଏସ୍‌ଟି କ୍ଷତିପୂରଣ ଋଣ ଏବଂ ସ୍ୱତନ୍ତ୍ର ସହାୟତା ପ୍ୟାକେଜ୍ ଜରିଆରେ ଆସିଥିଲା।

ସରକାର ପରିଚାଳନା ଖର୍ଚ୍ଚ ପାଇଁ ନୁହେଁ, କେବଳ ନିବେଶ ନିମନ୍ତେ ଋଣ ଉଠାଇବାର ତଥାକଥିତ ଗୋଲ୍ଡେନ୍ ରୁଲ୍ ଥିବାବେଳେ ଏଥିରେ ଉଲ୍ଲଂଘନ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩ ଆର୍ଥିକ ବର୍ଷରେ ଆନ୍ଧ୍ରପ୍ରଦେଶ, ପଞ୍ଜାବ, ପଶ୍ଚିମବଙ୍ଗ, କେରଳ, ବିହାର ଓ ତାମିଲନାଡୁ ଆଦି ୧୧ଟି ରାଜ୍ୟ ସେମାନଙ୍କ ଋଣ ଅର୍ଥର କିଛି ଅଂଶକୁ ପୁଞ୍ଜି ବ୍ୟୟ ପରିବର୍ତ୍ତେ ରାଜସ୍ୱ ନିଅଣ୍ଟ ଭରଣା କରିବାରେ ବିନିଯୋଗ କରିଥିଲେ।

ରାଜ୍ୟଗୁଡ଼ିକର ଋଣ ବୋଝକୁ ନେଇ ସିଏଜି ରିପୋର୍ଟ ପ୍ରକାଶ ପାଇବା ପରେ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛି। କେନ୍ଦ୍ର ସରକାର ସଂଘୀୟ ସହଯୋଗରେ ଏକଚାଟିଆ ମନୋଭାବ ପୋଷଣ କରୁଥିବାରୁ ରାଜ୍ୟଗୁଡ଼ିକର ସ୍ୱାଧୀନତା ବିପନ୍ନ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଦେଶର ସଂଘବାଦ ଏବେ ଅଭୂତପୂର୍ବ ଚାପ ମଧ୍ୟରେ ରହିଥିବା କଂଗ୍ରେସ ସାଧାରଣ ସମ୍ପାଦକ ରଣଦୀପ୍ ସୁର୍ଜେୱାଲା କହିଛନ୍ତି।

## ଆତଙ୍କବାଦୀଙ୍କ ଗୁଳିରେ ଯବାନ ମୃତ

**ଜମ୍ମୁ,୨୦।୯(ପି.ଟି.)**

ଜମ୍ମୁ-କଶ୍ମୀରର ଉଧମପୁର ଜିଲାର ଏକ ଦୁର୍ଗମ ଜଙ୍ଗଲ ଅଞ୍ଚଳରେ ଶୁକ୍ରବାର ରାତିରେ ଆତଙ୍କବାଦୀଙ୍କ ସହ ଗୁଳି ବିନିମୟ ବେଳେ ଗୁରୁତର ଆହତ ହୋଇଥିବା ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ଉଧମପୁର ସୀମାନ୍ତ ସେଓଜଧାର ଜଙ୍ଗଲ ସୀମାରେ ଲୁଚି ରହିଥିବା ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ସେନା ଏବଂ ଜମ୍ମୁ-କଶ୍ମୀର ପୋଲିସର ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍ (ଏସ୍‌ଓଜି) ପକ୍ଷରୁ ମିଳିତ ତଲାସି ଅଭିଯାନ ଚାଲିଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଗୁଳିମାଡ଼ରେ ଆହତ ହୋଇଥିବା ଯବାନଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଉକ୍ତ ଅଞ୍ଚଳକୁ ସେନା ଘେରାବନ୍ଦୀ କରି ରଖିବା ସହ ଶନିବାର ସକାଳୁ ପୁନର୍ବାର ତଲାସି ଅଭିଯାନ ଆରମ୍ଭ କରିଛି। ଉକ୍ତ ଅଞ୍ଚଳରେ ୨ରୁ ୩ ଜଣ ଆତଙ୍କବାଦୀ ଆତ୍ମଗୋପନ କରିଥିବା ବିଶ୍ୱାସ କରାଯାଉଛି।

## ଜୁବିନ୍‌ଙ୍କ ମୃତ୍ୟୁର ତଦନ୍ତ କରିବ ପୋଲିସ

**ଗୁଆହାଟୀ,୨୦।୯**

ଖ୍ୟାତନାମା ଗାୟକ ଜୁବିନ୍ ଗର୍ଗ(୫୨)ଙ୍କ ମୃତ୍ୟୁର ତଦନ୍ତ ହେବ ବୋଲି ଆସାମ ସରକାର କହିଛନ୍ତି। ଜୁବିନ୍ ବିନା ଲାଇଫ୍ ଜାକେଟ୍‌ରେ ସନ୍ତରଣ କରୁଥିବାରୁ ଜୀବନ ହରାଇଲେ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି। ସିଙ୍ଗାପୁର ରାଷ୍ଟ୍ରଦୂତଙ୍କ ସୂଚନା ଅନୁଯାୟୀ ଜୁବିନ୍ ନିଜ ଟିମ୍‌ର ୪ ସଦସ୍ୟ ଓ ଅନ୍ୟ ୧୧ ଜଣ ଅସମୀୟା ଯୁବକଙ୍କ ସହ ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ନ ୨ଟାରେ ଏକ ନୌକା ଭ୍ରମଣରେ ଯାଇଥିଲେ। କିଛି ସମୟ ପରେ ସେମାନେ ଗୋଟିଏ ସ୍ଥାନରେ ଅଟକିଯାଇ ସନ୍ତରଣ କରିଥିଲେ। ପ୍ରଥମେ ଜୁବିନ୍ ଲାଇଫ୍ ଜାକେଟ ପିନ୍ଧିଥିଲେ। ତେବେ ଲାଇଫ୍ ଜାକେଟ୍ ବଡ଼ ଥିବାରୁ ସେ ଏହାକୁ ଓହ୍ଲାଇଦେଇ ପୁଣି ସନ୍ତରଣ ଆରମ୍ଭ କରିଥିଲେ। ସେ ବୁଡ଼ିଯାଉଥିବା ଦେଖି ବୋଟ୍‌ର କ୍ରିଉ ସଦସ୍ୟ ପାଣିକୁ ଡେଇଁ ତାଙ୍କୁ ଉପରକୁ ଆଣିଥିଲେ। ଡାକ୍ତର ଓ ତଟରକ୍ଷୀମାନେ ତାଙ୍କୁ ସିପିଆର୍ ଦେଇଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ସିଙ୍ଗାପୁର ଜେନେରାଲ ହସ୍ପିଟାଲକୁ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିମାନ ଦୁର୍ଘଟଣାରେ ଗ୍ରାମୀ ବିଜୟୀ ଗୀତିକାର ବ୍ରେଟ୍ ଜେମ୍ସଙ୍କ ପରଲୋକ



**ଲସ୍ ଏଞ୍ଜେଲ୍ସ,୨୦।୯**

ଏକ କ୍ଷୁଦ୍ର ବିମାନ ଦୁର୍ଘଟଣାରେ ଗ୍ରାମୀ ପୁରସ୍କାର ବିଜୟୀ ଆମେରିକାର ଲୋକପ୍ରିୟ ଗୀତିକାର ତଥା ଗାୟକ ବ୍ରେଟ୍ ଜେମ୍ସଙ୍କ ପରଲୋକ ହୋଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ଜିଶୁସ୍ ଟେକ୍ ଦି ହ୍ୱିଲ୍ ଏବଂ ହ୍ୱେନ୍ ଦି ସନ୍ ଗୋଜ୍ ଡାଉନ୍ ତାଙ୍କର ସବୁଠୁ ହିଟ୍ ଗୀତ ଥିଲା। ଜେମ୍ସଙ୍କ ସମେତ ୩ ଜଣଙ୍କୁ ନେଇ ଯାଉଥିବା କ୍ଷୁଦ୍ର ବିମାନଟି ଗୁରୁବାର ଅପରାହ୍ନରେ ଫ୍ରାଙ୍କଲିନ୍‌ସ୍ଥିତ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାର କାରଣ ଜଣାପଡ଼ି ନ ଥିବା ସଂଘୀୟ ବିମାନ ଚଳାଚଳ ପ୍ରଶାସନ ପକ୍ଷରୁ କୁହାଯାଇଛି। ବିମାନରେ ଥିବା ସମସ୍ତଙ୍କର ମୃତ୍ୟୁ ଘଟିଥିବା ନର୍ଥ କାରୋଲିନା ରାଜ୍ୟ ହାଇୱେ ପାଟ୍ରୋଲ ପକ୍ଷରୁ କୁହାଯାଇଛି। ବିମାନଟି ଜେମ୍ସଙ୍କ ନାମରେ ଥିବାବେଳେ ଏହାକୁ ସେ ଚଳାଉଥିଲେ କି ନାହିଁ ସ୍ପଷ୍ଟ ହୋଇ ନାହିଁ। ବିମାନରେ ଥିବା ଅନ୍ୟ ୨ ଜଣ ହେଲେ ମେଲୋଡି କାରୋଲ ଏବଂ ମେରିଲ୍ ମାକ୍ସୱେଲ ୱିଲ୍‌ସନ୍।

# ଅନ୍ୟ ରାଷ୍ଟ୍ର ଉପରେ ନିର୍ଭରଶୀଳତା ଭାରତର ବଡ଼ ଶତ୍ରୁ: ମୋଦି

**ଭାବନଗର,୨୦।୯**

ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭରଶୀଳତା ଭାରତର ମୁଖ୍ୟ ଶତ୍ରୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର କହିବା ସହ ଆତ୍ମନିର୍ଭରଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେମିକଣ୍ଡକ୍ଟର ଚିପ୍‌ଠାରୁ ଆରମ୍ଭ କରି ଜାହାଜ ପର୍ଯ୍ୟନ୍ତ ସବୁକିଛି ସ୍ୱଦେଶୀ ଉତ୍ପାଦନ ପାଇଁ ସେ ଆହ୍ୱାନ ଦେଇଛନ୍ତି।

ଗୁଜରାଟର ଭାବନଗରଠାରେ 'ସମୁଦ୍ର ସେ ସମୃଦ୍ଧି' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ଅବସରରେ ବିଦେଶ ଉପରେ ଅତ୍ୟଧିକ ନିର୍ଭରଶୀଳତା ବଡ଼ ଜାତୀୟ ବିଫଳତା ସୃଷ୍ଟି କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ


ଗୁଜରାଟର ଭାବନଗରଠାରେ ଏକ ରୋଡ୍‌ଶୋ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହାତ ହଲାଇ ଲୋକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

୩୪,୨୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ସବୁ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଆତ୍ମନିର୍ଭରଶୀଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ବୈଶ୍ୱିକ ଭ୍ରାତୃଭାବ ଭାବନା ନେଇ ଆଗକୁ ବଢ଼ୁଛି ଓ ଏବେ ବିଶ୍ୱରେ ଏହାର କେହି ବଡ଼ ଶତ୍ରୁ ନାହାନ୍ତି। ଏହାର ସବୁଠୁ ବଡ଼ ଶତ୍ରୁ ହେଉଛି ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ଅତ୍ୟଧିକ ନିର୍ଭରଶୀଳତା। ଏହି ନିର୍ଭରଶୀଳତାକୁ ସାମୂହିକ ଭାବେ ହଟାଇବାକୁ ହେବ। ବୈଶ୍ୱିକ ଶାନ୍ତି, ସ୍ଥିରତା ଏବଂ ସମୃଦ୍ଧି ପାଇଁ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପଞ୍ଜାବ ବନ୍ୟାକୁ ଗମ୍ଭୀର ବିପର୍ଯ୍ୟୟ ଘୋଷଣା କଲା କେନ୍ଦ୍ର

**ଚଣ୍ଡିଗଡ଼,୨୦।୯**

କେନ୍ଦ୍ର ସରକାର ପଞ୍ଜାବ ବନ୍ୟାକୁ ଗମ୍ଭୀର ବିପର୍ଯ୍ୟୟ ଘୋଷଣା କରିଛନ୍ତି। ବନ୍ୟା କ୍ଷୟକ୍ଷତି ସମ୍ପର୍କିତ ଆକଳନ ରିପୋର୍ଟ ୩ ମାସ ମଧ୍ୟରେ ପଠାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଗମ୍ଭୀର ବିପର୍ଯ୍ୟୟ ଘୋଷଣା ହୋଇଥିବାରୁ ଅନ୍ତଃମନ୍ତ୍ରଣାଳୟ ଟିମ୍ କ୍ଷୟକ୍ଷତି ଆକଳନ କରିବା ପରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ଜରିଆରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଥିପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯିବ। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ଜିତିନ ପ୍ରସାଦ ମଧ୍ୟ କ୍ଷୟକ୍ଷତି ଆକଳନ ପାଇଁ ପଠାନକୋଟ ଓ ଗୁରଦାସପୁର ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୨୬ ଓ ୨୭ରେ ପ୍ରବଳ ବର୍ଷା ହେବାରୁ ରଞ୍ଜିତ ସାଗର ଡ୍ୟାମ୍‌ରୁ ୨.୧୨ ଲକ୍ଷ କ୍ୟୁସେକ୍ ଜଳ ଛଡ଼ାଯାଇଥିଲା। ଅପରେଶନ ସିନ୍ଦୂର ପରେ ପାକିସ୍ତାନକୁ ପାଣି ବନ୍ଦ କରିବାକୁ ମାଧୋପୁର ବ୍ୟାରେଜ୍‌ର ୫୪ଟି ଗେଟ୍‌କୁ ବନ୍ଦ କରାଯାଇଥିଲା। ପ୍ରବଳ ପାଣି ଚାପରୁ ୨ଟି ଗେଟ୍ ଭୁଶୁଡ଼ି ପଡ଼ିବାରୁ ବନ୍ୟା ଆସିଥିଲା।

## ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ପରିବାର ବାସନ୍ଦ, ଘର ଭାଙ୍ଗିଦେଲେ

**ରାୟପୁର,୨୦।୯**

ଛତିଶଗଡ଼ର ବେମେତାରା ଜିଲାରେ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନରେ ସରପଞ୍ଚଙ୍କୁ ଭୋଟ ଦେଇ ନ ଥିବାରୁ ଗୋଟିଏ ପରିବାରକୁ ସାମାଜିକ ବାସନ୍ଦ କରାଯିବା ସହ ସେମାନଙ୍କ ଘର ଭାଙ୍ଗିଦିଆଯାଇଛି। ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଅଭିଯୋଗ ହୋଇଛି। ନଭଗଡ଼ ତହସିଲ୍ ଅନ୍ତର୍ଗତ ଗାଡ଼ାମୋଡ ପଞ୍ଚାୟତର ଉକ୍ତ ପରିବାର ଏବଂ ସରପଞ୍ଚ ସତନାମୀ (ଅନୁସୂଚିତ ଜାତି) ସମ୍ପ୍ରଦାୟର। ଉକ୍ତ ପରିବାରର ୧୦ ସଦସ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି। ସରପଞ୍ଚ ମହାଜନ ମାନହାରେଙ୍କ ନିର୍ଦ୍ଦେଶକ୍ରମେ ବୁଲ୍‌ଡୋଜର ଲଗାଇ ସେମାନଙ୍କ ୨୫ ବର୍ଷର ପୁରୁଣା ଘରକୁ ଭଙ୍ଗାଯିବା ବେଳେ ତହସିଲଦାର ଓ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ। ସରପଞ୍ଚଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବାକୁ ଉକ୍ତ ପରିବାରକୁ ସୁଯୋଗ ଦିଆଯାଇ ନ ଥିଲା। ନ୍ୟାୟ ଓ କ୍ଷତିପୂରଣ ପାଇଁ ଏସ୍‌ଡିଏମ୍, ଜିଲା ପୋଲିସ ମୁଖ୍ୟ ଏବଂ ତହସିଲଦାରଙ୍କ ନିକଟରେ ଦାବି ହୋଇଛି। ବେଆଇନ ଭାବେ ଜମି ଦଖଲ କରି ଘର କରିଥିବାରୁ ଏହାକୁ ଖାଲି କରିବା ପାଇଁ ସରପଞ୍ଚ ନୋଟିସ୍ ଜାରି କରିଥିଲେ।

# ମୋହନଲାଲ୍‌ଙ୍କୁ ଦାଦାସାହେବ ଫାଲ୍‌କେ

**ନୂଆଦିଲ୍ଲୀ,୨୦।୯(ପି.ଟି.)**

ମାଲୟାଲମ୍ ସୁପରଷ୍ଟାର ମୋହନଲାଲ୍‌ଙ୍କୁ ୨୦୨୩ ବର୍ଷ ପାଇଁ ଦାଦାସାହବ ଫାଲ୍‌କେ ପୁରସ୍କାର ପ୍ରଦାନ ଲାଗି ମନୋନୀତ କରାଯାଇଥିବା ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଶନିବାର ଘୋଷଣା କରିଛି। ସିନେମା କ୍ଷେତ୍ରରେ ଦେଶର ସର୍ବୋଚ୍ଚ ସ୍ୱୀକୃତି ଭାବେ ଦାଦାସାହେବ ପୁରସ୍କାର ପ୍ରଦାନ କରାଯାଇଥାଏ। ଭାରତୀୟ ସିନେମାକୁ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା, ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତା ମୋହନଲାଲଙ୍କୁ ଏହି ପୁରସ୍କାରରେ



ସମ୍ମାନିତ କରିବା ନିମନ୍ତେ ଦାଦାସାହେବ ଫାଲ୍‌କେ ଆୱାର୍ଡ ସିଲେକ୍ସନ କମିଟି ସୁପାରିସ କରିଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆସନ୍ତା ୨୩ ତାରିଖରେ ୭୧ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବରେ ୬୫ ବର୍ଷୀୟ ମୋହନଲାଲ୍‌ଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ମୋହନଲାଲ୍‌ଙ୍କ ଅତୁଳନୀୟ ଦକ୍ଷତା, ବହୁମୁଖୀ ପ୍ରତିଭା ଏବଂ ଅବିଶ୍ରାନ୍ତ କଠିନ ପରିଶ୍ରମ ଭାରତୀୟ ସିନେମା ଇତିହାସରେ ଏକ ସ୍ୱର୍ଣ୍ଣିମ ମାନ ସୃଷ୍ଟି କରିଥିଲା ବୋଲି ମନ୍ତ୍ରଣାଳୟ କହିଛି। ୪ ଦଶନ୍ଧିର କ୍ୟାରିୟରରେ ମୋହନଲାଲ୍ ୩୫୦ରୁ ଊର୍ଦ୍ଧ୍ୱ ମାଲୟାଲମ୍, ତାମିଲ, ତେଲୁଗୁ, ହିନ୍ଦୀ ଓ କନ୍ନଡ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ତାଙ୍କର ସବୁଠୁ ଲୋକପ୍ରିୟ ଚଳଚ୍ଚିତ୍ର ମଧ୍ୟରେ ରହିଛି ଥାନମଥ୍ରା, ଦୃଶ୍ୟମ୍, ବାନପ୍ରସ୍ଥମ୍ ଏବଂ ପୁଲିମୁରୁଗାନ୍। ସେ ଶ୍ରେଷ୍ଠ ଅଭିନେତା ଭାବେ ୨ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସାଙ୍ଗକୁ ୯ ଥର କେରଳ ରାଜ୍ୟ ପୁରସ୍କାର ଓ ଅନ୍ତର୍ଜାତୀୟ ସମ୍ମାନ ପାଇଛନ୍ତି। ୨୦୦୧ରେ ତାଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ରେ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଦାଦାସାହେବ ଫାଲ୍‌କେ ପୁରସ୍କାର ପାଇଁ ମନୋନୀତ ହୋଇଥିବା ମୋହନଲାଲ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ମୋହନଲାଲ୍ ଉତ୍କର୍ଷତା ଓ ବହୁମୁଖୀ ପ୍ରତିଭାର ପ୍ରତୀକ ବୋଲି ଏକ ସୋସିଆଲ ମିଡିଆ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି।

# ଖଣିଶିଳ୍ପକୁ ପ୍ରଭାବିତ କରିବ ନିମ୍ନ ଗ୍ରେଡ୍ ଲୁହାପଥର ଉପରେ ରପ୍ତାନି ଶୁଳ୍କ

ଭୁବନେଶ୍ୱର,୨୦।୯

ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ (ୟୁସିସିଆଇଏଲ୍) ନିମ୍ନ ଗ୍ରେଡ୍ ଲୁହାପଥର (୫୮% ଏଫ୍‌ଇ ତଳେ) ରପ୍ତାନି ଉପରେ ଶୁଳ୍କ ଲାଗୁ କରିବା ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସମ୍ପ୍ରତି ଆଲୋଚନାକୁ ଦୃଷ୍ଟିରେ ରଖି ରାଜ୍ୟର ଲୁହାପଥର ଖଣି ଶିଳ୍ପକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛି। ଏପରି ପଦକ୍ଷେପ ଖଣି ପ୍ରମୁଖ ରାଜ୍ୟଗୁଡ଼ିକର ରାଜକୋଷକୁ ୧୬୨୦୦ କୋଟିରୁ ଅଧିକ ସାମୂହିକ କ୍ଷତି କରିବା ସହ ରାଜ୍ୟଗୁଡିକରେ ୫ ଲକ୍ଷରୁ ଅଧିକ ଖଣି ନିର୍ଭରଶୀଳଙ୍କ ଜୀବିକା ବିପନ୍ନ କରିବ ବୋଲି ବୋଲି ୟୁସିସିଆଇଏଲ୍ କହିଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ଏକ ଚିଠିରେ, ଅଗଷ୍ଟ ୨୬ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ବିଷୟରେ ଉଲ୍ଲେଖ କରିଛି। ଏହି ବୈଠକର ଅଧ୍ୟକ୍ଷତା ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ କରିଥିଲେ ଏବଂ ଓଡ଼ିଶା ପକ୍ଷରୁ ଏସିଏସ୍ ଇସ୍ପାତ ଏବଂ ଖଣି ବିଭାଗ ମଧ୍ୟ ଯୋଗଦେଇଥିଲେ। ଆଲୋଚନାରେ ନିମ୍ନ-ଗ୍ରେଡ୍ ଲୁହାପଥର (୫୮%ରୁ କମ୍) ଉପରେ ସମ୍ଭାବ୍ୟ ରପ୍ତାନି ଶୁଳ୍କ ଲାଗୁ କରିବା ସମେତ ବିଭିନ୍ନ ପଦକ୍ଷେପ ଅନୁସନ୍ଧାନ କରାଯାଉଛି। ୟୁସିସିଆଇଏଲ୍ କହିଛି, ଏପରି ଯେକୌଣସି ପଦକ୍ଷେପ କେବଳ ରାଜ୍ୟ ରାଜସ୍ୱ ନୁହେଁ ବରଂ ଖଣି କାର୍ଯ୍ୟର କାର୍ଯ୍ୟକ୍ଷମତା ଏବଂ କ୍ଷେତ୍ର ଉପରେ ନିର୍ଭରଶୀଳ ଅନେକ ହଜାର ଲୋକଙ୍କ ଜୀବିକା ଉପରେ ବିଶେଷକରି ଦୂରଦୂରାନ୍ତ ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଅଞ୍ଚଳରେ ପ୍ରତିକୂଳ ପ୍ରଭାବ ପକାଇବ। ଶିଳ୍ପ ଆକଳନ ଏବଂ ତଥ୍ୟ ମଡେଲ ଅନୁଯାୟୀ, ନିମ୍ନ-ଗ୍ରେଡ୍ ଲୁହାପଥର ଉପରେ ପ୍ରସ୍ତାବିତ ରପ୍ତାନି ଶୁଳ୍କ ଲାଗୁହେବା ଦ୍ୱାରା ଓଡ଼ିଶାର ରାଜକୋଷକୁ ବାର୍ଷିକ ୧୦,୦୦୦ କୋଟିରୁ ଅଧିକ କ୍ଷତି ହୋଇପାରେ। କେବଳ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପ୍ରାୟ ୫,୭୦୦ କୋଟି ରାଜସ୍ୱ କ୍ଷତି ସହିବ ବୋଲି ଆକଳନ କରାଯାଇଛି, ଯାହା ଏହାର କାର୍ଯ୍ୟକ୍ଷମ ସ୍ଥିରତା ଏବଂ ସାମାଜିକ ଅବଦାନକୁ ଯଥେଷ୍ଟ ଭାବରେ ହ୍ରାସ କରିବ। ସୂଚନା ଥାଉକି, ୨୦୨୨ ମସିହାରେ, ନିମ୍ନ-ଗ୍ରେଡ୍ ଲୁହାପଥର ଉପରେ ଲାଗୁ ହୋଇଥିବା ସମାନ ଶୁଳ୍କ ରାଜ୍ୟ ପାଇଁ ୧୨,୦୦୦ କୋଟିରୁ ଅଧିକ କ୍ଷତି କରିବା ଏବଂ ଏହାର ଉଦ୍ଦେଶ୍ୟମୂଳକ ନୀତିଗତ ଫଳାଫଳ ହାସଲ କରିବାରେ ବିଫଳ ହେବା ପରେ ୬ ମାସ ମଧ୍ୟରେ ପ୍ରତ୍ୟାହାର କରାଯାଇଥିଲା। ଚିଠିରେ ସତର୍କ କରାଯାଇଥିଲା, ଏପରି ପଦକ୍ଷେପ ପୁନରାବୃତ୍ତି କରିବା ଦ୍ୱାରା ଅପରିବର୍ତ୍ତନୀୟ ଆର୍ଥିକ କ୍ଷତି ହେବ। ଏହା ବିଶେଷ ଭାବରେ ଓଡ଼ିଶାରେ ଖଣି ମୁଖ୍ୟ ଅଞ୍ଚଳଗୁଡ଼ିକ ମଧ୍ୟ ଗୁରୁତର ସାମାଜିକ-ଆର୍ଥିକ ଆବଶ୍ୟକତା ସହିତ ଜଡିତ। ଏହା ବ୍ୟତୀତ, ଲୁହାପଥର ଖଣିରେ, କେବଳ ୨୫-୩୦% ଉତ୍ତୋଳିତ ସାମଗ୍ରୀ ହେଉଛି ଉଚ୍ଚ-ଗ୍ରେଡ୍ ଲମ୍ ଯାହା ତୁରନ୍ତ ଘରୋଇ ବ୍ୟବହାର ପାଇଁ ଉପଯୁକ୍ତ। ବାକି ୭୦-୭୫% ଜରିମାନା ଅନ୍ତର୍ଭୁକ୍ତ, ଯାହା ପ୍ରାୟତଃ ୫୮% ଏଫ୍‌ଇ ସୀମା ତଳେ ଅଛି, ଯାହା ଓଡ଼ିଶାର ଇସ୍ପାତ କ୍ଷେତ୍ର ଦ୍ୱାରା ବ୍ୟବହାରଯୋଗ୍ୟ ନୁହେଁ।

# ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ ଶ୍ରୀ ସିମେଣ୍ଟ: ବାଙ୍ଗୁର

ଭୁବନେଶ୍ୱର,୨୦।୯(ଅନୁରାଧା ମହାରଣା)



ଶ୍ରୀ ସିମେଣ୍ଟ ୬୬.୮ ଏମ୍‌ଟିପିଏ କ୍ଷମତା ସହ ଭାରତର ଅନ୍ୟତମ ଶ୍ରେଷ୍ଠ ସିମେଣ୍ଟ ନିର୍ମାତା ହୋଇଥିବା ବେଳେ ୨୦୨୮ ସୁଦ୍ଧା କ୍ଷମତାକୁ ୮୦ ଏମ୍‌ଟିପିଏ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଲକ୍ଷ୍ୟ ରଖିଛି। ଏହି ସମ୍ପ୍ରସାରଣ ମୂଳରେ ରହିଛି ସ୍ଥାୟିତ୍ୱ। ୱେଷ୍ଟ ହିଟ୍ ରିକଭରି, ବିକଳ୍ପ ଇନ୍ଧନ ଓ ୫୯୦ ମେଗାୱାଟରୁ ଅଧିକ ସବୁଜ ଶକ୍ତି କ୍ଷମତା ସହ ଅକ୍ଷୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ କମ୍ପାନୀ ଅଗ୍ରଣୀ ରହିଛି। ଏହା ଲୋ-କାର୍ବନ ମିଶା ସିମେଣ୍ଟ ବ୍ୟବହାରକରି କାର୍ବନ ଫୁଟ୍‌ପ୍ରିଣ୍ଟକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିଥିବା ବେଳେ ଏହାର ପରିଚାଳନାରେ ୮ ଗୁଣା 'ୱାଟର ପଜିଟିଭିଟି' ବଜାୟ ରଖିଛି ଯାହା ଶିଳ୍ପ ମାନଦଣ୍ଡଠାରୁ ଅଧିକ। ଶ୍ରୀ ସିମେଣ୍ଟର ଅଧ୍ୟକ୍ଷ ଏଚ୍.ଏମ୍.ବାଙ୍ଗୁର ଏପରି ସୂଚନା ଦେଇଛନ୍ତି। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି (କିଟ୍) ଭୁବନେଶ୍ୱର ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏହି ସମ୍ମାନକୁ ଗ୍ରହଣକରି ବାଙ୍ଗୁର କହିଛନ୍ତି, ଭାରତର ଅଭିବୃଦ୍ଧି କାହାଣୀରେ ଓଡ଼ିଶା ଏକ ମୂଳଦୁଆ ହୋଇରହିବ ଏବଂ ଆମେ ଆମ ଉପସ୍ଥିତିରେ ସମ୍ପ୍ରସାରଣ କରୁଥିବା ବେଳେ ଏକ ଆଧୁନିକ, ସବୁଜ ସିମେଣ୍ଟ ବ୍ୟବସାୟ ଗଠନ କରିବାକୁ ପ୍ରତିବଦ୍ଧ ରହିଛୁ। ପରିବେଶ ବ୍ୟତୀତ ଶ୍ରୀ ସିମେଣ୍ଟ ଏହାର ଅଭିବୃଦ୍ଧି ମଡେଲରେ ସାମାଜିକ ଦାୟିତ୍ୱବୋଧକୁ ସମନ୍ୱିତ କରିଛି। ଏହି ଉଦ୍ୟମଗୁଡ଼ିକ ବଳରେ ଶ୍ରୀ ସିମେଣ୍ଟ ଇଏସ୍‌ଜି ରେଟିଂ ହାସଲ କରିଛି ଏବଂ ବ୍ୟବସାୟ ଅଭିବୃଦ୍ଧି ସହ ପରିବେଶ ଦାୟିତ୍ୱ ଓ ଅନ୍ତର୍ଭୁକ୍ତୀକରଣ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ଶିଳ୍ପର ମାପଦଣ୍ଡ ହୋଇଛି। ବିପୁଳ ପ୍ରାକୃତିକ ସମ୍ବଳ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶ୍ରମଶକ୍ତି ସମର୍ଥନ ସହ ଭାରତର ଶିଳ୍ପ ଅଭିବୃଦ୍ଧିରେ ଓଡ଼ିଶାର ପ୍ରମୁଖ ଭୂମିକାକୁ ବାଙ୍ଗୁର ଆଲୋକପାତ କରିଥିଲେ। ସରକାରଙ୍କ ବୃହତ୍ ନିବେଶ ସହ ଶିଳ୍ପ ଅନୁକୂଳ ନୀତି ଓଡ଼ିଶା ପାଇଁ ମେଗା ପ୍ରକଳ୍ପ ହାସଲ କରୁଛି ଯାହା ନିଯୁକ୍ତି ସୁଯୋଗ ସୃଷ୍ଟି କରୁଥିବା ବେଳେ ଅର୍ଥନୈତିକ ପ୍ରଗତିକୁ ବଢ଼ାଉଥିବା ସେ କହିଛନ୍ତି।

# ୟୁକୋ ବ୍ୟାଙ୍କର ରି-କେୱାଇସି କାର୍ଯ୍ୟକ୍ରମ




ଭୁବନେଶ୍ୱର,୨୦।୯

ୟୁକୋ ବ୍ୟାଙ୍କ ପକ୍ଷରୁ ବାଲେଶ୍ୱର ଜିଲା ବାସୁଦେବପୁର ବ୍ଲକ୍‌ର ଗୋପବନ୍ଧୁ ନଗର ଗ୍ରାମପଞ୍ଚାୟତରେ ପୁନଃ ଗ୍ରାହକ ପରିଚୟ ପ୍ରକ୍ରିୟା(ରି-କେୱାଇସି) ଏବଂ ଜନସୁରକ୍ଷା ପରିପୂର୍ଣ୍ଣତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଭାରତର ପ୍ରତ୍ୟେକ ନାଗରିକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡ଼ି କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବିଭିନ୍ନ ସାମାଜିକ ସୁରକ୍ଷା ତଥା ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମ୍ବନ୍ଧରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ବିଶିଷ୍ଟ ଅତିଥି ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି, ୟୁକୋ ବ୍ୟାଙ୍କ ବାଲେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ସୁଦୀପ ଡାକୁଆ, ଭଦ୍ରକ ଅଗ୍ରଣୀ ଜିଲା ପ୍ରବନ୍ଧକ ରାଜୀବ କୁମାର ରଞ୍ଜନ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବାଲେଶ୍ୱରର କ୍ଷେତ୍ରୀୟ ପ୍ରବନ୍ଧକ ଆଶିଷ କୁମାର ନାୟକ, ବାଲେଶ୍ୱର ଅଞ୍ଚଳର ଉପ ଆଞ୍ଚଳିକ ମୁଖ୍ୟ ମୟଙ୍କ ଅଗ୍ରୱାଲ, ମୁଖ୍ୟ ପ୍ରବନ୍ଧକ ପଞ୍ଚାନନ ସାହୁ, ବିଦେଇପୁର ଶାଖାର ବରିଷ୍ଠ ପ୍ରବନ୍ଧକ ମନୋଜ ଜେନା ଏବଂ ଗୋପବନ୍ଧୁ ନଗର ଗ୍ରାମପଞ୍ଚାୟତର ସରପଞ୍ଚ ବଳରାମଗିରି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତଙ୍କୁ ସାମାଜିକ ସୁରକ୍ଷା ଯୋଜନା, ଭାରତୀୟ ରିଜର୍ଭ ବ୍ୟାଙ୍କର ଅଣ ଦାବିକୃତ ଜମାରେ ସ୍ଥାନାନ୍ତରିତ ହୋଇଥିବା ରାଶି କିପରି ଦାବି କରିବେ, ବ୍ୟାଙ୍କିଙ୍ଗ୍ ଲୋକପାଳ ଯୋଜନା, ଡିଜିଟାଲ ଠକେଇ ତଥା ନିବାରଣର ଉପାୟ ସମେତ ବ୍ୟାଙ୍କର ବ୍ୟବସାୟ ପ୍ରତିନିଧିମାନଙ୍କ ଦ୍ୱାରା ଖାତା ଖୋଲାଯାଇଥିବା ସହ ପୁନଃ ଗ୍ରାହକ ପରିଚୟ ପ୍ରକ୍ରିୟା (ରି- କେୱାଇସି) କାର୍ଯ୍ୟ କରାଯାଇଥିଲା।

# ଆପଲ ଆଇଫୋନ ୧୭ ସିରିଜର ଲଞ୍ଚ

ଭୁବନେଶ୍ୱର,୨୦।୯

ଇଲେକ୍ଟ୍ରୋନିକ୍ସ ରିଟେଲ ଚେନ ରିଲାଏନ୍ସ ଡିଜିଟାଲ ବହୁ ପ୍ରତୀକ୍ଷିତ ଆପଲ ଆଇଫୋନ ୧୭ ସିରିଜର ଲଞ୍ଚ ଘୋଷଣା କରିଛି। ମେଟ୍ରୋ ସହରଠାରୁ ଆରମ୍ଭ କରି ଛୋଟ ସହର ପର୍ଯ୍ୟନ୍ତ ଭାରତୀୟ ଆପଲ ପ୍ରେମୀମାନେ ନୂଆ ଆଇଫୋନ ପାଇପାରିବେ। ରିଲାଏନ୍ସ ଡିଜିଟାଲ ଆଇଫୋନ ୧୬ ପ୍ଲସ ଏବଂ ଆଇଫୋନ ୧୬ଇ ଉପରେ ବର୍ତ୍ତମାନ ପର୍ଯ୍ୟନ୍ତର ସର୍ବନିମ୍ନ ମୂଲ୍ୟ ଘୋଷଣା କରିଛି। ପ୍ରଥମ ଥର ପାଇଁ, ଆଇଫୋନ ୧୬ ପ୍ଲସ ୫୭,୯୯୦ ଟଙ୍କାରେ ଏବଂ ଆଇଫୋନ ୧୬ଇ ୪୨,୯୯୦ ଟଙ୍କାରେ ଉପଲବ୍ଧ। ଆଇଫୋନ ୧୬ ପ୍ଲସର ବୃହତ୍ ସ୍କ୍ରିନ ଭିଡିଓ ଦେଖିବା, ଗେମ ଖେଳିବା ଏବଂ ମଲ୍ଟିଟାସ୍କିଂ ପାଇଁ ସ୍ୱତନ୍ତ୍ର ଅଭିଜ୍ଞତା ପ୍ରଦାନ କରେ।

# ଇମ୍ଫା ମହାଗିରି ଖଣି ପୁରସ୍କୃତ




କାଳିଆପାଣି,୨୦।୯ (ଅସିତ୍ ମହାନ୍ତ)

ଇମ୍ଫା କମ୍ପାନୀର ମହାଗିରି କ୍ରୋମାଇଟ ଖଣିକୁ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା ଉତ୍କର୍ଷ ନିମନ୍ତେ ଫିମି (ଫେଡେରେଶନ ଅଫ୍ ଇଣ୍ଡିଆନ ମିନେରାଲ ଇଣ୍ଡଷ୍ଟ୍ରିଜ୍) ପକ୍ଷରୁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଫିମି ପକ୍ଷରୁ ଆୟୋଜିତ ୫୯ତମ ସମାବେଶରେ କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ମହାଗିରି ଖଣିର ଉପସାଧାରଣ ପ୍ରବନ୍ଧକ ରାଜେଶ ରମଧାର ଶର୍ମା, ପ୍ରବନ୍ଧକ ଲେନିନ ଦାସ ମହାପାତ୍ର, ସ୍ମୃତିରେଖା ପାତ୍ର ଓ ନିଶି ଗୁପ୍ତା ପ୍ରମୁଖ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ପୁରସ୍କାର ଲାଗି ଇମ୍ଫା ଖଣି ସମୂହର ପରିଚାଳନା ନିର୍ଦ୍ଦେଶକ ଖୁସି ପ୍ରକାଶ କରିବା ସହିତ କମ୍ପାନୀର ଖଣି ମୁଖ୍ୟ ସନ୍ଦୀପ ବିନାରାଡେ ସମସ୍ତ କର୍ମଚାରୀଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି।


**ବିଜ୍ଞାପନ** PR-

**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**

ପ୍ଲଟ ନଂ-୧/ଏ, ଜାଭିୟର୍ ଛକ, ଜୟଦେବ ବିହାର, ଭୁବନେଶ୍ୱର – ୭୫୧୦୧୩
Email:gkcmorc@gmail.com, Website: gkcmorc.org

ଗୁରୁ କେଳୁ ଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ (କଣ୍ଠ,ମର୍ଦ୍ଦଳ, ଯନ୍ତ୍ର ସଙ୍ଗୀତ)ରେ ଦୁଇ ବର୍ଷିଆ ପ୍ରଗାଢ଼ ଅଗ୍ରୀମ ପାଠ୍ୟକ୍ରମ (Intensive advanced Course) ନିମନ୍ତେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଛାତ୍ରଛାତ୍ରୀ ଗ୍ରହଣ କରାଯିବ । ଶିକ୍ଷା ନବିଶମାନଙ୍କୁ ରହିବା ପାଇଁ ହଷ୍ଟେଲ୍‌ର ସୁବିଧା ସହିତ ମାସିକ ଟ.୫୦୦୦/- ହାରରେ ଷ୍ଟାଇପେଣ୍ଡ ପ୍ରଦାନ କରାଯିବ । ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀମାନେ ସବିଶେଷ ବିବରଣୀ ଏବଂ ଫଟୋଗ୍ରାଫ୍ ସହିତ ବିଜ୍ଞାପନ ପ୍ରକାଶିତ ହେବାର ୪୦ଦିନ ମଧ୍ୟରେ ନିମ୍ନଲିଖିତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀନୀ/ପ୍ରାର୍ଥୀମାନେ ଉପରୋକ୍ତ Website କୁ ଯାଇ Online ମାଧ୍ୟମରେ ଆବେଦନ କରିପାରିବେ କିମ୍ବା Website ରୁ Application form download କରି ଡାକ ଦ୍ୱାରା ମଧ୍ୟ ଆବେଦନ କରିପାରିବେ ।
ନୃତ୍ୟ ଏବଂ ସଂଗୀତର ପ୍ରତିଷ୍ଠିତ ଗୁରୁମାନଙ୍କ ଦ୍ୱାରା ଶିକ୍ଷାଦାନ ଦିଆଯିବ । ଛାତ୍ରଛାତ୍ରୀଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ନୃତ୍ୟ-ସଂଗୀତ ସହିତ ଆନୁସଂଗିକ ବିଷୟ ଗୁଡ଼ିକର ମଧ୍ୟ ପ୍ରଶିକ୍ଷଣ ଦିଆଯିବ ।

**ଆବଶ୍ୟକୀୟ ଯୋଗ୍ୟତା**

(୧) ପ୍ରାର୍ଥୀଙ୍କର ବୟସ ସୀମା ୧୮ ବର୍ଷରୁ ୩୦ ବର୍ଷ ମଧ୍ୟରେ ହୋଇଥିବ । (୨) ପ୍ରାର୍ଥୀ କୌଣସି ବିଶ୍ୱବିଦ୍ୟାଳୟ କିମ୍ବା ତତ୍ତୁଲ୍ୟ ସ୍ୱୀକୃତିପ୍ରାପ୍ତ ନୃତ୍ୟ ଏବଂ ସଙ୍ଗୀତରେ ଉଚ୍ଚତର ଶିକ୍ଷା ଲାଭ କରିଥିବେ କିମ୍ବା ପ୍ରତିଷ୍ଠିତ ଗୁରୁଙ୍କ ଅଧୀନରେ ଅନ୍ୟୁନ ୬ ବର୍ଷ ଶିକ୍ଷା ଲାଭ କରିଥିବେ । (୩) ସାଧାରଣ ଶିକ୍ଷା କ୍ଷେତ୍ରରେ ଅନ୍ୟୁନ ମାଟ୍ରିକ୍ ପାସ୍ କରିଥିବେ । (୪) ଶିକ୍ଷାମାନଙ୍କର ପରିବେଷଣ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ।

ବିଶେଷ ଦ୍ରଷ୍ଟବ୍ୟ : ଏହି ପାଠ୍ୟକ୍ରମ ୨୦୨୬ ଜାନୁୟାରୀ ମାସରୁ ଆରମ୍ଭ କରାଯିବ । ନୃତ୍ୟ ଏବଂ ସଂଗୀତ ବିଭାଗ ନିମନ୍ତେ ପ୍ରାର୍ଥୀ ପୃଥକ ପୃଥକ ଭାବରେ ଆବେଦନ କରିବେ ।

OIPR-03004/11/0006/2526 ମୁଖ୍ୟ ନିର୍ବାହୀ



**ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)**

୧୧୪, ୧ମ ମହଲା, ପ୍ରତାପ ଭବନ, ୫ ବିଏସ୍‌ଜେଡ୍ ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨
ସନ୍ଦର୍ଭ ସଂ.: ଏନ୍‌ଏସ୍‌ଟିଏଫ୍‌ଡିସି/ସିଏସ୍‌ଆର୍-ଇଏମ୍‌ଆର୍‌ଏସ୍ ମଲ୍ଟିପଲ୍ ପ୍ରୋଜେକ୍ଟ-ଟି୧/୨୦୨୫-୨୬ ତାରିଖ: ୨୧।୦୯।୨୦୨୫

**ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆର୍‌ଏସ୍) ଗୁଡ଼ିକରେ ଏକାଧିକ ସିଏସ୍‌ଆର୍ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଭେଣ୍ଡରମାନଙ୍କ ଚୟନ ନିମନ୍ତେ ପ୍ରସ୍ତାବ ଆମନ୍ତ୍ରଣ ବିଜ୍ଞପ୍ତି**

ଟେଣ୍ଡର ଦସ୍ତାବିଜ ତା୨୧।୦୯।୨୦୨୫ରିଖଠାରୁ ସାମାଜିକ ଦାୟିତ୍ୱ ପରିଷଦ (ଏସ୍‌ଆର୍‌ସି)ଙ୍କ ଆନୁଷ୍ଠାନିକ ୱେବ୍‌ସାଇଟ୍ **www.srcouncil.in** ରେ ଉପଲବ୍ଧ ହେବ ।
ଆଗ୍ରହୀ ଆବେଦନକାରୀଙ୍କୁ ଏସ୍‌ଆର୍‌ସି ୱେବ୍‌ସାଇଟ୍ **www.srcouncil.in** ରୁ ଟେଣ୍ଡର ଦସ୍ତାବିଜ ଡାଉନଲୋଡ୍ କରିବାକୁ ହେବ ଏବଂ ସେମାନଙ୍କର ପ୍ରସ୍ତାବଗୁଡ଼ିକୁ **ତା୦୫।୧୦।୨୦୨୫ରିଖ, ୧୭.୦୦ ଘଟିକା (ଆଇଏସ୍‌ଟି)** କିମ୍ବା ତାହା ପୂର୍ବ ସୁଦ୍ଧା କେବଳ ଇମେଲ୍ ଜରିଆରେ **pro@srcouncil.in** ରେ ଦାଖଲ କରିବାକୁ ହେବ । ବୈଷୟିକ ବିଡ୍‌ଗୁଡ଼ିକୁ **ତା୦୬।୧୦।୨୦୨୫ରିଖ, ୧୧.୦୦ ଘଟିକା (ଆଇଏସ୍‌ଟି)**ରେ ଖୋଲାଯିବ । କୌଣସି କାରଣ ନ ଦର୍ଶାଇ ଯେକୌଣସି ପର୍ଯ୍ୟାୟରେ ଯେକୌଣସି କିମ୍ବା ସମସ୍ତ ପ୍ରସ୍ତାବକୁ ନାକଚ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ।
**ଦ୍ରଷ୍ଟବ୍ୟ: ପ୍ରତ୍ୟେକ ବର୍ଗ ପାଇଁ ପୃଥକ୍ ବିଡ୍ ଦାଖଲ କରାଯିବାକୁ ପଡ଼ିବ ।**

ପିଆର୍‌ଓ-ଏସ୍‌ଆର୍‌ସି



**ADVERTISEMENT**

Online applications are invited in Nayagarh Kalaparisad (A Govt aided Child Care Institution) for the post of **Store Keeper cum Accountant, House Mother, PT Instructor cum Yoga Trainer, Cook, Helper cum Night Watchman, Housekeeper.** For Advertisement details & Online Application please go to the notice section of www.nayagarhkalaparisad.org

**Sd./- Secretary**
**Nayagarh Kalaparisad**

**ବିଜ୍ଞାପନ**

ନୟାଗଡ଼ କଳାପରିଷଦ (ଏକ ସରକାରୀ ସହାୟତା ପ୍ରାପ୍ତ ଶିଶୁ ଯତ୍ନ ପ୍ରତିଷ୍ଠାନ) ରେ ଷ୍ଟୋରକିପର ଏବଂ ଆକାଉଣ୍ଟାଣ୍ଟ, ହାଉସ ମଦର, ପି.ଟି ପ୍ରଶିକ୍ଷକ ଏବଂ ଯୋଗ ପ୍ରଶିକ୍ଷକ, ରୋଷେୟା, ହେଲପର ଏବଂ ରାତ୍ରି ଜଗୁଆଳି ଓ ହାଉସକିପର ପଦବୀ ପାଇଁ ଅନଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଉଛି। ବିଜ୍ଞାପନ ବିବରଣୀ ଏବଂ ଅନଲାଇନ୍ ଆବେଦନ ପାଇଁ ଦୟାକରି www.nayagarhkalaparisad.org ର ନୋଟିସ୍ ସେକ୍ସନକୁ ଯାଆନ୍ତୁ।

ସମ୍ପାଦିକା
ନୟାଗଡ଼ କଳାପରିଷଦ



**GOVERNMENT OF ODISHA**
**SUPERINTENDING ENGINEER, BOUDH (R&B) DIVISION, BOUDH**
E-mail : eeboudhrb@gmail.com
**INVITATIONS FOR BIDS (IFB)**
**"e" procurement Notice**
No.B-537
**Letter No.4451 dtd.16.09.2025**
**Bid Identification No. SE (R&B)-BDH 12/2025-26**

1) Number of work : 01 (One) No. of Civil work (Single Cover) & 02 (Two) Nos. of Civil work (Double Cover)
2) Estimated Cost : 32.58 lakhs to 87.10 lakhs
3) Period of Completion : 04 (Four) to 06 (Six) months
4) Date & Time of availability of Bid documents in the portal : From 22.09.2025, 10.00 AM to 06.10.2025 5.00 P.M.
5) Last date/time for seeking of Tender Clarification : 06.10.2025 up to 1.00 P.M.
6) Last date / time for receipt of bids in the portal : Up to 5.00 P.M. of dated 06.10.2025
7) Date & time of opening of tender / Bid : 08.10.2025 at 11.30 A.M.
8) Name and address of the O.I.T : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in

OIPR-34134/11/0027/2526 **Sd./- Superintending Engineer, Boudh (R&B) Division, Boudh**



**e-Procurment Notice for Road Works Identification No. 05/SERW/JLS/2025-26**
No.O-794

1. Procurement Officer : Superintending Engineer, Rural Works Division, Jaleswar
2. Name of the Work : Buildings
3. Total No. of Works : 3 Nos.
4. Estimated Cost : Approx. Estimated Cost ₹ 72.00 Lakh to ₹ 86.00 Lakh
5. Class of Contractor : 'B' Class
6. Time of Completion : Four months (As per annexure)
7. Availability of tender On-line for bidding : From 22.09.2025 at 11.00 A.M. to 04.10.2025 upto 5.00 P.M.
8. Last date & time of seeking tender clarification : 03.10.2025 upto 5.00 P.M.
9. Date & Time of Opening of tender in the office of the Superintending Engineer, R.W.Division, Jaleswar : Date & Time Opening of Technical bid - 06.10.2025 at 11.00 A.M.

Further details can be seen from the website - **www.tendersodisha.gov.in**

OIPR-25051/11/0015/2526 **Sd./- Superintending Engineer R.W.Division, Jaleswar**


# ୭୫ ହଜାର ଚାରା ରୋପଣକଲା ଜିନ୍ଦଲ ଫାଉଣ୍ଡେଶନ

ଭୁବନେଶ୍ୱର,୨୦।୯

ଜିନ୍ଦଲ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ 'ଏକ୍ ପେଡ୍ ମା କେ ନାମ୍ ୨.୦' ଅଭିଯାନ ଅଧୀନରେ ଭାରତରେ ୭୫ ହଜାରରୁ ଅଧିକ ଚାରା ରୋପଣ କରାଯାଇଛି। ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ କେବଳ ଓଡ଼ିଶାରେ ୫୫,୦୦୦ ଚାରା ରୋପଣ କରାଯାଇଛି। ଅନୁଗୋଳ,ବଡ଼ବିଲ, ଟେନ୍‌ସା ଏବଂ କାଣିଆରେ ଏହାର ପ୍ରମୁଖ କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକରେ ରୋପଣ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଅନୁଗୋଳରେ ଏଡିଏମ୍ ପ୍ରତାପ ପ୍ରତିମାୟଙ୍କ ସହ ସବ୍ କଲେକ୍ଟର ମାୟାଧର ବେହେରା, ତହସିଲଦାର ସୁଶାନ୍ତ ମିଶ୍ର ବେଣାଗାଡ଼ିଆ ଏବଂ ଡେରଜାଙ୍ଗ ଗ୍ରାମରେ ଚାରା ରୋପଣ କରିଥିଲେ। ଜିନ୍ଦଲ ଷ୍ଟିଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଭାରପ୍ରାପ୍ତ) ପଙ୍କଜ ମାଲହାନ, ସଭାପତି ଏବଂ ଗୋଷ୍ଠୀ ମୁଖ୍ୟ ସିଏସ୍‌ଆର୍ ପ୍ରଶାନ୍ତ ହୋତା, ଇଭିପି ଆଶିଷ ପାଣ୍ଡେ, ଇଭିପି ପ୍ରସନ୍ନ ପଣ୍ଡା ଏବଂ ଉପାଧ୍ୟକ୍ଷ ଏସ୍.କେ. ଶର୍ମାଙ୍କ ସହ ସିଡିଏଓ ଉମାଶଙ୍କର ମିଶ୍ର, ନାବାର୍ଡର ଡିଡିଏମ୍ ଆଶୁତୋଷ ରାୟ, ପ୍ରମୁଖ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଡ. ଦେବାଶିଷ ମିଶ୍ର ପ୍ରମୁଖ ଅଭିଯାନରେ ଯୋଗଦେଇଥିଲେ, ଯେଉଁଥିରେ ୪୩,୦୦୦ ଚାରା ରୋପଣ କରାଯାଇଥିଲା। ସରପଞ୍ଚ ଅନିଲ ପ୍ରଧାନ, ସରପଞ୍ଚ ରୁନି ସାହୁ, ଜିଲା ପରିଷଦ ସଦସ୍ୟ ଦିଲୀପ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ମାଝୀ ଏବଂ ସାମାଜିକ କର୍ମୀ କୁମୁଦା ସାହୁ, ସୌରଭ ବେହେରା ଏବଂ କୁମାର ବେହେରା ଉପସ୍ଥିତ ଥିଲେ।


**केंद्रीय पेट्रोकेमिकल्स इंजीनियरिंग एवं तकनीकी संस्थान (सिपेट):आईपीटी**
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET):IPT**
(Dept . of Chemicals & Petrochemicals, Ministry of Chemicals & Fertilizers, Govt.of India)
B-25, C.N.I. Complex,Patia, Bhubaneswar – 751 024 (Odisha), Phone No. 91-674-2743462, 2743767
E-mail: cipetbbsr@gmail.com & bhubaneswar@cipet.gov.in

Advertisement No: CIPET/IPT/RECT/CONT/2025-26/01 Date : 01.09.2025

**ADVERTISEMENT FOR ENGAGEMENT FOR LIMITED OR FIXED PERIOD ON CONTRACT IN CIPET: IPT-BHUBANESWAR**

**Central Institute of Petrochemicals Engineering & Technology (CIPET)** is a Premier National Institution in the field of Polymer Science & Technology with a focus on Academic, Technology Support, Research & Application Development. CIPET offers UG and PG programmes at its Centers located at Ahmedabad, Bhubaneswar, Chennai, Lucknow and Kochi. CIPET also offers AICTE approved Diploma, Post Diploma & Post Graduation Diploma programmes in the field of Plastics Technology, Mould Technology, Mould Design with CAD/CAM and Plastics Processing & Testing.
**CIPET: IPT-Bhubaneswar** invites applications from eligible candidates for contractual engagement on below mentioned positions on Contract basis one year (renewable up to 03 years based on the performance and requirement).

| Sl.No. | Position | Course | Remuneration range / Consolidated remuneration positions to be paid per month | No. of |
|---|---|---|---|---|
| 01 | Associate Professor (Production/ Mechanical Engineering) | UG/PG | Rs.46,400/- p.m | 2 |
| 02 | Associate Professor (Plastics /Polymer Engineering) | UG/PG | Rs.46,400/- p.m | 1 |
| 03 | Assistant Professor (Production/Mechanical Engineering) | UG/PG | Rs. 35,000 to 40,000/- p.m. | 1 |
| 04 | Assistant Professor (Plastics /Polymer Engineering) | UG/PG | Rs. 35,000 to 40,000/- p.m. | 1 |
| 05 | Assistant Professor (Material Science/Physics) | UG/PG | Rs. 35,000 to 40,000/- p.m. | 1 |
| 06 | Assistant Professor (Computer Science) | UG/PG | Rs. 35,000 to 40,000/- p.m. | 1 |
| 07 | Assistant Professor (Mathematics) | UG/PG | Rs. 35,000 to 40,000/- p.m. | 1 |
| 08 | Assistant Professor (English) | UG/PG | Rs. 35,000 to 40,000/- p.m. | 1 |
| 09 | Assistant Professor (Chemistry) | UG/PG | Rs. 35,000 to 40,000/- p.m. | 1 |

For detailed information on eligibility criteria, educational qualifications & experience, general terms and conditions etc., please visit our website: **www.cipet.gov.in.**

Candidates may submit their application in online mode by logging into the link:
**https://cbtexam.co.in/cipet-Bhubaneswar/**

Date of Opening of Link: **07.09.2025** | Date of closing of the link: **28.09.2025**

*Sd/-* **Principal Director & Head**



**GOVERNMENT OF ODISHA** No.O-791
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, BHADRAK**
E-mail : ee_rwbdk@yahoo.com
**"e" Procurement Notice for Building Works**
**Bid Identification No. Online Tender 06 of 2025-26**

1. Name of the Work : Building. 2. Total No. of Works : 2 Nos. 3. Estimated Cost : Rs.5.40 Lakh to Rs.45.45 Lakhs. 4. Class of Contractor : "B", "C" & "D" Class. 5. Period of Completion : As per Annexure. 6. Type of Tender : Single Cover. 7. Other Details :

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking Tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-06 of 2025-26 | 22.09.2025 At - 11.00 A.M. | 04.10.2025 up to 4.00 P.M. | 04.10.2025 up to 2.00 P.M. | 06.10.2025 At - 11.00 A.M. |

Further details can be seen from the e-procurement portal "https://tendersorissa.gov.in"

**Sd./- Er. Ganesh Chandra Hembram**
**Executive Engineer**
**R.W. Division, Bhadrak**

OIPR-25060/11/0018/2526



**वरीय पुलिस अधीक्षक का कार्यालय, रॉंची**

सर्वसाधारण के लिए सूचना



नाम–पवन कुमार,
पहनावा–भूरा रंग का टी शर्ट एवं काला
रंग का फुल पैंट पहने हुए है।

उपरोक्त पवन नामक बालक, पिता का नाम मान सिंह, पेशा बोरिंग लेबर, माता–जूली, भाई–शिवम होने तथा रॉंची से गुमशुदा होने की बात बालक द्वारा बताई जा रही है। वर्तमान में पवन नामक बालक को बाल सहयोग अनाथालय, दिल्ली C-ब्लॉक, कनोट पैलेस, नई दिल्ली–110001 में सुरक्षार्थ रखा गया है।

इनके माता–पिता एवं भाई का नाम रॉंची जिला के किस थाने अन्तर्गत से है, पवन नामक बालक द्वारा पता बताने में असमर्थ है। अतः सभी जन साधारण से अनुरोध है कि यदि उपरोक्त पवन नामक बालक को बाल सहयोग अनाथालय, दिल्ली C-ब्लॉक, कनोट पैलेस, नई दिल्ली–110001 में सुरक्षार्थ रखा गया है। जिसका मो0 नं0–9599194805 है। पवन नामक बालक के अभिभावक के बारे जानकारी कहीं मिलती हैं तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

पुलिस उपाधीक्षक, मु0, द्वितीय, रॉंची। –9431706142
वेलफेयर पदा0 दिल्ली। –8383000294

पुलिस उप–महानिरीक्षक–सह–
वरीय पुलिस अधीक्षक, रॉंची

PR 362507 (Police)25-26*D



ଫର୍ମ ନଂ. ୧୩
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶା**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ, ଓଡ଼ିଶା
ଓ.ଏ. ନଂ. ୧୪୭ / ୨୦୨୫

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, SARB, ଭୁବନେଶ୍ୱର .....ଆବେଦନକାରୀ
ବନାମ
ମେସର୍ସ ଜୟ ଜଗନ୍ନାଥ ଫିଲିଂ ଷ୍ଟେସନ୍ ଏବଂ ଅନ୍ୟମାନେ .....ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
(୧) **ମେସର୍ସ ଜୟ ଜଗନ୍ନାଥ ଫିଲିଂ ଷ୍ଟେସନ୍,** ଏହାକୁ ପ୍ରତିନିଧିତ୍ୱ କରୁଥିବା ସ୍ୱତ୍ୱାଧିକାରୀ **ଶ୍ରୀମତୀ ମନୋରମା ପାତ୍ର,** ପିତା: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର ରୋଡ୍, ଥାନା/ଭାୟା: ବିଂଝାରପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର, ଓଡ଼ିଶା
(୨) **ଶ୍ରୀମତୀ ମନୋରମା ପାତ୍ର,** ପିତା: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଥାନା/ଭାୟା: ବିଂଝାରପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର
(୩) **ବିଜୟ କୁମାର ପାତ୍ର,** ପିତା: ✓ ଧନେଶ୍ୱର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬
(୪) **ଶ୍ରୀମତୀ ସୁକାନ୍ତୀ ପାତ୍ର,** ସ୍ୱାମୀ: ବିଜୟ କୁମାର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ପିନ୍-୭୫୫୦୧୬, ଜିଲ୍ଲା: ଯାଜପୁର, ଓଡ଼ିଶା
(୫) **ଶ୍ରୀ ବିଶ୍ୱନାଥ ପାତ୍ର,** ପିତା: ✓ ଧନେଶ୍ୱର ପାତ୍ର, ସା/ପୋ: ଓଳେଇଚନ୍ଦନପୁର, ସିଂହପୁର, ଜିଲ୍ଲା: ଯାଜପୁର, ପିନ୍-୭୫୫୦୧୬, ଓଡ଼ିଶା

**ପ୍ରାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ**
**ଖବରକାଗଜ ପ୍ରକାଶନ ଦ୍ୱାରା ଜାରୀ ସମନ୍**

ଏତଦ୍ୱାରା ଜଣାଇ ଦିଆଯାଉଛି କି ଆବେଦନକାରୀ ଓ.ଏ. ନଂ. ୧୪୭/୨୦୨୫ ଦ୍ୱାରା **ଟ.୫୧,୯୫,୬୭୦.୦୦** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ତେଣୁ ଏତଦ୍ୱାରା ଉପର ଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର **୩୦ ଦିନ** ମଧ୍ୟରେ କିମ୍ବା **ତା.୧୬.୧୦.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପାର୍ଥନା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।
ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି ଯଦି ସେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କ ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣୀ ଏବଂ ବିଚାର କରାଯିବ।
ଏହି ପ୍ରାଧିକରଣର ସହି ମୋହର ସହ ମୋ ଦ୍ୱାରା **ତା.୦୫.୦୮.୨୦୨୫ରିଖରେ** ଆଦିଷ୍ଟ।

ସ୍ୱା/- ନିଖିଳ ରଞ୍ଜନ ପତି
ରେଜିଷ୍ଟ୍ରାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜି ବର୍ଷର ଶେଷ ସୂର୍ଯ୍ୟୋପରାଗ

ଭୁବନେଶ୍ୱର,୨୦।୯(ସୁଚିସ୍ମିତା ସାହୁ): ଚଳିତବର୍ଷର ଦ୍ୱିତୀୟ ତଥା ଶେଷ ସୂର୍ଯ୍ୟୋପରାଗ ରବିବାର ସଂଘଟିତ ହେବ। ପ୍ରଶାନ୍ତ ମହାସାଗର, ଆଣ୍ଟାର୍କଟିକା ଓ ନ୍ୟୁଜିଲାଣ୍ଡର ଅନେକ ଅଞ୍ଚଳରେ ଏହା ଆଂଶିକ ରୂପେ ଦେଖାଯିବ। ତେବେ ଭାରତ ତଥା ଓଡ଼ିଶାରେ ଏହି ପରାଗ ଦେଖାଯିବ ନାହିଁ। ଭାରତୀୟ ସମୟ ପ୍ରାୟ ରାତି ୧୧ଟାରେ ସୂର୍ଯ୍ୟୋପରାଗ ଆରମ୍ଭ ହୋଇ ୩ଟା ୨୩ ବେଳକୁ ଶେଷହେବ। ରାତି ୧ଟା ୧୨ ସମୟରେ ଏହା ସର୍ବାଧିକ ପରାଗ ସଂଘଟିତ ହେବ ବୋଲି ଜନବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰କୈଳାସ ଚନ୍ଦ୍ର ଦେବ୍**
୫୩୧, ମହତାବ୍ ରୋଡ୍, (ଡାକବଙ୍ଗଳା ଛକ), ଭୁବନେଶ୍ୱର
ଆବିର୍ଭାବ-୦୫।୦୮।୧୯୪୦
ତିରୋଧାନ- ୧୧।୦୯।୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-ସ୍ମୃତି ଅର୍ଘ୍ୟରେ-
ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ
ଧ-୧୧୯୮

**4th Death Anniversary**



LATE NABANITA DEY (MAMONI)
Kokila Home, Pokhariput
Bhubaneswar
Born: 20.11.1983 (Kartik Purnima)
Death: 06.10.2021 (Mahalaya Amavashya)
*Your Life was a blessing,*
*Your memory a treasure,*
*You are Loved beyond words*
*and missed beyond measure.*
In Grief
Satyajit Dey (Father)
Rita Dey (Mother)
and Rajiv Mitra (Husband)
ଧ-୭୬୯୪୦


# ଭାଜପାରେ ମିଶିଲେ ୩ ଜିଲାର ବହୁ କଂଗ୍ରେସ ଓ ବିଜେଡି କର୍ମୀ



ଭୁବନେଶ୍ୱର, ୨୦।୯
(ସୁନିତ୍ ମିଶ୍ର)

ବୌଦ୍ଧ, କନ୍ଧମାଳ ଓ କେନ୍ଦ୍ରାପଡ଼ା ଜିଲାର ଶତାଧିକ ସରପଞ୍ଚ, ସମିତିସଭ୍ୟ ଓ କାର୍ଯ୍ୟକର୍ତ୍ତା ବିଜେଡି ଓ କଂଗ୍ରେସ ଦଳ ଛାଡ଼ି ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଏହି ଯୋଗଦାନ ତୃଣମୂଳସ୍ତରରୁ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୌଦ୍ଧ ଜିଲାର ଆଇନଜୀବୀ ପୃଥ୍ୱୀରାଜ ମେହେରଙ୍କ ସମେତ ଉକ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତେଲିବନ୍ଧର ପୂର୍ବତନ ସରପଞ୍ଚ ଭୋଳାଗିରି ସାହୁ, କଷ୍ଟେଶ୍ୱର ଖଟୁଆ, ସରପଞ୍ଚ ପ୍ରଦୀପ କୁମାର କହଁର, ପ୍ରବାସିନୀ ଜୋଷୀ, ସୀତା ଝଙ୍କାର, ସନ୍ଧ୍ୟାରାଣୀ ପାତ୍ର, ବିଭୂତି ପ୍ରକାଶ ମେହେର ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ଜିଲା ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଘମାରୀର ସରପଞ୍ଚ ଭବାନୀ ପାତ୍ର, ସମିତି ସଭ୍ୟ ମନୋରଞ୍ଜନ ମଣ୍ଡଳ, ଦିହୁଡିପୁର ସରପଞ୍ଚ ନରେଶ ଚନ୍ଦ୍ର ମଲିକ, ସମିତି ସଭ୍ୟ ପ୍ରମିଳା ଖଟୁଆ, ପଞ୍ଚାନନ ପରମାଣିକ, ମହାଦେବ ବେହେରା, ଚନ୍ଦନ ସାହୁ, ସୁଶାନ୍ତ ମଣ୍ଡଳ, ସୁରେଶ ପୃଷ୍ଟି, ତୀର୍ଥନାଦ ଖଟୁଆ, କ୍ଷୀରୋଦ ମଲିକ, ମୁକ୍ତିକାନ୍ତ ପାତ୍ର, ବାସୁଦେବ ଗିରି ପ୍ରମୁଖ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗକରି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି କନ୍ଧମାଳ ଜିଲା ବାଲିଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେ. ନୂଆଗାଁର ବରିଷ୍ଠ ନେତା କୃଷ୍ଣମୋହନ ପାଣିଗ୍ରାହୀ, ବାସୁଦେବ ପଣ୍ଡା, ଚାଞ୍ଜେଡି ପଞ୍ଚାୟତର ଜିତେନ୍ଦ୍ର ପ୍ରଧାନ, ତାରାକାନ୍ତ ଦଳବେହେରା, ଲେଟିଙ୍ଗିଆ ପଞ୍ଚାୟତର ଉପେନ୍ଦ୍ର କୁମାର ସାହୁ ପ୍ରମୁଖ ଶତାଧିକ କର୍ମୀ ବିଜେଡି ଓ କଂଗ୍ରେସ ପରିତ୍ୟାଗକରି ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତ୍ତରୀୟ ପ୍ରଦାନକରି ସ୍ୱାଗତ କରିଛନ୍ତି। କନ୍ଧମାଳ ଲୋକ ସଭା ସଦସ୍ୟ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।


SPOT ADMISSION 2025-27
**B.Ed**
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214


# ୨୩ରେ ବିଧାନସଭା ଘେରିବ ବିଜେଡି

ଭୁବନେଶ୍ୱର,୨୦।୯(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଆସନ୍ତା ୨୩ରେ ବିଧାନସଭା ଘେରାଉ କରାଯିବ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣକରି ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ଥିଲାବେଳେ ଭାଜପା ସରକାର କ୍ଷମତାଲୋଭରେ ପ୍ରତ୍ୟେକ ଦିନ ଏହାକୁ ଉଲ୍ଲଂଘନ କରୁଥିବା ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ନିର୍ବାଚନ ପୂର୍ବରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାରକୁ ଆସିବା ପରେ ପ୍ରତ୍ୟେକ ବିଭାଗରେ ବଜେଟ କାଟ୍ କରୁଛନ୍ତି। ପିଏମ୍ ଆବାସ, ଅନ୍ତ୍ୟୋଦୟ ଯୋଜନା, ଜଳ ଜୀବନ ମିଶନ, ସର୍ବୋପରି ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଯୋଜନାବଦ୍ଧ ଭାବେ ହ୍ରାସ କରାଯାଉଛି। ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲା ପରିଷଦ ସ୍ତରରେ ବିଧି ବ୍ୟବସ୍ଥାକୁ ଦଳିଚକଟି ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁକରିଦେବା ପାଇଁ ଭାଜପା ବାରମ୍ବାର ଅପଚେଷ୍ଟା କରୁଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ନିୟୋଜିତ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁନାହିଁ। ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଥିବା ଆକ୍ରୋଶ ଓ କ୍ଷୋଭକୁ ନେଇ ଆସନ୍ତା ୨୩ରେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସକାଳ ୧୦ଟା ସମୟରେ ବିଧାନସଭା ଘେରାଉ କରିବା ପାଇଁ ବିଜେଡି ନିଷ୍ପତ୍ତି ନେଇଛି। ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ଅଧିକାରକୁ ଭାଜପା ସରକାର ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ଆସନ୍ତା ୨୩ରେ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ସଭ୍ୟ ଓ ଜିଲା ପରିଷଦ ଅଧ୍ୟକ୍ଷ ପ୍ରମୁଖ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ସାମିଲହୋଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ନିର୍ଦ୍ଦେଶନାମାକୁ ବାତିଲକରିବା ନିମନ୍ତେ ଦୃଢ଼ ଦାବି ଉପସ୍ଥାପନ କରାଯିବ ବୋଲି ଅରୁଣ କହିଛନ୍ତି।

# ଆଲ୍‌ଜିମର୍ସକୁ ନେଇ ସତର୍କ ରହିବା

**ଆଜି ବିଶ୍ୱ ଆଲ୍‌ଜିମର୍ସ ଦିବସ**

ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ 'ଆଲ୍‌ଜିମର୍ସ' ଅନ୍ୟତମ। ଆଲୋଏ ଆଲ୍‌ଜିମର୍ସ ନାମକ ଜଣେ ଡାକ୍ତରଙ୍କ ନାମରେ ଏହି ରୋଗଟି ନାମିତ। କାରଣ ସେ ଥିଲେ ଏହି ରୋଗର ଆବିଷ୍କର୍ତ୍ତା। ହେଲେ ୧୯୦୭ ମସିହାରେ ଆବିଷ୍କୃତ ଏହି ରୋଗଟି ଚିକିତ୍ସା ବିଜ୍ଞାନୀଙ୍କ ସ୍ୱୀକୃତି ପାଇଲା। ଉକ୍ତ ରୋଗରେ ସ୍ମରଣଶକ୍ତି ଲୋପ ପାଇଯିବା ହେଉଛି ପ୍ରଧାନ ଲକ୍ଷଣ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, ''ଆଲ୍‌ଜିମର୍ସ ରୋଗ ହେଲେ ରୋଗୀର ଶରୀର ଓ ମନ ପରସ୍ପରଠାରୁ ବିଚ୍ଛିନ୍ନ ହୋଇପଡ଼ିବା ଭଳି ଅବସ୍ଥା ଉପୁଜିଥାଏ। ତେଣୁ ଏହାକୁ କୁହାଯାଉଛି 'ମନ ହଜି ଯାଇଥିବା ରୋଗ' ଓ ରୋଗୀକୁ କୁହାଯାଉଛି 'ମନ ନ ଥିବା ମଣିଷ'। ରୋଗୀଠାରେ ସ୍ମରଣ ଶକ୍ତି, ବିଶେଷକରି ସଦ୍ୟ ସ୍ମୃତି ଲୋପ ପାଇଯିବାରୁ ତାହାର ଜୀବନ ହୋଇ ଉଠେ ଦୁର୍ବିଷହ। ଏକ ଅଭିଶପ୍ତ ଜୀବନକୁ ବୋହି ସେ ହୁଏ ଶ୍ମଶାନବାସୀ। ପ୍ରତିବର୍ଷ ସେପ୍ଟେମ୍ବର ୨୧ ତାରିଖରେ ପାଳନ ହୋଇଥାଏ 'ବିଶ୍ୱ ଆଲ୍‌ଜିମର୍ସ ଦିବସ'। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି -'ଆକ୍ସ ଏବାଉଟ୍ ଡେମିଣ୍ଟିଆ' ଅର୍ଥାତ୍, 'ଡେମିଣ୍ଟିଆ ବିଷୟରେ ପଚାରିବା'। ସୁତରାଂ ଆଲ୍‌ଜିମର୍ସ ପ୍ରତି ସତର୍କ ରହିବା ନିହାତି ଜରୁରୀ। ପାଶ୍ଚାତ୍ୟ ଅଧିବାସୀଙ୍କ ତୁଳନାରେ ଆମ ଦେଶରେ ଆଲ୍‌ଜିମର୍ସ ରୋଗୀସଂଖ୍ୟା ଯଥେଷ୍ଟ କମ୍। ଆଲ୍‌ଜିମର୍ସ ରୋଗ ପ୍ରକାଶ ପାଏ ୫୦ ବର୍ଷ ବୟସ ପରେ। ଜାଣିରଖିବା କଥା ଯେ, ଆଲ୍‌ଜିମର୍ସର ଲକ୍ଷଣ ପ୍ରକାଶ ପାଇବା ପୂର୍ବରୁ ମସ୍ତିଷ୍କରେ ରୋଗଟିର ମୂଳଦୁଆ ପଡ଼ିସାରିଥାଏ। ରୋଗୀ ଅନେକ କଥା ସହଜରେ ମନେପକେଇ ପାରେନି। ଭୁଲିଯାଏ ସେମାନଙ୍କ ନାଁ। ଘର ଛାଡ଼ି ବାହାରକୁ ଯାଇଥିଲେ ଫେରିବା ରାସ୍ତାକୁ ଠଉରେଇ ନ ପାରି ଘରକୁ ଫେରିପାରେନି। ପଇସାପତ୍ର ଧାର ଦେଇଥିଲେ ତାହାକୁ ପରିଶୋଧ କରିବାକୁ ଭୁଲିଯାଏ। କଥାବାର୍ତ୍ତା କରିବା ସମୟରେ ଠିକ୍ ଶବ୍ଦ ଠିକ୍ ଜାଗାରେ ମୁଣ୍ଡକୁ ଢୁକି ନ ଥାଏ। ଏପରି କି ଆତ୍ମୀୟଙ୍କ ମୃତ୍ୟୁରେ ବି ତା'ଠାରେ କୌଣସି ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥାଏ।

ବୟସ ୬୫ରୁ ଉର୍ଦ୍ଧ୍ୱ ହୋଇଗଲେ ଆଲ୍‌ଜିମର୍ସ ବାହାରିବା ଆଶଙ୍କା ବେଶି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଏବଂ ଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଅଶିକ୍ଷିତ ବ୍ୟକ୍ତି ରୋଗଟି ପ୍ରତି ବେଶୀ ସମ୍ବେଦନଶୀଳ। ଏପରିକି ୨୦୫୦ ମସିହା ବେଳକୁ ଆଲ୍‌ଜିମର୍ସ ରୋଗୀଙ୍କ ସଂଖ୍ୟା ତିନିଗୁଣ ବଢ଼ିଯାଇଥିବ ବୋଲି ଆକଳନ କରାଗଲାଣି। ସୁତରାଂ କାଳ ବିଳମ୍ବ ନ କରି ଏଥିପ୍ରତି ସତର୍କ ହୋଇଯିବା ବାଞ୍ଛନୀୟ। ତେବେ ଏହି ରୋଗଟିକୁ ସଅଳ ଚିହ୍ନଟ କରାଯାଇପାରୁନି କି ରୋଗରୁ ଉପଶମ ମିଳିପାରୁନି। ତେବେ ନିୟମିତ ବହି ଓ ଖବରକାଗଜ ପଢ଼ିବା, ସଭାସମିତିରେ ଯୋଗ ଦେବା, ଗପ, କବିତା ଲେଖିବା, ନୂଆ ଭାଷା ଶିଖିବା, ଚିତ୍ର ଆଙ୍କିବା ଏବଂ ନୂଆ ନୂଆ ରୁଚିରେ ମନ ଦେବା ଦ୍ୱାରା ରୋଗର ଆଗମନକୁ ବିଳମ୍ବିତ କରାଯାଇପାରେ। ତେବେ ଏହି ରୋଗ ପ୍ରକାଶ ପାଇଲେ ପରିବାର ସମସ୍ୟା ବହୁତ ବଢ଼ିଯାଏ। ତେଣୁ ବ୍ୟକ୍ତିଗତ ସ୍ତରରେ ପ୍ରତ୍ୟେକ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବା ଅପରିହାର୍ଯ୍ୟ।''


# Classified Everyday
0674-2580101, 9692975378


MATRIMONIAL

## BRIDE WANTED

Handsome Brahmin Boy 1984, 5'10" serving officer Nationalised Bank. "Sunasansar" 9937512659. D-01

## GROOM WANTED

ମା'ଙ୍କ ସହିତ ରହୁଥିବା 28 ବୟସ୍କା ଅବିବାହିତା କରଣ ଜାତିର ଚାକିରିଆ କନ୍ୟାଙ୍କ ପାଇଁ Anycaste ବରପାତ୍ର ଆବଶ୍ୟକ। 7852970280. D-2053


REAL ESTATE
SALE

**CDA and RERA approved plot near Trisulia, CISF Campus, Black Loan facilities, Bank top road, Water supply, Electricity, Drainage. Contact- 7008513309.** D-2062

ପୁରୀ ବାଟମଙ୍ଗଳା ସମ୍ମୁଖ 200 ଫୁଟ Bypass ରୋଡ୍ ପାଖରେ ଅତିଶୀଘ୍ର ଘରକରିବାଯୋଗ୍ୟ ପ୍ଲଟ୍ ଡିସିମିଲକୁ 12 ଲକ୍ଷ ଟଙ୍କା। ଯୋଗାଯୋଗ: 9438109040/ 8144658008. D-2034

**Ready to move 1/2BHK flat for sale @ 18/24lakh at Gudiapokhari Bhubaneswar, Call- 9861642492.** D-2018

**Ready to move 1/2BHK flat for sale @18/24lakh at Gudiapokhari Bhubaneswar. Call- 9827439338.** D-1803

ଭୁବନେଶ୍ୱର **NISER, IIT** ଜଟଣୀ ପାଖରେ ପ୍ରସ୍ତାବିତ **BDA 200ft** ରୋଡକୁ ଲାଗି **investment** ପ୍ଲଟ୍ ପୋଜେସନ ଥାଇ **Sqft.- 650/-, 850/-** ବିକ୍ରି ହେଉଛି– **9337166296.** D-1942

**Commercial cum residential plot, Gharabari with compoundwall touching to NH-316 Road (Nakhara to Niali) 10 K.M. from Nakhara & 15 K.M. to Bhubaneswar 80x30=2400sqft. highland from road level. @2750/- per sqft. 7809525452.** D-76494




Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional & comfortable at all times-7978109255. D-76495

Newly open health benefits spa by experts therapist con 8658088274. D-1866

## AFFIDAVIT

I, Satyanarayan Dash, S/o- Bhikari Charan Das, Village- Santarapur, P.O.-Bankuala, P.S.- Kamakhyanagar, Dist.- Dhenkanal, Odisha, solemnly declare that, I have changed my minor 9 year old son's name from SAHEB DAS to BADRINATH DASH dated-01.09.2025 before Executive Magistrate, Kamakhyanagar. D-2051

By virtue of an affidavit sworn before Executive Magistrate, Puri, dt.- 18.09.25 I, Rajesh Kumar Kap Resident of Nuabudhakera of Mahura G.P. that my minor daughter's actual name RAJESWARI KAP but Rajshree Kap wrongly mentioned in aadhaar card. I change her name Rajashree Kap to RAJESWARI KAP for all purposes.
RAJESH KUMAR KAP D-2059

By virtue of an affidavit sworn before the Notary Public, Birmaharajpur, date 18.09.25 I, Guna Jagadala, W/o- Trilochan Luha, R/o- Village- Baghamari, P.O./P.S.- Birmaharajpur, Dist.- Subarnapur declare that I have changed my name from Gunabati Luha to Guna Jagadala. Henceforth I shall be known as Guna Jagadala for all purposes.
Guna Jagadala D-2057

By virtue of an affidavit, sworn in before the Executive Magistrate, Vyasanagar, I, Nirupama Swain aged about 43 years, addressed at present, At/P.O./P.S.: Panikoili, Dist.- Jajpur-755043, do hereby declare that henceforth I will be known as NIRUPAMA NAYAK for all official purpose w.e.f. dated 18.09.2025. That Nirupama Swain and Nirupama Nayak is the same person that is me only. D-2052

By virtue of an affidavit sworn before the Executive Magistrate, Athgarh, District- Cuttack, dated- 08.09.2025 I, Ranjan Kumar Behera, S/o- Sukuta Behera, Address of Village- Mahalpada, P.O.- Kakhadi, P.S.- Choudwar, Dustrict- Cuttack, Odisha, PIN Code No.- 754027 declare that I have changed my son's name from Sai Behera(Old name) to Dibyanshu Behera(New name). Henceforth, he shall be known as Dibyanshu Behera for all purposes.
Ranjan Ku Behera D-2060

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Swikruti Subhadarshini Pradhan D/o- Sarat Chandra Pradhan and Tulasi Biswal of village Santhasara, P.S.- Gondia, Dist.- Dhenkanal, PIN-759016, Odisha declare by this affidavit CF. No.- 33, dtd- 17/09/2025 in the Court of The Executive Magistrate, Bhubaneswar, that I have changed my name from Swikruti Subhadarshini Pradhan to Hanshika Shaamal W/o- Tusharr Ranjan Samal of village/P.O.- Aruha, P.S.- Dharmasala, Dist- Jajpur, PIN-755024, Odisha, that now onwards I shall be known as Hanshika Shaamal for all future purposes.
Hanshika Shaamal D-2055

By virtue of an affidavit sworn before Executive Magistrate, Bhubaneswar, dated.- 20.09.2025, I, Sushree Sasmita Satpathy, At./P.O.- Sanda, P.S.- Parjang, Dist.- Dhenkanal, PIN-759019 declare that I have changed my name from Sashmita Satapathy to Sushree Sasmita Satpathy. Henceforth, I shall be known as Sushree Sasmita Satpathy for all purposes.
Sushree Sasmita Satpathy D-2029

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

ଏହି ସତ୍ୟପାଠଟିର ଶପଥ ଥିବା ହେତୁରୁ ଏହାକୁ ନୋଟାରୀଙ୍କ ଦ୍ୱାରା, ଭୁବନେଶ୍ୱରରେ ତା- ୨୦।୦୯।୨୦୨୫ରିଖରେ କରିଅଛି। ମୁଁ ସଲ ମାନ ଲୋ, ଠିକଣା:କ୍ୱାର୍ଟର ନଂ ଓ/୫, ଷ୍ଟେଜ୍-୩, ପୋ- ବୁଦ୍ଧେଶ୍ୱରୀ କଲୋନୀ, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ପିନ୍- ୭୫୧୦୦୬। ମୁଁ ଘୋଷଣା କରୁଅଛି ଯେ ମୋର ନାମ ପରିବର୍ତ୍ତନ କରି ସଲମାନ ତାମଙ୍ଗା ରୁ ସଲ ମାନ ଲୋ (ନୂତନ ନାମ)। ଆଜି ପରଠାରୁ ମୁଁ ସଲ ମାନ ଲୋ (ନୂତନ ନାମ) ନାମରେ ସମସ୍ତ କ୍ଷେତ୍ରରେ ସ୍ୱାକ୍ଷର କରି ପରିଚିତ ହେବି।
ସଲ ମାନ ଲୋ ଧ-୨୦୫୬

By virtue of an affidavit sworn before Notary Public, Bhubaneswar, dated 19.09.2025, Address: Flat No.508, S-Block, Trident Galaxy, Kalinga Vihar, Near TATA Ariana, Andharua, Bhubaneswar, Dist- Khordha, I, PRIYADARSHINI BEHARA, D/o Prashant Kumar Behara declare that my father's actual name is PRASANT KUMAR BEHARA. But some documents my father's name wrongly mentioned PRASANT BEHARA. So PRASANT KUMAR BEHARA and PRASANT BEHARA is same and one person.
PRIYADARSHINI BEHARA D-2061

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Angul on dated 20.09.2025, I, Sarika Kalo, aged about 42 years, W/o- Malaya Ranjan Kalo, resident of At-Tasarda, P.O.- Paraposi, Dist.-Deogarh, Odisha, PIN- 768108 at present residing at Soubhagya Nagar, P.O./P.S./Dist.- Angul, Odisha, PIN- 759122 do hereby solemnly affirm and state as follows. That, my actual name is Sarika Kalo which has been mentioned in my Aadhaar Card vide No.- XXXX XXXX 3531. But my name has been wrongly mentioned as Sharikarani Kalo in the old Birth Certificate. Henceforth, she shall be known as Sarika Kalo for all purposes.
Sarika kalo D-2063

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ।

# ୧୨.୪୨ କୋଟି ଠକେଇ: ବିଜେଡି ନେତା ଦିଲୀପ ନାୟକ ଗିରଫ

ଭୁବନେଶ୍ୱର,୨୦।୯(ସତ୍ୟଜିତ ରାଉତ)

ଜଣେ ବ୍ୟକ୍ତିଙ୍କୁ ୧୨.୪୨ କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ବିଜେଡି ନେତା ଦିଲୀପ କୁମାର ନାୟକଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ଦିଲୀପଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୋଗକାରୀ କଟକ ମଙ୍ଗଳାବଗ ଥାନା ରାଣୀହାଟ ମାଳିସାହିର ବିଜୟ ରାଉତ ୯.୪୨କୋଟି ଟଙ୍କା ଠକେଇ ନେଇ ପ୍ରଥମେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ୨୦୨୩ ନଭେମ୍ବର ୨୨ରେ ବାଦାମବାଡ଼ି ପୋଲିସ ମାମଲା(ନଂ. ୪୧୭/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବଡ଼ ଧରଣର ଠକେଇ ହୋଇଥିବାରୁ



ପୋଲିସ ଏହି ମାମଲାକୁ ଇଓଡବ୍ଲ୍ୟୁକୁ ଟ୍ରାନ୍ସଫର କରିଥିଲା। ଏନେଇ ଇଓଡବ୍ଲ୍ୟୁ ଗୁରୁବାର ମାମଲା (ନଂ.୧୩/୨୦୨୫) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ଇଓଡବ୍ଲ୍ୟୁ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ୨୦୧୫ରୁ ୨୦୧୭ ମଧ୍ୟରେ ବିଜୟଙ୍କ ଠାରୁ ଦିଲୀପ ବ୍ୟବସାୟରେ ନିବେଶ କରିବାକୁ ୩ କୋଟି ଟଙ୍କା ନେଇଥିଲେ। ୨୦୧୮ରେ ଦିଲୀପ କଟକ ବଜ୍ରକବାଟିରେ ଜମି ଦେବା ପାଇଁ ପୁଣି ତାଙ୍କ ଠାରୁ ୪ କୋଟି ଟଙ୍କା ନେଇଥିଲେ। ହେଲେ ପ୍ରତିଶ୍ରୁତି ଅନୁଯାୟୀ ଜମି ଦେଇ ନ ଥିଲେ। ପରେ ପଟିଆରେ ବିଜୟଙ୍କୁ ଏକ ଭଲ ଜମି ଦେବା ପାଇଁ କହି ଆଉ ୩.୪୨ କୋଟି ଟଙ୍କା ନେଇଥିଲେ। ଏହାବ୍ୟତୀତ ଏକ କମ୍ପାନୀ କରିବାକୁ ବିଜୟଙ୍କଠାରୁ ୨କୋଟି ଏବଂ ତାଙ୍କ ସ୍ତ୍ରୀଙ୍କ ଠାରୁ କୋଟିଏ ଟଙ୍କା ମଧ୍ୟ ଦିଲୀପ ନେଇଥିଲେ। ଇତିମଧ୍ୟରେ ଦିଲୀପ କୋଟିଏ ଟଙ୍କା ଫେରାଇଥିବାବେଳେ ଆଉ ବାକି ଟଙ୍କା ଦେଇ ନ ଥିଲେ। ତେବେ ପରେ ୨୦୨୧ରେ କଟକ ତ୍ରିଶୁଳିଆରେ ଉଭୟଙ୍କ ମାଲିକାନାରେ ଏକ ଜମି କିଣିବାକୁ ବିଜୟଙ୍କୁ ଦିଲୀପ ପ୍ରବର୍ତ୍ତାଇଥିଲେ। ସେମାନେ ୩.୫ କୋଟି ଟଙ୍କାରେ ୫ ଏକର ପରିମିତ ଏକ ଜମି କିଣିଥିଲେ। ହେଲେ ପରେ ବିଜୟଙ୍କୁ ନ ଜଣାଇ ଦିଲୀପ ଉକ୍ତ ଜମିରୁ ଅଢ଼େଇ ଏକର ବିକ୍ରି କରିଦେଇଥିଲେ ବୋଲି ତଦନ୍ତରୁ ଜଣାପଡ଼ିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଶୁକ୍ରବାର ବାଦାମବାଡ଼ିସ୍ଥିତ ଦିଲୀପଙ୍କ ଘର ଯାଞ୍ଚ ବେଳେ ଜମି କିଣା ସଂକ୍ରାନ୍ତୀୟ ଦସ୍ତାବିଜ, ବ୍ୟାଙ୍କ ଆକାଉଣ୍ଟ ଆଦି ଇଓଡବ୍ଲ୍ୟୁ ଜବତ କରିଥିବା ସୂଚନା ଦେଇଛି। ଇଓଡବ୍ଲ୍ୟୁ ଦିଲୀପଙ୍କ ଘରେ ଚଢ଼ାଉ କରି ତାଙ୍କୁ ଉଠାଇ ଆଣିଥିଲା। ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନରେ ଦିଲୀପ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ୯୦, ୬୬୮ ଖଣ୍ଡ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥିନୀ ପ୍ରଭାତୀ ପରିଡ଼ାଙ୍କଠାରୁ ୪,୫୪୮ ଖଣ୍ଡରେ ହାରି ଯାଇଥିଲେ। ୨୦୧୯ ନିର୍ବାଚନରେ ନିମାପଡ଼ାରୁ ଦିଲୀପ କଂଗ୍ରେସ ଟିକେଟରେ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ହେଲେ ସେ ୩୩, ୫୭୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ପାର୍ବଣ ପୂର୍ବରୁ ବଲାଙ୍ଗୀରରେ ଗଡ଼ିଲା ମୁଣ୍ଡ

# ମା' ସାମ୍ନାରେ ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା

ବଲାଙ୍ଗୀର, ୨୦।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଖଦାଲପଡ଼ା ମଙ୍ଗଳା ମନ୍ଦିର ନିକଟରେ ଶନିବାର ଦିନ ଦ୍ୱିପ୍ରହରରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମା' ସାମ୍ନାରେ ପୁଅକୁ ଦୁର୍ବୃତ୍ତମାନେ ଟାଙ୍ଗିରେ ହାଣି ହତ୍ୟାକରି ଫେରାର ହୋଇଯାଇଛନ୍ତି। ମୃତ ଯୁବକ ହେଲେ ରାଜ ବେହେରା (୨୧)। କେଉଁ କାରଣରୁ ରାଜଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ।

ଅଭିଯୋଗ ଅନୁଯାୟୀ, ଅପରାହ୍ଣ ପ୍ରାୟ ସାଢ଼େ ୨ଟା ବେଳେ ରାଜ ତାଙ୍କ ଘର ସାମ୍ନାରେ ଠିଆହୋଇଥିଲେ। ଏହି ସମୟରେ ୨ ଜଣ ଯୁବକ ଆସି ରାଜଙ୍କ ସହ ଯୁକ୍ତିତର୍କକରି ଟାଙ୍ଗିଆ ଓ ଖଣ୍ଡାରେ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଏତିକି ବେଳେ ରାଜ ପାଟିକରି ତାଙ୍କ ମା'ଙ୍କୁ ଡାକିଥିଲେ। ଘର ଭିତରୁ ମା' ବାସନ୍ତୀ ବେହେରା ବାହାରି ଆସିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ବାସନ୍ତୀଙ୍କୁ ଗାଳିଗୁଲଜ କରିବା ସହ ଠେଲିଦେଇ ତାଙ୍କ ସାମ୍ନାରେ ରାଜଙ୍କୁ ହାଣିଦେଇ ସେଠାରୁ ଫେରାର ହୋଇଯାଇଥିଲେ। ପାଖରେ



ମୃତ ରାଜ ବେହେରା

ଥିବା ରାଜଙ୍କ ବାଇକ୍‌କୁ ମଧ୍ୟ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଥିଲେ। ଦୁର୍ବୃତ୍ତମାନଙ୍କ ଅତର୍କିତ ଆକ୍ରମଣରେ ଯୁବକ ଜଣକ ଗୁରୁତର ହୋଇ ପଡ଼ିଥିଲେ । ତାଙ୍କ ଦେହ ସାରା ଚୋଟ ଉପରେ ଚୋଟ ମରାଯାଇଥିବା ଦେଖିବାକୁ ମିଳିଥିଲା। ରକ୍ତାକ୍ତ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ୨ଦିନ ତଳେ କେତେଜଣ ଯୁବକ ରାଜଙ୍କ ଘରକୁ ଆସି ତାଗିଦା କରିବା ସହ ଜୀବନରେ ମାରିଦେବାର ଧମକ ଦେଇଥିଲେ। ଜଣେ ଝିଅ ସହ ପ୍ରେମ

ହାଣିବା ପରେ ଫେରାର ହୋଇଗଲେ ୨ ଅଭିଯୁକ୍ତ

ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଇଛି। ବଲାଙ୍ଗୀର ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପରିବାର ଲୋକେ ଟାଉନ ଥାନାକୁ ଯାଇ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ. ୬୦୭/୨୫) ରୁଜୁ କରିଛି । ଉକ୍ତ ଘଟଣାରେ ୩– ୪ ଜଣ ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି । ଏହି ହତ୍ୟାକାଣ୍ଡ ପରେ ଖଦାଲପଡ଼ା ଅଞ୍ଚଳରେ ଉତ୍ତେଜନା ଓ ଭୟର ବାତାବରଣ ଦେଖାଦେଇଛି। ପାର୍ବଣ ପୂର୍ବରୁ ବଲାଙ୍ଗୀର ସହରରେ ଏହି ହତ୍ୟାକାଣ୍ଡକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଥାନା ପୋଲିସ ଉକ୍ତ ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି।

# ଲାଞ୍ଚ ନେଇ କିରାଣି ଗିରଫ

ବଣାଇଁ,୨୦।୯(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ରୁକୁରା ଜଳସେଚନ ପ୍ରକଳ୍ପର ଜମି ଅଧିଗ୍ରହଣ ଏବଂ ପୁନର୍ବାସ କାର୍ଯ୍ୟାଳୟର କ୍ଲର୍କ କମ୍ କ୍ୟାଶିଅର ପୃଥ୍ୱୀରାଜ କାମିଲା ଶନିବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ରୁକୁରା ଜଳସେଚନ ପ୍ରକଳ୍ପର ଜଣେ ଜମିହରାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଅଧିକାରୀମାନେ ଉକ୍ତ କ୍ଲର୍କଙ୍କୁ ଗିରଫ କରିଛନ୍ତି। ଏ ନେଇ ରାଉରକେଲା ଭିଜିଲାନ୍ସରେ ଏକ ମାମଲା (ନଂ.୧୦/୨୫) ରୁଜୁ ହୋଇ ତଦନ୍ତ ଚାଲିଛି।



ପୃଥ୍ୱୀରାଜ କାମିଲା

ସୂଚନା ଅନୁଯାୟୀ, ରୁକୁରା ଜଳସେଚନ ପ୍ରକଳ୍ପର କ୍ଷତିଗ୍ରସ୍ତ କଟୁରିଧୁଆ ଗ୍ରାମର ବୁଦ୍ଧୁ ଓରାମଙ୍କୁ ସରକାରଙ୍କ ପକ୍ଷରୁ ପ୍ରଥମ କିସ୍ତିରେ ୨ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଛି। ହେଲେ ତାହାକୁ ପ୍ରଦାନ କରିବା ପାଇଁ ପୃଥ୍ୱୀରାଜ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ବୁଦ୍ଧୁ ତାଙ୍କୁ ୧୦ ହଜାର ଟଙ୍କା ଦେଇଥିଲେ। ପରେ ପୃଥ୍ୱୀରାଜ ତାଙ୍କୁ ଅବଶିଷ୍ଟ ଟଙ୍କା ମାଗିଥିଲେ। ଏନେଇ ବୁଦ୍ଧୁ ଶୁକ୍ରବାର ରାଉରକେଲା ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚି ଘଟଣା ବିଷୟରେ କହିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶନିବାର ବୁଦ୍ଧୁ ତାଙ୍କୁ ୭ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡିବସିଥିଲା। ପୃଥ୍ୱୀରାଜଙ୍କଠାରୁ ଭିଜିଲାନ୍ସ ୭ ହଜାର ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରି ରାଉରକେଲା ନେଇଛି।

# ଅନ୍‌ଲାଇନ୍ ଗେମ୍ ଖେଳି ଜୀବନ ହାରିଲେ ଯୁବକ

ରେମୁଣା, ୨୦।୯(ରବୀନ୍ଦ୍ର ମହାକୁଡ)

ଅନ୍‌ଲାଇନ୍ ଗେମ୍ ପୁଣି ନେଲା ଏକ ଜୀବନ। ଲକ୍ଷାଧିକ ଟଙ୍କା ହରାଇବା ପରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି ରେମୁଣା ଥାନା ପୁରୁଷୋତ୍ତମପୁର ଗାଁର ଦିବ୍ୟଜ୍ୟୋତି ପତି (୨୫)। ଦିବ୍ୟଜ୍ୟୋତି ବିଭିନ୍ନ ସମୟରେ ମୋବାଇଲରେ ଅନ୍‌ଲାଇନ୍ ଗେମ୍ ଖେଳିଥାନ୍ତି। ପରିବାର ଲୋକେ ଏଥିରୁ ନିବୃତ୍ତ ରହିବା ଲାଗି ତାଙ୍କୁ ବାରମ୍ବାର ବାରଣ କରୁଥିଲେ ମଧ୍ୟ ସେ ଏହାକୁ ନ ମାନି ଗେମ୍‌ରେ ମସ୍‌ଗୁଲ ରହୁଥିଲେ। ଅନ୍‌ଲାଇନ୍ ଗେମ୍‌ରେ ଲକ୍ଷାଧିକ ଟଙ୍କା ହାରିବା ପରେ ଅଧିକ ଖେଳିବା ପାଇଁ ସେ ଉଧାରରେ ଟଙ୍କା ମଧ୍ୟ ଆଣୁଥିଲେ। ଗୁରୁବାର ରାତିରେ ସେ ଗେମ୍ ଖେଳୁଥିବା



ଦିବ୍ୟଜ୍ୟୋତି

ଦେଖି ମା'ବାପା ଶୋଇପଡ଼ିବାକୁ କହିଥିଲେ। ଶୁକ୍ରବାର ସକାଳେ ଦୀର୍ଘ ସମୟ ଧରି ସେ କବାଟ ନ ଖୋଲିବାରୁ ପରିବାର ଲୋକେ ତାଙ୍କୁ ଡାକିଥିଲେ। ମାତ୍ର ସେ କୌଣସି ଉତ୍ତର ଦେଇ ନ ଥିଲେ। ବେକରେ ଗାମୁଛା ଦେଇ ପଙ୍ଖାରେ ଝୁଲୁଥିବା ତାଙ୍କୁ ଦେଖି ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ୨ ବୃଦ୍ଧଙ୍କୁ ଆଜୀବନ କାରାଦଣ୍ଡ

ଜଗତ୍‌ସିଂହପୁର, ୨୦।୯ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୪ରେ ଅଭାବନୀୟ ଘଟଣା ଘଟିଥିଲା। ଜଣେ ନାବାଳିକାଙ୍କୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ୨ ଜଣ ବ୍ୟକ୍ତି ବଳାତ୍କାର କରିଥିଲେ। ଏହାପରେ ନାବାଳିକା ଜଣକ ଏକ ସନ୍ତାନ ଜନ୍ମ କରିବାକୁ ବାଧ ହୋଇଥିଲେ। ଶନିବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ (ପୋକ୍‌ସୋ) ବିଚାରପତି ଏସ୍‌ଏକେ ଜେଡ୍. ଅହମ୍ମଦ ମାମଲାର ଏହି ବିଚାର କରି ଅଭିଯୁକ୍ତ ବାଲିକୁଦା ଥାନା ଅଞ୍ଚଳର ନଟବର ପରିଡ଼ା (୬୮) ଓ କୁଶା ମଲ୍ଲିକ (୬୩)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଧାର୍ଯ୍ୟ କରିଛନ୍ତି। ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା

ବାଲିକୁଦା ନାବାଳିକା ବଳାତ୍କାର ମାମଲା

କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ପିପି (ପବ୍ଲିକ ପ୍ରସିକ୍ୟୁସନ୍) ଦୋଳଗୋବିନ୍ଦ ଦାସ କହିଛନ୍ତି, ନାବାଳିକା ବାଲିକୁଦା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଏକଦା ସନ୍ଧ୍ୟା ସମୟରେ ସେ ତାଙ୍କ ଘରେ ବସି ପାଠ ପଢୁଥିଲେ। ଏହି ସମୟରେ ନଟବର ଓ କୁଶା ଦୁହେଁ ଘରେ ପଶି ଜଣକ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ। ଆଉ ଗଲାବେଳକୁ ଧମକ ଦେଇ ଯାଇଥିଲେ ଯେ ଘରେ କାହାରିକୁ କହିଲେ ତୋତେ ହେଉ ଅବା ତୋ ମା'ବାପାଙ୍କୁ ଜୀବନରେ ମାରିଦେବୁ। ଏଥିରେ ସେ ଭୟଭୀତ ହୋଇ ଘରେ କାହାରିକୁ କିଛି କହି ନ ଥିଲେ। ଗର୍ଭର ୫ ମାସ ବେଳକୁ ସେ ତାଙ୍କ ମା'ଙ୍କୁ ସବୁକଥା କହିବାକୁ ବାଧ ହୋଇଥିଲେ। ଏହାପରେ ଅର୍ଥାତ୍ ୨୦୨୪ ଫେବୃଆରୀ ୧୩ରେ ମା' ତାଙ୍କୁ ନେଇ ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାଲିକୁଦା ଥାନା ପକ୍ଷରୁ ମାମଲା (ନଂ.୫୩/୨୪) ରୁଜୁ ହୋଇଥିଲା। ଏହାପରେ ସେ ଏକ ସନ୍ତାନ ଜନ୍ମ ଦେଇଥିଲେ। ଡିଏନ୍‌ଏ ପରୀକ୍ଷାରେ ମଧ୍ୟ ଅଭିଯୁକ୍ତମାନଙ୍କ ସମ୍ପର୍କର ପ୍ରମାଣ ମିଳିଥିଲା। ଏହି ମାମଲାରେ ୨୮ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଡେପୁଟି ଡାଇରେକ୍ଟର ପବ୍ଲିକ ପ୍ରୋସିକ୍ୟୁଟର ବିରେନ କୁମାର ପଣ୍ଡା ଏହି ମାମଲା ତଦାରଖ କରିଥିଲେ।

# ଲାଞ୍ଚ ନେଇ ଫାଣ୍ଡି ଅଧିକାରୀ ଗିରଫ

ସୋର, ୨୦।୯(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି ଅଧିକାରୀ ହୃଷୀକେଶ ବିଶ୍ୱାଳ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି। ୧୫ଦିନ ତଳେ କୁରୁଡ଼ା ଗ୍ରାମର ଶଶିଭୂଷଣ ପାତ୍ର ବାଇକରେ ଅନନ୍ତପୁର ଅଭିମୁଖେ ଆସୁଥିବା ବେଳେ ରାସ୍ତାରେ ଶୋଇଥିବା ଏକ ଶଣ୍ଢକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ବାଇକକୁ ଜବତ କରି ଥାନାରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଗାଡ଼ିକୁ ରିଲିଜ କରିବା ପାଇଁ ଫାଣ୍ଡି ଅଧିକାରୀ ବିଶ୍ୱାଳ ଉକ୍ତ ଯୁବକଙ୍କଠାରୁ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ଶଶିଭୂଷଣ ଭିଜିଲାନ୍ସଠାରେ ଜଣାଇଥିଲେ। ପୂର୍ବ ଯୋଜନା ଅନୁସାରେ ଶନିବାର ୫୦୦୦ ଟଙ୍କା ଦେବା ବେଳେ ଭିଜିଲାନ୍ସ ଫାଣ୍ଡି ଅଧିକାରୀଙ୍କୁ ଗିରଫ କରିଥିବା ଜଣାପଡିଛି।

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ହତ୍ୟା ଘଟଣା

# ଜେସିବି ମାଲିକ, ଡ୍ରାଇଭରଙ୍କୁ ଜେରା

କେନ୍ଦୁଝର/ଘଟଗାଁ, ୨୦।୯(ନରେଶ ଚନ୍ଦ୍ର ପଟ୍ଟନାୟକ/ ରାଜେନ୍ଦ୍ର ପଟ୍ଟନାୟକ)

ମହିଳା ଟ୍ରାଫିକ୍ କନ୍‌ଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ କମିଶନରେଟ୍ ପୋଲିସ ଶନିବାର କେନ୍ଦୁଝର ଜିଲା ଘଟଗାଁରେ ଅଧିକ ତଦନ୍ତ କରିଛି। ତଦନ୍ତକାରୀ ଅଧିକାରୀ ବିପିନ ବିହାରୀ ହୋତାଙ୍କ ନେତୃତ୍ୱରେ ଏକ ୩ ଜଣିଆ ଦଳ ମୃତଦେହ ପୋତିବା ନେଇ ଗାତ ଖୋଳିଥିବା ଜେସିବି ମାଲିକ ଓ ଡ୍ରାଇଭରଙ୍କୁ ଜେରା କରିଛି। ଏଥିସହ ଜେସିବି (ନଂ. ଓଡି ୦୯ ଏଏ ୦୧୦୫)କୁ ପୋଲିସ ଜବତ କରିଛି। ଟିମ୍ ଘଟଗାଁର ଜେସିବି ମାଲିକ ଜିତୁ ସାହା ଓ ଡ୍ରାଇଭର ବୃନ୍ଦାବନ ମହାନ୍ତଙ୍କୁ ଘଟଣା ସମ୍ପର୍କରେ ଦୀର୍ଘ ସମୟ ଧରି ପଚରାଉଚୁରା କରିଥିଲା। ଜଟିଆ ମହାନ୍ତଙ୍କ ପାଇଖାନା ଟାଙ୍କି ଖୋଳିବାକୁ ଭଡ଼ାରେ ଡାକି ନେଇଥିଲେ। ଏଥିପାଇଁ ୯୦୦ ଟଙ୍କା ଦେଇଥିଲେ ବୋଲି ଜେସିବି ମାଲିକ କହିଛନ୍ତି। ପଚରାଉଚୁରା ପରେ ପୋଲିସ ଟିମ୍ ଭୁବନେଶ୍ୱର ଫେରିଯାଇଛନ୍ତି। ଘଣ୍ଟାକୁ ୧୨ ଶହ ଟଙ୍କାରେ ଜେସିବି ମେସିନ ଭଡ଼ାରେ ଦିଆଯାଇଥାଏ। ତେବେ ଏହି ଘଟଣାରେ ଏତେ କମ୍ ଟଙ୍କାରେ କିପରି ଜେସିବି ଯୋଗାଇଲେ ସେନେଇ ସନ୍ଦେହ ବଢ଼ିବାରେ ଲାଗିଛି।

# ମହିଳାଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ମାଡ଼ ମାରି ବୁଲାଇଲେ

ସ୍ୱାମୀଙ୍କ ସହ ୪ ଅଟକ

ଭିଡିଓ ଭାଇରାଲ

ବଡ଼ଗାଁ,୨୦।୯(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଟିମନା ଗାଁ ନିକଟ ବିରିମୁଣ୍ଡା ଗ୍ରାମରେ ଜଣେ ମହିଳାଙ୍କୁ ଉଲଗ୍ନ କରି ମାଡ଼ ମାରିବା ଘଟଣାରେ ଶନିବାର ପୋଲିସ ତାଙ୍କ ସ୍ୱାମୀଙ୍କ ସହ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ବେଙ୍ଗାଲୁରୁରେ ରହି କାମ କରନ୍ତି। ଏହାର ସୁଯୋଗ ନେଇ ଉକ୍ତ ମହିଳାଙ୍କ ସହ ଜଣେ ଅବିବାହିତ ଯୁବକଙ୍କ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ କିଛିଦିନ ତଳେ ୪ ଦିନ ଧରି ଯୁବକ ଜଣଙ୍କ ମହିଳାଙ୍କ ଘରେ ରହିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖବରପାଇ ଗତ ବୁଧବାର ମହିଳାଙ୍କ ସ୍ୱାମୀ ବେଙ୍ଗାଲୁରୁରୁ ଫେରିଥିଲେ। ସେ ତାଙ୍କ ସ୍ତ୍ରୀଙ୍କୁ ଉଲଗ୍ନ କରି ଗାଁ ଦାଣ୍ଡରେ ମାଡ ମାରି ବୁଲାଇଥିଲେ। ପରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ।


**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
email:ulbjeypore@gmail.com & jayporem.hud@nic.in
Letter No.4140/JM Date:18.09.2025

**QUOTATION CALL ADVERTISEMENT**

**No.C-1122:** Sealed quotations as per the prescribed format in the quotation call notice are hereby invited from reputed Agencies/Firms/Contractors having experience in
**"Supply & Installation of Theatre Foldable Chairs and Synthetic leather Sofa for Auditorium at Jeypore Municipality"**

| | |
|---|---|
| No. of Works | 01 |
| Details of the Work | As per QCN, which can be obtained by depositing paper costs at the office of the undersigned or can also be downloaded from the website, i.e.,www.jeyporemunicipality.in |
| Date & Time of Bidding | From **20.09.2025** at 11.00 hours to **03.10.2025** upto 11.00 hours. |
| Offline Documents Received through Speed Post | **20.09.2025** at 11.00 Hours to **03.10.2025** Upto 11.00 Hours (Working Days Only) |
| Offline Documents shall be opened in the presence of the Participating Bidders | **04.10.2025** at 16.00 Hours onwards |
| Paper Cost (INR) | **Rs.600/-** |
| Security Deposit (INR) | **Rs.5000/-** |

**Sd./- Executive Officer**
**Jeypore Municipality**
OIPR-13079/11/0067/2526



**ODISHA PUBLIC SERVICE COMMISSION**
**CUTTACK**
**NOTICE**
**No. 6748 / P.S.C., Dt. 19.09.2025**
**1E-14-2025/26 (DR-III)**
**Recruitment to the Post of**
**Post Graduate Teacher in Discipline - ZOOLOGY**
**(Advertisement No.25 of 2023-24)**

**No.D-221** : In continuation to this Office Notice No. 5314/PSC, dtd. 23.07.2025, it is for information of all 'shortlisted candidates' that the **Document Verification and Interview/Personality Test** for recruitment to the post of **Post Graduate Teacher in Zoology Discipline**, pursuant to Advertisement No. 25 of 2023-24 will be held from **22.10.2025 to 24.10.2025** in the Office of OPSC, 19, Dr. P.K. Parija Road, Cuttack-753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of Verification | Time of Interview | ROLL NO. of Candidates |
|---|---|---|---|
| 22.10.2025 | 08.30 A.M. | 10.30 A.M. | 103983, 103993, 103994, 104008, 104010, 104025, 104043, 104057, 104068, 104092, 104108, 104125, 104129, 104136, 202720, 202723, 202726, 202729, 202743, 202744, 202758, 202774, 202793, 202806, 290016, 310048, 310074, 310080, 310081, 310082, 310098, 310121 & 310125 **= 33 Candidates** |
| | 12.30 P.M. | 02.30 P.M. | 310132, 310134, 310138, 310140, 310145, 310156, 310170, 310171, 310172, 310194, 310199, 310217, 310218, 310282, 310291, 310295, 310332, 310333, 310342, 310382 & 310383 **= 21 Candidates** |
| 23.10.2025 | 08.30 A.M. | 10.30 A.M. | 310389, 310393, 310423, 310424, 310428, 310466, 310469, 310475, 310498, 310504, 310538, 310555, 310564, 310583, 310599, 310603, 310608, 310614, 404557, 404559, 404573, 404574, 404578, 404586, 404600, 404604, 404634, 404636, 404654, 404655, 404662, 404665 & 404666 **= 33 Candidates** |
| | 12.30 P.M. | 02.30 P.M. | 404687, 404702, 404703, 404706, 404709, 404713, 490026, 506245, 506251, 506285, 506289, 506291, 506298, 506306, 506321, 506332, 506337, 506341, 506350, 506351 & 506356 **= 21 Candidates** |
| 24.10.2025 | 08.30 A.M. | 10.30 A.M. | 506358, 506359, 506373, 506380, 506381, 506382, 506386, 506390, 506392, 506397, 506423, 506426, 506431, 506432, 506444, 506449, 506451, 506473, 506493, 506495, 506506, 506515, 506516, 506517, 506524, 506526, 506545 & 506548 **= 28 Candidates** |

**N.B. -** The candidates are advised to report at the office of the Commission 30 minutes before the commencement of Document Verification in each 'time slot' allotted in the 'Scheduled Programme'.

NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**The Candidates are required to submit the following 'original certificates' along with a set of 'Self-attested photocopy' of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. **Hard Copy** of Online Application form mentioning **Roll No.** at the **Top Right-hand Corner**. (Online Applications are available on the website of the Commission. The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in)
2. Four **(04)** 'passport size photographs' (Unsigned & Unattested) which have been uploaded with application form.
3. **Matriculation Certificate** in support of declaration of age.
4. **Bachelor's Degree** Certificate.
5. **Post-Graduation Certificate/ Master's Degree Certificate** in the subject concerned in respect of Educational Qualification prescribed.
6. **B.Ed.** Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in **Computer Application** in respect of Educational Qualification prescribed.
9. **Caste Certificate by birth** in support of claim as **SEBC/ST/SC** whichever applicable. (which has been **uploaded** with online Application Form)
10. **Odia Test Pass** Certificate from the 'competent authority', wherever applicable.
11. Permanent Disability Certificate (indicating percentage of permanent disability i.e. **40% and more**), wherever applicable.
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/ she has not been appointed against any civil post after retirement from military service, wherever applicable.
13. Identity Card for **Sports Persons** issued by the Director of Sports, Odisha, wherever applicable.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in & affixed with 'passport size photograph' (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0319/2526** **Sd./- Secretary**



**GOVERNMENT OF ODISHA**
**ELECTRICAL LICENSING BOARD**
**OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR, ODISHA**
**3RD FLOOR, HEADS OF DEPARTMENT BUILDING**
**BHUBANESWAR-751001**
Email-secyelbo@od.gov.in, Phone-0674-2394572

**NOTICE**
**No.1289/ dated 19.09.2025/**

**No.AA-28:** The Supervisor Certificate of Competency (MV (General & Mining) & HT) Examination-2025 will be conducted on 21st September, 2025 (Sunday) in Computer Based Test (CBT) mode at designated centres in Bhubaneswar and Cuttack. The examination will be held in three sittings as per the following schedule:

| | | |
|---|---|---|
| 1st Sitting | : | 08:30 AM to 10:30 AM |
| 2nd Sitting | : | 12:00 Noon to 02:00 PM |
| 3rd Sitting | : | 03:30 PM to 05:30 PM |

All the best for the examination
**Sd./- Addl. Chief Engineer-cum-Secretary**
OIPR-04003/11/0019/2526 **ELBO, Bhubaneswar**



**GOVERNMENT OF ODISHA**
**e-Procurement Notice**
**No. O-816** **E.Mail: rw_boudh@yahoo.co.in**
**Bid Identification No. Online tender/04/S.E.R.W. BOUDH/2025-26**
**NATIONAL COMPETITIVE BIDDING THROUGH e-Procurement**

| | | |
|---|---|---|
| | Name of the Work | Building Works - 09 Nos. |
| 1. | Estimated Cost | Rs.16.49 lakhs to 99.75 lakhs (approximately) |
| 2. | Period of Completion | 03 Calendar Months to 06 Calendar Months |
| 3. | Date & time of availability of Bid documents in the portal | From 25.09.2025 10.00 A.M. to 14.10.2025, 5.00 P.M. |
| 4. | Last date/time for receipt of bids in the portal | 14.10.2025 upto 5.00 P.M. |
| 5. | Last date/time for seeking of tender clarification | 13.10.2025 upto 5.00 P.M. |
| 6. | Date & time of opening of Tender/Bid | 15.10.2025 at 11.00 A.M. |
| 7. | Name & address of the Officer Inviting Bid | Executive Engineer, R.W. Division, Boudh |

Further details, corrigendum(s) etc. can be seen from the e-procurement portal **"https://www.tendersorissa.gov.in"**.
**Sd./- Executive Engineer, R.W. Division, Boudh**
**OIPR-25061/11/0021/2526**



**DIRECTORATE OF MEDICAL EDUCATION & TRAINING, ODISHA**
Email- odishanursingboard1@gmail.com
NO. 906 /NEB-05/2024 BBSR, Dt- 17.09.2025
**TENDER CALL NOTICE FOR HIRING VEHICLES FOR ON&MEB**

**No.E-395** : Odisha Nurses & Midwives Examination Board **(ON&MEB)**, Odisha invites sealed tender from intending reputed travel agencies having GST registration, for hiring to Odisha Nurses & Midwives Examination Board, Bhubaneswar. The details specification and terms & conditions are available in the official websites i.e., www.onmeb.in. Interested parties may submit their tender in a sealed cover super-scribing **"Tender for hiring vehicles of ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before **5:30 P.M of 04.10.2025** positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on **08.10.2025 at 3:00 P.M.** The undersigned reserves the right to reject any or all the tender without assigning any reason thereof.

**Sd/- Secretary, ONMEB**



**DIRECTORATE OF MEDICAL EDUCATION & TRAINING, ODISHA**
Email- odishanursingboard1@gmail.com
NO. 908 /NEB-05/2024 BBSR, Dt- 17.09.2025
**TENDER CALL NOTICE FOR PRINTING MATERIALS FOR ON&MEB**

Odisha Nurses & Midwives Examination Board **(ON&MEB)**, Odisha invites sealed tender from interested/firms/agencies having GST registration, adequate experience in taking up the works of print and supply of **Answer Booklet & Additional Answer Booklet for ON&MEB**. The detailed quantity, specifications and term & conditions are available in the official websites i.e. **www.onmeb.in**. Interested parties may submit their tender in a sealed cover super-scribing **"Tender for Printing Materials for ON&MEB"** at the top of the envelope should reach **"The Secretary, Odisha Nurses & Midwives Examination Board, O/o the DMET(O), Heads of the Department Building, Bhubaneswar, 751001"** through speed post/registered post only, which should reach on or before 5:30 P.M of 04.10.2025 positively. The tender received after the stipulated date and time shall not be entertained in any circumstance and shall be summarily rejected. The tender will be opened on 08.10.2025 at 4:00 P.M. The undersigned reserves the right to reject any or all the tender without assigning any reason thereof.

**OIPR-10016/11/0030/2526** **Sd/- Secretary, ONMEB**


See Career Appointment on every Wednesday & Saturday

# ଆଜି ଭାରତ-ପାକିସ୍ତାନ ମ୍ୟାଚ୍

## ଏସିଆ କପ୍ କ୍ରିକେଟ

ଦୁବାଇ,୨୦।୯(ପି.ଟି.)

ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଚଳିତ ଏସିଆ କପ୍‌ର ସୁପର-୪ ପର୍ଯ୍ୟାୟରେ ରବିବାର ଏକ ହାଇଭୋଲ୍ଟେଜ ମ୍ୟାଚ୍‌ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହି ମ୍ୟାଚ୍ ପୂର୍ବରୁ ଠିକ୍ ଏକ ସପ୍ତାହ ତଳେ ଦୁଇ ଦଳ କ୍ରିକେଟ ପଡ଼ିଆରେ ମୁହାଁମୁହିଁ ହୋଇଥିଲେ। ମ୍ୟାଚ୍‌ରେ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ ଭାରତୀୟ ଖେଳାଳିଙ୍କର ହାତ ନ ମିଳାଇବା ନିଷ୍ପତ୍ତିକୁ ନେଇ ପ୍ରବଳ ବିବାଦ ହୋଇଥିଲା। ଭାରତୀୟ ଦଳର ନୋ-ହ୍ୟାଣ୍ଡସେକ ପଲିସି ରବିବାର ହେବାକୁ ଥିବା ମ୍ୟାଚ୍‌ରେ ମଧ୍ୟ ଜାରି ରହିବ। ମ୍ୟାଚ୍ ପୂର୍ବରୁ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ଯେତେବେଳେ ହ୍ୟାଣ୍ଡସେକ୍ ପ୍ରସଙ୍ଗ ଏବଂ ପାଇକ୍ରଫ୍ଟଙ୍କ ଉପସ୍ଥିତି ସମ୍ପର୍କରେ ପଚରାଗଲା, ସେ ବିଷୟବସ୍ତୁ ଏଡ଼ାଇ ମ୍ୟାଚରେ ବଲ୍ ଓ ବ୍ୟାଟ୍ ମଧ୍ୟରେ ଏକ ସଂଘର୍ଷ ଦେଖିବାକୁ ମିଳିବ ବୋଲି କହିଛନ୍ତି। ଟୁର୍ନାମେଣ୍ଟରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱାଧୀନ ଦଳ ଏପର୍ଯ୍ୟନ୍ତ ଅପରାଜିତ ରହିବା ସହ ପ୍ରତ୍ୟେକ ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଛି। ଭାରତୀୟ ଦଳରେ ପ୍ରାୟତଃ କୌଣସି ପ୍ରକାର ସମସ୍ୟା ନାହିଁ। ହେଲେ ଓମାନ ବିପକ୍ଷ ମ୍ୟାଚ୍‌ରେ ଏକ କ୍ୟାଚ୍ ଧରିବା ବେଳେ ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଥିଲା। ଏହି ଆହତ ସମସ୍ୟା ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କୁ ଚିନ୍ତିତ କରିପାରେ। କିନ୍ତୁ ଅକ୍ଷର ସମ୍ପୂର୍ଣ୍ଣ ଫିଟ୍ ଥିବା ଫିଲ୍ଡିଂ କୋଚ୍ ଟି. ଦିଲୀପ କହିଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ସୂର୍ଯ୍ୟ ଭାରତୀୟ ଦଳର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ପ୍ରଦର୍ଶନ ଯାଞ୍ଚ କରିବାକୁ ଚାହୁଁଥିଲେ। ହର୍ଷିତ ରାଣା ଓ ଅର୍ଶଦୀପ ସିଂ ଭଲ ପ୍ରଦର୍ଶନ କରିପାରି ନ ଥିଲେ। ପାକିସ୍ତାନରେ ଜନ୍ମିତ ଓମାନର ୪୩ ବର୍ଷୀୟ ଅମିର କାଲିମ ଓ ହାମଦ ମିର୍ଜ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏହି ମ୍ୟାଚ୍ ଲାଗି ଯଶପ୍ରୀତ ବୁମରା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ବିଶ୍ରାମ ଦିଆଯାଇଥିଲା। ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମର ପିଚ୍ ଧିମା ବୋଲରଙ୍କୁ ସୁହାଏ। ଏଣୁ ଭାରତୀୟ ଦଳ ଟୁର୍ନାମେଣ୍ଟରେ ସର୍ବାଧିକ ୮ ଉଇକେଟ ନେଇଥିବା କୁଲଦୀପ ଯାଦବ, ଅକ୍ଷର ଓ ବରୁଣଙ୍କୁ ଖେଳାଇବ। ଯଦି ଅକ୍ଷର ଫିଟ୍ ନ ଥାନ୍ତି, ତେବେ ୱାଶିଂଟନ ସୁନ୍ଦର କିମ୍ବା ରିୟାନ ପରାଗଙ୍କୁ ଡାକରା ଦିଆଯିବ। ନଂ-୩ରେ ସଞ୍ଜୁ ସାମସନ ଓମାନ ବିପକ୍ଷରେ ଅର୍ଦ୍ଧଶତକ କରିଥିଲେ। ହେଲେ ତାଙ୍କ ବଦଳରେ ସୂର୍ଯ୍ୟ ଏହି ପୋଜିଶନରେ ବ୍ୟାଟିଂ କରିବେ। ଯଦି ପାୱାରପ୍ଲେ ମଧ୍ୟରେ ଅଭିଷେକ ଶର୍ମା ଆଉଟ୍ ହୁଅନ୍ତି, ତେବେ ବାମହାତୀ ତିଲକ ବର୍ମା ନଂ-୩ରେ ଆସିବେ।

ଅନିଶ୍ଚିତତା ପାଇଁ ଜଣାଯାଉଥିବା ପାକିସ୍ତାନର ବର୍ତ୍ତମାନ ଦଳରେ କ୍ୱାଲିଟିର ଅଭାବ ରହିଛି। ମୁଖ୍ୟତଃ ବ୍ୟାଟିଂ ବିଭାଗ ଦଳର ଦୁର୍ବଳତା। ଦଳର କୌଣସି ବ୍ୟାଟର ସ୍ପିନରଙ୍କୁ ପଢ଼ିପାରୁ ନାହାନ୍ତି। ଓପନର ସଇମ ଆୟୁବ ୩ଟି ମ୍ୟାଚ୍‌ରେ ରନଠାରୁ ଅଧିକ ଉଇକେଟ ନେଇଛନ୍ତି। କେବଳ ଫଖର ଜମାନ ଓ ଶାହିନ ଶାହ ଆଫ୍ରିଦି ଚଳିତ ଟୁର୍ନାମେଣ୍ଟରେ ଭଲ ବ୍ୟାଟିଂ କରିଛନ୍ତି। ଗତ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ୩ ସ୍ପିନରଙ୍କୁ ଖେଳାଇଥିଲା। କିନ୍ତୁ ରବିବାର ହାରିସ ରୌଫଙ୍କୁ ସାମିଲ କରାଯିବାର ବିଶେଷ ସମ୍ଭାବନା ରହିଛି।



ଖବରଦାତା ସମ୍ମିଳନୀରେ ସୂର୍ଯ୍ୟକୁମାର ଯାଦବ।

**ମ୍ୟାଚ୍ ସମୟ- ରାତି ୮ଟା**
**ସ୍ଥାନ - ଦୁବାଇ**
**ପ୍ରସାରଣ- ସୋନୀ ସ୍ପୋର୍ଟ୍ସ ନେଟୱର୍କ**

## ପାଇକ୍ରଫ୍ଟଙ୍କୁ ରେଫରି ଦାୟିତ୍ୱ

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି) ପୁଣି ଥରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇଭୋଲ୍ଟେଜ ଏସିଆ କପ୍ ସୁପର-୪ ମ୍ୟାଚ୍ ଲାଗି ମ୍ୟାଚ୍ ରେଫରି ଭାବେ ଆଣ୍ଡି ପାଇକ୍ରଫ୍ଟଙ୍କୁ ନିଯୁକ୍ତ କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଆଇସିସି ଏଭଳି ନିଷ୍ପତ୍ତି ନେଇଥିବା ସୂତ୍ରରୁ ଜଣାପଡ଼ିଛି। ତେବେ ମ୍ୟାଚ୍ ଅଫିସିଆଲଙ୍କ ତାଲିକା ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ଏସିଆ କପ୍ ଟୁର୍ନାମେଣ୍ଟ ଲାଗି ନିଯୁକ୍ତ ଅନ୍ୟ ରେଫରି ହେଉଛନ୍ତି ୱେଷ୍ଟଇଣ୍ଡିଜର ପୂର୍ବତନ ଅଧିନାୟକ ରିଚି ରିଚାର୍ଡସନ। ଗତ ରବିବାର ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ପଡ଼ୋଶୀଙ୍କ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ପାଇକ୍ରଫ୍ଟ ହିଁ ରେଫରି ଥିଲେ। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ପ୍ରତିପକ୍ଷ ଦଳ କିମ୍ବା ମ୍ୟାଚ୍ ଅଫିସିଆଲଙ୍କ ସହ ହାତ ନ ମିଳାଇବା ନିଷ୍ପତ୍ତି ନେଇଥିଲା। କିନ୍ତୁ ଟସ୍ ବେଳେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପରମ୍ପରା ପାଳନ ନ କରିବାରୁ ପାଇକ୍ରଫ୍ଟ ବିବାଦରେ ଫସି ଯାଇଥିଲେ। ଏଥିଯୋଗୁ ପାଇକ୍ରଫ୍ଟଙ୍କୁ ଟୁର୍ନାମେଣ୍ଟରୁ ହଟାଇବା ଲାଗି ପିସିବି ପକ୍ଷରୁ ଆଇସିସିକୁ ଦୁଇ ଥର ମେଲ୍ କରାଯାଇଥିଲା। ଉଭୟ ଅନୁରୋଧକୁ ଆଇସିସି ପ୍ରତ୍ୟାଖ୍ୟାନ କରିବା ସହ ପାଇକ୍ରଫ୍ଟ କିଛି ଭୁଲ୍ କରି ନ ଥିବା କୁହାଯାଇଥିଲା। ଏସିଆ କ୍ରିକେଟ କାଉନ୍‌ସିଲ (ଏସିସି)ର ଭେନ୍ୟୁ ମ୍ୟାନେଜର ଦେଇଥିବା ବାର୍ତ୍ତାକୁ ପାଇକ୍ରଫ୍ଟ ଉଭୟ ଅଧିନାୟକଙ୍କୁ ଜଣାଇଥିଲେ। ପରେ ଆଇସିସି ଦ୍ୱାରା ପାଇକ୍ରଫ୍ଟ ଓ ପାକିସ୍ତାନ ଦଳର ଅଧିନାୟକ ସଲମାନ ଅଲୀ ଆଘା, ମୁଖ୍ୟ କୋଚ୍ ମାଇକ ହେସନ ଓ ମ୍ୟାନେଜର ନବିଦ ଆକ୍ରମ ଚିମାଙ୍କ ସହ ଏକ ବୈଠକ କରାଯାଇଥିଲା, ଯେଉଁଠାରେ ସେ ଭୁଲ୍ ବୁଝାମଣା ଲାଗି କ୍ଷମାପ୍ରାର୍ଥନା କରିଥିଲେ।

### ଖବରଦାତା ସମ୍ମିଳନୀକୁ ଏଡ଼ାଇଲା ପାକିସ୍ତାନ

ପାକିସ୍ତାନ ଟିମ୍ ମ୍ୟାନେଜମେଣ୍ଟ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଖବରଦାତା ସମ୍ମିଳନୀରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛି। ପାଇକ୍ରଫ୍ଟଙ୍କ ନିଯୁକ୍ତି ସମ୍ପର୍କରେ ପ୍ରଶ୍ନରୁ ବର୍ତ୍ତିବା ପାଇଁ ପାକିସ୍ତାନ ପୁଣି ଥରେ ମ୍ୟାଚ୍ ପୂର୍ବରୁ ପ୍ରେସ୍ କନ୍‌ଫରେନ୍ସକୁ ବୟକଟ୍ କରିଦେଇଛି।



ଟୋକିଓ: ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୫,୦୦୦ ମିଟର ଫାଇନାଲରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ଓ ରୌପ୍ୟ ବିଜେତା କେନିଆର ବିଟ୍ରିସ ଚେବେଟେ ଓ ଫେଥ୍ କିପ୍‌ୟେଗନ ଖୁସି ମୁହୂର୍ତ୍ତରେ।

## ସୂର୍ଯ୍ୟକୁମାରଙ୍କୁ ଓମାନ ଅଧିନାୟକଙ୍କ ଧନ୍ୟବାଦ

ଆବୁଧାବି,୨୦।୯

ଓମାନ ବିପକ୍ଷ ମ୍ୟାଚ୍‌କୁ ୨୧ ରନରେ ଜିତିବା ପରେ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପ୍ରତିପକ୍ଷ ଦଳର ଖେଳାଳିଙ୍କ ସହ କଥା ହୋଇଥିଲେ। ପୂର୍ବତନ ୱାର୍ଲ୍ଡ ନଂ-୧ ଟି୨୦ ବ୍ୟାଟରଙ୍କ ଲାଗି ଓମାନ ଦଳର ସମସ୍ତ ଖେଳାଳି ତାଳି ମାରିଥିଲେ। ଏପରିକି ସମସ୍ତଙ୍କ ସହ ଫଟୋ ଉଠାଇଥିଲେ। ଏ ସମ୍ପର୍କରେ ଓମାନ ଅଧିନାୟକ ଜତିନ୍ଦର ସିଂ କହିଛନ୍ତି, ସେ ଆମ ସହ କଥା ହୋଇଥିବାରୁ ମୁଁ ତାଙ୍କ ନିକଟରେ କୃତଜ୍ଞ। ସେ କେବଳ କ୍ରିକେଟ ଓ ମୁଖ୍ୟତଃ ଟି୨୦ରେ କେଉଁ ଭଳି ଖେଳିବାକୁ ହୁଏ, ସେ ସମ୍ପର୍କରେ କଥା ହୋଇଥିଲେ। ଆମ ଖେଳାଳିମାନେ ତାଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ତାଙ୍କଠାରୁ ଉତ୍ତର ପାଇବା ପରେ ଖେଳାଳିଙ୍କୁ ସ୍ପଷ୍ଟତା ମିଳିଥିଲା। ସେ ଆମକୁ ଖୁବ ପ୍ରଶଂସା କରିଥିଲେ।

## ଗୁଲବୀର, ଅନୁ ଫାଇନାଲକୁ ଉନ୍ନୀତ ହୋଇପାରିଲେନି

### ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍

ଟୋକିଓ, ୨୦।୯ (ପି.ଟି.)

ଜାତୀୟ ରେକର୍ଡଧାରୀ ଗୁଲବୀର ସିଂ ଓ ଅନୁ ରାଣୀ ଯଥାକ୍ରମେ ଏଠାରେ ଚାଲିଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୫,୦୦୦ ମିଟର ରେସ୍ ଓ ମହିଳା ଜାଭେଲିନ୍ ଥ୍ରୋ'ର ଫାଇନାଲକୁ ଉନ୍ନୀତ ହୋଇପାରିନାହାନ୍ତି। ପୁରୁଷ ୫୦୦୦ ମିଟର ହିଟ୍-୨ରେ ଗୁଲବୀରଙ୍କ ଟାଇମିଂ ୧୩ ମିନିଟ ୪୨.୩୪ ସେକେଣ୍ଡ ରହିଥିଲା। ଚଳିତ ସିଜନରେ ଏହା ତାଙ୍କର ସବୁଠାରୁ ଖରାପ ପ୍ରଦର୍ଶନ ଥିଲା। ତାଙ୍କ ଜାତୀୟ ରେକର୍ଡ ଟାଇମିଂ ୧୨:୫୯.୭୭ଠାରୁ ମଧ୍ୟ ଏହା ନିମ୍ନରେ ରହିଥିଲା। ଦୁଇଟି ହିଟ୍‌ରୁ ଶ୍ରେଷ୍ଠ ୮ ମେଡାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ୩୯ ପ୍ରତିଯୋଗୀଙ୍କ ମଧ୍ୟରେ ସେ ଓଭର ଅଲ୍ ୨୭ତମ ସ୍ଥାନରେ ରହିଥିଲେ। ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ୧୦,୦୦୦ ମିଟର ରେସ୍‌ରେ ଗୁଲବୀର ୧୬ତମ ସ୍ଥାନରେ ରହିଥିଲେ। ଅନ୍ୟପକ୍ଷରେ ୩୩ ବର୍ଷୀୟା ଅନୁଙ୍କର ହେଉଛି ୫ମ ବିଶ୍ୱ ଚାମ୍ପିୟନଶିପ। କ୍ୱାଲିଫିକେଶନ ରାଉଣ୍ଡର ଗ୍ରୁପ୍ 'ଏ'ରେ ସେ ୧୫ତମ ସ୍ଥାନରେ ରହିଥିଲେ। ତାଙ୍କର ଶ୍ରେଷ୍ଠ ଥ୍ରୋ ୫୫.୧୮ ମିଟର ଥିଲା। ୩୬ ଆଥ୍‌ଲେଟଙ୍କ ମଧ୍ୟରେ ସେ ୨୯ତମ ସ୍ଥାନରେ ରହିଥିଲେ।

## ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ୍
## ଆର୍ଯ୍ୟନଙ୍କ ଚମତ୍କାର ପ୍ରଦର୍ଶନ



ଭୁବନେଶ୍ୱର, ୨୦।୯ (ବିଜୟ ରଣା)

ମାଳଦ୍ୱୀପରେ ଚଳିତ ମାସ ୧୫-୨୪ ପର୍ଯ୍ୟନ୍ତ ଚାଲିଥିବା ପ୍ରଥମ ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ୍ ପ୍ରତିଯୋଗିତାରେ ଆର୍ଯ୍ୟନ ଚମତ୍କାର ପ୍ରଦର୍ଶନ କରିଛନ୍ତି, ଯାହାଫଳରେ ଭାରତ ୨- ୧ ସେଟ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ଶ୍ରୀଲଙ୍କା ବିପକ୍ଷରେ ଖେଳିବ। ଆର୍ଯ୍ୟନଙ୍କ ଏହି ସଫଳତା ପାଇଁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ଡ. ଗଗନେନ୍ଦୁ ଦାଶ ଓ ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ ଓ କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ଆର୍ଯ୍ୟନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଭାରତୀୟ ଦଳର ନେତୃତ୍ୱ ନେବେ ଜ୍ୟୋତି

### ଜୁନିୟର ମହିଳା ହକି

ନୂଆଦିଲ୍ଲୀ, ୨୦।୯ (ପି.ଟି.)

ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଅଷ୍ଟ୍ରେଲିଆ ଟୁର୍ ପାଇଁ ମନୋନୀତ ୨୩ ଜଣିଆ ଜୁନିୟର ଭାରତୀୟ ମହିଳା ହକି ଦଳର ନେତୃତ୍ୱ ନେବେ ଡିଫେଣ୍ଡର ଜ୍ୟୋତି ସିଂ। ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ମ୍ୟାଚଗୁଡ଼ିକ କାନବେରାସ୍ଥିତ ନ୍ୟାଶନାଲ ହକି ସେଣ୍ଟରଠାରେ ଖେଳାଯିବ। ଭାରତୀୟ ଦଳ ଅଷ୍ଟ୍ରେଲିଆ ଜୁନିୟର ଦଳ ବିପକ୍ଷରେ ତିନୋଟି ଏବଂ ଅଷ୍ଟ୍ରେଲିଆର ହକି ୱାନ ଲିଗ୍‌ରେ ଭାଗ ନେଉଥିବା କ୍ଲବ କାନବେରା ଚିଲ୍ ସହିତ ଦୁଇଟି ମ୍ୟାଚ ଖେଳିବ। ଡିସେମ୍ବରରେ ଚିଲିର ସାଣ୍ଟିଆଗୋଠାରେ ଖେଳାଯିବାକୁଥିବା ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍ ୨୦୨୫ ପାଇଁ ଏହି ଟୁର୍‌କୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବିବେଚନା କରାଯାଉଛି। ଡିଫେଣ୍ଡର, ମିଡ୍‌ଫିଲ୍ଡର ଓ ଫରୱାର୍ଡରେ ସନ୍ତୁଳିତ ମିଶ୍ରଣ ବିଶିଷ୍ଟ ଏହି ଦଳର ନେତୃତ୍ୱ ନେବେ। ଜ୍ୟୋତି ଇତିମଧ୍ୟରେ ଚଳିତବର୍ଷ ପ୍ରାରମ୍ଭରେ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍‌ରେ ସିନିୟର ଦଳ ତରଫରୁ ଖେଳିସାରିଛନ୍ତି। ଡିଫେନ୍ସ ପାଇଁ ମନୀଷା, ଜ୍ୟୋତି ଲାଲ୍‌ଥାଣ୍ଟ ଲୁଆଙ୍ଗି, ମମିତା ଓରାମ, ସାକ୍ଷୀ ଶୁକ୍ଳା, ପୂଜା ସାହୁ ଏବଂ ନନ୍ଦିନୀଙ୍କୁ ମନୋନୀତ କରାଯାଇଛି। ମିଡ୍‌ଫିଲ୍ଡରରେ ପ୍ରିୟଙ୍କା ଯାଦବ, ସାକ୍ଷୀ ରାଣା, ଖାଇଦେମ ଶିଲିମା ଚାନୁ, ରଜନୀ କେରକେଟା, ବିନିମା ଧନ୍, ଇଶିକା, ସୁନେଲିତା ଟୋପ୍ପୋ ଓ ଅନିଶା ସାହୁ ଦାୟିତ୍ୱ ସମ୍ଭାଳିବାକୁ ଥିବାବେଳେ ଫରୱାର୍ଡ ଲାଇନ୍‌ରେ ଲାଲ୍‌ରିନ୍‌ପୁଇ, ନିଶା ମିଞ୍ଜ, ପୂର୍ଣ୍ଣିମା ଯାଦବ, ସୋନମ କନିକା ସିୱାଚ ଓ ସୁଖବୀର କୌର ରହିଛନ୍ତି।



ଜ୍ୟୋତି ସିଂ

## ଝିଲିଲତା ଲେଭଲ-୨ ଭଲିବଲ କୋଚ୍

### ଓଡ଼ିଶାର ପ୍ରଥମ

ଭୁବନେଶ୍ୱର, ୨୦।୯ (ବିଜୟ ରଣା)

ଝିଲିଲତା ସେଣ ଓଡ଼ିଶାର ପ୍ରଥମ ଏଫ୍‌ଆଇଭିବି ଲେଭଲ-୨ ମହିଳା ଭଲିବଲ୍ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଇଣ୍ଟରନ୍ୟାଶନାଲ ଭଲିବଲ୍ ଫେଡେରେଶନ (ଏଫ୍‌ଆଇଭିବି) ଅଧୀନରେ ବାହାରିନର ମାନାମାଠାରେ ସେପ୍ଟେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ବାହାରିନ ଭଲିବଲ ଆସୋସିଏଶନ ଅଧୀନରେ ଅୟୋଜିତ କୋଚିଂ ପାଠ୍ୟକ୍ରମ ସେ ଶେଷ କରିଛନ୍ତି। ଏଫ୍‌ଆଇଭିବି କୋଚିଂ ପାଠ୍ୟକ୍ରମ ଯଦିଓ ଲେଭଲ-୧ ସହ ଆରମ୍ଭ ହୋଇଥାଏ, ଝିଲିଲତା ଜଣେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ହୋଇଥିବାରୁ ସେ ସିଧାସଳଖ ଲେଭଲ-୨ ପାଠ୍ୟକ୍ରମରେ ଭର୍ତ୍ତି ହୋଇପାରି ଥିଲେ। ବର୍ତ୍ତମାନ ସେ ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ଏବଂ ସବୁଠାରୁ ଯୋଗ୍ୟତା ସମ୍ପନ୍ନ ମହିଳା ଭଲିବଲ କୋଚ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଝିଲିଲତା ବର୍ତ୍ତମାନ ଇଷ୍ଟକୋଷ୍ଟ ରେଲୱେର ଜଣେ କର୍ମଚାରୀ। ସେ ଭୁବନେଶ୍ୱରରେ ନିଯୁକ୍ତି ପାଇଛନ୍ତି। ଭାରତୀୟ ରେଲୱେ ଭଲିବଲ ଦଳର ସେ ଜଣେ ସହକାରୀ କୋଚ୍ ମଧ୍ୟ। ଏଫ୍‌ଆଇଭିବି ଲେଭଲ-୨ କୋଚିଂ ସାର୍ଟିଫିକେଟ ହାସଲ କରିବା ଦ୍ୱାରା ଏଣିକି ସେ ଜାତୀୟ ଦଳର କୋଚ୍ ଦାୟିତ୍ୱ ସମ୍ପାଦନ କରିପାରିବେ। ଝିଲିଲତା ଜଣେ ଖେଳାଳି ହିସାବରେ ତାଙ୍କ କ୍ୟାରିୟରରେ ୨୦୦୨ରୁ ୨୦୦୯ ପର୍ଯ୍ୟନ୍ତ ଭାରତୀୟ ଦଳରେ ପ୍ରତିନିଧିତ୍ୱ କରିଛନ୍ତି। ଦେଶ ପାଇଁ ସେ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିପାରିଛନ୍ତି।



## ମନ୍ଧାନାଙ୍କ ରେକର୍ଡ

ନୂଆଦିଲ୍ଲୀ,୨୦।୯(ପି.ଟି.)

ବିସ୍ଫୋରକ ଓପନର ସ୍ମୃତି ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ଶନିବାର ଖେଳାଯାଇଥିବା ତୃତୀୟ ଦିନିକିଆ ମ୍ୟାଚ୍‌ରେ ୫୦ ବଲରେ ଶତକ ପୂରଣ କରିଥିଲେ। ଏହା ମହିଳା ଦିନିକିଆ କ୍ରିକେଟ ଇତିହାସର ଦ୍ୱିତୀୟ ଦ୍ରୁତତମ ଶତକ ଥିଲା। ସେ କମ୍ ସଂଖ୍ୟକ ବଲରେ ଶତକ ହାସଲ କରିବାରେ ଅଷ୍ଟ୍ରେଲିଆର ପୂର୍ବତନ ବ୍ୟାଟର କାରେନ ରଲ୍ଟନଙ୍କୁ ପଛରେ ପକାଇଛନ୍ତି। ରଲ୍ଟନ ୨୦୦୦-୦୧ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫୭ ବଲରେ ଶତକ ପୂରଣ କରିଥିଲେ। ମହିଳା ଦିନିକିଆ କ୍ରିକେଟରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟିକା ମେଗ ଲାନିଂଙ୍କ ନାମରେ ରହିଛି। ସେ ୨୦୧୨-୧୩ ସିଜନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪୫ ବଲରେ ଶତକ ପୂରଣ କରିଥିଲେ। ୨୯ ବର୍ଷୀୟା ମନ୍ଧାନା ୬୩ ବଲରେ ୧୭ ଚୌକା ଓ ୫ ଛକା ସହାୟତାରେ ୧୨୫ ରନ କରି ଆଉଟ୍ ହୋଇଥିଲେ। ଏହା ତାଙ୍କର ୧୩ତମ ଦିନିକିଆ ଶତକ ଥିଲା।

## ସିରିଜ୍ ଜିତିଲା ଅଷ୍ଟ୍ରେଲିଆ

# ମନ୍ଧାନାଙ୍କ ବିସ୍ଫୋରକ ଶତକ ବୃଥା

ନୂଆଦିଲ୍ଲୀ,୨୦।୯

ସ୍ମୃତି ମନ୍ଧାନାଙ୍କ ବିସ୍ଫୋରକ ଶତକ ସତ୍ତ୍ୱେ ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ତଥା ହାଇସ୍କୋରିଂ ମହିଳା ଦିନିକିଆ ମ୍ୟାଚ୍‌ରେ ଭାରତ ୪୩ ରନରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇଛି। ଏହି ବିଜୟ ସହ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ ବ୍ୟବଧାନରେ ଜିତି ନେଇଛି। ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୪୧୩ ରନର ବିଶାଳ ଟାର୍ଗେଟ ଆଗରେ ଭାରତ ୩୬୯ ରନ କରିବାକୁ ସକ୍ଷମ ହୋଇଥିଲା।

ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ୪୭.୫ ଓଭରରେ ୪୧୨ ରନ କରି ଅଲଆଉଟ୍ ହୋଇଯାଇଥିଲା। ଏହା ଭାରତୀୟ ମହିଳା ଦଳ ବିପକ୍ଷରେ ଦିନିକିଆ ଫର୍ମାଟରେ ସର୍ବାଧିକ ଦଳଗତ ସ୍କୋର। ଅଷ୍ଟ୍ରେଲିଆ ପାଇଁ ବେଥ ମୁନି ୨୩ ଚୌକା ଓ ୧ ଛକା ସହିତ ୧୩୮ ରନ କରିଥିଲେ। ଏହା ତାଙ୍କର ଚତୁର୍ଥ ଦିନିକିଆ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ଭଲ ୮୧, ଏଲିସେ ପେରୀ ୬୮, ଆଶଲେ ଗାର୍ଡନର ୩୯ ରନ କରିଥିଲେ। ଭାରତ ପାଇଁ ବୋଲିଂରେ ଅରୁନ୍ଧତୀ ରେଡ୍ଡୀ ୩ ଉଇକେଟ ନେଇଥିବା ବେଳେ ରେଣୁକା ସିଂ ଓ ଦୀପ୍ତି ଶର୍ମା ୨ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଭାରତ ୪୭ ଓଭରରେ ୩୬୯ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସ୍ମୃତି ମନ୍ଧାନା ୬୩ ବଲରେ ୧୭ ଚୌକା ଓ ୫ ଛକା ସହିତ ୧୨୫ ରନ କରିଥିଲା। ଏହା ତାଙ୍କର ୧୩ତମ ଶତକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୀପ୍ତି ଶର୍ମା ୭୨, ହରମନପ୍ରୀତ କୌର ୫୨, ସ୍ନେହ ରାଣା ୩୫ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କିମ ଗାର୍ଥ ୩ ଓ ମେଗାନ ସ୍କଟ ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ: ୪୭.୫ ଓଭରରେ ୪୧୨/ଅଲଆଉଟ୍(ବେଥ ମୁନି-୧୩୮, ଜର୍ଜିଆ ଭଲ-୮୧, ଏଲିସେ ପେରୀ-୬୮, ଅରୁନ୍ଧତୀ ରେଡ୍ଡୀ-୩/୮୬, ଦୀପ୍ତି ଶର୍ମା-୨/୭୫)। ଭାରତ: ୪୭ ଓଭରରେ ୩୬୯/ଅଲଆଉଟ୍ (ସ୍ମୃତି ମନ୍ଧାନା-୧୨୫, ଦୀପ୍ତି ଶର୍ମା-୭୨, ହରମନପ୍ରୀତ କୌର-୫୨, ସ୍ନେହ ରାଣା-୩୫, କିମ ଗାର୍ଥ-୩/୬୯, ମେଗାନ ସ୍କଟ-୨/୫୩)।





ଶତକ ହାସଲ ପରେ ଭାରତର ସ୍ମୃତି ମନ୍ଧାନା ଓ ଅଷ୍ଟ୍ରେଲିଆର ବେଥ ମୁନି।

### ପିଙ୍କ୍ ଜର୍ସିରେ ଖେଳିଲା ଭାରତ

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ପିଙ୍କ୍ ଜର୍ସି ପରିଧାନ କରିଥିଲା। ସ୍ତନ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଭାରତୀୟ ଦଳ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା।

## ସାତ୍ୱିକ-ଚିରାଗ ଫାଇନାଲରେ

ଶେନଝେନ୍ (ଚାଇନା), ୨୦।୯ (ପି.ଟି.)

ଷ୍ଟାର ଭାରତୀୟ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପୂର୍ବତନ ବିଶ୍ୱ ଚାମ୍ପିୟନ ମାଲେସିଆର ଆରୋନ ଚିଆ ଓ ସୋହ୍ ୱଇ ୟିକ୍‌ଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଚାଇନା ମାଷ୍ଟର୍ସ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ସେମାନଙ୍କର କ୍ରମାଗତ ଦ୍ୱିତୀୟ ଫାଇନାଲ। ନିକଟରେ ବିଶ୍ୱ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ଜିତିବା ସହ ଗତ ସପ୍ତାହରେ ହଂକଂ ଓପନରେ ରନରଅପ୍ ତଥା ଏସିଆନ ଗେମ୍ସ ଚାମ୍ପିୟନ ଏହି ଭାରତୀୟ ଯୋଡ଼ି ସେମାନଙ୍କର ଦୀର୍ଘଦିନର ପ୍ରତିଦ୍ୱନ୍ଦ୍ୱୀ ଆରୋନ ଓ ସୋହ୍‌ଙ୍କୁ ୨୧-୧୭, ୨୧-୧୪ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ପୂର୍ବରୁ ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସାତ୍ୱିକ ଓ ଚିରାଗଙ୍କ ହେଡ୍-ଟୁ-ହେଡ୍ ରେକର୍ଡ ୪-୧୧ ରହିଥିଲା, ଯେଉଁ ଯୋଡ଼ି ହେଉଛନ୍ତି ଦୁଇଥର ଅଲିମ୍ପିକ ବ୍ରୋଞ୍ଜ ବିଜେତା। ତେବେ ଭାରତୀୟ ଯୋଡ଼ି ନିକଟରେ ପ୍ୟାରିସରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଆରୋନ ଓ ସୋହ୍‌ଙ୍କୁ ପଛରେ ପକାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଫେଷ୍ଟିଭ୍ ଅଫର




ପାର୍ବଣ ଋତୁରେ ଶପିଂ କରିବାକୁ ସମସ୍ତେ ଚାହିଁ ରହିଥାନ୍ତି। ଆଉ ଯଦି କିଣିବାକୁ ଇଚ୍ଛାଥିବା ଯେକୌଣସି ସାମଗ୍ରୀ ଉପରେ ଭଲ ଡିସ୍କାଉଣ୍ଟ ମିଳିଯାଏ, ତେବେ ସୁଯୋଗକୁ କିଏ ବା ହାତଛଡ଼ା କରିବାକୁ ଚାହିଁବ ! ହେଲେ କେବେକେବେ ସେଲ୍ କିମ୍ବା ସ୍ପେଶାଲ୍ ଡିସ୍କାଉଣ୍ଟ ଅଫର୍ ନିଶାରେ ଆଗପଛ ବିଚାର ନ କରି ହଠାତ୍ ସାମଗ୍ରୀ କିଣି ନେଇ ଅନେକେ ଠକାମିର ଶିକାର ହୋଇଥିବାର ନଜିର ରହିଛି। କାରଣ ଫେଷ୍ଟିଭ୍ ସିଜନ୍‌ରେ ବିଭିନ୍ନ ସାମଗ୍ରୀ ଉପରେ ସ୍ପେଶାଲ୍ ଡିସ୍କାଉଣ୍ଟ, ଅନ୍ୟାନ୍ୟ ଆକର୍ଷଣୀୟ ଅଫର ଦେଇ ଗ୍ରାହକଙ୍କୁ ଆକୃଷ୍ଟ କରିବା ଅନେକ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଏକ ଚାଲ୍ ହୋଇଥାଏ। ତେଣୁ ଅନ୍‌ଲାଇନ୍‌ରେ ହେଉ ଅବା ଅଫ୍‌ଲାଇନ୍‌ରେ ଫେଷ୍ଟିଭ୍ ଅଫର ଦେଖି ଶପିଂ କରୁଥିଲେ କେତେକ ଦିଗ ପ୍ରତି ସଜାଗ ରହିବା ନିହାତି ଆବଶ୍ୟକ।

**ଜାଣିରଖନ୍ତୁ:**

❖ପ୍ରଥମେ ଶପିଂ ପୂର୍ବରୁ ନିଜର ଆବଶ୍ୟକ ସାମଗ୍ରୀର ଏକ ଲିଷ୍ଟ କରିନିଅନ୍ତୁ ଏବଂ ସର୍ବୋପରି ବଜେଟ ସେଟ୍ କରନ୍ତୁ, ଅର୍ଥାତ୍ କେତେ ଟଙ୍କା ଭିତରେ ଶପିଂ କରିବେ ନିର୍ଦ୍ଧାରିତ କରି ରଖନ୍ତୁ। ଅଫର୍ ଦେଖି ଛୋଟ ଛୋଟ ଜିନିଷ ବିଶେଷକରି ଅଳ୍ପ ଦାମ୍‌ର ଜିନିଷ କିଣିବା ବେଳେ ବଜେଟ ଉପରେ ବି ଧ୍ୟାନ ଦିଅନ୍ତୁ। କାରଣ ଗୋଟିଏ ଗୋଟିଏ ଜିନିଷ କିଣିବା ଭିତରେ କେତେବେଳେ ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚ ହୋଇଯାଏ ଜଣାପଡ଼େନାହିଁ। ତେଣୁ ଭଲ ଲାଗୁଥିବା ସବୁ ଜିନିଷ ବଦଳରେ କେଉଁସବୁ ସାମଗ୍ରୀ ବାସ୍ତବରେ ଜରୁରୀ ଏକ ଲିଷ୍ଟ ପ୍ରସ୍ତୁତ କରି କିଣନ୍ତୁ।

**ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ବର୍ତ୍ତମାନ ଶପିଂ ମଲ୍, ଛୋଟ ବଡ଼ ଦୋକାନ ଏବଂ ଅନ୍‌ଲାଇନ୍ ଶପିଂ ସାଇଟ୍‌ଗୁଡ଼ିକରେ ଡ୍ରେସ୍‌ଠୁ ଆରମ୍ଭ କରି ଇଲେକ୍‌ଟ୍ରୋନିକ୍ସ ଏବଂ ଅନ୍ୟାନ୍ୟ ସାମଗ୍ରୀ ଉପରେ ପୂଜା ପାଇଁ ମିଳୁଛି ସ୍ପେଶାଲ୍ ଡିସ୍କାଉଣ୍ଟ। ଆଉ ଏହି ଫେଷ୍ଟିଭ୍ ଅଫରର ଭରପୂର ଫାଇଦା ନେବାକୁ ବେଶ୍ ଉତ୍କଣ୍ଠିତ ଯୁବପିଢ଼ି। ହେଲେ ଅଫର ନିଶାରେ କେବେକେବେ ଠକାମିର ଶିକାର ହେବାକୁ ପଡ଼ିଥାଏ। ତେଣୁ ଫେଷ୍ଟିଭ୍ ଅଫରରେ ଶପିଂ କରିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ...**







❖ଫେଷ୍ଟିଭ୍ ଅଫର୍ ନିର୍ଦ୍ଦିଷ୍ଟ ସମୟ ପାଇଁ ଥିବାରୁ ଗ୍ରାହକଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ବିଭିନ୍ନ ସାମଗ୍ରୀରେ ଲାଷ୍ଟ ଡେଟ୍, ଲିମିଟେଡ୍ ଡିସ୍କାଉଣ୍ଟ ଅଫର୍, ରିହାତି, ମାଗଣା ଉପହାର ଆଦି ଭଳି ବିଭିନ୍ନ ଅଫର ଦିଆଯାଇଥାଏ, ଯାହାକୁ ଦେଖିବାମାତ୍ରେ ଅନେକେ ଅଫର ହାତଛଡ଼ା ନ ହୋଇଯିବା ଲୋଭରେ କାଳବିଳମ୍ବ ନ କରି ଶୀଘ୍ର କିଣିନିଅନ୍ତି। ଫଳରେ ସେମାନେ ଅଫର୍‌ରେ ଶସ୍ତାରେ ପାଇଯିବା ଆଳରେ ଠକାମିର ଶିକାର ହୋଇଥା'ନ୍ତି। ତେଣୁ ଠକାମିର ଶିକାର ନ ହେବା ଲାଗି ଅନ୍ୟ ଦୋକାନ କିମ୍ବା ଅନ୍‌ଲାଇନ୍ ସାଇଟ୍‌ରେ ଏହାର ମୂଲ୍ୟ କେତେ ରହିଛି ଦେଖିବା ପରେ ହିଁ କିଣନ୍ତୁ। କାରଣ କେବେବେଳେ ପ୍ରଡକ୍ଟ ଉପରେ ଅଧିକ ଦାମ୍ ଲେଖାଯାଇ ଅଫର୍ ଦିଆଯାଇଥାଏ ଏବଂ ଡିସ୍କାଉଣ୍ଟ ଦାମ୍ ହିଁ ଉକ୍ତ ସାମଗ୍ରୀର ପ୍ରକୃତ ଦାମ୍ ହୋଇଥାଏ।

❖ଯୁବପିଢ଼ି ସାଧାରଣତଃ ଡ୍ରେସ୍, ଜୋତା, ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କିଣିବା ପ୍ରତି ବେଶି ଆଗ୍ରହୀ, ଯାହାକୁ ଦୃଷ୍ଟିରେ ରଖି ଏହିସବୁ ସାମଗ୍ରୀରେ ଅଧିକ ଡିସ୍କାଉଣ୍ଟ କିମ୍ବା ବିଭିନ୍ନ ଆକର୍ଷଣୀୟ ଅଫର୍ ଦିଆଯାଇଥାଏ। ହେଲେ କେବେକେବେ ଷ୍ଟକ୍ ମାଲ୍‌ଗୁଡ଼ିକୁ ଶୀଘ୍ର ବିକ୍ରି ହେବା ଲାଗି ମଧ୍ୟ ଅଫର୍ ଦିଆଯାଇଥାଏ। ତେଣୁ କିଣିବା ପୂର୍ବରୁ ଏହାର ଫେବ୍ରିକ୍ ବା ମ୍ୟାଟେରିଆଲ୍ କ୍ୱାଲିଟି ଯାଞ୍ଚ କରନ୍ତୁ। ଅନ୍‌ଲାଇନ୍‌ରେ କିଣୁଥିଲେ ଅନ୍ୟ ଗ୍ରାହକମାନଙ୍କ ରିଭ୍ୟୁ କ'ଣ ରହିଛି, ରେଟିଂ କେତେ ପଢ଼ନ୍ତୁ।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅଧିକାଂଶ ଡିସ୍କାଉଣ୍ଟ ଅଫର୍ ଥିବା ବା ସେଲ୍‌ରେ ଥିବା ଆଇଟମ୍‌ରେ ରିଟର୍ନ କିମ୍ବା ରିଫଣ୍ଡ ଅପ୍ସନ ନ ଥାଏ। ତେଣୁ ବିଭିନ୍ନ ସାମଗ୍ରୀ ଉପରେ କିଛି ନିର୍ଦ୍ଦିଷ୍ଟ ପ୍ରତିଶତ ରିହାତି, ବାଏ ୱାନ୍ ଗେଟ୍ ୱାନ୍ ଫ୍ରି, ଲକି ଡ୍ର କୁପନ୍, କ୍ୟାଶ୍ ବ୍ୟାକ୍ ଅଫର୍ ଆଦି ଦେଖିବାମାତ୍ରେ ଲୋଭରେ ଆଗ ପଛ ବିଚାର ନ କରି ଜିନିଷ କିଣି ନିଅନ୍ତୁ ନାହିଁ। ପ୍ରଥମେ ଏଥିରେ ଥିବା ବିଭିନ୍ନ ସର୍ତ୍ତାବଳୀ ବା ଟର୍ମ ଆଣ୍ଡ କଣ୍ଡିଶନ୍ସ ପଢ଼ନ୍ତୁ। ନଚେତ୍ ପରବର୍ତ୍ତୀ ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ସେହିପରି ଅନ୍‌ଲାଇନ୍ ଶପିଂ କରୁଥିଲେ ପେମେଣ୍ଟ କରିବା ପୂର୍ବରୁ କ୍ୟାଶ୍ ଅନ୍ ଡେଲିଭରର ସୁବିଧା ଅଛି କି ନାହିଁ ଜାଣିବା ପରେ ଅର୍ଡର କରନ୍ତୁ। ନଚେତ୍ ଥରେ କିଣିବା ପରେ ସାମଗ୍ରୀ ପସନ୍ଦ ନ ହେଲେ ନା ଆପଣ ଏହାକୁ ବଦଳାଇପାରିବେ ନା ଟଙ୍କା ଫେରସ୍ତ ପାଇପାରିବେ।

❖ଯଦି ଅନ୍‌ଲାଇନ୍ ସାଇଟ୍‌ରେ ଶପିଂ କରୁଛନ୍ତି, ତେବେ ଅନ୍‌ନୋନ୍ ଶପିଂ ସାଇଟ୍ କିମ୍ବା ହ୍ୱାଟ୍ସଆପ୍‌ରେ ଆସୁଥିବା ଶପିଂ ଅଫର୍‌ରେ ଜିନିଷ କିଣିବାଠୁ ଦୂରେଇ ରହନ୍ତୁ। ବିଶେଷକରି ପର୍ସନାଲ୍ ଡାଟା ମାଗୁଥିବା କିମ୍ବା ସ୍କାନ୍ କୋଡ୍ ଆଦି ସାହାଯ୍ୟରେ ପେମେଣ୍ଟ ଅପ୍ସନ୍ ମାଗୁଥିବା ସାଇଟ୍‌ରୁ ଶପିଂ କଲେ ଠକାମିର ଶିକାର ହୋଇପାରନ୍ତି, ସେଥିପ୍ରତି ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ।

**ସେଲ୍ସ ସମୟରେ ଦିଆଯାଇଥିବା ଅଫର୍‌ର ଅର୍ଥ...**

**ଅପ୍ ଟୁ ୭୦% ଅଫ୍:** ଅନେକେ ଏହି ଅଫର ଦେଖିବା ମାତ୍ରେ ୭୦% ଅଫ୍ ଭାବି ଜିନିଷ କିଣିବା ଆରମ୍ଭ କରିଦିଅନ୍ତି ଏବଂ ବିଲ୍ କରିବାବେଳେ ଅସୁବିଧାର ସମ୍ମୁଖୀନ ହୋଇଥା'ନ୍ତି। ତେବେ ଏହି ଅଫର୍‌ର ଅର୍ଥ ହେଉଛି ଭିନ୍ନ ଭିନ୍ନ ପ୍ରଡକ୍ଟ ଉପରେ ୭୦% ପର୍ଯ୍ୟନ୍ତ ରିହାତି, ତାହା ୫%, ୧୦% ରୁ ୭୦% ପର୍ଯ୍ୟନ୍ତ କିଛି ବି ହୋଇପାରେ।

**ଫ୍ଲାଟ୍ ୩୦%:** ଯେଉଁଠି ଫ୍ଲାଟ୍ ଲେଖାଯାଇଥାଏ, ଏହାର ଅର୍ଥ ସେଠାରେ ଥିବା ସବୁ ପ୍ରଡକ୍ଟ ଉପରେ ଲେଖାଯାଇଥିବା ରିହାତି ପ୍ରତିଶତ ସମାନ।

**ଫ୍ଲାଶ୍ ସେଲ୍:** ଏହି ଅଫର୍ ଅଧିକ ଡିସ୍କାଉଣ୍ଟ ସହିତ ଥାଏ, ଯାହାକି ଖୁବ୍ କମ୍ ସମୟ ପାଇଁ ଅର୍ଥାତ୍ ମାତ୍ର କିଛି ଘଣ୍ଟା କିମ୍ବା ଗୋଟିଏ ଦିନ ପାଇଁ ରହିଥାଏ। ଏଥିରେ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଅଳ୍ପ ସମୟରେ ଅଧିକ ବିକ୍ରି ଟାର୍ଗେଟ୍ ରହିଥାଏ।

**କ୍ଲିଅରାନ୍ସ ସେଲ୍:** ଏଥିରେ ଅଧିକ ଡିସ୍କାଉଣ୍ଟ ଦେଖି ଗ୍ରାହକ ଏକାଧିକ ସାମଗ୍ରୀ କିଣି ନିଅନ୍ତି। ହେଲେ ଏହାର ଅର୍ଥ ହେଉଛି ଏଣ୍ଡ ଅଫ୍ ଷ୍ଟକ୍ ସେଲ୍ ବା ଷ୍ଟକ୍ ରହିଯାଇଥିବା ସାମଗ୍ରୀକୁ ଶସ୍ତାରେ ଗ୍ରାହକଙ୍କୁ ବିକ୍ରୟ କରିବା, ଯେଉଁଥିରେ ସାଧାରଣତଃ ଏକ୍ସଚେଞ୍ଜ ଏବଂ ରିଟର୍ନ ସୁବିଧା ଉପଲବ୍ଧ ନ ଥାଏ।

**ବାଏ ୱାନ୍ ଗେଟ୍ ୱାନ୍ ଫ୍ରି:** ଏହା ମଧ୍ୟ ଗ୍ରାହକଙ୍କୁ ଆକୃଷ୍ଟ କରିବାର ଏକ ବଡ଼ ବିଜନେସ୍ ଷ୍ଟ୍ରାଟେଜି, ଯେଉଁଥିରେ ପ୍ରଥମ ପ୍ରଡକ୍ଟର ଦାମ ଯଥେଷ୍ଟ ଅଧିକ କରାଯାଇ ଦ୍ୱିତୀୟକୁ ସେଥିରେ ଫ୍ରି କରାଯାଇଥାଏ।







## ଏ ସପ୍ତାହର ପ୍ରଶ୍ନ ?

୧– ଟିପେଶ୍ୱର ଅଭୟାରଣ୍ୟ .......... ରାଜ୍ୟରେ ଅବସ୍ଥିତ ?
୨– ୱାର୍ଲ୍ଡ ଇଣ୍ଟେଲେକ୍ଚୁଆଲ୍ ପ୍ରପର୍ଟି ଅର୍ଗାନାଇଜେଶନ୍ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗ୍ଲୋବାଲ୍ ଇନୋଭେଶନ୍ ଇଣ୍ଡେକ୍ସ ୨୦୨୫ରେ ଭାରତର ର୍‍ୟାଙ୍କ୍ ........... ରହିଛି ?
୩– ୫ମ କୋଷ୍ଟ ଗାର୍ଡ ଗ୍ଲୋବାଲ୍ ସମିତି ......... ଠାରେ ଆୟୋଜନ ହେବ ?
୪– ନାଟ୍ରନ୍ ହ୍ରଦ .......... ଏବଂ ........... ଦୁଇ ଦେଶର ସୀମାରେ ଅବସ୍ଥିତ ?
୫– ବିଶ୍ୱ ଛାତ୍ର ଦିବସ ........... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ ଆମେରିକା
୨ ତାମିଲନାଡୁ
୩ ଅପରେଶନ୍ ବ୍ଲାକ୍ ଫରେଷ୍ଟ
୪ ପ୍ରଧାନମନ୍ତ୍ରୀ ଆବାସ ଯୋଜନା– ଅର୍ବାନ ୨.୦
୫ ସୈଦ୍ ଅମୀର୍ ଅଲି

## ଉତ୍ତର ଦାତା


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର


ଚିନ୍ତାମଣି ବିଶାଳ, ବରଗଡ଼

## ଟପ୍ ଟେନ୍ ୧୦

### ପୃଥିବୀର ବଡ଼ ପ୍ଲାନେଟାରିୟମ



୧– ସେଣ୍ଟ ପିଟର୍ସବର୍ଗ ପ୍ଲାନେଟାରିୟମ୍........ ରୁଷିଆ
୨– ନାଗୋୟା ସିଟି ସାଇନ୍ସ ମ୍ୟୁଜିୟମ୍ ........ ଜାପାନ
୩– ଜେନିଫର୍ ଚାଲ୍‌ଷ୍ଟି ପ୍ଲାନେଟାରିୟମ୍ ........ ଆମେରିକା
୪– ଜେଇସ୍ ମେଜର ପ୍ଲାନେଟାରିୟମ୍ ............................ ଜର୍ମାନୀ
୫– ବିର୍ଲା ପ୍ଲାନେଟାରିୟମ୍ ............................ କୋଲକାତା, ଭାରତ
୬– ପ୍ଲାନେଟାରିୟମ୍ ଅଫ୍ ରୟାଲ୍ ଅବ୍‌ଜର୍ଭେଟୋରି........... ବେଲ୍‌ଜିୟମ୍
୭– ମୋରିସନ୍ ପ୍ଲାନେଟାରିୟମ୍ ............................ କାଲିଫର୍ନିଆ
୮– ସାମୁଏଲ୍ ଅଶ୍ଚିନ୍ ପ୍ଲାନେଟାରିୟମ୍........................ ଆମେରିକା
୯– ଆଡ୍‌ଲର୍ ପ୍ଲାନେଟାରିୟମ୍ ............................ ଆମେରିକା
୧୦– ହୋଠନ୍ ପ୍ଲାନେଟାରିୟମ୍ ............................ ଆମେରିକା

ଜାଣନ୍ତୁ ଦୁନିଆ

## ପୃଥିବୀର ସବୁଠୁ ଶକ୍ତିଶାଳୀ ରକେଟ୍

**ସ୍ପେସ୍‌ଏକ୍ସର ଷ୍ଟାରଶିପ୍ ହେଉଛି ପୃଥିବୀର ସବୁଠୁ ଶକ୍ତିଶାଳୀ ରକେଟ୍, ଯେଉଁଥିରେ ରକେଟ୍ ସହିତ ସ୍ପେସ୍‌ଶିପ୍ ମଧ୍ୟ ରହିଛି। ଏହି ରକେଟ୍ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରିଲେ ସ୍ପେସ୍ ସାଇଣ୍ଟିଷ୍ଟଙ୍କ ସହ ପୃଥିବୀବାସୀଙ୍କ ପାଇଁ ଏକ ବଡ଼ ସଫଳତା ହୋଇପାରିବ ଏବଂ ଅନ୍ୟ ଗ୍ରହରେ ଜନବସତି ସ୍ଥାପନାର ସ୍ୱପ୍ନ ଶାକାର ହୋଇପାରିବ। ଜାଣନ୍ତୁ ଏହା ସମ୍ପର୍କରେ କିଛି ତଥ୍ୟ...**

– ୧୨୦ ମିଟର (୩୯୮ଫୁଟ) ଉଚ୍ଚତା ବିଶିଷ୍ଟ ଏହି ରକେଟ୍‌ର ୧୦୦ରୁ ୧୫୦ ଟନ୍ ଓଜନର ସାମଗ୍ରୀ ବହନ କରିବାର କ୍ଷମତା ରହିଛି।

– ଏହି ରକେଟ୍‌ର ଦୁଇଟି ଭାଗ ରହିଛି। ତଳ ଭାଗ ହେଉଛି ସୁପର ହେଭି ବୁଷ୍ଟର, ଯେଉଁଥିରେ ୩୩ଟି ୭୧ ମିଟର ଉଚ୍ଚ ଏବଂ ୯ ମିଟର ଗୋଲେଇ ବିଶିଷ୍ଟ ୩୩ଟି ରାପ୍ଟର ଇଞ୍ଜିନ୍ ରହିଛି, ଯାହାକି ରକେଟ୍‌କୁ ଜୋର୍ ବଳ ପ୍ରୟୋଗ କରି ଉପରକୁ ଠେଲିଥାଏ। ଦ୍ୱିତୀୟ ଭାଗ ବା ଉପର ଅଂଶ ହେଉଛି ପେଲୋଡ୍ ବା କ୍ରୁ କ୍ୟାରିଂ ଭର୍ସନ, ଯାହାକି ମହାକାଶଚାରୀ, ବୈଜ୍ଞାନିକ ଏବଂ ବିଭିନ୍ନ ଯାନ୍ତ୍ରିକ ଉପକରଣ ବହନ କରିଥାଏ। ଏଥିରେ ପ୍ରାୟ ୧୦୦ ଜଣ ପର୍ଯ୍ୟନ୍ତ ଯାତ୍ରା କରିପାରିବାର କ୍ଷମତା ରହିଛି।

– ଏହି ରକେଟ୍ ସମ୍ପୂର୍ଣ୍ଣ ଭାବେ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ରେ ପ୍ରସ୍ତୁତ କରାଯାଇଛି। ଏହି ରକେଟ୍‌ର ସବୁଠୁ ଭଲ କଥା ହେଲା ଏହା ପୁନଃ ବ୍ୟବହାର ଉପଯୋଗୀ। ଏହା ଥରେ ସ୍ପେସ୍‌କୁ ଯାଇ ଫେରିବା ପରେ ପୁଣିଥରେ ଯାଇପାରିବ। ଏଥିରେ କକ୍ଷପଥରେ ଇନ୍ଧନ ପୁନର୍ବାର ଭର୍ତ୍ତି କରିବାର ସୁବିଧା ରହିଛି।

– ସ୍ପେସ୍‌ଏକ୍ସର ହେଡ୍‌କ୍ୱାର୍ଟରରେ ଏହାର ନିର୍ମାଣ କାର୍ଯ୍ୟ ସହିତ ପରୀକ୍ଷଣ ମଧ୍ୟ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଏହା ୧୦ ଥର ପରୀକ୍ଷଣ କରାଯାଇ ସାରିଛି, ଯେଉଁଥିରୁ କେତେକ ପରୀକ୍ଷଣ ଅସଫଳ ମଧ୍ୟ ରହିଥିଲା। ହେଲେ ଏଲନ୍ ମସ୍କଙ୍କ କହିବା ଅନୁଯାୟୀ, ୬ ମାସ ମଧ୍ୟରେ ଷ୍ଟାରଶିପ୍ ସମ୍ପୂର୍ଣ୍ଣ ସଫଳ ପରୀକ୍ଷଣ ହୋଇପାରିଲେ ଏହା ଚନ୍ଦ୍ର ଏବଂ ମଙ୍ଗଳକୁ ଯାତ୍ରା କରିପାରିବ। ଆଗାମୀ ୨୦୫୦ ସୁଦ୍ଧା ମଙ୍ଗଳ ଗ୍ରହରେ ଏକ ସିଟି ନିର୍ମାଣର ସ୍ୱପ୍ନ ସାକାର ହୋଇପାରିବ। ପୃଥିବୀରେ ମଧ୍ୟ ଏହା ଯୋଗୁ ତୀବ୍ର ଗତିରେ ଯାତାୟାତ ସହଜ ହୋଇପାରିବ।



ୟୁଥ୍ ଆଲର୍ଟ

## କାନରେ ପାଣି ପଶିଗଲେ

**ଗାଧୋଇବା କିମ୍ବା ପହଁରିବା ବେଳେ କେବେକେବେ କାନରେ ପାଣି ପଶିଯିବା ଏକ ସାଧାରଣ କଥା। ଏହାଦ୍ୱାରା କାନ ଭାରି ଲାଗିବା, କୁଣ୍ଡେଇ ହେବା କିମ୍ବା ତାବ୍‌ଦା ଲାଗିବା ଭଳି ଲକ୍ଷଣ ଦେଖାଦିଏ ଏବଂ ପାଣି ବାହାରିଗଲେ ବା ପୋଛି ଦେଲେ କାନ ସାଧାରଣ ଅବସ୍ଥାକୁ ଚାଲିଆସେ। ହେଲେ କେବେକେବେ ଏହାକୁ ଠିକ୍ ଭାବେ ସଫା ନ କଲେ କିମ୍ବା ଅଣଦେଖା କଲେ କାନରେ ଇନ୍‌ଫେକ୍ଶନ ହୋଇ ଜଟିଳ ସମସ୍ୟା ବି ସୃଷ୍ଟି ହୋଇପାରେ। ଜାଣିରଖନ୍ତୁ କାନରେ ପାଣି ପଶିଗଲେ କ'ଣ କରିବେ...**

➔ଯେଉଁ କାନରେ ପାଣି ପଶିଛି, ସେହି ପାଖ ମୁଣ୍ଡକୁ ତଳକୁ କରି କାନ ଉପରେ ପାପୁଲି ରଖି କିଛି ସମୟ ଚାପି ଧରନ୍ତୁ ଏବଂ ଛାଡ଼ି ଦିଅନ୍ତୁ, ଦେଖିବେ ପାଣି ବାହାରି ଆସିବ।

➔ଏପରି ନ ବାହାରିଲେ ମୁଣ୍ଡକୁ ପୂର୍ବ ଅବସ୍ଥାରେ ନୁଆଁଇ ରଖି କାନ ଫରିକୁ ଧୀରେ ଧୀରେ ହଲାନ୍ତୁ। ଏହାଦ୍ୱାରା କାନର ନଳୀ ସିଧା ହୋଇ ପାଣି ବାହାରି ଆସିବ।

➔ଶୁଖିଲା କପଡ଼ାରେ ଧୀରେ ଧୀରେ କାନକୁ ପୋଛି ଆଣନ୍ତୁ। ଏପରି କଲେ ମଧ୍ୟ ପାଣି ଶୁଖିଯିବ ଏବଂ ଫଙ୍ଗାଲ୍ ଇନ୍‌ଫେକ୍ଶନ ହେବ ନାହିଁ। ମନେରଖନ୍ତୁ, ଏହା ଯେପରି କାନ ଭିତରକୁ ଆଦୌ ନ ଯାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

➔ପାଣି ଭିତରକୁ ଥିଲେ ଏପରି କଲେ ବି କୌଣସି ଉପକାର ମିଳି ନ ଥାଏ। ଏମିତିରେ ହେୟାର୍ ଡ୍ରାୟର ମଧ୍ୟ କାମରେ ଆସିପାରେ। ଏଥିପାଇଁ ହେୟାର୍ ଡ୍ରାୟରକୁ ଲୋ ହିଟ୍ ମୋଡ୍‌ରେ ସେଟ୍ କରି କାନଠାରୁ ଏକ ଫୁଟ୍ ଦୂରରେ ରଖି ଅନ୍ କରନ୍ତୁ। ହାଲୁକା ଗରମ ପବନ ବାଜିଲେ କାନରେ ପଶି ରହିଥିବା ପାଣି ବାହାରି ଆସିବ ଏବଂ କାନ ଭିତରେ ଓଦା ନ ରହି ଶୀଘ୍ର ଶୁଖି ମଧ୍ୟ ଯିବ। ହେଲେ ଏଥିପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ନିଜେ ହେୟାର ଡ୍ରାୟର ନ ଧରି ଅନ୍ୟର ସାହାଯ୍ୟ ନେବା ଭଲ।





➔ଯଦି ଏହିସବୁ ଉପାୟ ପରେ ବି କାନରୁ ପାଣି ନ ବାହାରେ କିମ୍ବା କାନରେ ଯନ୍ତ୍ରଣା ଅନୁଭବ ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ଇୟର ଡ୍ରପ୍ ପକାଇପାରିବେ କିମ୍ବା ଡାକ୍ତରଖାନାରେ ପାଣି ବାହାର କରିପାରିବେ।

➔ମନେରଖନ୍ତୁ, ଇୟର ବଡ୍ କିମ୍ବା କୌଣସି କାଠି ଯେପରି ଦିଆସିଲି କାଠିରେ ତୁଳା ଗୁଡ଼ାଇ କିମ୍ବା ଚାବି ଆଦିକୁ ପାଣି ବାହାର କରିବା ଲାଗି କାନରେ ଆଦୌ ପୂରାନ୍ତୁ ନାହିଁ। ଏହାଦ୍ୱାରା କାନକୁ କ୍ଷତି ପହଞ୍ଚିପାରେ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9311733963. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.